# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁନ୍ ୧୭/୨୦୨୨ (୧୪ ପୃଷ୍ଠା) | Sambalpur, Friday, June 17/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଏଲିଟ୍ ପ୍ୟାନେଲରେ ରହିଲେ ମେନନ**

ଭାରତର ନୀତିନ ମେନନ ଆଇସିସି ଏଲିଟ୍ ପ୍ୟାନେଲରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। **୧୪**

**୧୦** **ବହି ଲେଖିବେ ମଲାଇକା**

ହେଲ୍‌ଦି ଡାଏଟ୍ ଓ ଫିଟ୍‌ନେଶ୍‌କୁ ନେଇ ବହି ଲେଖିବେ ବଲିଉଡ୍‌ର ଆଇଟମ୍ ଗାର୍ଲ ମଲାଇକା ଅରୋରା।






ବିକ୍ଷୋଭକାରୀ ଗୋପାଳଗଞ୍ଜରେ ଟ୍ରେନ୍‌ରେ ନିଆଁ ଲଗାଇଦେଇଛନ୍ତି।

# ବ୍ୟାପିଲା 'ଅଗ୍ନିପଥ' ନିଆଁ

ନୂଆଦିଲ୍ଲୀ,୧୬।୬

ସୈନ୍ୟବାହିନୀରେ ଚୁକ୍ତିଭିତ୍ତିକ ନିଯୁକ୍ତି ଯୋଜନା 'ଅଗ୍ନିପଥ' ବିରୋଧରେ ଆନ୍ଦୋଳନ ବିଭିନ୍ନ ରାଜ୍ୟରେ ହିଂସାତ୍ମକ ରୂପ ନେଇଛି। ଠିକା ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିରେ ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ ଓ ହରିୟାଣାର ବିଭିନ୍ନ ସ୍ଥାନରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଆନ୍ଦୋଳନ ଜାରି ରହିଛି। ବିହାରରେ ଗୁରୁବାର ଆନ୍ଦୋଳନ ବେଳେ ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ହୋଇଛି। ନିଯୁକ୍ତି ଆଶାୟୀମାନେ ବିଭିନ୍ନ ଭାଗରେ ରେଳ ଓ ରାସ୍ତାରୋକୋ କରିବା ସହ ଟ୍ରେନ୍‌ରେ ନିଆଁ ଲଗାଇ ଦେଇଛନ୍ତି। ବିହାରର ଭଭୁଆ ରୋଡ୍ ରେଳଷ୍ଟେଶନରେ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ଭଙ୍ଗାରୁଜା କରିଥିଲେ। ଛେଲାମାଡ଼ରେ କେତେଗୁଡ଼ିଏ ବସ୍‌ର ଝରକା କାଚ ଭାଙ୍ଗିଛି। ଜେହାନାବାଦ ଓ ବକ୍ସାର ଜିଲାରେ ବିକ୍ଷୋଭକାରୀମାନେ ପାଟନା-ଗୟା ଏବଂ ପାଟନା-ବକ୍ସାର ରେଳଲାଇନ ଅବରୋଧ କରିବା ଫଳରେ ବହୁ ଟ୍ରେନ୍ ଅଟକି ରହିଥିଲା। ସେହିପରି ଶତାଧିକ ବିକ୍ଷୋଭକାରୀ ଜେହାନାବାଦରେ ରାସ୍ତାରେ ଟାୟାର ଜାଳି ଜାତୀୟ ରାଜପଥ ୮୩ ଅବରୋଧ କରିଥିଲେ। ହିଂସାକୁ ଦୃଷ୍ଟିରେ ରଖି ପୂର୍ବ-କେନ୍ଦ୍ରୀୟ ରେଳପଥ ୨୨ଟି ଟ୍ରେନ୍ ବାତିଲ କରିଥିବାବେଳେ ୫ଟି ଟ୍ରେନ୍ ଅଧା ବାଟରେ ଅଟକି ରହିଛି। ବିହାରର ଛାପ୍ରା, ଜେହନାବାଦ, ବକ୍ସାର, ମୁଙ୍ଗେର ଏବଂ ନୱାଦା ଜିଲାରେ ହିଂସାକାଣ୍ଡ ଘଟିଛି। ନୱାଦାରେ ଭାଜପା ବିଧାୟକ ଅରୁଣା ଦେବୀଙ୍କ ଗାଡ଼ିକୁ ବିକ୍ଷୋଭକାରୀ ଆକ୍ରମଣ କରିଥିଲେ। ସେମାନଙ୍କ ଟେକାମାଡ଼ରେ ବିଧାୟିକାଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ନୱାଦାସ୍ଥିତ ଭାଜପା କାର୍ଯ୍ୟାଳୟରେ ମଧ୍ୟ ବିକ୍ଷୋଭକାରୀ ଭଙ୍ଗାରୁଜା କରିଥିଲେ।

## ବିହାରରେ ଟ୍ରେନ୍ ପୋଡ଼ି

- ଭାଜପା କାର୍ଯ୍ୟାଳୟ ଭଙ୍ଗାରୁଜା, ବିଧାୟିକାଙ୍କୁ ଆକ୍ରମଣ
- ୨୨ ଟ୍ରେନ୍ ବାତିଲ

ଅଗ୍ନିପଥ ଯୋଜନାରେ ଭାରତୀୟ ସେନାର ୩ ବାହିନୀରେ ଆଗାମୀ ୭ ମାସ ମଧ୍ୟରେ ୪୫,୦୦୦ ନିଯୁକ୍ତି ପ୍ରଦାନ କରାଯିବ। ୧୭.୫ରୁ ୨୧ ବର୍ଷ ବୟସବର୍ଗର ପିଲାମାନେ ୪ ବର୍ଷ ପାଇଁ ଠିକା ନିଯୁକ୍ତି ସୁଯୋଗ ପାଇବେ। ଏହା ପରେ ମାତ୍ର ୨୫ ପ୍ରତିଶତଙ୍କୁ ଚାକିରିରେ ରଖାଯାଇ ଅନ୍ୟମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ଯେଉଁମାନେ ଚାକିରିରେ ରହିବେ, ସେମାନଙ୍କୁ ପେନ୍‌ସନ କିମ୍ବା ଗ୍ରାଚ୍ୟୁଇଟି ସୁବିଧା ମିଳିବ ନାହିଁ। ପୁରୁଣା ବ୍ୟବସ୍ଥାରେ ୧୬.୫ରୁ ୨୧ ବର୍ଷ ବୟସବର୍ଗର ପ୍ରାର୍ଥୀମାନଙ୍କୁ ସର୍ବନିମ୍ନ ୧୫ ବର୍ଷ ଲାଗି ସେନାରେ ନିଯୁକ୍ତି ନିମନ୍ତେ ଚୟନ କରାଯାଉଥିଲା। ସେମାନେ ବେତନ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଓ ଅବସର ପରେ ପେନ୍‌ସନ ପାଉଥିଲେ।

ସେନାରେ ଠିକା ନିଯୁକ୍ତି ଯୋଜନାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ନିଯୁକ୍ତି ଆଶାୟୀଙ୍କୁ ସରକାର ବୋକା ବନାଇବାକୁ ଉଦ୍ୟମ କରୁଥିବା ଯୁବଗୋଷ୍ଠୀ ଅଭିଯୋଗ କରିଛନ୍ତି। ୪ ବର୍ଷ ସେନାରେ ନିଯୁକ୍ତି ପରେ ସେମାନେ କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ମାତ୍ର ୪ ବର୍ଷ ଚାକିରି ପାଇଁ ପିଲାଙ୍କୁ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିବ। ଅନ୍ୟ ନିଯୁକ୍ତି ପାଇଁ ପାଠପଢ଼ାରେ ସେମାନେ ଅନ୍ୟମାନଙ୍କଠାରୁ ପଛରେ ପଡ଼ିଯିବେ। ଯେଉଁମାନେ ସେନାରେ ଭର୍ତ୍ତି ହେବା ଲାଗି ବହୁବର୍ଷ ହେଲା ପ୍ରସ୍ତୁତି ଚଳାଇଛନ୍ତି, ମାତ୍ର ୪ ବର୍ଷ ☞ପୃଷ୍ଠା-୪

# ବଦଳିଲେ ୩ ମହାନଗର ନିଗମ କମିଶନର

**ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ**



ବିଜୟ ଅମୃତା କୁଲାଙ୍ଗେ (ବିଏମ୍‌ସି)



ନିଖିଲ ପଓ୍ୱନ କଲ୍ୟାଣ (ସିଏମ୍‌ସି)



ଜେ. ସୋନାଲ (ବିଇଏମ୍‌ସି)

ଭୁବନେଶ୍ୱର,୧୬।୬(ବ୍ୟୁରୋ)

- ପ୍ରେମଚନ୍ଦ୍ର ଚୌଧୁରୀ କୃଷି ନିର୍ଦ୍ଦେଶକ
- କେ. ସୁଦର୍ଶନ ଚକ୍ରବର୍ତ୍ତୀ ଖୋର୍ଦ୍ଧା ଜିଲାପାଳ
- ଅନନ୍ୟା ଦାସ ସମ୍ବଲପୁର ଜିଲାପାଳ

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭୁବନେଶ୍ୱର ମହାନଗର ନିଗମ କମିଶନର(ବିଏମ୍‌ସି), ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ କଟକ ମହାନଗର ନିଗମର କମିଶନର(ସିଏମ୍‌ସି) ଏବଂ ଗୁଣୁପୁର ଉପଜିଲାପାଳ ଜେ. ସୋନାଲଙ୍କୁ ବ୍ରହ୍ମପୁର ମହାନଗର ନିଗମ(ବିଇଏମ୍‌ସି) କମିଶନର ଭାବେ ବଦଳି କରାଯାଇଛି। ☞ପୃଷ୍ଠା-୪




KISS
KALINGA INSTITUTE OF SOCIAL SCIENCES
ଅନନ୍ୟ କିସ୍: ସବୁଜ କିସ୍

**ଶ୍ରୀ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ

କିସ୍‌ର କଳାହାଣ୍ଡି ଶାଖା
**କିସ୍-କଳାହାଣ୍ଡି**
ସମ୍ପୂର୍ଣ୍ଣ ନିଃଶୁଳ୍କ ଓ ସମ୍ପୂର୍ଣ୍ଣ ଆବାସିକ ବିଦ୍ୟାଳୟ
*(Fully Eco-Friendly & Wi-Fi Green Campus)*
**ଶୁଭ ଉଦ୍‌ଘାଟନ**

**ସମ୍ମାନୀୟ ଅତିଥି:**
ଶ୍ରୀଯୁକ୍ତ ବସନ୍ତ କୁମାର ପଣ୍ଡା
ସମ୍ମାନୀୟ ସାଂସଦ, କଳାହାଣ୍ଡି
ଶ୍ରୀଯୁକ୍ତ ସୁଜିତ୍ କୁମାର
ସମ୍ମାନୀୟ ସାଂସଦ (ରାଜ୍ୟସଭା)
ଶ୍ରୀଯୁକ୍ତ ପ୍ରଦୀପ କୁମାର ଦିସାରୀ
ସମ୍ମାନୀୟ ବିଧାୟକ, ଲାଞ୍ଜିଗଡ
ଶ୍ରୀ ଅଚ୍ୟୁତ ସାମନ୍ତ
ସମ୍ମାନୀୟ ସାଂସଦ, କନ୍ଧମାଳ ତଥା ପ୍ରତିଷ୍ଠାତା, କିଟ୍ ଓ କିସ୍
ଶ୍ରୀଯୁକ୍ତ ଗାଭାଲି ପରାଗ ହର୍ଷଦ (ଆଇଏଏସ୍)
ଜିଲ୍ଲାପାଳ, କଳାହାଣ୍ଡି

ସ୍ଥାନ: ବାଦିଲି, ଭବାନୀପାଟଣା, ଜିଲ୍ଲା-କଳାହାଣ୍ଡି, ତାରିଖ: ୧୭।୦୬।୨୦୨୨
ସମୟ: ଅପରାହ୍ନ ୫ଟା ୩୦ ମିନିଟ୍ | କଳିଙ୍ଗ ଟିଭିରେ ଦେଖନ୍ତୁ ସିଧା ପ୍ରସାରଣ





# ହାତୀ ମୃତ୍ୟୁ: ସ୍ୱତନ୍ତ୍ର ତଦନ୍ତ ଟିମ୍ ଗଠିତ

ଭୁବନେଶ୍ୱର,୧୬।୬(ବ୍ୟୁରୋ)

**ଆଠଗଡ଼ ବନଖଣ୍ଡ**

- ବନ ବିଭାଗର ୨, କ୍ରାଇମ୍‌ବ୍ରାଞ୍ଚର ଜଣେ ଅଧିକାରୀ ସାମିଲ
- ବାଦ୍ ପଡ଼ିଲେ ଡିଏଫ୍‌ଓ
- କେନ୍ଦ୍ରମନ୍ତ୍ରୀଙ୍କ ରିପୋର୍ଟ ତଲବ ପରେ ତତ୍ପରତା

କେନ୍ଦ୍ର ସରକାରଙ୍କ ତାଗିଦ୍ ପରେ ରାଜ୍ୟ ସରକାର କଟକ ଜିଲା ଆଠଗଡ଼ ବନଖଣ୍ଡରେ ହାତୀ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗୁରୁବାର ଏକ ୩ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଏହି ଟିମ୍‌ରେ ଅନୁଗୋଳ ଆର୍‌ସିସିଏଫ୍ ଏମ୍. ଯୋଗଜୟାନନ୍ଦ ଚେୟାରମ୍ୟାନ, ଜଣେ ବନ୍ୟପ୍ରାଣୀ ସଂରକ୍ଷକ ଏବଂ କ୍ରାଇମ୍‌ବ୍ରାଞ୍ଚର ଜଣେ ଡିଏସ୍‌ପି କିମ୍ବା ତଦୁର୍ଦ୍ଧ୍ୱ ର୍‍ୟାଙ୍କର ଅଧିକାରୀ ସଦସ୍ୟ ରହିବେ। ଏହି ଟିମ୍ ମାସକ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି। ତେବେ ଏହି ତଦନ୍ତକାରୀ ଟିମ୍‌ରେ ଆଠଗଡ଼ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ)ଙ୍କୁ ସାମିଲ କରାଯାଇ ନାହିଁ। ହାତୀ ମୃତ୍ୟୁ ଘଟଣାରେ ଆଠଗଡ଼ ବନଖଣ୍ଡ ☞ପୃଷ୍ଠା-୪

# ଦ୍ରୁତଗତିରେ ବଢ଼ୁଛି ବ୍ଲାକ୍‌ହୋଲ୍

## ପ୍ରତି ସେକେଣ୍ଡରେ ପୃଥିବୀ ଆକୃତିର ଗ୍ରହ ଗିଳୁଛି

କାନବେରା, ୧୬।୬



ଏକ ଅଭୂତପୂର୍ବ ଆବିଷ୍କାର କ୍ରମେ ଅଷ୍ଟ୍ରେଲୀୟ ଜ୍ୟୋତିର୍ବିଜ୍ଞାନୀ ପ୍ରାୟ ୯ ଶହ କୋଟି ବର୍ଷର ଏକ ବ୍ଲାକ୍‌ହୋଲ ବା କୃଷ୍ଣଗର୍ତ୍ତକୁ ଠାବ କରିଛନ୍ତି। ବ୍ଲାକ୍‌ହୋଲଟି ଏତେ ଦ୍ରୁତଗତିରେ ବଢ଼ୁଛି ଯେ, ପ୍ରତି ସେକେଣ୍ଡରେ ଏହା ଗୋଟିଏ ପୃଥିବୀ ଆକାରର ଗ୍ରହକୁ ଗିଳୁଛି। କୌଣସି ବ୍ଲାକହୋଲ ଏତେ ଦ୍ରୁତଗତିରେ ବଢ଼ୁଥିବା ବାବଦରେ ତଥ୍ୟ ନ ଥିବାରୁ ଅଷ୍ଟ୍ରେଲିଆ ନ୍ୟାଶନାଲ ୟୁନିଭର୍ସିଟି (ଏଏନ୍‌ୟୁ)ର ଜ୍ୟୋତିର୍ବିଜ୍ଞାନୀମାନେ ଏହାକୁ ଏକ ବିରଳ ଘଟଣା ଅଭିହିତ କରିଛନ୍ତି। ଏହି ବ୍ଲାକ୍‌ହୋଲର ଉଜ୍ଜ୍ୱଳତା ଆମ ଆକାଶଗଙ୍ଗା ଗ୍ୟାଲେକ୍ସିରେ ଥିବା ପ୍ରତିଟି ତାରକାଠାରୁ ୭ ହଜାର ଗୁଣ ଅଧିକ। ଫଳରେ ଉପଯୁକ୍ତ ଉପକରଣ ମାଧ୍ୟମରେ ତାହା ଦୃଶ୍ୟମାନ ହୋଇପାରୁଛି। ଏ ନେଇ ଏଆର୍‌ଏକ୍ସଆଇଭିରେ ପ୍ରକାଶ ପାଇଥିବା ରିପୋର୍ଟ ଅଷ୍ଟ୍ରେଲିଆର ପବ୍ଲିକେଶନ୍‌ସ ଅଫ୍ ଦି ଆଷ୍ଟ୍ରୋନୋମିକାଲ ସୋସାଇଟିରେ ଦାଖଲ ହୋଇଛି।

ପୂର୍ବରୁ ଏତେ ବର୍ଷ ପୁରୁଣା ବ୍ଲାକ୍‌ହୋଲଗୁଡ଼ିକ ବଢ଼ିବା ବନ୍ଦ ହୋଇଯାଇଥିବାବେଳେ ସଦ୍ୟ ଠାବ ହୋଇଥିବା କୃଷ୍ଣଗର୍ତ୍ତଟି କିନ୍ତୁ ନିଜର ଆକାର ବଢ଼ାଇ ଚାଲିଛି। ଏହା ଆକାଶଗଙ୍ଗା ଗ୍ୟାଲେକ୍ସି ନିକଟରେ ଥିବା ସାଗିଟାରିଅସ୍-ଏ ବ୍ଲାକ୍‌ହୋଲ ☞ପୃଷ୍ଠା-୪

# ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର,୧୬।୬(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ଓଡ଼ିଶା ପ୍ରବେଶ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଟୁଇଟ୍ କରି ସୂଚନା ଦିଆଯାଇଛି। ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲାର କେତେକ ଅଞ୍ଚଳରେ ମୌସୁମୀ ପ୍ରବେଶ କରିଛି। ଏହାର ପ୍ରଭାବରେ କୋରାପୁଟରେ ୩ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୧ ସପ୍ତାହ ମଧ୍ୟରେ ସାରା ଓଡ଼ିଶାକୁ ଏହା ଛୁଇଁବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୧୯ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ବୈଶ୍ୱିକ କ୍ଷୁଧା ଓ ଖାଦ୍ୟ ବ୍ୟବସ୍ଥା**



VICCO®
— ବିଶ୍ୱସନୀୟ ଆୟୁର୍ବେଦ —
1952ରୁ
cruelty free and vegan | Go natural ଆୟୁର୍ବେଦିକ ଔଷଧୀ

"ମୁଁ ପ୍ରତିଦିନ ରାତିରେ ଭିକୋ ଟର୍ମରିକ୍ କ୍ରିମ୍ ପ୍ରୟୋଗ କରେ।"
ଏଥିରେ ରହିଛି ହଳଦୀ ଏବଂ ଚନ୍ଦନକାଠର ସଦ୍‌ଗୁଣ ଯାହା ରାତିରେ ତ୍ୱଚାକୁ ମରାମତି କରେ ଏବଂ ସକାଳ ସୁଦ୍ଧା ଏହାକୁ ସୁସ୍ଥ ବନାଏ।




ଏହି କ୍ରିମ୍‌ରେ ଥିବା ହଳଦୀ ଏବଂ ଚନ୍ଦନକାଠ ରାତିରେ ତ୍ୱଚାକୁ ମରାମତି କରିବାରେ ସାହାଯ୍ୟ କରେ ଏବଂ ସକାଳ ସୁଦ୍ଧା ଏହାକୁ ସୁସ୍ଥ ବନାଏ। ସେଥି ପାଇଁ ଆପଣ ମାନସିକ ଚାପ କାରଣରୁ ହେଉଥିବା ବ୍ରଣ, କଳାଦାଗ ଏବଂ ବାର୍ଦ୍ଧକ୍ୟର ଚିହ୍ନ ଦେଖିବେ ନାହିଁ। ତେଣୁ ବିଦେଶୀ କସ୍ମେଟିକ୍ ଗ୍ଲୋ ଛାଡ଼ନ୍ତୁ ଏବଂ ସ୍ୱଦେଶୀ ଆୟୁର୍ବେଦ ସହିତ ଚମକ ବଢ଼ାନ୍ତୁ।

ଆପଣଙ୍କ ତ୍ୱଚାକୁ ଦିଅନ୍ତୁ ଏକ ସୁସ୍ଥକର ଚମକ

ସମ୍ପୂର୍ଣ୍ଣ ସ୍ୱଦେଶୀ | ସମସ୍ତ ମେଡ଼ିକଲ୍ ଷ୍ଟୋର୍ସରେ ଉପଲବ୍ଧ ଅଟେ।
www.viccolabs.com • Like us on /ViccoLabs • Shop online at www.viccoestore.com • Customer Care Cell No. 0712-2420890

# ବଢୁଛି ସଂକ୍ରମଣ, ମୃତ୍ୟୁ

ଜେନେଭା/ ନୂଆଦିଲ୍ଲୀ,୧୬।୬(ପି.ଟି.)



ବିଶ୍ୱର ବିଭିନ୍ନ ଦେଶରେ ପୁଣି ଉପରମୁହାଁ ହେବାରେ ଲାଗିଛି କୋଭିଡ୍ ସଂକ୍ରମଣ। ଏଥିଜନିତ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁ ମୃତ୍ୟୁସଂଖ୍ୟା ବି ବୃଦ୍ଧି ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) କୋଭିଡ୍ ପଜିଟିଭ୍ ହାର ବଢ଼ିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି। ୫ ସପ୍ତାହ ପରେ ସାରା ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବା ନେଇ ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧୋନମ୍ ଘେବ୍ରେୟସ୍ ସତର୍କ କରାଇବା ସହ ଗତ ସପ୍ତାହରେ ମୃତ୍ୟୁସଂଖ୍ୟା ୪% ବୃଦ୍ଧିପାଇବା ଚିନ୍ତାଜନକ ବୋଲି କହିଛନ୍ତି। ଆମେରିକାରେ ଗତ ସପ୍ତାହରେ ୨୧% ଏବଂ ପଶ୍ଚିମ ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ କରୋନା ମାମଲା ୧୭% ବୃଦ୍ଧି ପାଇଛି। ଭାରତରେ ୨୪ ଘଣ୍ଟା ମଧ୍ୟରେ ୧୨,୨୧୩ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ଫଳରେ ଦୈନିକ ମାମଲାରେ ୩୮.୪% ବୃଦ୍ଧି ଘଟିଛି।

୧୧୧ ଦିନ ପରେ ଭାରତରେ ଦୈନିକ ସଂକ୍ରମଣ ୧୨ ହଜାର ଅତିକ୍ରମ କରିବା ସହ ୨୪ ଘଣ୍ଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକ୍ରିୟ ମାମଲା ସଂଖ୍ୟା ୫୮,୨୧୫କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗୁରୁବାର ସକାଳ ୮ଟା ସୁଦ୍ଧା ଦୈନିକ ସଂକ୍ରମଣକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୩୨,୫୭,୭୩୦ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୫,୨୪,୮୦୩ ହୋଇଛି। ୨୪ ଘଣ୍ଟାରେ ସକ୍ରିୟ ମାମଲା ସଂଖ୍ୟା ୪,୫୭୮ ବୃଦ୍ଧି ପାଇଛି। ଦୈନିକ ପଜିଟିଭିଟି ହାର ୨.୩୫ ପ୍ରତିଶତ ଥିବାବେଳେ ସାପ୍ତାହିକ ସଂକ୍ରମଣ ହାର ୨.୩୮ ପ୍ରତିଶତ ରହିଛି। ମହାରାଷ୍ଟ୍ରରେ ଦୈନିକ ସଂକ୍ରମଣ ସର୍ବାଧିକ ୪,୨୫୫ ରହିଛି। କେବଳ ମୁମ୍ବାଇରେ ୨,୩୬୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଠାରେ ଦିନକରେ ୩ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି। ସେହିପରି କେରଳରେ ଦିନକୁ ୩,୪୮୮ ନୂଆ ମାମଲା ସାମ୍ନାକୁ ଆସିଛି। କୋଭିଡ୍ କଟକଣା ପାଳନ ନ କରିବା ସଂକ୍ରମଣ ବଢ଼ିବାର ଏକ ମୁଖ୍ୟ କାରଣ ପାଲଟିଛି। ସଂକ୍ରମଣ କମିବା ପରେ ଲୋକେ ମାସ୍କ ବ୍ୟବହାର ନ କରିବା, ଭିଡ଼ ଜମାଇବା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ନ ଦେବା ଯୋଗୁ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବା କୁହାଯାଉଛି। ପୁଣି ପର୍ଯ୍ୟଟନସ୍ଥଳୀ ଖୋଲିବା, ରାଜନୈତିକ ସମାବେଶ, ବିଭିନ୍ନ ପ୍ରସଙ୍ଗରେ ଲୋକେ ଏକଜୁଟ ହୋଇ ବିକ୍ଷୋଭ, ଆନ୍ଦୋଳନ କରିବା, ସରକାରଙ୍କ ଦ୍ୱାରା କଟକଣା କୋହଳ କରାଯିବା ଆଦି ଯୋଗୁ ସଂକ୍ରମଣ ବୃଦ୍ଧି ପାଉଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାବାଦ ଅନେକେ ଏବେ ବି କୋଭିଡ୍ ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇ ନ ଥିବାବେଳେ ଅଧିକାଂଶ ବୁଷ୍ଟର ଡୋଜ୍ ନେବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହା ଦ୍ୱାରା ପୂର୍ବରୁ ଆମ ଶରୀରରେ ଯେଉଁ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥିବା ତାହାର ପ୍ରଭାବ କମିବା ଫଳରେ ନୂଆ ଭାରିଆଣ୍ଟ ସହ ଲଢ଼ିବା କଷ୍ଟକର ହୋଇପଡ଼ିବ। ଏଥିଯୋଗୁ ପୁଣି ସଂକ୍ରମଣ ବଢ଼ିବ ବୋଲି ନାଭି ମୁମ୍ବାଇର ଫର୍ଟିସ ହସ୍ପିଟାଲର ମେଡିସିନ୍ ସ୍ପେଶାଲିଷ୍ଟ ଡା. ଫର୍‌ହା ଇନ୍‌ଗେଲ କହିଛନ୍ତି। ଏବେ ଓମିକ୍ରନ୍‌ର ସବ୍-ଭାରିଆଣ୍ଟ ବିଏ.୨କୁ ଭାରତରେ କରୋନା ମାମଲା ବୃଦ୍ଧି ପାଇଁ ଦାୟୀ କରାଯାଉଛି।

ଓମିକ୍ରନ୍‌ର ଅନ୍ୟ ଭାରିଆଣ୍ଟ ଯୋଗୁ ଆମେରିକା, ଦକ୍ଷିଣ ଆଫ୍ରିକାରେ କୋଭିଡ୍ କେସ୍ ବଢୁଛି। ୟୁରୋପ, ଉତ୍ତର ଆମେରିକା ସମେତ ଧନୀ ଦେଶଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଚାଇନାରେ ଦ୍ରୁତଗତିରେ ମାଡ଼ି ଚାଲିଥିବା ସଂକ୍ରମଣ ରୋକିବାକୁ ଟେଷ୍ଟିଂ ବଢ଼ାଇବା ସହ କଡ଼ା କଟକଣା ଜାରି କରିଛି। ପ୍ରାରମ୍ଭରେ କୋଭିଡ୍ ମହାମାରୀ ରୋକିବାକୁ ଚାଇନା ଆପଣାଇଥିବା 'ଜିରୋ କୋଭିଡ୍' ପଲିସି ପୁଣି ଲାଗୁ କରିଛି।

■ ସପ୍ତାହକରେ ମୃତ୍ୟୁହାର ୪% ବୃଦ୍ଧିପାଇଛି
■ ଭାରତରେ ଦିନକରେ ୧୨,୨୧୩ ପଜିଟିଭ୍

## ସଂକ୍ଷେପରେ

### ଜେରା ପାଇଁ ସମୟ ମାଗିଲେ ରାହୁଲ



**ନୂଆଦିଲ୍ଲୀ,୧୬।୬:** ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଜେରା ପାଇଁ କଂଗ୍ରେସ ଅଧକ୍ଷ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ପତ୍ର ଲେଖି ସମୟ ମାଗିଛନ୍ତି। ଗତ ୩ ଦିନରେ ପ୍ରାୟ ୩୦ ଘଣ୍ଟା ଜେରାର ସମ୍ମୁଖୀନ ହୋଇଥିବା ରାହୁଲଙ୍କୁ ଶୁକ୍ରବାର ପୁନର୍ବାର ଇଡି କାର୍ଯ୍ୟାଳୟରେ ହାଜର ହେବା ଲାଗି ସମନ ଜାରି କରାଯାଇଥିଲା। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ କୋଭିଡ୍ ସଂକ୍ରମିତ ହୋଇ ଦିଲ୍ଲୀର ଗଙ୍ଗାରାମ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସହ ରହିବା ପାଇଁ ରାହୁଲଙ୍କ ଅନୁରୋଧକ୍ରମେ ତାଙ୍କୁ ଗୁରୁବାର ଜେରାରୁ ଛୁଟି ଦିଆଯାଇଥିଲା। ଉଭୟ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହସ୍ପିଟାଲରେ ସୋନିଆଙ୍କ ସହ ରହିଥିଲେ। ପରବର୍ତ୍ତୀ ଜେରା ସୋମବାରକୁ ଘୁଞ୍ଚାଇବା ଲାଗି ରାହୁଲ ଇଡିକୁ ଅନୁରୋଧ କରିଛନ୍ତି।

### ପୃଥକ୍ ଦୁର୍ଘଟଣା: ୧୪ ମୃତ

**ଭୋପାଳ, ୧୬।୬:** ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଜଣ ଆହତ ହୋଇଛନ୍ତି। ଏ ନେଇ ପୋଲିସ ଗୁରୁବାର ସୂଚନା ଦେଇଛି। ବୁଧବାର ରାତିରେ ଛିନ୍ଦୱାରା ଏବଂ ବାରୱାନି ଜିଲାରେ ଦୁଇଟି ଏବି ବେଟୁଲ ଜିଲାରେ ଦୁଇଟି ଦୁର୍ଘଟଣା ଘଟିଛି। ଛିନ୍ଦୱାରାରେ ଏକ ଜିପ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଯୋଗୁ ଜଣେ ଶିଶୁଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ବାରୱାନିରେ ଏକ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣଙ୍କ ଜୀବନ ଯାଇଥିବବେଳେ ୭ ଜଣ ଗୁରୁତର ହୋଇଛନ୍ତି। ସେହିପରି ବେଟୁଲ ଜିଲାରେ ଦୁଇଟି ବାଇକ୍ ମୁହାଁମୁହିଁ ହେବା ଯୋଗୁ ୩ ଜଣଙ୍କ ଜୀବନ ଯାଇଛି। ବେଟୁଲରେ ଘଟିଥିବା ଆଉ ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଏକ ଡମ୍ପର ବସ୍‌କୁ ଓଭରଟେକ୍ କରୁଥିବାବେଳେ ଧକ୍କା ହୋଇଥିଲା। ଫଳରେ ଡମ୍ପର ଚାଳକଙ୍କ ମୃତ୍ୟୁ ହୋଇଥିଲା।

### ରାସ୍ତାକଡ଼ରେ ଖାଦ୍ୟ ବିକୁଛନ୍ତି ନ୍ୟୁଜ୍ ଆଙ୍କର

**କାବୁଲ,୧୬।୬:** ଆଫଗାନିସ୍ତାନ ନ୍ୟୁଜ୍ ଚ୍ୟାନେଲ ଆଙ୍କର ଭାବେ ଜଣାଯାଉଥିବା ମୁସା ମହମ୍ମଦୀ ଏବେ ରାସ୍ତାକଡ଼ରେ ବସି ଖାଦ୍ୟ ବିକ୍ରି କରୁଛନ୍ତି। ଏକଛତ୍ରବାଦୀ ତାଲିବାନ ଶାସନ କ୍ଷମତାକୁ ଆସିବା ପରେ ଦେଶର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଅନେକ ଟିଭି ଚ୍ୟାନେଲ ମଧ ଅଚଳ ହୋଇପଡ଼ିଛି। ଦେଶବାସୀ ଏବେବି ଖାଇବାକୁ ପାଉ ନାହାନ୍ତି। ଖାଲି ମୁସା ନୁହନ୍ତି ଅନେକ ରାଜନେତା ଓ ଖ୍ୟାତନାମା ଲୋକ ସବୁ ଦାରିଦ୍ର୍ୟ ସୀମାରେଖାତଳେ ଜୀବନ କାଟୁଛନ୍ତି। ମୁସା ଏକାଧିକ ବର୍ଷ ଧରି ଅନେକ ଟିଭି ଚ୍ୟାନେଲରେ ରିପୋର୍ଟର ଏବଂ ଆଙ୍କର ଭାବେ କାର୍ଯ୍ୟ କରିଆସୁଥିଲେ। ତେବେ ଇଣ୍ଟରନେଟରେ ମୁସାଙ୍କ ଫଟୋ ଭାଇରାଲ ହେବା ପରେ ନ୍ୟାଶନାଲ ରେଡିଓ ଆଣ୍ଡ ଟେଲିଭିଜନ୍‌ର ସାଧାରଣ ନିର୍ଦ୍ଦେଶକ ଅହମଦୁଲ୍ଲାହ ୱାସିକ୍ ତାଙ୍କୁ ରିପୋର୍ଟର ଭାବେ ଚାକିରିରେ ରଖିବାକୁ କହିଛନ୍ତି।

# ଲେଖିକାଙ୍କୁ ବଳାତ୍କାର ପରେ ଡି- ଗ୍ୟାଙ୍ଗ୍ ନାଁରେ ଧମକ

ମୁମ୍ବାଇ, ୧୬।୬

ମୁମ୍ବାଇର ଜଣେ ଲେଖିକାଙ୍କୁ ବଳାତ୍କାର ଓ ଚୁପ୍ ରହିବାକୁ ଧମକ ଦେବା ଅଭିଯୋଗରେ ଜଣେ ୭୫ ବର୍ଷୀୟ ବ୍ୟବସାୟୀଙ୍କ ନାଁରେ ମାମଲା ରୁଜୁ ହୋଇଛି। ଜୁହୁ ଅଞ୍ଚଳରେ ଥିବା ଏକ ପଞ୍ଚତାରକା ହୋଟେଲରେ ବ୍ୟବସାୟୀ ଜଣକ ୩୫ ବର୍ଷୀୟା ଲେଖିକାଙ୍କୁ ବଳାତ୍କାର କରିବା ସହ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍‌ଙ୍କ ନାମରେ ଧମକ ଦେଇଥିଲେ। କାହା ଆଗରେ ଏହା ପ୍ରଘଟ କଲେ ଦାଉଦ୍ ପୀଡ଼ିତାଙ୍କୁ ହତ୍ୟା କରିଦେବେ ବୋଲି ବ୍ୟବସାୟୀ ଜଣକ କହିଥିଲେ। ଏ ନେଇ ପୀଡ଼ିତା ଆମ୍ବୋଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଣକ ସେହି ମହିଳାଙ୍କଠାରୁ ୨ କୋଟି ଟଙ୍କା ମଧ୍ୟ ନେଇ ତାହାକୁ ଫେରାଇ ନ ଥିବା ଜଣାପଡ଼ିଛି। ଟଙ୍କା ମାଗିବାରୁ ସମ୍ପୃକ୍ତ ବ୍ୟବସାୟୀ ଡି-ଗ୍ୟାଙ୍ଗ ନାଁରେ ବାରମ୍ବାର ଧମକ ଦେଉଥିବା ପୀଡ଼ିତା ପ୍ରକାଶ କରିଛନ୍ତି। ଆମ୍ବୋଲିରୁ ଏହି ମାମଲା ଏମ୍‌ଆଇଡିସି ଥାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରି ଥିବା ପୋଲିସ କହିଛି।

# ମରାଠୀ ଅଭିନେତ୍ରୀଙ୍କୁ ଜାମିନ

**ପାୱାରଙ୍କ ବିରୋଧରେ ଟୁଇଟ୍ କରି ଜେଲ ଯାଇଥିଲେ**

ମୁମ୍ବାଇ,୧୬।୬

ଏନ୍‌ସିପି ଅଧକ୍ଷ ଶରଦ ପାୱାରଙ୍କ ବିରୋଧରେ ଆପତ୍ତିଜନକ ଟୁଇଟ୍ କରି ଗିରଫ ହୋଇଥିବା ମରାଠୀ ଅଭିନେତ୍ରୀ କେତକୀ ଚିଟାଲେଙ୍କୁ ଗୁରୁବାର ଜାମିନ ମିଳିଛି। ଠାଣେର ଏକ ଅଦାଲତ ୨୯ ବର୍ଷୀୟା ଅଭିନେତ୍ରୀଙ୍କୁ ଜାମିନ ପ୍ରଦାନ କରିଛନ୍ତି। ତେବେ ତାଙ୍କ ବିରୋଧରେ ୨୦ରୁ ଅଧିକ ମାମଲା ରହିଥିବାରୁ ସେ ଜେଲରେ ରହିବେ। ଧର୍ମ ଆଧାରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଇବା, ଅପମାନଜନକ ବିଷୟବସ୍ତୁ ଛାପିବା ଆଦି ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ରହିଛି।



କେତକୀ ଚିଟାଲେ

କେତକୀଙ୍କୁ ଠାଣେ ପୋଲିସ ମେ' ୧୪ରେ ଗିରଫ କରିଥିଲା। ସେ ଏହାକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆସନ୍ତା ସପ୍ତାହରେ ଉକ୍ତ ପିଟିଶନର ଶୁଣାଣି ହେବ।

# ଆସାମ ବନ୍ୟା: ମୃତ୍ୟୁସଂଖ୍ୟା ୪୪

ଗୁଆହାଟୀ,୧୬।୬

ଆସାମର ଗୋଲପଡା ସହରରେ ଗୁରୁବାର ପ୍ରବଳ ବର୍ଷା ଜନିତ ଭୂସ୍ଖଳନରେ ୨ ନାବାଳକଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୪୪ରେ ପହଞ୍ଚିଛି। ସୋମବାର ରାତିରୁ ଆସାମର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ମଙ୍ଗଳବାର ଗୁଆହାଟୀରେ ମାଟି ଅତଡ଼ା ଖସି ୪ ଜଣ ନିର୍ମାଣ ଶ୍ରମିକ ପ୍ରାଣ ହରାଇବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ। ପ୍ରବଳ ବର୍ଷାରେ ଆସାମର ୧୮ ଜିଲାରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଗତ ୭ ଦିନ ମଧ୍ୟରେ ଆସାମ ଓ ମେଘାଳୟରେ ସ୍ୱାଭାବିକଠାରୁ ୧୨୫ ପ୍ରତିଶତ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବ୍ରହ୍ମପୁତ୍ର ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଆସି ଆସାମର ୮ ଜିଲା କ୍ଷତିଗ୍ରସ୍ତ ହୋଇଛି। ୭୫ ହଜାରରୁ ଅଧିକ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି।



ବନ୍ୟା ପ୍ରଭାବିତ ଗୁଆହାଟୀର ରୁକ୍ମିଣିଗାଁ ରେ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।

# ଉଚ୍ଛେଦ ଆଇନଗତ ପ୍ରକ୍ରିୟାରେ ହେଉ

## ୟୁପି ସରକାରଙ୍କ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନକୁ ନେଇ ସୁପ୍ରିମକୋର୍ଟଙ୍କ ମତ

ନୂଆଦିଲ୍ଲୀ,୧୬।୬



ଉତ୍ତରପ୍ରଦେଶ ସରକାର ଉପଯୁକ୍ତ ଆଇନଗତ ପ୍ରକ୍ରିୟା ବିନା ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଚଳାଇଥିବାରୁ ଏହାକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଜମାଏତ୍-ଉଲେମା-ଇ-ହିନ୍ଦ୍ ଓ ଅନ୍ୟମାନେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏନେଇ ସର୍ବୋଚ୍ଚ ଅଦାଲତ ୟୁପି ସରକାରଙ୍କୁ ଜବାବ ମାଗିଛନ୍ତି। ଉଚ୍ଛେଦ ଅଭିଯାନକୁ ବନ୍ଦ କରାଯାଇପାରିବ ନାହିଁ। ତେବେ ବେଆଇନ ଭାବେ ଉଚ୍ଛେଦକୁ ସୁପ୍ରିମକୋର୍ଟ ବାରଣ କରିଛନ୍ତି। ଉଚ୍ଛେଦ ଉପଯୁକ୍ତ ଆଇନଗତ ପ୍ରକ୍ରିୟାରେ ହେବା ଆବଶ୍ୟକ ବୋଲି ଜଷ୍ଟିସ ଏ.ଏସ୍. ବୋପାନ୍ନା ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ୩ ଦିନ ମଧ୍ୟରେ ସତ୍ୟପାଠ ଜରିଆରେ ଜବାବ ଦେବାକୁ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସପ୍ତାହକୁ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟକୁ ବିରୋଧ କରି ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା। ହିଂସାରେ ସମ୍ପୃକ୍ତ କେତେଜଣ ଆନ୍ଦୋଳନକାରୀଙ୍କ ଘରକୁ ୟୁପି ପ୍ରଶାସନ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ୟୁ. ସିଂ ଅଦାଲତଙ୍କୁ କହିଥିଲେ, ହିଂସାକାଣ୍ଡରେ ଲିପ୍ତ ଥିବା ବିକ୍ଷୋଭକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଇ ୟୁପି ସରକାର ବୁଲ୍‌ଡୋଜର ମଡ଼ାଇ ସେମାନଙ୍କ ଘର ଭାଙ୍ଗି ଦେଉଛନ୍ତି। ବାରମ୍ବାର ଏଭଳି ଘର ଭଙ୍ଗାଯିବା ଦୁଃଖଦାୟକ ଓ ଭୟାବହ। ଏମର୍ଜେନ୍ସି ବେଳେ କିମ୍ବା ସ୍ୱାଧୀନତା ପୂର୍ବରୁ ଏଭଳି ଘଟଣା ଘଟି ନ ଥିଲା। ସରକାର ଭାଙ୍ଗିଦେଇଥିବା କେତେକ ଘର ୨୦ ବର୍ଷରୁ ଅଧିକ ପୁରୁଣା ଓ କେତେକ ଅଭିଯୁକ୍ତଙ୍କ ବୃଦ୍ଧ ମାଆବାପାଙ୍କ ନାମରେ ରହିଥିବା ସିଂ ଖଣ୍ଡପୀଠଙ୍କୁ ଜଣାଇଥିଲେ।। ପିଟିଶନ ବିଚାରାଧୀନ ଥିବାରୁ କାନପୁର ଜିଲାରେ ପ୍ରଶାସନର ଯୋଜନାବଦ୍ଧ ଉଚ୍ଛେଦ ଅଭିଯାନ ଉପରେ ସ୍ଥଗିତାଦେଶ ଲଗାଇବାକୁ ଜମାଏତ୍-ଉଲେମା-ଇ-ହିନ୍ଦ୍ ପକ୍ଷରୁ ଆବେଦନ କରାଯାଇଥିଲା।

# ସୁପ୍ରିମକୋର୍ଟ ବିଚାରପତିଙ୍କୁ ହୃଦ୍‌ଘାତ

## ହିମାଚଳରୁ ଦିଲ୍ଲୀ ଏୟାରଲିଫ୍ଟ କରାଗଲା

ନୂଆଦିଲ୍ଲୀ,୧୬।୬(ପି.ଟି.)

ହିମାଚଳପ୍ରଦେଶରେ ଥିବା ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏମ୍.ଆର୍. ଶାହାଙ୍କୁ ଗୁରୁବାର ହୃଦ୍‌ଘାତ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଅଣାଯାଇଛି। ଭାରତର ପ୍ରଧାନ ବିଚାରପତି ଏନ୍.ଭି. ରମନା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ଜଷ୍ଟିସ ଶାହାଙ୍କୁ ଚିକିତ୍ସା ପାଇଁ ଦିଲ୍ଲୀ ଆଣିବା ବ୍ୟବସ୍ଥା କରିଥିଲେ। ଦିଲ୍ଲୀ ପହଞ୍ଚିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଷ୍ଟିସ ଶାହା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ହିମାଚଳପ୍ରଦେଶ ଗସ୍ତରେ ଯାଇ ଜଷ୍ଟିସ ଶାହା ବୁଧବାର କେତେକ ମନ୍ଦିରରେ ଦର୍ଶନ କରିଥିଲେ। ତାଙ୍କୁ ଓ ତାଙ୍କ ପରିବାରକୁ ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିବା ସେ କହିଛନ୍ତି। ୧୯୫୮ ମେ' ୧୬ରେ ଜନ୍ମିତ ଶାହା ୧୯୮୨ ଜୁଲାଇରୁ ଗୁଜରାଟ ହାଇକୋର୍ଟରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୨୦୦୪ ମାର୍ଚ୍ଚରେ ସେ ହାଇକୋର୍ଟର ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇ ୨୦୦୫ ଜୁନ୍ ୨୨ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୮ ଅଗଷ୍ଟ ୧୨ରେ ସେ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ସେହିବର୍ଷ ନଭେମ୍ବର ୨ରେ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ଗତ ସପ୍ତାହରେ ସେ ସର୍ବୋଚ୍ଚ ଅଦାଲତର ଅବକାଶକାଳୀନ ବେଞ୍ଚରେ ଅଧ୍ୟକ୍ଷତା କରିଥିଲେ।



ଜଷ୍ଟିସ୍ ଏମ୍.ଆର୍. ଶାହା

# ୟୁକ୍ରେନ୍‌ରେ ଇୟୁ ନେତା

## ଜେଲେନ୍‌ସ୍କିଙ୍କୁ ଭେଟିଲେ ସ୍କୋଲ୍‌ଜ, ମାକ୍‌ରଁ, ମାରିଓ

କିଭ୍, ୧୬।୬

ରୁଷିଆ ଆକ୍ରମଣ ବିରୋଧରେ ୟୁକ୍ରେନ୍‌କୁ ସମର୍ଥନ ଜଣାଇବା ପାଇଁ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍‌ରଁ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଦ୍ରାଘି ଗୁରୁବାର କିଭ୍‌ରେ ପହଞ୍ଚିଛନ୍ତି। ୟୁରୋପୀୟ ସଂଘ(ଇୟୁ)ର ଏହି ୩ ନେତା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିଛନ୍ତି। ରୁଷିଆ ସହ ଲଢ଼ିବା ପାଇଁ ୟୁକ୍ରେନ୍ ପାଶ୍ଚାତ୍ୟ ଦେଶଗୁଡ଼ିକ ପକ୍ଷରୁ ଅଧିକ ସହାୟତା ଦାବି କରୁଥିବାବେଳେ ସମର୍ଥନ ଦେବାକୁ ୩ ପ୍ରମୁଖ ରାଷ୍ଟ୍ରର ମୁଖ୍ୟ ୟୁକ୍ରେନ୍ ଗସ୍ତ କରିଛନ୍ତି। ରୋମାନିଆ ରାଷ୍ଟ୍ରପତି କ୍ଲସ୍ ଇଓହାନିସ୍ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଛନ୍ତି। ଇୟୁ ଲିଡରମାନେ ଯୁଦ୍ଧରେ ବିଧ୍ୱସ୍ତ ୟୁକ୍ରେନୀୟ ସହର ଇରପିନ୍ ବୁଲି ରୁଷିଆ ଆକ୍ରମଣ ପରବର୍ତ୍ତୀ ଦୃଶ୍ୟ ଦେଖିବା ସହ ମସ୍କୋର ଏଭଳି ବର୍ବରତାକୁ ନିନ୍ଦା କରିଛନ୍ତି। ଇୟୁ ସହାୟତାରେ ୟୁକ୍ରେନ୍‌କୁ ପୁଣି ଥରେ ଛିଡ଼ା କରାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ସ୍କୋଲ୍‌ଜ, ମାକ୍‌ରଁ କିଭ୍ ଗସ୍ତ ନ କରିବାକୁ ନେଇ ସେମାନଙ୍କୁ ସମାଲୋଚନା କରାଯାଇଥିଲା। ୨ ମାସ ପୂର୍ବରୁ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କିଭ୍ ଗସ୍ତ କରି ଜେଲେନ୍‌ସ୍କିଙ୍କୁ ଭେଟିଥିଲେ। ତେବେ ଇୟୁ ଲିଡରଙ୍କ ଗସ୍ତକୁ ଜେଲେନ୍‌ସ୍କି ସ୍ୱାଗତ କରିବା ସହ ରୁଷିଆ ବିରୋଧରେ ଆତ୍ମରକ୍ଷା ପାଇଁ ଅଧିକ ସାମରିକ ସହାୟତା ମାଗିଛନ୍ତି। ଜୁନ୍ ୨୯-୩୦ରେ ମାଦ୍ରିଦ୍‌ରେ ନାଟୋ ସମ୍ମିଳନୀ ହେବା ପୂର୍ବରୁ ଜୁନ୍ ୨୪ ସୁଦ୍ଧା ୟୁକ୍ରେନ୍‌କୁ ୟୁରୋପୀୟ ସଂଘରେ ସାମିଲ କରିବା ଉପରେ ନିଷ୍ପତ୍ତି ନେବା ପାଇଁ ଇୟୁ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏପରି ସମୟରେ ଏହି ୩ ରାଷ୍ଟ୍ରନେତାଙ୍କ ୟୁକ୍ରେନ୍ ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।



ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି(ବାମରୁ ଦ୍ୱିତୀୟ)ଙ୍କ ସହ ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଦ୍ରାଘି, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍‌ରଁ ଏବଂ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୨୬,୭୭,୯୬୨ | ୬୩,୩୭,୦୯୨ | ୫୧,୭୯,୯୪,୫୭୦ |
| ଭାରତ | ୪,୩୨,୫୯,୬୦୭ | ୫,୨୪,୮୦୩ | ୪,୨୬,୭୪,୭୧୨ |
| ଓଡ଼ିଶା | ୧୨,୮୮,୭୩୭ | ୯୧୨୬(+୫୩) | ୧୨,୭୯,୩୮୧ |

ଗୁରୁବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



"ଯଦି କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଆପଣଙ୍କୁ ମଧ ଘେରିରହିଛି, ତେବେ ଆଜି ହିଁ ନିଅନ୍ତୁ, ଆୟୁର୍ବେଦିକ ପେଟ ସଫା ଗ୍ରାନ୍ୟୁଲ୍ସ । ଏହା ପ୍ରଥମ ଦିନରୁ ପ୍ରଭାବ ଦେଖାଏ, ପାଟିରେ ଲାଖିରହେ ନାହିଁ ଏବଂ ଏହା ଅଭ୍ୟାସରେ ମଧ ପରିଣତ ହୁଏନାହିଁ ।"
ମର୍ନିଂ ହେବ ମସ୍ତ
କାରଣ ପେଟ ସଫା ଅଟେ ଜବରଦସ୍ତ
Safe for daily use | No Side Effect | No added Sugar
Dr. Juneja's ପେଟ ସଫା®
Natural Laxative Granules & Tablets
ପେଟ ସଫା... ତ ସବୁ ରୋଗ ଦଫା
24x7 Helpline: 91197 88888 • www.petsaffa.com • Available at all medical and general stores

# ୨ ଥାକିଆ ହେବ ନିଆଳି- ଓଲଟପୁର ରାସ୍ତା


ନିର୍‌ତାରର ବିଭିନ୍ନ ବିଭାଗ ବୁଲି ଦେଖୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ଭୁବନେଶ୍ୱର(ବ୍ୟୁରୋ)/ କଣ୍ଟାପଡା,୧୬।୬(ଡି.ଏନ୍.ଏ.)**

- **୫-ଟି ସଚିବଙ୍କ ଓଲଟପୁରସ୍ଥିତ ଏସ୍ ଭି ନିର୍‌ତାର ଗସ୍ତ**
- **ହସ୍ପିଟାଲ ୱାର୍ଡ ଓ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ହେବ**

କେନ୍ଦ୍ର ସରକାରଙ୍କ ଅଧୀନ କଟକ ଜିଲା ଓଲଟପୁରସ୍ଥିତ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଏସ୍ ଭି ନିରତାରକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ନିର୍‌ତାରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଅବସ୍ଥାକୁ ସେ ବୁଲିଦେଖିବା ସହ ଏହାର ଉନ୍ନତିକରଣ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରୋଗୀମାନେ ଯେପରି ସୁବିଧାରେ ଉକ୍ତ କେନ୍ଦ୍ରରେ ପହଞ୍ଚିପାରିବେ ସେଥିପାଇଁ ନିଆଳି ଅଡଶପୁର ରାସ୍ତାର ବୋଇରାଇ ଛକଠାରୁ ଓଲଟପୁର ଏସ୍‌ଭି ନିର୍‌ତାର କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାକୁ ଦୁଇ ଥାକିଆ କରାଯିବାର ନିଷ୍ପତ୍ତି ନିଆଯାଇଛି। ପରେ ନିର୍‌ତାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ପାଣ୍ଡିଆନଙ୍କୁ ନିର୍‌ତାରର ବିଭିନ୍ନ ବିଭାଗ ବୁଲି ଦେଖାଇଥିଲେ। ତେବେ ନିର୍‌ତାର କେନ୍ଦ୍ରର ହସ୍ପିଟାଲ ପାର୍ଶ୍ୱବର୍ତ୍ତୀ ଜମି ଅଧିଗ୍ରହଣ କରି ସେହି ଅଞ୍ଚଳର ବିକାଶ କରାଯିବା ସହ ସେଠାରେ ଥିବା ହଷ୍ଟେଲର ମଧ୍ୟ ଉନ୍ନତି କରାଯିବ। ଗସ୍ତ ସମୟରେ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା, ପୂର୍ତ୍ତ ବିଭାଗ ସଚିବ ଭି.ଭି. ଯାଦବ, କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁରେଶ କୁମାର ଦଳେଇ, ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଉପଜିଲାପାଳ ପ୍ରତାପଚନ୍ଦ୍ର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍‌ତାରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ସମସ୍ତ ବ୍ୟବସ୍ଥା ଆସନ୍ତା ଏକ ମାସ ଭିତରେ କରାଯିବ ବୋଲି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ। ସୂଚନାଯୋଗ୍ୟ, ନିର୍‌ତାର ଏକ ଜାତୀୟ ସ୍ତରର ଅନୁଷ୍ଠାନ ହୋଇଥିବା ବେଳେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଦୈନିକ ଶହଶହ ଦିବ୍ୟାଙ୍ଗ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ କେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ପାଇଁ ବିଭିନ୍ନ ସମୟରେ ଦିବ୍ୟାଙ୍ଗମାନେ ଟ୍ରାଇସାଇକେଲରେ ଯାତାୟତ କରୁଥିବାବେଳେ ଦୁର୍ଘଟଣାର ଶିକାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା।

# ପ୍ରେମିକାଙ୍କ ବାରିପଟେ ପ୍ରେମିକଙ୍କ ମୃତଦେହ

**ସମ୍ବଲପୁର,୧୬।୬(ବ୍ୟୁରୋ)**

- **୧୯ରେ ଥିଲା ବିବାହ, ଫୋନ କରି ଡାକିଥିଲେ ଯୁବତୀ**
- **ହତ୍ୟା ଅଭିଯୋଗ, ଯୁବତୀଙ୍କ ସମେତ ୩ ଅଟକ**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଖଇରମାଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜୁନ ୧୯ରେ ବିବାହ ସ୍ଥିର ହୋଇଥିବାବେଳେ ଏହାର ଦୁଇଦିନ ପୂର୍ବରୁ ଗୁରୁବାର ପ୍ରେମିକ ଅଶୋକ ସାହୁ (୩୨)ଙ୍କ ମୃତଦେହ ପ୍ରେମିକାଙ୍କ ଘର ବାରିପଟୁ ପୋଲିସ ଜବତ କରିଛି। ଅଶୋକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ବଡଭାଇ ସରୋଜ ଅଭିଯୋଗ କରିଛନ୍ତି। ଯୁବତୀ ଜଣଙ୍କ ଅଶୋକଙ୍କୁ ଘରକୁ ଡାକି ପରିବାର ସହ ମିଶି ହତ୍ୟା କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ମୃତକଙ୍କ ପରିବାର ଲୋକେ ଦାବି କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରେମିକା, ତାଙ୍କ ଭାଇ ଓ ମାଆଙ୍କୁ ପୋଲିସ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି, ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି। ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି।

ସରୋଜଙ୍କ ଅଭିଯୋଗ କ୍ରମେ ପ୍ରାୟ ୫ବର୍ଷ ହେବ ଅଶୋକ ଓ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଏ ସମ୍ପର୍କରେ ଉଭୟ ପରିବାର ଅବଗତ ଥିଲେ। ଏପରିସ୍ଥଳେ କିଛିଦିନ ପୂର୍ବରୁ ଯୁବତୀଙ୍କ ଅନ୍ୟତ୍ର ବିବାହ ସ୍ଥିର ହୋଇଥିଲା। ଏହାକୁ ନେଇ ଅଶୋକ ଚିନ୍ତାରେ ଥିଲେ। ବୁଧବାର ଯୁବତୀ ଜଣକ ଫୋନ କରି ଅଶୋକଙ୍କୁ ଡାକିଥିଲେ। ବିବାହ ୧୯ ତାରିଖରେ ରହିଛି, ତେଣୁ କୁଆଡେ ଫେରାର ହୋଇଯିବାକୁ କହିଥିଲେ। ଅଶୋକ ୨ ସାଙ୍ଗଙ୍କ ସହ ଯୁବତୀଙ୍କ ଘରକୁ ଆସିଥିଲେ। ସାଙ୍ଗମାନେ ତାଙ୍କୁ ଘର ବାରିପଟେ ଛାଡି ଚାଲିଯାଇଥିଲେ। ସକାଳୁ ଅଶୋକ ଘରକୁ ନ ଆସିବରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ଅଶୋକଙ୍କ ସାଙ୍ଗମାନଙ୍କଠାରୁ ସୂଚନା ପାଇ ଯୁବତୀଙ୍କ ଘରକୁ ଯାଇ ଖୋଜିବାରୁ ବାରିପଟେ ମୃତଦେହ ପଡିଥିବା ଦେଖିଥିଲେ। ଅଶୋକଙ୍କ ଶରୀରରେ କ୍ଷତ ଚିହ୍ନ ଥିବାବେଳେ ମୁହଁରେ ଗାମୁଛା ଘୋଡାଯାଇଥିଲା। ତେଣୁ ହତ୍ୟା କରାଯାଇଥିବା ସନ୍ଦେହ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଥିଲେ, ମୃତଦେହ ଜବତ କରାଯାଇଛି। ଶରୀରରେ ସାମାନ୍ୟ କ୍ଷତ ରହିଛି। ହତ୍ୟା ନା ଆତ୍ମହତ୍ୟା ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇଯିବ। ଅଭିଯୋଗ କ୍ରମେ ଯୁବତୀଙ୍କ ପରିବାର ବର୍ଗଙ୍କୁ ଅଟକ ରଖାଯାଇଛି।

# ରାହୁଲଙ୍କ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ ଓଡ଼ିଆ ଇଞ୍ଜିନିୟର


ଇଞ୍ଜିନିୟର ଜ୍ଞାନେନ୍ଦ୍ର କର।

**ପାଟଣା,୧୬।୬(ସ୍ୱ.ପ୍ର.)**

ଛତିଶଗଡ଼ର ଜାହାଙ୍ଗିର ଚମ୍ପା ଜିଲା ପିହରିଡ୍ ଗ୍ରାମରେ ୮୦ ଫୁଟ ଗଭୀର ବୋରୱେଲରେ ଫସି ରହିଥିବା ଦିବ୍ୟାଙ୍ଗ ବାଳକ ରାହୁଲଙ୍କ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ ଜଣେ ଓଡ଼ିଆ ଯୁବ ଇଞ୍ଜିନିୟର। ସେ ହେଲେ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ଫୁଲକଅଁଳେଇ ଗ୍ରାମର ଜ୍ଞାନେନ୍ଦ୍ର କର। ସେ ଏବେ ଛତିଶଗଡ଼ର କୋରବାରେ ଥିବା ଟାଟା ପ୍ରୋଜେକ୍ଟ ଲିମିଟେଡ୍‌ରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅଛନ୍ତି।

ଛତିଶଗଡ଼ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ କମ୍ପାନୀର ୧୮ଜଣ ଇଞ୍ଜିନିୟର ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଉଦ୍ଧାର କାର୍ଯ୍ୟ ସମୟରେ ୨୧ ଫୁଟର ସୁଡ଼ଙ୍ଗ ଖୋଳିବା ସକାସେ ନକ୍ସା ପ୍ରସ୍ତୁତ ଲାଗି ଜ୍ଞାନେନ୍ଦ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସୁଡ଼ଙ୍ଗ ଖୋଳିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇବା ସହ କମ୍ପାନୀର ସମସ୍ତେ ଇଞ୍ଜିନିୟର ଉପସ୍ଥିତ ରହି ପ୍ରତିଟି ମୁହୂର୍ତ୍ତକୁ ତଦାରଖ କରୁଥିଲେ। ଏଥିରେ ଜ୍ଞାନେନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଉଦ୍ଧାର କାର୍ଯ୍ୟ ସମୟରେ ପ୍ରତିଟି ମୁହୂର୍ତ୍ତ ଚ୍ୟାଲେଞ୍ଜିଂ ଥିଲା ବୋଲି ସେ କହିଛନ୍ତି। ରାହୁଲ ଉଦ୍ଧାର ହେବା ପରେ ଉକ୍ତ ଅଞ୍ଚଳର ପରିବେଶ ବେଶ ଭାବବିହ୍ୱଳ ହୋଇପଡ଼ିଥିଲା। ଜିଲା ପ୍ରଶାସନ ଏବଂ ଅଞ୍ଚଳବାସୀ ଉଦ୍ଧାରକାରୀଙ୍କୁ ବେଶ୍ ଭଲ ପାଇବା ଦେଇଥିଲେ ବୋଲି ଜ୍ଞାନେନ୍ଦ୍ର କହିଛନ୍ତି।

# ୨ରୁ ସିପିଏସ୍‌ଇ ଲିଖିତ ପରୀକ୍ଷା

**କଟକ ଅଫିସ, ୧୬।୬**




**ଜୁନ୍ ୧୮ରୁ ୱେବସାଇଟ୍‌ରେ ଉପଲବ୍ଧ ହେବ ପ୍ରବେଶପତ୍ର**

ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଦ୍ୱାରା ପରିଚାଳିତ ମିଳିତ ପୋଲିସ ସେବା ପରୀକ୍ଷା (ସିପିଏସ୍‌ଇ)-୨୦୧୮ ବର୍ଷ ପାଇଁ କମ୍ପ୍ୟୁଟରଭିତ୍ତିକ ଲିଖିତ ପରୀକ୍ଷା ଅନ୍‌ଲାଇନ ମାଧ୍ୟମରେ କରାଯିବ। ଉକ୍ତ ପରୀକ୍ଷା ଆସନ୍ତା ଜୁଲାଇ ୨ରୁ ୯ ତାରିଖ ଏବଂ ୧୧ରୁ ୧୨ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ପରୀକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହେବ। ଆବଶ୍ୟକ ପରୀକ୍ଷା ପ୍ରବେଶପତ୍ର ଓଡ଼ିଶା ପୋଲିସ ୱେବସାଇଟ https://op.onlineregistrationforms.com ମାଧ୍ୟମରେ ଜୁନ୍ ୧୮ତାରିଖଠାରୁ ଉପଲବ୍ଧ ହେବ। ପରୀକ୍ଷା ସମ୍ପର୍କିତ ସମସ୍ତ ବିବରଣୀ ମଧ୍ୟ ଉକ୍ତ ୱେବସାଇଟ୍‌ରୁ ଜାଣିହେବ। ପରୀକ୍ଷା ସଂକ୍ରାନ୍ତୀୟ ଅଧିକ ସୂଚନା ପ୍ରାର୍ଥୀମାନଙ୍କୁ ପଞ୍ଜୀକୃତ ମୋବାଇଲ ନମ୍ବର ଓ ଇମେଲ ଦ୍ୱାରା ଜଣାଇ ଦିଆଯିବ। ତେବେ ପ୍ରବେଶପତ୍ର ଡାଉନ୍‌ଲୋଡ କରିବାରେ କୌଣସି ସମସ୍ୟା ଉପୁଜିଲେ ପ୍ରାର୍ଥୀମାନେ ଉପରୋକ୍ତ ୱେବସାଇଟ୍‌ରେ ଥିବା ହେଲ୍‌ପଡେସ୍କ ନମ୍ବରରେ ଯୋଗାଯୋଗ କରିବାକୁ ଗୁରୁବାର ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# 'ଲକ୍ଷଣ ଥିଲେ ତୁରନ୍ତ ଟେଷ୍ଟ କର'

**ଭୁବନେଶ୍ୱର,୧୬।୬(ବ୍ୟୁରୋ)**

- **ଦିନକରେ ରାଜ୍ୟରୁ ୪୧ କରୋନା ଆକ୍ରାନ୍ତ ଚିହ୍ନଟ**
- **୨୧ରୁ ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ**

କରୋନା ପ୍ରକୋପ ପୁଣିଥରେ ଦେଖାଦେଇଛି। ସଂକ୍ରମଣ ବ୍ୟାପିବା ସହ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧୨,୨୧୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଓଡ଼ିଶାରୁ ୪୧ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ୍‌ରୁ ୨୪ ଓ ଅନ୍ୟ ୧୭ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨୨ଜଣ ରହିଥିବାବେଳେ କଟକରୁ ୫ଜଣ, ସମ୍ବଲପୁର ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର ଓ ପୁରୀରୁ ଜଣେ ଲେଖାଏ ଏବଂ ଷ୍ଟେଟ୍ ପୁଲ୍‌ରୁ ୬ଜଣ ନୂଆ ଆକ୍ରାନ୍ତ ବାହାରିଛନ୍ତି। ସଂକ୍ରମଣ ହାର ବୃଦ୍ଧି ପାଉଥିବାରୁ ଏହାର କୌଣସି ଲକ୍ଷଣ ଥିଲେ ତୁରନ୍ତ ଟେଷ୍ଟ କରାଇ ନେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଗୁରୁବାର ରାଜ୍ୟବାସୀଙ୍କୁ ପରାମର୍ଶ ଦେବା ସହ ସତର୍କ କରାଇଛନ୍ତି।



ସେ କହିଛନ୍ତି, ଗତ ୭ଦିନ ଧରି ରାଜ୍ୟରେ ଦୈନିକ ଆକ୍ରାନ୍ତ ସଂଖ୍ୟା ଦୁଇ ଅଙ୍କ ବିଶିଷ୍ଟ ରହିଛି। କେତେବେଳେ ୧୭ ତ ଆଉ କେତେବେଳେ ୨୨, ପୁଣି କେତେବେଳେ ୩୧। କରୋନାର ଏପରି ଗ୍ରାଫ୍‌କୁ ନଜରରେ ରଖି ସମସ୍ତଙ୍କୁ ସତର୍କତାର ସହ ରହିବାକୁ ହେବ। ବିଭିନ୍ନ ରାଜ୍ୟରେ ସଂକ୍ରମଣର ହାର ବୃଦ୍ଧି ପାଉଛି। ଏହାକୁ ଅଣଦେଖା ନ କରିବା ଉଚିତ। ଏ ନେଇ ଅନେକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ରାଜ୍ୟରେ ସର୍ଭିଲାନ୍ସକୁ ଗୁରୁତ୍ୱ ଦେବା ସହ ଟେଷ୍ଟିଂକୁ ୧୦ରୁ ୧୫ ପ୍ରତିଶତ ବୃଦ୍ଧି କରିବାକୁ କୁହାଯାଇଛି। ଭିଡ଼କୁ ବାରଣ କରନ୍ତୁ, ଅଯଥା ଭିଡ଼ କରନ୍ତୁ ନାହିଁ ଓ ମାସ୍କ ପିନ୍ଧି ବାହାରକୁ ଯିବାକୁ ସେ ପରାମର୍ଶ ଦେଇଛନ୍ତି। ଆସନ୍ତା ୨୧ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଇଣ୍ଟିଗ୍ରେଟେଡ୍ ସର୍ଭିଲାନ୍ସ ଚାଲିବ। ଏଥର ତରଳ ଝାଡ଼ା, ମ୍ୟାଲେରିଆ, ଡେଙ୍ଗୁ, ଟିବି ଓ କୋଭିଡ୍ ଭଳି ରୋଗର ସର୍ଭିଲାନ୍ସ କରାଯିବ। ଆଶାକର୍ମୀମାନେ ଘରକୁ ଘର ବୁଲି ଏସବୁ ରୋଗ ଚିହ୍ନଟ କରିବେ। ଏଥିସହ ଲୋକଙ୍କୁ ସଚେତନ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯିବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏହି ସର୍ଭେ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଚାଲିବ। ତେଣୁ କୋଭିଡ୍ ଟିକା ନେଇ ନ ଥିବା ଲୋକ ତୁରନ୍ତ ନେବାକୁ ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି।



From the house of Baidyanath VANSAAR
Kabz Care
ନିରାପଦ ଓ ଗୋଟିଏ ରାତିରେ କୋଷ୍ଠକାଠିନ୍ୟରୁ ଆରାମ ପ୍ରଦାନ କରେ
ପାରାବେନ୍ ମୁକ୍ତ
100% ପ୍ରାକୃତିକ ସାମଗ୍ରୀ
ପ୍ରଥମ ରାତିରୁ ପ୍ରଭାବଶାଳୀ | ଏସିଡିଟିରୁ ମୁକ୍ତି ଦିଏ ଓ ଭୋକ ବଢ଼ାଏ | ପାଚନ-ପ୍ରଣାଳୀକୁ କ୍ଷତି ପହଞ୍ଚାଏ ନାହିଁ | ନନ୍-ହାବିଟ୍ ଫର୍ମିଂ
ପ୍ରଭାବଶାଳୀ • ପ୍ରାକୃତିକ • କେମିକାଲ୍-ମୁକ୍ତ

# ଜମିଜମା ବିବାଦରୁ ସମ୍ପର୍କୀୟ ଭାଇଙ୍କୁ ଗୁଳିମାଡ଼

**ଖଲ୍ଲିକୋଟ,୧୬।୬(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭିକାପଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ ସମ୍ପର୍କୀୟ ଭାଇଙ୍କ ଗୁଳିମାଡ଼ରେ ଜଣେ ଗୁରୁତର ହୋଇଛନ୍ତି । ସେ ହେଲେ ବୀରେନ ଦଳେଇ । ସୂଚନାନୁଯାୟୀ, ଦୀର୍ଘ ଏକ ବର୍ଷ ହେବ ଜମିଜମା ବିବାଦକୁ କେନ୍ଦ୍ରକରି ବିଜୟ ଦଳେଇ ଓ ସମ୍ପର୍କୀୟ ସାନଭାଇ ଜୟ ଦଳେଇଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଗୁରୁବାର ଅପରାହ୍ନରେ ବିଜୟଙ୍କ ପୁଅ ବୀରେନ ଘରେ ଶୋଇଥିବା ବେଳେ ଦାଦାପୁଅ ଭାଇ ସୁରଥ ତାଙ୍କ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ। ବୀରେନଙ୍କ ହାତ, ଛାତି ଓ ଜଙ୍ଘରେ ଗୁଳି ବାଜିଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଛି। ଖବର ପାଇ ଖଲ୍ଲିକୋଟ ଆଇଆଇସି ଜଗନ୍ନାଥ ମଲ୍ଲିକ, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନଙ୍କ ସହ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ ଖସି ପଳାଇଥିବା ବେଳେ ପୋଲିସ ଜଣଙ୍କୁ ଅଟକ ରଖିଛି।


ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତ ବୀରେନଙ୍କ ଚିକିତ୍ସା କରାଯାଉଛି ।

# ଭୁଲ୍ ଇଞ୍ଜେକ୍ସନ ନେଲା ନାବାଳିକାଙ୍କ ଜୀବନ

**ବ୍ରଜରାଜନଗର,୧୬।୬(ଡି.ଏନ.ଏ.)**

**ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଘେରାଉ**

ଭୁଲ ଇଞ୍ଜେକ୍ସନ ଯୋଗୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଶାସ୍ତ୍ରୀନଗରର ଜଣେ ୬ବର୍ଷର ନାବାଳିକାଙ୍କ ଜୀବନ ଯାଇଛି। ମୃତକ ହେଲେ ତୁଳସୀ ମହାନନ୍ଦ। ତୁଳସୀଙ୍କ ମା' ପିଙ୍କି ମହାନନ୍ଦ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉତ୍ୟକ୍ତ ଲୋକେ ବୁଧବାର ରାତିରେ ଥାନା ଘେରାଉ ଓ ଗୁରୁବାର ଏନ୍‌ଏଚ୍ ଅବରୋଧ କରିଥିଲେ। ପିଙ୍କିଙ୍କ ଏତଲା ଅନୁଯାୟୀ ପ୍ରବଳ ଗରମ ଯୋଗୁ ତୁଳସୀଙ୍କ ଦେହରେ ଘା' ବାହାରିଥିଲା। ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ବୁଧବାର ଗାନ୍ଧୀ ଛକସ୍ଥିତ ଡାକ୍ତର ସରୋଜ ପ୍ରଧାନଙ୍କ କ୍ଲିନିକ୍‌କୁ ନେଇଥିଲେ। ସରୋଜ ସେଠାରେ ତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଏହାର କିଛିସମୟ ପରେ ତୁଳସୀ ଚେତାଶୂନ୍ୟ ହୋଇପଡିଥିଲେ। ଡାକ୍ତର ସରୋଜ ତାଙ୍କ କର୍ମଚାରୀଙ୍କ ସହାୟତାରେ ତୁଳସୀଙ୍କୁ ମଣ୍ଡଳୀୟାସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ପରିବାର ଲୋକେ ତାଙ୍କୁ ଝାରସୁଗୁଡାସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ରାତି ପ୍ରାୟ ସାଢେ ୯ଟାରେ ସେମାନେ ଭୁଲ ଇଞ୍ଜେକ୍ସନ ଯୋଗୁ ନାବାଳିକାଙ୍କ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଥାନାରେ ମାମଲା (୧୮୧/୨୨) ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି। ଆନ୍ଦୋଳନକାରୀ ଏଥିପାଇଁ ଡାକ୍ତର ସରୋଜଙ୍କୁ ଦାୟୀକରି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଘେରାଉ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ରାତି ଗୋଟାଏରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୁନର୍ବାର ଘଟଣାକୁ ନେଇ ଗୁରୁବାର ଅପରାହ୍ନରେ ଲୋକେ ଏନ୍‌ଏଚ୍ ୪୯ ଅବରୋଧ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ଓ ଡାକ୍ତରଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଫିସର ଥାନା ଏସ୍‌ଏସ୍‌ଆଇ ଏସ୍.ଏସ୍. ପୋଢ କହିବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡୋଳମଣୀ ପଟେଲ କହିଛନ୍ତି, ଦୁଇଜଣିଆ ଡାକ୍ତରୀ ଦଳ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇ ରସୁଲଗଡସ୍ଥିତ ଲାବରେଟୋରିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ଦେଶର ବେରୋଜଗାରୀ ଯୁବବର୍ଗଙ୍କ କଥା ଶୁଣନ୍ତୁ। ସେମାନଙ୍କୁ 'ଅଗ୍ନିପଥ'ରେ ଚଲାଇ ସେମାନଙ୍କ ଧୈର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସନ୍ତୋଷ
ପରିବାରବର୍ଗ



ବିଦ୍ୟୁଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲାଣି ତ ଗଲା କଥା**
**ଏଥିପାଇଁ କିଆଁ ମୁଣ୍ଡ ବ୍ୟଥା ?**

ଗତସ୍ୟ ଶୋଚନା ନାସ୍ତି। ଚାଲିଗଲା କଥା ଚିନ୍ତା କରି କିଛି ଲାଭ ନାହିଁ। ଘଟିଯାଇଥିବା ଘଟଣା ପାଇଁ ମନସ୍ତାପ କରିବା ବା ଭାବି ଭାବି ସମୟ ନଷ୍ଟ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଲାଣି ତ ମୋର ଯୁବା ବୟସ**
**ପଚିଲା ଆମ୍ବରେ ଥାଏ କି ରସ !**

ଯୌବନ ଅବସ୍ଥା ଚାଲିଗଲା ପରେ ବଳ ବୟସ କମିଯାଏ। ପୂର୍ବର ଠାଣି ଚମକ ରହିନଥାଏ। ଆମ୍ବ ପଚି ଶି ଗଲେ ଖାଦ୍ୟପଯୋଗୀ ହେଉନଥିବା ଭଳି ବୟସାଧିକ ବ୍ୟକ୍ତି ଆଖୋଜା ଅଲୋଡ଼ା ହୋଇଯାଇଥାନ୍ତି। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବାପରେ ଆଉକିଛି କଳକୌଶଳ ପ୍ରଦର୍ଶନ କରିବାକୁ ବାଟ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଲକ୍ଷେ ଦେଲେ ଗାଁରେ ମିଶିବେ ପରିବାର

## ୧୧ ବର୍ଷ ହେଲା ସାମାଜିକ ବାସନ୍ଦ

**ଛତ୍ରପୁର,୧୬।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଗୋଟିଏ ପରେ ଗୋଟିଏ ସାମାଜିକ ବାସନ୍ଦ ଘଟଣା ପଦାକୁ ଆସିବାରେ ଲାଗିଛି। ବିଶେଷକରି ଛତ୍ରପୁର ନିର୍ବାଚନମଣ୍ଡଳୀରେ ଗତ ଦେଢମାସ ହେଲା ଏପରି ଅଭିଯୋଗ ଆସୁଛି। ୧୧ ବର୍ଷ ହେଲା ଏକ ପରିବାର ବାସନ୍ଦ ହୋଇଛନ୍ତି। ଗାଁରେ ମିଶିବାକୁ ହେଲେ ୧ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ତାଙ୍କୁ କୁହାଯାଇଛି। ସମ୍ପୃକ୍ତ ପରିବାର ନ୍ୟାୟ ପାଇଁ ଗୁରୁବାର ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ଚମାଖଣ୍ଡି ଥାନା ଅଧୀନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଆଗ୍ରାହାରାମ ଗାଁର ବି.ରମେଶ ପାତ୍ରଙ୍କୁ ବାସନ୍ଦ କରାଯାଇଛି। ୨୦୧୧ରେ ହୋଇଥିବା ମରୁଡି ସର୍ଭେ ପାଇଁ ସ୍ଥାନୀୟ ଆର୍‌ଆଇ ଗାଁକୁ ଆସିଥିଲେ। ରମେଶଙ୍କ ଫସଲ ନଷ୍ଟ ହୋଇଥିଲେ ମଧ ତାଲିକାରୁ ତାଙ୍କ ନାଁ କଟାଯାଇଥିଲା। ଏହାକୁ ବିରୋଧ କରିବାରୁ ଗାଁ ଲୋକଙ୍କ ରୋଷର ଶିକାର ହୋଇଥିଲେ। ଗାଁ କମିଟି ନିଷ୍ପତ୍ତି ପ୍ରକାରେ ସେବେଠୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। ଚମାଖଣ୍ଡି ଥାନା ପୋଲିସର ହସ୍ତକ୍ଷେପ ପରେ ଗତ ମେ ୨୧ ତାରିଖରେ ବାସନ୍ଦ ଉଠିଥିଲା। ପୁଣି ଗତ ୧୦ ତାରିଖରେ ଗାଁରେ ମାଇକ ଯୋଗେ ପ୍ରଚାର କରି ପରିବାରକୁ ବାସନ୍ଦ କରାଯାଇଛି। ୧ ଲକ୍ଷ ଟଙ୍କା ଦେଲେ ଗାଁରେ ମିଶାଯିବ ବୋଲି କୁହାଯାଇଥିବା ରମେଶ ଓ ତାଙ୍କ ପରିବାର ଲୋକେ ଛତ୍ରପୁର ଆସି ଗଞ୍ଜାମ ଏସ୍‌ପିଙ୍କୁ ଜଣାଇଛନ୍ତି। ଗାଁରେ ପରିବାରକୁ ମିଶାଇବା ବ୍ୟବସ୍ଥା କରିବା ସହ ଦୋଷୀଙ୍କୁ ଦଣ୍ଡ ଦେବାକୁ ରମେଶ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘଦିନ ତଳୁ କେତେକ ପରିବାର ଗାଁରେ ନିର୍ଯାତିତ ହେଉଥିଲେ ମଧ ଭୟରେ ଏସ୍‌ପି କିମ୍ବା ଜିଲାପାଳଙ୍କୁ ଜଣାଇବାକୁ ଆସୁ ନ ଥିଲେ। ଗଞ୍ଜାମ ବ୍ଲକ ବୋରିଗାଁର ବାଦଲ ସାହୁ ନ୍ୟାୟ ନ ପାଇ ନିରାଶ ହୋଇ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବା ଘଟଣା ପରେ ଗୋଟିଏ ପରେ ଗୋଟିଏ ବାସନ୍ଦ ପରିବାର ପୋଲିସ, ପ୍ରଶାସନକୁ ଅଭିଯୋଗ କରିବାକୁ ଆସୁଛନ୍ତି।

# ଶେଷ ରଜରେ ନନ୍ଦନକାନନରେ କମିଲେ ପର୍ଯ୍ୟଟକ

## ବଟାନିକାଲ ଗାର୍ଡେନରେ ବଢ଼ିଲେ

**ବାରଙ୍ଗ,୧୬।୬(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ରଜର ପ୍ରଥମ ଓ ଦ୍ୱିତୀୟ ଦିନରେ ଆଶାତିତ ସଂଖ୍ୟାରେ ପର୍ଯ୍ୟଟକ ଆସିଥିବାବେଳେ ଶେଷଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା କମିଯାଇଛି। ହେଲେ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବଢିଥିବା ସୂଚନା ମିଳିଛି। ଗୁରୁବାର ଅର୍ଥାତ ଶେଷରଜରେ ସମୁଦାୟ ୩୦ହଜାରେ ୫ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିଲେ। ସେଥିମଧ୍ୟରୁ ଅନ୍‌ଲାଇନରେ ୧୮୮ ଓ ଅଫଲାଇନରେ ୨୯ହଜାରେ ୮୧୭ ପର୍ଯ୍ୟଟକ ଟିକେଟ କାଟିଛନ୍ତି। ସେହିଭଳି ବଟାନିକାଲ ଗାର୍ଡେନକୁ ଶେଷ ରଜରେ ସମୁଦାୟ ୨୩୫୫ଜଣ ପର୍ଯ୍ୟଟକ ବୁଲିବାକୁ ଆସିଛନ୍ତି। ପ୍ରଥମଦିନ ରଜରେ ୨୧ହଜାରେ ୭୧୬, ଦ୍ୱିତୀୟଦିନରେ ୩୪ହଜାର ୮୧୭ଜଣ ପର୍ଯ୍ୟଟକ ନନ୍ଦନକାନନ ଆସିଥିବାବେଳେ ବଟାନିକାଲ ଗାର୍ଡେନକୁ ପ୍ରଥମରଜରେ ୬୪୯, ଦ୍ୱିତୀୟରଜରେ ୯୦୫ଜଣ ପର୍ଯ୍ୟଟକ ଆସିଥିଲେ। ତେବେ ରଜର ତିନିଦିନରେ ନନ୍ଦନକାନନକୁ ସମୁଦାୟ ୮୫ହଜାରେ ୯୪୮ଜଣ ପର୍ଯ୍ୟଟକ ଓ ବଟାନିକାଲ ଗାର୍ଡେନକୁ ୩୯୦୯ଜଣ ପର୍ଯ୍ୟଟକ ଆସିଥିବାର ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


# classifieds

**Everyday**
**0674-2580101, 2549302**





**SALE**

**Bhubaneswarରେ plot କିଣନ୍ତୁ। ସଙ୍ଗେସଙ୍ଗେ ଘର କରନ୍ତୁ। installment ସୁବିଧା ଅଛି। Contact- 9437250090, 7008265080, 8658227874, 0674-2911635.** D-751

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

200 ଫୁଟ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ ୨୫୦/– ଟଙ୍କାରେ ଜାଗାବିକ୍ରି ହେଉଛି। 7609803855. D-73614

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73920

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295. D-73262

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-73919

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

**ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368.** D-73261

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**





A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73826

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73822

**Relax, Refresh your body, Mind at Saikrupa Spa with best therapies. 8984068077.** D-668

Newly open SPA positively health benefit with expert. Contact: 7749976301. D-73819

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com


## ପ୍ରଥମ ପୃଷ୍ଠାରୁ...

### ଦ୍ରୁତଗତିରେ ବଢ଼ୁଛି...

ଠାରୁ ୫୦୦ ଗୁଣା ଅଧିକ ବୋଲି ଜଣାଯାଇଛି। ତେଣୁ ସମ୍ପୂର୍ଣ୍ଣ ଆକାଶଗଙ୍ଗାକୁ ମଧ ବ୍ଲାକହୋଲ୍‌ଟି ନିଜ ଭିତରକୁ ଟାଣି ନେଇପାରିବ। ବ୍ଲାକହୋଲଟି ବିସ୍ତାର କରିବା ନେଇ ଏଏନ୍‌ୟୁ ରିସର୍ଚ୍ଚ ସ୍କୁଲ ଅଫ୍ ଆଷ୍ଟ୍ରୋନୋମି ଆଣ୍ଡ୍ ଆଷ୍ଟ୍ରୋଫିଜିକ୍ସର ପ୍ରମୁଖ ଗବେଷକ କ୍ରିଷ୍ଟୋଫର ଓନ୍‌କେନ କହିଛନ୍ତି, ଦୁଇଟି ବଡ଼ ଗ୍ୟାଲେକ୍ସି ପରସ୍ପର ସହ ଧକ୍କା ହେବା ଏହାର କାରଣ ହୋଇପାରେ। ଏଥିରୁ ନିର୍ଗମନ ହୋଇଥିବା ବିପୁଳ ମାତ୍ରାରେ ଉର୍ଜା ବ୍ଲାକ୍‌ହୋଲକୁ ବିସ୍ତାର କରାଇବାରେ ସାହାଯ୍ୟ କରୁଥିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାର କେନ୍ଦ୍ର ବା କ୍ୱାସରର ନାମ ଏସ୍‌ଏମ୍‌ଏସ୍‌ଏସ୍ ଜେ୧୧୪୪୪୭.୭୭–୪୩୦୮୫୯.୩ ରଖାଯାଇଛି। ଅଷ୍ଟ୍ରେଲୀୟ ଗବେଷକଙ୍କ ଦ୍ୱାରା ଠାବ ହୋଇଥିବା ଏହି କୃଷ୍ଣଗର୍ତ୍ତର ଭିଜୁଆଲ ମାଗ୍ନିଚ୍ୟୁଡ୍(ପୃଥିବୀରୁ ଦେଖାଯାଇପାରୁଥିବ ଜିନିଷର ଉଜ୍ଜ୍ୱଳତା ମାପକ) ୧୪.୫ ରହିଛି। ଅନ୍ଧାରିଆ ସ୍ଥାନରୁ ଏକ ଉନ୍ନତ ଟେଲିସ୍କୋପ ମାଧ୍ୟମରେ ଯେ କେହି ବି ବ୍ଲାକହୋଲଟିକୁ ଦେଖିପାରିବେ।

ଉଲ୍ଲେଖଯୋଗ୍ୟ, କୌଣସି ତାରକାର ମୃତ୍ୟୁ ପରେ ବ୍ଲାକ୍‌ହୋଲର ସୃଷ୍ଟି ହୋଇଥାଏ। ଏହାର ମାଧ୍ୟାକର୍ଷଣ କ୍ଷେତ୍ର ଏତେ ଅଧିକ ରହିଥାଏ ଯେ ଅନ୍ୟ ତାରକାକୁ ଏହା ନିଜ ଭିତରକୁ ଟାଣି ନେଇ ସମ୍ପୂର୍ଣ୍ଣ ଭାବେ ଗିଳିଦେଇପାରେ। ଏହା ମଧ ଦେଇ ଆଲୋକ ପ୍ରବେଶ କରିପାରୁ ନ ଥିବାରୁ ବ୍ଲାକ୍‌ହୋଲ ଦୃଶ୍ୟମାନ ହୋଇପାରି ନ ଥାଏ।

### ବଦଳିଲେ ୩ ମହାନଗର...

ଏନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ପ୍ରଶାସନିକ ସ୍ତରରେ ଏହା ହେଉଛି ପ୍ରଥମ ବଡ଼ ଅଦଳବଦଳ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଓଏଭି ଏସ୍‌ପିଡି ପ୍ରେମ୍‌ଚନ୍ଦ୍ର ଚୌଧୁରୀଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ କନ୍ଧମାଳ ଜିଲାପାଳ ଡା. ବୃନ୍ଦା ଡି.ଙ୍କୁ ଓଏସ୍‌ଏମ୍‌ସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ, ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଖୋର୍ଦ୍ଧା ଜିଲାପାଳ, ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଜଳ ସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଓଏଭି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ସ୍ଥାନାନ୍ତର କରାଯାଇଛି। ଜଳସମ୍ପଦ ବିଭାଗ ଯୁଗ୍ମ ସଚିବ ମଧୁସ୍ମିତା ସାହୁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ, କଳାହାଣ୍ଡି ଜିଲାପାଳ ଗଭାଲୀ ପରାଗ ହର୍ଷଦଙ୍କୁ ସୁନ୍ଦରଗଡ଼ ଜିଲାପାଳ, ନୂଆପଡ଼ା ଜିଲାପାଳ ଶ୍ରାଦ୍ଧଦେବ ସିଂହଙ୍କୁ ରାୟଗଡ଼ା ଜିଲାପାଳ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ସହିତ ଗୃହ (ପ୍ରୋଟୋକଲ୍) ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସଙ୍କୁ ସମ୍ବଲପୁର ଜିଲାପାଳ ଭାବେ ବଦଳି କରାଯାଇଥିବାବେଳେ ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଭଦ୍ରକ ଜିଲାପାଳ, ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଗଞ୍ଜାମ ପିଡି ଡିଆର୍‌ଡିଏ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କୁ ବାଲେଶ୍ୱର ଜିଲାପାଳ, କଳାହାଣ୍ଡି ପିଡି, ଡିଆରଡିଏ ସୋମେଶ କୁମାର ଉପାଧ୍ୟାୟଙ୍କୁ ଦେବଗଡ଼ ଜିଲାପାଳ, ମୟୂରଭଞ୍ଜ ପିଡି ଡିଆର୍‌ଡିଏ ପି. ଅନ୍ୱେଷା ରେଡ୍ଡୀଙ୍କୁ କଳାହାଣ୍ଡି ଜିଲାପାଳ, ବାଲେଶ୍ୱର ଉପଜିଲାପାଳ ପାଟିଲ ଆଶିଷ ଈଶ୍ୱରଙ୍କୁ କନ୍ଧମାଳ ଜିଲାପାଳ, କୋରାପୁଟ ପିଡି ଡିଆର୍‌ଡିଏ ହେମାକାନ୍ତ ସାଏଙ୍କୁ ନୂଆପଡ଼ା ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ କୀର୍ତ୍ତିଭାସନ ଭି.ଙ୍କୁ ଗଞ୍ଜାମ ପିଡି, ଡିଆର୍‌ଡିଏ, ସମ୍ବଲପୁର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର, ନବରଙ୍ଗପୁର ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅନୁସଚିବ ଭାବେ ବଦଳି କରାଯାଇଛି।

### ବ୍ୟାପିଲା 'ଅଗ୍ନିପଥ'...

ନିଯୁକ୍ତି ପରେ ସେମାନଙ୍କ ଭବିଷ୍ୟତ କ'ଣ ହେବ ବୋଲି ପ୍ରଶ୍ନ ଉଠିଛି। ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ହିଂସାର ରୂପ ନେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ଅଗ୍ନିପଥ ଯୋଜନାକୁ ନେଇ ସ୍ପଷ୍ଟୀକରଣ ଜାରି କରାଯାଇଛି। ଏହି ନୂଆ ଯୋଜନା କେବଳ ସଶସ୍ତ୍ର ବଳର ସାମର୍ଥ୍ୟ ବଢ଼ାଇବ ନାହିଁ, ଯୁବକମାନଙ୍କ ପାଇଁ ଘରୋଇ ସେକ୍ଟର ନିମନ୍ତେ ରାସ୍ତା ଖୋଲିଦେବ। ଆର୍ଥିକ ପ୍ୟାକେଜ ସହାୟତାରେ ସେମାନେ ଉଦ୍ୟୋଗୀ ହୋଇପାରିବେ। ଯୋଜନାକୁ ନେଇ ସରକାରଙ୍କ ସୂଚନା ବିଭାଗ ପକ୍ଷରୁ ସୋସିଆଲ ମିଡିଆରେ ଏକାଧିକ ପୋଷ୍ଟ କରାଯାଇଛି। ଆଗାମୀ ବର୍ଷରେ ୩ ଗୁଣା ଅଗ୍ନିବୀରଙ୍କୁ ନିଯୁକ୍ତି ମିଳିବ। ରେଜିମେଣ୍ଟ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଅଗ୍ନିପଥ ଯୋଜନା ସଶସ୍ତ୍ର ବଳରେ ନୂଆ ଉତ୍ସାହ ଆଣିବ। ସେନାରେ ନୂଆ ସାମର୍ଥ୍ୟ ଆଣିବା ସହ ଏହା ଯୁବଗୋଷ୍ଠୀର ବୈଷୟିକ ଦକ୍ଷତା ଓ ବିଚାରର ସୁଯୋଗ ନେଇପାରିବ ଏବଂ ଯୁବପିଢ଼ିଙ୍କୁ ଦେଶସେବାର ସୁଯୋଗ ଦେବ ବୋଲି ପିଆଇବି ପକ୍ଷରୁ ଫେସ୍‌ବୁକ୍ ପୋଷ୍ଟରେ କୁହାଯାଇଛି।

୪ ବର୍ଷ ନିଯୁକ୍ତି ଶେଷରେ ଅଗ୍ନବୀରମାନଙ୍କୁ 'ସେବା ନିଧି ପ୍ୟାକେଜ୍'ରୁ ୧୧.୭୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଫଳରେ ସେମାନେ ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହା ସେମାନଙ୍କୁ ଉଦ୍ୟୋଗୀ ହେବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣରେ କୁହାଯାଇଛି।

### ଓଡ଼ିଶା ଛୁଇଁଲା...

ଗତ ବର୍ଷ ତୁଳନାରେ ଚଳିତ ବର୍ଷ ମୌସୁମୀ ୬ ଦିନ ବିଳମ୍ବରେ ରାଜ୍ୟକୁ ପ୍ରବେଶ କରିଛି। ୨୦୨୧ ଜୁନ୍ ୧୦ ତାରିଖରେ ମୌସୁମୀ ଦକ୍ଷିଣ ଓଡ଼ିଶାକୁ ସ୍ପର୍ଶ କରିଥିଲା। ଏହାର ୩ ଦିନ ମଧ୍ୟରେ ସମଗ୍ର ଓଡ଼ିଶାକୁ ଆଚ୍ଛାଦିତ କରିଥିଲା। ତେବେ ଚଳିତ ବର୍ଷ ପ୍ରାୟ ୧ ସପ୍ତାହ ବିଳମ୍ବ ହୋଇଥିବା ବେଳେ ପାଗ ଅନୁକୂଳ ନ ଥିବାରୁ ସମସ୍ତ ଭାଗରେ ମୌସୁମୀ ପହଞ୍ଚିବା ବେଳକୁ ଚଳିତମାସ ଶେଷ ସପ୍ତାହ ହେବା ନେଇ ଅନୁମାନ କରାଯାଉଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବଙ୍ଗୋପସାଗରରେ ଲଘୁଚାପର କୌଣସି ସମ୍ଭାବନା ନାହିଁ। ଏଥିଯୋଗୁ ଜୁନ୍ ମାସରେ ମୌସୁମୀ ବର୍ଷା ଚାଷୀଙ୍କୁ ମିଳିବା ଆଶା କ୍ଷୀଣ ରହିଛି। ମୌସୁମୀ ଆଗମନ ଥିବାରୁ ରାଜ୍ୟରେ ଗତ କିଛିଦିନ ଧରି ଜାରି ରହିଥିବା ତାତି ହ୍ରାସ ପାଇଛି।

### ହାତୀ ମୃତ୍ୟୁ...

ଅଧିକାରୀ ବିବାଦ ଘେରରେ ରହିଥିବାରୁ ତଦନ୍ତର ନିରପେକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ଏଥିରୁ ବାଦ୍ ଦିଆଯାଇଥିବାବେଳେ କ୍ରାଇମ୍‌ବ୍ରାଞ୍ଚକୁ ସାମିଲ କରାଯାଇଥିବା କୁହାଯାଉଛି।

ଐତିହ୍ୟ ପ୍ରାଣୀ ହାତୀର ଜୀବନ ଦିନକୁ ଦିନ ବିପଦସଙ୍କୁଳ ହେବାରେ ଲାଗିଛି। ଖାଦ୍ୟ ପାଇଁ ସଂଘର୍ଷ କରୁଥିବା ଏହି ବିଶାଳକାୟ ଜୀବ ମଣିଷ କ୍ରୋଧରୁ ବର୍ତ୍ତିପାରୁ ନାହିଁ। ଅନେକ ସମୟରେ ବିଦ୍ୟୁତ୍, ଟ୍ରେନ୍ ଆଘାତ ଓ ଗୁଳିର ଶିକାର ହେଉଛି। ବିଶେଷକରି କଟକ ଜିଲା ଆଠଗଡ଼ ବନଖଣ୍ଡରେ ହାତୀ ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଶିକାରୀଙ୍କ ଲୋଲୁପ ଦୃଷ୍ଟି ଏବଂ ବନବିଭାଗର ଦାୟିତ୍ୱହୀନତାରୁ ଗଜବଂଶ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଗତ ୧୫ଦିନ ମଧ୍ୟରେ ଏହି ବନଖଣ୍ଡରୁ ୩ଟି ହାତୀ କଙ୍କାଳ ଉଦ୍ଧାର ଏବଂ ଏକ ଗୁଳି ବିଦ୍ଧ ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ବନ୍ୟପ୍ରାଣୀ ବିଶେଷଜ୍ଞ ଓ ପ୍ରେମୀଙ୍କୁ ସ୍ତବ୍ଧ କରି ଦେଇଛି। ଏହି ଘଟଣାକୁ କେନ୍ଦ୍ର ସରକାର ଗମ୍ଭୀରତାର ସହ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୧୪।୬।୨୦୨୨ରେ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ବନ ବିଭାଗଠାରୁ ଆକ୍ସନ ଟେକେନ ରିପୋର୍ଟ(ଏଟିଆର) ମଗାଯାଇଛି। ବନ୍ୟ ପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଅନୁଯାୟୀ ଘଟଣାର ତଦାରଖ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏଥିସହିତ ଏଦିଗରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତୁରନ୍ତ ମନ୍ତ୍ରଣାଳୟକୁ ଜଣାଇବାକୁ ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍‌ଙ୍କୁ କୁହାଯାଇଛି। ଏପରି କି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମଧ ଟୁଇଟ୍ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨ ଓ ୩ ତାରିଖରେ ବଡ଼ମ୍ବା ବନାଞ୍ଚଳରୁ ୨ ଦନ୍ତାହାତୀଙ୍କ କଙ୍କାଳ ଉଦ୍ଧାର ହୋଇଥିବାବେଳେ ୧୪ତାରିଖ ରାତିରେ ବଡ଼ମ୍ବା ବନାଞ୍ଚଳ ଖାରୋଡ଼ ଗ୍ରାମ ନିକଟସ୍ଥ ଚନ୍ଦ୍ରଗିରି ପାହାଡ଼ ଅଞ୍ଚଳରୁ ଆଉ ଏକ ଦନ୍ତା ହାତୀର କଙ୍କାଳ ଉଦ୍ଧାର କରାଯାଇଥିଲା। ସେହିଦିନ ଗୁଳିବିଦ୍ଧ ହୋଇ ଚିକିତ୍ସାଧୀନ ଥିବା ହାତୀର ମଧ ମୃତ୍ୟୁ ଘଟିଥିଲା। ଗତ କିଛିଦିନ ଧରି ହାତୀ ମୃତ୍ୟୁ ଏବଂ କଙ୍କାଳ ଉଦ୍ଧାର ଘଟଣାରେ ବଡ଼ମ୍ବା ରେଞ୍ଜର, ଫରେଷ୍ଟର, ଗାର୍ଡ ଆଦି ୫ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ବେଳେ ୬ଜଣଙ୍କୁ ଗିରଫ କରାଯାଇଥିଲା। ଆଉଜଣେ ଫରେଷ୍ଟରଙ୍କୁ ଜେରା କରିବା ପାଇଁ ଡକାଯାଇଥିବା ବେଳେ ସେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ପାଚେରି ଡେଇଁ ଫେରାର୍ ହୋଇଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** – କର୍ମକ୍ଷେତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଯେଉଁ କାମ ଆଜି ଆରମ୍ଭ କରିବେ ନିଶ୍ଚିତ ସଫଳ ହେବେ। କଷ୍ଟ ସ୍ୱୀକାର ପୂର୍ବକ କାହାକୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ବନ୍ଧୁମାନଙ୍କ ସହ ଆଲୋଚନା କ୍ରମେ ପୂର୍ବ ସ୍ଥିରୀକୃତ କାର୍ଯ୍ୟାରମ୍ଭ ହୋଇପାରେ।

**ବୃଷ** – ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ କାମ ହାସଲରେ ସମର୍ଥ ହେବେ। ବନ୍ଧୁଙ୍କ କାର୍ଯ୍ୟକଳାପ ଦୁଃଖ ଦେଇପାରେ, କିନ୍ତୁ କିଛି କହି ପାରିବେ ନାହିଁ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ। ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ଅବହେଳା ବଶତଃ ଗୁରୁତ୍ୱପୂର୍ଣ୍ଣ କାମଟିକୁ କରି ନ ପାରି ଦୁଃଖ ଅନୁଭବ କରିବେ।

**ମିଥୁନ** – ଦିନଭରି ପରିଶ୍ରମଜନିତ ଅପରାହ୍ନରେ ଦେହଟା ଟିକିଏ ଭଲ ଲାଗି ନ ପାରେ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାମ ହାସଲ କରିବେ।

**କର୍କଟ** – ସମସ୍ୟା ଲାଗି ରହିଥିଲେ ମଧ କେତେକ ନୂତନ ସୁବିଧା ସୁଯୋଗ ପାଇ ମନ ହାଲୁକା ହୋଇଯିବ। ବିଶ୍ୱସ୍ତ ଲୋକଙ୍କଠାରୁ କୌଣସି ଭୁଲ୍ ଖବର ପାଇ ବିବ୍ରତ ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ଖୁସି ହେବେ। ଧାତୁ, ଅଳଙ୍କାର, ଗୃହୋପକରଣ ଦ୍ରବ୍ୟ କ୍ରୟ କରିବେ।

**ସିଂହ** – ପ୍ରତିବନ୍ଧକ ମଧ୍ୟରେ କେତେକ ସ୍ଥଗିତ କାମ ସକାଶେ ଚିନ୍ତିତ ରହିପାରନ୍ତି। ଅଫିସରେ ଚୁପ୍‌ଚାପ ରହିବାକୁ ବାଧ୍ୟ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିଲେ ମଧ ବ୍ୟସ୍ତତା ଅନୁଭବ କରିବେ। ଗଠନମୂଳକ ପ୍ରସ୍ତାବ ନେଇ ବନ୍ଧୁଗହଣରେ ପ୍ରଶଂସିତ ହେବେ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି କେତେକ କାମ ଆରମ୍ଭ କରିପାରିବେ ନାହିଁ। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରେ ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଚିନ୍ତା ଦୂର ହେବ। ହଠାତ୍ ଅପରାହ୍ନରେ ଜଣେ ବନ୍ଧୁଙ୍କ ଟାଣ କଥାକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ତୁଳା** – ଆଜି ସମ୍ପର୍କୀୟଙ୍କ ଦ୍ୱାରା ସ୍ଥଗିତ କାମ ସମ୍ପାଦନ କରିବେ। କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସି ହେବେ। ଅଫିସରେ ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମୟିକ ମନ୍ଥର କରିପାରେ।

**ବିଛା** – ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କାମରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଇଚ୍ଛା ଅନୁଯାୟୀ କାମଗୁଡିକ ହେବା କାରଣରୁ ମାନସିକ ସ୍ଥିରତା ରହିବ। ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସାକରି ସମସ୍ୟା ଭିତରେ ଛନ୍ଦି ହେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା, ଚୁକ୍ତିପତ୍ର, ସଭାସମିତିରେ ସଫଳତା ପାଇବେ।

**ଧନୁ** – ସକାଳୁ କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗି ନ ପାରେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ନିଜର ଲୋକମାନଙ୍କ ସହ ଯୁକ୍ତିତର୍କ କରିବେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ପରେ ବେଶି ହଇରାଣ ହୋଇପାରନ୍ତି। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେଇପାରନ୍ତି।

**ମକର** – ଅଟକି ରହିଥିବା କାର୍ଯ୍ୟଟି ଆକସ୍ମିକ ଭାବେ ଆଜି ସମାଧାନ ହୋଇଯିବ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲିହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଆର୍ଥିକ ସ୍ଥିତି ପୂର୍ବପରି ଲାଗିରହିବା କାରଣରୁ ଧାର, କରଜ କରିବାକୁ ପଡ଼ିପାରେ।

**କୁମ୍ଭ** – ସବୁ କିଛି ଠିକ୍ ଥିଲେ ମଧ କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଅଧିକାଂଶ ସମୟ ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ମୀନ** – ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ଭୁଲ୍ ବୁଝାମଣା ହେତୁ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଧାତୁ, ଅଳଙ୍କାର ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟ, ପରିବହନ, ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

**ଆଜି ମନ୍ତ୍ରୀ ପରିଷଦ ବୈଠକ**

ଭୁବନେଶ୍ୱର, ୧୬।୬(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ପାଳିର ଦ୍ୱିତୀୟ ଥର ମନ୍ତ୍ରିମଣ୍ଡଳ ଗଠନ କରିସାରିଛନ୍ତି। ଇତିମଧ୍ୟରେ ସବୁ ମନ୍ତ୍ରୀ ଦାୟିତ୍ୱ ନେଇ ସାରିଥିବାବେଳେ ଶୁକ୍ରବାର ପ୍ରଥମ ମନ୍ତ୍ରୀ ପରିଷଦ ବୈଠକ ବସିବ ବୋଲି ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ସନ୍ଧ୍ୟା ୫ଟା ୩୦ ମିନିଟ୍ ସମୟରେ ଏହି ବୈଠକ ବସିବ। ଏଥିରେ ବଜେଟ୍ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ହେବ ବୋଲି ଜଣାପଡିଛି।

# ରାଜଭବନ ଆଗରେ ଗର୍ଜିଲା କଂଗ୍ରେସ

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ଦିଲ୍ଲୀ ପୋଲିସ ମାତ୍ରାଧିକ ପ୍ରତିହିଂସା ପରାୟଣ ହୋଇ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) କାର୍ଯ୍ୟାଳୟରେ ପ୍ରବେଶ କରିବା ଘଟଣା ସାରା ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏଆଇସିସି ନିଷ୍ପତ୍ତି ଅନୁସାରେ ପିସିସି(ପ୍ରଦେଶ କଂଗ୍ରେସ କମିଟି) ପକ୍ଷରୁ ଗୁରୁବାର ରାଜଭବନ ସମ୍ମୁଖରେ ପ୍ରତିବାଦ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାଜ୍ୟବ୍ୟାପୀ ପ୍ରତିବାଦ କରାଯିବ। ଗତ ୩ ଦିନ ଧରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ରାହୁଲ ଗାନ୍ଧୀଙ୍କୁ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ବିଷୟରେ ପଚରାଉଚରା ପାଇଁ ଡକା ସରିଲାଣି। ଏହାପରେ ମଧ୍ୟ ଆହୁରି କ'ଣ ପ୍ରଶ୍ନ ରହିଲା ଯେ, ପୁଣି ତାଙ୍କୁ ଶୁକ୍ରବାର ସମନ ହେଲା ବୋଲି ପିସିସି ପକ୍ଷରୁ ପ୍ରଶ୍ନ କରାଯାଇଛି।

ଏହାକୁ ବିରୋଧକରି ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ଶାସିତ ମୁଖ୍ୟମନ୍ତ୍ରୀ, ବରିଷ୍ଠ ନେତୃମଣ୍ଡଳୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଏମ୍‌ପି ଓ ବର୍ତ୍ତମାନର ଏମ୍‌ପି, ବିରୋଧୀ ଦଳ ନେତାମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଓ ପ୍ରତିବାଦ କରୁଥିଲେ। ଗତ ବୁଧବାର ଦିଲ୍ଲୀ ପୋଲିସ ଏଆଇସିସି କାର୍ଯ୍ୟାଳୟରେ ପଶି କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନଙ୍କୁ ପିଟିବା ଏବଂ ପଦାଧିକାରୀଙ୍କୁ ନିଜ କାର୍ଯ୍ୟାଳୟକୁ ଯିବାକୁ ନ ଦେବା ବିରୋଧରେ ରାଜଭବନ ସମ୍ମୁଖରେ ପ୍ରତିବାଦ ଓ ଧାରଣା ଦିଆଯାଇଥିବା ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ତେବେ ଶରତଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ଭୁବନେଶ୍ୱର ଏଡିଏମ୍‌ଙ୍କ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜଭବନ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭାରେ ଯୋଗଦେଇଥିଲେ। ଏହି ଅବସରରେ ଶରତ କହିଛନ୍ତି, ଗତକିଛି ଦିନ ଧରି ଯେଉଁଭଳି ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ସରକାର ଆକ୍ରୋଶମୂଳକ, ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ଭାବେ କାର୍ଯ୍ୟକ୍ରମ ଚଳାଇଛନ୍ତି ଏହା ସେମାନଙ୍କୁ ମହଙ୍ଗା ପଡ଼ିବ। ଦେଶର ୪୩ କୋଟି ଯୁବକ ଭାରତବର୍ଷରେ ଏବେ ବେରୋଜଗାର ଅଛନ୍ତି। ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି, ସାଧାରଣ ଜନତା ଏଥିଯୋଗୁ ହନ୍ତସନ୍ତ ହୋଇପଡ଼ିଛନ୍ତି। ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲେଣି। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ରାହୁଲ



ରାଜଭବନ ଆଗରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଉପସ୍ଥିତ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

## ରାହୁଲଙ୍କୁ ଇଡିର ଜେରା ପ୍ରସଙ୍ଗ

### ଆଜି ରାଜ୍ୟବ୍ୟାପୀ ପ୍ରତିବାଦ

ଏ ଘଟଣାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଓ କଠୋର ସମାଲୋଚନା କାରଣରୁ ତାଙ୍କ ମୁହଁକୁ ବନ୍ଦ କରିବା ଓ କଂଗ୍ରେସ ସ୍ୱରକୁ ଚପାଇ ଦେବାକୁ ଇଡି ମାଧ୍ୟମରେ ଉଦ୍ୟମ ଚାଲିଛି। ଏହାକୁ ନେଇ କଂଗ୍ରେସ ଆଦୌ ଭୟଭୀତ ନୁହେଁ ବୋଲି ଶରତ କହିଛନ୍ତି। ଏହା ବିରୋଧରେ ଶୁକ୍ରବାର ପ୍ରତି ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାର କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ସମସ୍ତ ପଦାଧିକାରୀ, କଂଗ୍ରେସ ଶୁଭେଚ୍ଛୁମାନେ ଏଥିରେ ଯୋଗଦେବାକୁ ଶରତ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ ଏହି ଘଟଣାରେ କଂଗ୍ରେସର ବହୁ ବରିଷ୍ଠ ନେତା ଯୋଗଦେବା ସହ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି।

# ଶରଦ ପାୱାର ରାଷ୍ଟ୍ରପତି ହେଲେ ଦେଶରେ ଆତଙ୍କବାଦ ବଢ଼ିବ : ଭାଜପା ଏମ୍‌ପି

**ନୂଆଦିଲ୍ଲୀ, ୧୬।୬**


ଦିଲୀପ ଘୋଷ

ରାଷ୍ଟ୍ରପତି ନିର୍ବାଚନକୁ ନେଇ ଦେଶର ରାଜନୀତି ସରଗରମ ରହିଛି। ଭାଜପା ପ୍ରାର୍ଥୀ ଦେବାକୁ ଏକ ପ୍ରକାର ପ୍ରସ୍ତୁତ ଥିବାବେଳେ ବିରୋଧୀ ମିଳିତ ଭାବେ ପ୍ରାର୍ଥୀ ଦେବାକୁ ସଜବାଜ ହେଉଛନ୍ତି। ବିରୋଧୀଙ୍କ ପକ୍ଷରୁ ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ଯଦିଓ ଶରଦ ପ୍ରାର୍ଥୀ ହେବାକୁ ରୋକଠୋକ ମନା କରିଦେଇଛନ୍ତି, କିନ୍ତୁ ତାଙ୍କୁ ବୁଝାଇବା ପାଇଁ ଚେଷ୍ଟା ଚାଲିଛି। ତେବେ ଏସବୁ ଭିତରେ ଭାଜପା ଏମ୍‌ପି ଦିଲୀପ ଘୋଷ ଶରଦ ପାୱାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ପାୱାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଆତଙ୍କବାଦୀଙ୍କ ସହ ଶରଦଙ୍କର ସମ୍ପର୍କ ରହିଛି। ଯଦି ଆମ ଦେଶରେ ଏପରି ରାଷ୍ଟ୍ରପତି ରହିବେ, ତେବେ ଆତଙ୍କବାଦ ମଧ୍ୟ ବୃଦ୍ଧି ପାଇବ। ସୂଚନାଯୋଗ୍ୟ, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ଜୁଲାଇ ୧୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଦୌଡ଼ରୁ କିଛି ଦିନ ପୂର୍ବରୁ ନିଜକୁ ଦୂରେଇ ରଖିଥିଲେ, କିନ୍ତୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଷ୍ଟ୍ରପତି ନିର୍ବାଚନକୁ ଦୃଷ୍ଟିରେ ରଖି ଡାକିଥିବା ବୈଠକରେ ପାୱାର ଯୋଗ ଦେଇଥିଲେ।








କେରଳ ସୁନା ଚାଲାଣ ମାମଲାରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଇସ୍ତଫା ଦାବିରେ ଥିରୁଭାନନ୍ତପୁରମ୍‌ରେ ବିକ୍ଷୋଭରତ ଭାଜପା ମହିଳା ମୋର୍ଚ୍ଚାର ଜଣେ କର୍ମୀଙ୍କୁ ଲାଠିମାଡ଼ କରି ଉଠାଇ ନେଉଛି ପୋଲିସ ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଉପରେ ନଜର

## ରାଷ୍ଟ୍ରପତି ନିର୍ବାଚନ

**ଭୁବନେଶ୍ୱର, ୧୬।୬(ବ୍ୟୁରୋ)**

ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଗୁଲ୍ ବାଜିସାରିଛି। ଏଥିପାଇଁ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ଏବଂ ବିରୋଧୀ ଶିବିର ଚଳଚଞ୍ଚଳ ହୋଇଉଠିଛି। ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ଭାଜପା ପାଖରେ ଆବଶ୍ୟକ ଭୋଟ ସଂଖ୍ୟା ନାହିଁ। ତେଣୁ ଭାଜପା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମନାଇବାକୁ ଦଳର ବରିଷ୍ଠ ନେତାଙ୍କୁ ଦାୟିତ୍ୱ ଦେଇଛି। ବୁଧବାର ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଅନ୍ୟ ପକ୍ଷରେ ଚଳିତ ମାସ ତୃତୀୟ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଉକ୍ତ ଗସ୍ତ ଅବସରରେ ମୋଦି ପାରାଦୀପ–ହରିଦାସପୁର ରେଳପଥ ପ୍ରକଳ୍ପର ଲୋକାର୍ପଣ କରିବେ। ମୋଦିଙ୍କ ଗସ୍ତ ସମ୍ଭାବନା ରହିଥିଲେ ମଧ୍ୟ କେବେ ଆସିବେ ସେ ନେଇ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇନାହିଁ। ତେବେ ଓଡ଼ିଶା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ନବୀନ ପଟ୍ଟନାୟକଙ୍କ ସାକ୍ଷାତ ହେବାର ସମ୍ଭାବନା ରହିଛି। ଏହି ଅବସରରେ ସେମାନେ ରାଷ୍ଟ୍ରପତି ନିର୍ବାଚନ ନେଇ ଆଲେଚାନା କରିପାରନ୍ତି। ୨୦୧୭ ରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନଡିଏ ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ସମର୍ଥନ କରିଥିଲା। ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବା ସମ୍ଭାବନା ରହିଛି।

# ନେତାଙ୍କୁ ସୁରକ୍ଷା | ମୁଖ୍ୟ ପ୍ରସଙ୍ଗରୁ କଂଗ୍ରେସ ଦୂରେଇଯାଉଛି

**ନୂଆଦିଲ୍ଲୀ, ୧୬।୬**

## ରାହୁଲଙ୍କୁ ଇଡି ସମନ ବିରୋଧରେ ଆନ୍ଦୋଳନ ଜାରି

ନ୍ୟାଶନାଲ ହେରାଲ୍ଡ ଖବରକାଗଜରେ ଆର୍ଥିକ ଅନିୟମିତତା ଓ ମନିଲଣ୍ଡରିଂ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ୩ ଦିନ ଜେରା କରିବା ପରେ ଶୁକ୍ରବାର ପୁନର୍ବାର ଜେରା ଲାଗି ସମନ କରିଛି। ରାହୁଲଙ୍କୁ ସମନ ବିରୋଧରେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। କେବଳ ରାହୁଲ ନୁହନ୍ତି, ବିଭିନ୍ନ ବିରୋଧୀ ଦଳ ନେତାଙ୍କ ମୁହଁ ବନ୍ଦ କରିବା ପାଇଁ ସେମାନଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିକୁ ଲଗାଇବା ସମ୍ପ୍ରତି ଏକ ରାଜନୈତିକ କଳାରେ ପରିଣତ ହୋଇଛି। ଏମିତି କୌଣସି ଦିନ ନାହିଁ, ଯେଉଁଦିନ ତଦନ୍ତକାରୀ ସଂସ୍ଥା ବିରୋଧୀ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରୁଛି। ତଦନ୍ତକାରୀ ଏଜେନ୍ସିର ଅବବ୍ୟବହାର ବିରୋଧରେ ବିପକ୍ଷ ଦଳଗୁଡ଼ିକ ସ୍ୱର ଉଠାଇବାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏହାକୁ ଅଣଦେଖା କଲେ ନୀରବ ସମର୍ଥନ ଏବଂ ବିରୋଧ କଲେ ବିରୋଧୀ ମୁଖ୍ୟ କାର୍ଯ୍ୟରୁ ଦୂରେଇ ଯାଉଥିବା କୁହାଯାଉଛି। ରାହୁଲଙ୍କ ଇଡି ସମନ ବିରୋଧରେ ବରିଷ୍ଠ କଂଗ୍ରେସ ନେତାମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦିଲ୍ଲୀ ପୋଲିସ ୧୪୪ ଧାରା ଜାରି କରିବା ସହ କଂଗ୍ରେସ କର୍ମୀ ଓ ବରିଷ୍ଠ ନେତାମାନଙ୍କୁ ଅଟକ ରଖିଛି। ବୁଧବାର ଦିଲ୍ଲୀ ପୋଲିସ ଏଆଇସିସି କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରି ନେତାମାନଙ୍କୁ ଦୁର୍ବ୍ୟବହାର କରିବା ସହ ବଳ ପ୍ରୟୋଗ କରିଥିବା ଅଭିଯୋଗ ହୋଇଥିଲା। ରାହୁଲଙ୍କୁ ସୁରକ୍ଷା ଦେବାକୁ ଯାଇ କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନରେ ସାମିଲ ହେବା ଫଳରେ ଅନ୍ୟ ପ୍ରସଙ୍ଗ ପ୍ରତି ଏହାର ସକ୍ରିୟତା ହ୍ରାସ ପାଇଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ପ୍ରସଙ୍ଗରେ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାରେ କଂଗ୍ରେସ ବିଫଳ ହୋଇଛି। ଅଧିକାଂଶ ଦଳ ଏଭଳି ଫାଶରେ ଛନ୍ଦି ହୋଇଯାଇଛନ୍ତି ଯେ, ସେମାନେ ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି।

# ପୋଲିସ କଲାର ଧରିଲେ ରେଣୁକା ଚୌଧୁରୀ

**ହାଇଦ୍ରାବାଦ, ୧୬।୬**

ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଡି ଜେରାକୁ ବିରୋଧ କରି ଦଳୀୟ ନେତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରେଣୁକା ଚୌଧୁରୀ ହାଥଦ୍ରାବାଦରେ ଜଣେ ପୋଲିସ କର୍ମଚାରୀଙ୍କ ସାର୍ଟ କଲାର ଧରିଥିବା ଅଭିଯୋଗ ହୋଇଛି। ଏ ନେଇ ରେଣୁକାଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ରାହୁଲଙ୍କୁ ଇଡି ଜେରାକୁ କେନ୍ଦ୍ର କରି ତେଲଙ୍ଗାନାରେ କଂଗ୍ରେସ କର୍ମୀମାନେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପୋଲିସ ଉଠାଇ ନେଇଛି। ବିରୋଧ କରୁଥିବା କଂଗ୍ରେସ ନେତାଙ୍କ ମଧ୍ୟରେ ରେଣୁକା ମଧ୍ୟ ସାମିଲ ଅଛନ୍ତି। ହାଇଦ୍ରାବାଦରେ ଜଣେ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କବେଳେ ରେଣୁକା ତାଙ୍କ ସାର୍ଟ କଲର ଧରିଦେଇଥିଲେ। ପରେ କେତେଜଣ ମହିଳା ପୋଲିସ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କୁ ଭ୍ୟାନ୍ ଆଡ଼କୁ ଟାଣି ନେଇଥିଲେ। ଏ ନେଇ ରେଣୁକା କହିଛନ୍ତି, ସେ କାହାରିକୁ ଆକ୍ରମଣ କରିନାହାନ୍ତି। ଭାରସାମ୍ୟ ହରାଇ ଖସିପଡ଼ିବା ପରେ ସେ ଯୁବ ପୋଲିସଙ୍କ ଶାର୍ଟ ଧରିପକାଇଥିଲେ। ଏଥିପାଇଁ ସେ ତାଙ୍କୁ କ୍ଷମା ମଧ୍ୟ ମାଗିଥିଲେ। ହେଲେ ତାଙ୍କ ନାଁରେ ମାମଲା ହୋଇଛି। ଏହାକୁ ସେ ସାମ୍ନା କରିବେ ବୋଲି କହିଛନ୍ତି। ତେଲଙ୍ଗାନାରେ କଂଗ୍ରେସ ପକ୍ଷରୁ 'ଚଲୋ ରାଜଭବନ' ଡାକରା ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏଥିସହ ଦିଲ୍ଲୀ, କର୍ଣ୍ଣାଟକ, କେରଳ, ପଞ୍ଜାବ, ତାମିଲନାଡୁ, ରାଜସ୍ଥାନ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଦଳ ପକ୍ଷରୁ ଆନ୍ଦୋଳନ ଚାଲିଛି।





ପ୍ରକୃତ ରୂପାନ୍ତର ହେଲା- ଚେତନାର ରୂପାନ୍ତର । ଚେତନାର ରୂପାନ୍ତର ହେଲା ପରେ ଆଉ ସବୁ କଥା ଛାଏଁ ଛାଏଁ ରୂପାନ୍ତରିତ ହୋଇଯିବ । ଏହା ସତ ଯେ ଆମର ଅଜାଣତରେ ବି ଆମ ପ୍ରକୃତିର କିଛି ପରିମାଣରେ ରୂପାନ୍ତର ଘଟି ଯାଇପାରେ । -ଶ୍ରୀମା



# ବୈଶ୍ୱିକ କ୍ଷୁଧା ଓ ଖାଦ୍ୟ ବ୍ୟବସ୍ଥା



ଆଲେକ୍‌ଜାଣ୍ଡର ମୁଲର
ମ୍ୟାନେଜିଂ ଡାଇରେକ୍ଟର, ଟିଏମ୍‌ଜି ଥିଙ୍କ୍ ଟ୍ୟାଙ୍କ୍ ଫର୍ ସଷ୍ଟେନ୍‌ବିଲିଟ



ଭାୟୋଲେଟ ଶିଭ୍ୟୁଟ୍‌ସେ
ଫାଉଣ୍ଡର ଆଣ୍ଡ କୋର୍ଡିନେଟର. ଶିବୁୟେ କମ୍ୟୁନିଟି

ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥା ଛିନ୍ନଭିନ୍ନ ହୋଇଯାଇଛି । ଯଦିଓ ଏହା ୮୧୧ ମିଲିୟନ ( ୮୧.୧ କୋଟି)ଲୋକଙ୍କୁ ଖାଦ୍ୟ ଯୋଗାଇବା ଲାଗି ଅଧିକରୁ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଉତ୍ପାଦନ କରୁଛି ତଥାପି ବିଶ୍ୱ ଜନସଂଖ୍ୟାର ୧୦%ରୁ ଅଧିକ ପ୍ରତି ରାତିରେ ଭୋକିଲା ଶୋଉଛନ୍ତି । ଦୁଃଖର ବିଷୟ, ବିଶ୍ୱର ପ୍ରଭାବୀସଂଗଠନ କିମ୍ବା ଦେଶଗୁଡ଼ିକ ସଭିଙ୍କ ପାଇଁ ଖାଦ୍ୟ ଉପଲବ୍ଧତା ନିଶ୍ଚିତ କରିପାରି ନାହାନ୍ତି । ଏଣୁ କ୍ଷୁଧା ସଙ୍କଟର ସ୍ୱଳ୍ପ ଓ ଦୀର୍ଘମିଆଦୀ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏକ ବୈଶ୍ୱିକ ସମନ୍ୱିତ ପଦକ୍ଷେପକୁ ପ୍ରାଥମିକତା ଦେବା ଦରକାର । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ,କୋଭିଡ୍-୧୯ ଏବଂ ମୂଲ୍ୟର ନକାରାତ୍ମକ ପ୍ରଭାବ ଯୋଗୁ ଖାଦ୍ୟ ସୁରକ୍ଷାର ୪ଟି ଦିଗ ବା ମାପକ, ଅର୍ଥାତ୍ ଉପଲବ୍ଧତା, ପହଞ୍ଚାଇବା ପଦ୍ଧତି, ସ୍ଥାୟିତ୍ୱ ଏବଂ ଉପଯୋଗ ଉପରେ ବିପଦ ଦେଖାଯାଇଛି । ବୈଶ୍ୱିକ ବାଣିଜ୍ୟରେ ବାଧା ଏବଂ ଖାଦ୍ୟ ମୂଲ୍ୟବୃଦ୍ଧି ଯୋଗୁ ଏହି ୪ଟି ଦିଗ କ୍ଷୁଧା ବୃଦ୍ଧିର ଏକ ସ୍ୱଳ୍ପମିଆଦୀ ଆହ୍ୱାନ ସୃଷ୍ଟିକରୁଛି । ଏହି ସମୟରେ ମନୁଷ୍ୟକୃତ ଜଳବାୟୁ ସଙ୍କଟ ଏହା ଉପରେ ମଧ୍ୟମରୁ ଦୀର୍ଘମିଆଦୀ ବିପଦ ସୃଷ୍ଟିକରିଛି । ଜଳବାୟୁ ପରିବର୍ତ୍ତନ ଏବେ ଖାଦ୍ୟ ଉତ୍ପାଦନ ହେଉଥିବା ପରିବେଶକୁ ପ୍ରଭାବିତ କରିବା ଆରମ୍ଭ କରିଦେଇଛି । ନିକଟରେ ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ( ଆଇପିସିସି)ର ପ୍ରକାଶିତ ଷଷ୍ଠ ଆସେସ୍‌ମେଣ୍ଟ ରିପୋର୍ଟ ପ୍ରକାଶ ପାଇବା ପରେ ଏହା ସ୍ପଷ୍ଟ ହୋଇଛି । ସାରା ବିଶ୍ୱରେ ଲଗାତର ଭାବେ ଜଳବାୟୁ ସଙ୍କଟ ଖାଦ୍ୟ ବ୍ୟବସ୍ଥାର ପରିଣାମକୁ ପ୍ରଭାବିତ କରିବା ସହ ଅଧିକ କ୍ଷତି କରିଆସୁଛି ।

ରୁଷିଆର ୟୁକ୍ରେନ୍ ଆକ୍ରମଣ ଏହି ଭୟଙ୍କର ସ୍ଥିତିକୁ ଆହୁରି ଗମ୍ଭୀର କରିଦେଇଛି । ଅତୀତରୁ ସବୁବେଳେ ଯୁଦ୍ଧ ହିଁ କ୍ଷୁଧାର କାରଣ ହୋଇଆସିଛି । ଯୁଦ୍ଧ ଯୋଗୁ ସାଧାରଣତଃ ଆଞ୍ଚଳିକ କ୍ଷେତ୍ରରେ କ୍ଷୁଧା ବଢିଯାଏ । ତେବେ ୟୁକ୍ରେନ୍ ଯୁଦ୍ଧରେ ବିଶ୍ୱର ସର୍ବବୃହତ୍ କୃଷିଦ୍ରବ୍ୟ ଉତ୍ପାଦନକାରୀ ଦେଶ ଜଡ଼ିତ ରହିଥିବାରୁ ବୈଶ୍ୱିକ ବାଣିଜ୍ୟ ବିଗୁଡୁଛି । ଫଳରେ, ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମୂଲ୍ୟ ସୂଚକାଙ୍କ ମାର୍ଚ୍ଚରେ ସବୁଠୁ ଅଧିକ ସ୍ତରରେ ରହିଥିଲା । ଯୁଦ୍ଧ ଆରମ୍ଭ ହେଲା ପରେ କେତେକ ଅଞ୍ଚଳରେ ଅଟା କିମ୍ବା ଭେଜିଟେବଲ ଅଏଲ୍ ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ତିନିଗୁଣ ବୃଦ୍ଧି ହୋଇଛି । ଜୀବାଶ୍ମ ଇନ୍ଧନ ଆଧାରିତ ସାରର ଆକାଶଛୁଆଁ ମୂଲ୍ୟବୃଦ୍ଧିକୁ ଖାଦ୍ୟ ଉତ୍ପାଦନକାରୀମାନେ ସାମ୍ନା କରିଛନ୍ତି । ବିଶ୍ୱରେ ଏଭଳି ସାର ବେଶି ରପ୍ତାନି କରୁଥିବା ଦେଶଗୁଡ଼ିକ ମଧ୍ୟରେ ରୁଷିଆ ଅନ୍ୟତମ । ସାଂଘାତିକ ଭାବେ ପ୍ରଭାବିତ ଦେଶଗୁଡ଼ିକରେ ଖାଦ୍ୟ ମୂଲ୍ୟବୃଦ୍ଧି ସାମାଜିକ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିପାରେ । ୨୦୦୮ରେ ଯେତେବେଳେ ଖାଦ୍ୟ ମୂଲ୍ୟ ଅତ୍ୟଧିକ ବଢ଼ିଥିଲା , ସେତେବେଳେ ୨୦ଟି ଦେଶରୁ ଅଧିକରେ ଅଶାନ୍ତି ଓ ଅସ୍ଥିରତା ପ୍ରକାଶ ପାଇଥିଲା । ତା'ପରକୁ ଅଛି କୋଭିଡ୍-୧୯ ମହାମାରୀ । ଜାତିସଂଘ ଅନୁଯାୟୀ, ଏହି ମହାମାରୀ ଯୋଗୁ ବିଶ୍ୱରେ କୋଟି କୋଟି ଲୋକ ଭୋକିଲା ରହିଛନ୍ତି । ମହାମାରୀ ବିରୋଧରେ ଲଢ଼େଇ କରିବା ଲାଗି ଯେଉଁ ଲକ୍‌ଡାଉନ କରାଗଲା, ତାହା ଯୋଗାଣ ଶୃଙ୍ଖଳକୁ ନଷ୍ଟ କରିଦେବା ସହ ଖାଦ୍ୟ ମୂଲ୍ୟ ଉପରେ ଅତ୍ୟଧିକ ଚାପ ମଧ୍ୟ ପକାଇଛି ।



ଆମ ଖାଦ୍ୟ ବ୍ୟବସ୍ଥାଗୁଡ଼ିକ ମଧ୍ୟ ଅନ୍ୟସବୁ ଆହ୍ୱାନର ସମ୍ମୁଖୀନ ହେଉଛି । ବୈଶ୍ୱିକ ବାଣିଜ୍ୟ ଦ୍ୱାରା ଶସ୍ତା କ୍ୟାଲୋରିଯୁକ୍ତ ଖାଦ୍ୟ ସାମଗ୍ରୀଗୁଡ଼ିକ ଉପଲବ୍ଧ ହେବା ଓ ତାହାକୁ ଖାଇବା ଯୋଗୁ ବ୍ୟାପକ ଭାବେ ମେଦବହୁଳତା ବ୍ୟାପିଛି । ଜୀବାଶ୍ମ ଇନ୍ଧନଭିତ୍ତିକ ଉତ୍ପାଦନ ଗମ୍ଭୀର ପରିବେଶଗତ ସମସ୍ୟାର କାରଣ ପାଲଟିଛି । କିନ୍ତୁ ପରିବେଶ ଉପରେ ଉତ୍ପାଦନ ପ୍ରକ୍ରିୟାର ନକାରାତ୍ମକ ପ୍ରଭାବଗୁଡ଼ିକୁ ବହୁ ସମୟରେ ଅଣଦେଖା କରାଯାଇଛି । ଏହାବାଦ୍ ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଜାତିସଂଘ ଫୁଡ ସିଷ୍ଟମ୍ ସମ୍ମିଳନୀ ପରେ ବି ଖାଦ୍ୟ ବ୍ୟବସ୍ଥାର ପରିବର୍ତ୍ତନ ଦିଗରେ ସମ୍ମିଳିତ ଭାବେ ଖୁବ୍ କମ୍ ପଦକ୍ଷେପ ନିଆଯାଇଛି । ହେଲେ ଉଦ୍ୟୋଗୀକୃତ କୃଷି ତା' ପ୍ରଭୁତ୍ୱ ଜାରି ରଖିଛି । ଏଥିରୁ ବୁଝାପଡୁଛି ଯେ, ଏଥିପାଇଁ ଆମକୁ ବହୁତ କିଛି କରିବାକୁ ବାକି ରହିଛି । ଯଦି ନୀତିନିର୍ଦ୍ଧାରକମାନେ ଏବେ ପ୍ରକାଶ ପାଉଥିବା କ୍ଷୁଧା ସଙ୍କଟକୁ ରୋକିବାକୁ ଯାଇ ଲଗାତର ଜଳବାୟୁ ଓ ଜୈବବିବିଧତା ସଙ୍କଟଗୁଡ଼ିକୁ ଅଣଦେଖା କରନ୍ତି ଏବଂ ଖାଦ୍ୟ ବ୍ୟବସ୍ଥାଗୁଡ଼ିକୁ ଅଧିକ ସ୍ଥାୟୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ବିଳମ୍ବ କରନ୍ତି, ତେବେ ବୈଶ୍ୱିକ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ବୃଦ୍ଧିପାଇବ । ଉଦାହରଣସ୍ୱରୂପ, କେତେକ ଦେଶର ପ୍ରସ୍ତାବ କ୍ରମେ ୟୁରୋପୀୟ ସଂଘ( ଇୟୁ)ର ଫାର୍ମ ଟୁ ଫ୍ରକ୍ ଷ୍ଟ୍ରାଟେଜି ଲାଗୁ ବନ୍ଦ କରିବା ଯୋଗୁ ଆଗାମୀ ଦିନରେ ଆବଶ୍ୟକ ପରିମାଣର ଖାଦ୍ୟ ଇୟୁ ଯୋଗାଯାଇପାରିବ ନାହିଁ । ଏହା ମଧ୍ୟ ୟୁରୋପୀୟ କୃଷିର ସକ୍ଷମତାକୁ ଦୁର୍ବଳ କରିଦେବ ।

ଖାଦ୍ୟ ସୁରକ୍ଷା ଉପରେ ବିପଦ ବଢୁଥିବାରୁ ଆମେ ଫୁଡ୍, ଫିଡ୍, ଫାଇବର ଏବଂ ଫୁଏଲ୍ ସେକ୍ଟରରୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଚାହିଦା ପୂରଣ କରିବା ପାଇଁ ଅପର୍ଯ୍ୟାପ୍ତ ହେବାର ସମ୍ଭାବନାକୁ ଅଣଦେଖା କରାଯାଇପାରିବ ନାହିଁ । ଅପର୍ଯ୍ୟାପ୍ତ ଯୋଗାଣ ଏବଂ ବୈଶ୍ୱିକ ବାଣିଜ୍ୟରେ ଥିବା ବାଧାଗୁଡ଼ିକ ଆମକୁ ବିକଳ୍ପ ବ୍ୟବସ୍ଥା କରିବାକୁ ବାଧ କରିବ । ୟୁକ୍ରେନ୍ ଯୁଦ୍ଧ ଏବଂ ଖାଦ୍ୟ ସୁରକ୍ଷାର ଉପଲବ୍ଧତା, ପହଞ୍ଚାଇବା ପଦ୍ଧତି, ସ୍ଥାୟିତ୍ୱ ଏବଂ ଉପଯୋଗ ଉପରେ ଉପୁଜିଥିବା ବିପଦକୁ ପ୍ରତିରୋଧ କରିବାକୁ ହେଲେ ଏକ ବୈଶ୍ୱିକ ସମନ୍ୱିତ ପ୍ରତିକ୍ରିୟା ଆବଶ୍ୟକ । କିନ୍ତୁ ଯେଉଁଠି ଦେଶଗୁଡ଼ିକ ଏବଂ ବ୍ୟବସ୍ଥାର ସମସ୍ତ ଅଂଶୀଦାର ଏହିସବୁ ଆହ୍ୱାନକୁ ପ୍ରଭାବୀ ଢଙ୍ଗରେ ନିୟନ୍ତ୍ରଣ କରିପାରିବେ ସେଠାରେ ବହୁଦେଶୀୟ ଭାଗୀଦାରି ବ୍ୟବସ୍ଥା ସେମାନଙ୍କୁ ଏକ ସକ୍ରିୟ ପ୍ଲାଟ୍‌ଫର୍ମ ଯୋଗାଇ ଦେବାକୁ ସକ୍ଷମ ହେବେ କି ନାହିଁ ତାହା ହେଉଛି ମୁଖ୍ୟ ପ୍ରଶ୍ନ । ତେବେ ରାଷ୍ଟ୍ର ସମୂହର ଭାଗୀଦାରି ପ୍ରକ୍ରିୟାଗୁଡ଼ିକ ଯଦି ଏହି ଦାୟିତ୍ୱ ବହନ କରିବାକୁ ସକ୍ଷମ ନ ହୁଏ, ତେବେ ଜି୭ ଉକ୍ତ ସ୍ଥିତିର ସମାଧାନ କରିବା ଲାଗି ଏକ ତ୍ୱରିତ ପଦକ୍ଷେପ ନେବାକୁ ହେବ । ଏଥିଲାଗି ବିଶ୍ୱ ସମୁଦାୟ ଦାବି କରିବାକୁ ପଡ଼ିବ । ଅବଶ୍ୟ ଏହି ସ୍ଥିତିର ସମାଧାନ ସକାଶେ ଜି୭ କାର୍ଯ୍ୟ ଆରମ୍ଭ କରିଦେଇଛି ଏବଂ ଆବଶ୍ୟକସ୍ଥଳେ ଦେଶଗୁଡ଼ିକୁ ସହଯୋଗ କରିବା ଲାଗି ମଲ୍‌ଟିଲାଟେରାଲ ଫାଇନାନ୍ସିଂ ପ୍ରକ୍ରିୟାଗୁଡ଼ିକ ଯୋଗାଇଦେବା ପାଇଁ ସଙ୍କଳ୍ପ ନେଇଛି । ପୁନଶ୍ଚ,ଏବେ ପ୍ରାଣୀ ଖାଦ୍ୟ ଭାବେ ଉପଯୋଗ କରାଯାଉଥିବା ଖାଦ୍ୟଶସ୍ୟଗୁଡ଼ିକୁ କିଭଳି ଗରିବ ଦେଶଗୁଡ଼ିକରେ ବଣ୍ଟାଯାଇପାରିବ ସେ ବିଷୟରେ ଜି୭ ଦେଶସବୁ ଏକ ସ୍ପଷ୍ଟ ପ୍ରତିବଦ୍ଧତା ପ୍ରକାଶ କରିବା ଉଚିତ । ବାସ୍ତବରେ ଜି୭ ଦ୍ୱାରା ଏକ ଚୁକ୍ତି କରାଗଲେ ତାହା ଶୀଘ୍ର ସମସ୍ୟା ସମାଧାନ କରିବାକୁ ବାଟ ଦେଖାଇବା ସହ ବିଶ୍ୱାସ ଜନ୍ମାଇବ ଏବଂ ବହୁଦେଶୀୟ ଭାଗୀଦାରି ବ୍ୟବସ୍ଥାକୁ କାର୍ଯ୍ୟ କରିବା ଲାଗି ପ୍ରେରିତ କରିବ । ଏହା ଦ୍ୱାରା କେବଳ ବର୍ତ୍ତମାନ ନୁହେଁ, ଭବିଷ୍ୟତରେ ମଧ୍ୟ ଖାଦ୍ୟ ସଙ୍କଟ ଦୂର କରାଯାଇପାରିବ ।

ଏବକାର କ୍ଷୁଧା ସଙ୍କଟ ପରିପ୍ରେକ୍ଷୀରେ ତ୍ୱରିତ ପଦକ୍ଷେପସବୁ ଗ୍ରହଣ କରିବା ଜରୁରୀ । ଏହା ଆମ ଖାଦ୍ୟ ବ୍ୟବସ୍ଥାଗୁଡ଼ିକର ଦୀର୍ଘମିଆଦୀ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିବ । ଜି୭ ଚାହିଁଲେ ପଦକ୍ଷେପ ଗ୍ରହଣ କରି ସବୁଠାରେ ଖାଦ୍ୟ ବ୍ୟବସ୍ଥାଗୁଡ଼ିକରେ ଅତ୍ୟାବଶ୍ୟକ ପରିବର୍ତ୍ତନ ପାଇଁ ଏକ ନୂଆ କ୍ଷେତ୍ର ସୃଷ୍ଟି କରିବ । ଏହା ନ ହେଲେ 'କ୍ଷୁଧା ବଢିବା ସହ ଅସ୍ଥିରତା ଆହୁରି ବୃଦ୍ଧି ପାଇବ ।

## ବିଘଟନକାରୀ ଶକ୍ତି



ଇବ୍ରାର ଖାଁ

ବର୍ତ୍ତମାନ ଦେଶର ସାମାଜିକ ଏବଂ ଆର୍ଥିକ ସ୍ଥିତିକୁ ଅନୁଧାନ କଲେ ଆମେ ପ୍ରଗତି ପଥରେ କେତେଦୂର ଆଗେଇବାରେ ସମର୍ଥ ହୋଇଛୁ ତାହା ହିଁ ବିଚାର୍ଯ୍ୟ । ଘଟିଯାଉଥିବା ଘଟଣା ପ୍ରବାହକୁ ଅନୁଶୀଳନ କଲେ ଲୋକମାନଙ୍କର ଆଉ ଆଇନକାନୁନ୍ ବ୍ୟବସ୍ଥା ପ୍ରତି ଡର, ଭୟ ଥିବାପରି ମନେହୁଏନି । ଧର୍ମୀୟ ଧ୍ରୁବୀକରଣ ଏବଂ ସାମାଜିକ ସମୀକରଣ ଦ୍ୱାରା ସମାଜରେ ଘୃଣା ଓ ବିଦ୍ୱେଷର ବାତାବରଣ ସୃଷ୍ଟି କରାଯାଇ ଯେକୌଣସି ନିର୍ବାଚନ ଜିତିବା ପାଇଁ ଯେପରି ହୀନ ପ୍ରୟାସ କରାଯାଉଛି ତାହା ଉତ୍ତମ ଗଣତନ୍ତ୍ର ଲାଗି ଶୁଭଙ୍କର ନୁହେଁ । ଭୋଟ ରାଜନୀତି ପାଇଁ ଦଳୀୟ ଭିତ୍ତିରେ ସମାଜକୁ ଭାଗ ଭାଗ କରି ବାଣ୍ଟି ଦିଆଯାଉଥିବାରୁ ପୂର୍ବରୁ ଥିବା ସ୍ନେହ, ଶ୍ରଦ୍ଧା, ସୌହାର୍ଦ୍ଦ୍ୟ ଆଉ ଭାଇଚାରା ସହ ଶାନ୍ତି ସହାବସ୍ଥାନ ଏବେ ସାଂଘାତିକ ଭାବେ ବ୍ୟାହତ ହୋଇ ଚାରିଆଡେ ଭୟ ଏବଂ ଅଶାନ୍ତିର ବାତାବରଣ ସୃଷ୍ଟି ହେବାରେ ଲାଗିଛି । ସମସ୍ୟା ବହୁଳ ସମାଜରେ ଏହି ପରିସ୍ଥିତି ଲାଗିରହିଲେ ଦେଶର ବାସ୍ତବ ପ୍ରଗତି ବାଧାପ୍ରାପ୍ତ ହେବ, ଏଥିରେ ସନ୍ଦେହ ନାହିଁ ।

ମଣିଷ ସ୍ୱାର୍ଥସିଦ୍ଧି ପାଇଁ ନରହନ୍ତା ପାଲଟି ନିଜ ଆତ୍ମୀୟସ୍ୱଜନଙ୍କୁ ଯେପରି ବୀଭତ୍ସ ଭାବରେ ହତ୍ୟା କରି ଚାଲିଛି ତାହା ଯେତିକି ଉଦ୍‌ବେଗଜନକ ସେତିକି ନିନ୍ଦନୀୟ । ସମୟ ଥିଲା ମଣିଷ କାହାକୁ ଚାପୁଡ଼ାଟାଏ ମାରିବା ପୂର୍ବରୁ ଅନେକଥର ଚିନ୍ତା କରୁଥିଲା । କିନ୍ତୁ ଆଜି ସମାଜରେ ଡର, ଭୟ ରହୁ ନ ଥିବାରୁ ମଣିଷ ମାରିବାଟା ମାମୁଲି କଥାରେ ପରିଣତ ହେଲାଣି । ସମାଜରେ ଅପରାଧପ୍ରବଣତା ବୃଦ୍ଧି ପାଉଥିବାରୁ ପ୍ରତିଦିନ ଲୁଟପାଟ, ରାହାଜାନି, ସାଇବର କ୍ରାଇମ, ଠକେଇ, ଜାଲିଆତି ସହ ଅସତ୍ ଉପାୟରେ କୋଟି କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଘଟଣା ସମ୍ପର୍କରେ ଖବରମାନ ଯେପରି ପରିବେଷିତ ହେଉଛି ତାହା ସମାଜକୁ ପତନ ଦିଗରେ ଆଗେଇ ନେଉଥିବା ପରି ମନେହୁଏ ।

କରୋନା ମହାମାରୀରେ ଦେଶର କୋଟି କୋଟି ଲୋକ ରୋଜଗାର ହରାଇଥିବା ବେଳେ ଖାଇବା ତେଲଠାରୁ ଆରମ୍ଭ କରି ଡାଲି, ଅଟା, ଚିନି, ମସଲା, କ୍ଷୀର, ଔଷଧ ସହିତ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ଯେପରି ମହଙ୍ଗା ହେବାରେ ଲାଗିଛି ସେଥିରେ ସମାଜର ଦଳିତ, ଗରିବ, ଖଟିଖିଆ, ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲାଣି । ପେଟ୍ରୋଲ, ଡିଜେଲ ସହ ରୋଷେଇ ଗ୍ୟାସ୍‌ର ଦରବୃଦ୍ଧି ସାମାଜିକ ଜନ ଜୀବନକୁ ଅସ୍ତବ୍ୟସ୍ତ କରି ଚାଲିଥିବା ବେଳେ ଏହାର ନିରାକରଣ ପାଇଁ ପ୍ରଭାବୀ ଉଦ୍ୟମ ନ ହେବା ଦୁର୍ଭାଗ୍ୟଜନକ । ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ମୁଦ୍ରାସ୍ଫୀତି ଏବେ ସର୍ବୋଚ୍ଚସ୍ତରରେ ପହଞ୍ଚିଗଲାଣି । ଉତ୍କଟ ବେକାରି ସମସ୍ୟା ସର୍ବକାଳୀନ ରେକର୍ଡକୁ ଭାଙ୍ଗି ଚାଲିଥିବାରୁ ଦେଶର ଯୁବବର୍ଗ ଦିଶାହୀନ ହୋଇ ନିଜ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଭିତରେ ରହିଛନ୍ତି । ଆର୍ଥିକ ଦୁର୍ଗତିର ଉଦ୍ଧାର ପାଇଁ ଦୃଢ଼ ପଦକ୍ଷେପ ନେବା ପରିବର୍ତ୍ତେ କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ଯେପରି ଘରୋଇ କମ୍ପାନୀ ହାତରେ ଟେକି ଦେଉଛନ୍ତି ଯାହା ନିଶ୍ଚୟ ଚିନ୍ତାର କାରଣ । ଦେଶ ଏବେ ଘୋର ସଂକଟମୟ ସ୍ଥିତି ଦେଇ ଗତି କରୁଥିବା ବେଳେ ହିଜାବ ବିବାଦଠାରୁ ଆରମ୍ଭ କରି ହିନ୍ଦୁ, ମୁସଲମାନ, ହନୁମାନ ଚାଳିଶା, ଅଜାନ ପରି ଅନେକ ଅନାବଶ୍ୟକ ପ୍ରସଙ୍ଗକୁ ନେଇ ଯେପରି ବିଦ୍ୱେଷର ବାତାବରଣ ସୃଷ୍ଟି କରାଯାଉଛି ତାହା କେବେହେଲେ ମଙ୍ଗଳଦାୟକ ନୁହେଁ । ଶହ ଶହ ବର୍ଷ ଧରି ଦେଶରେ ଗଢ଼ିଉଠିଥିବା ଅତୁଟ ଭାଇଚାରାକୁ ନଷ୍ଟଭ୍ରଷ୍ଟ କରିବା ପାଇଁ ବିଘଟନକାରୀ ଶକ୍ତି ଯେଉଁ ଉଦ୍ୟମ କରିଚାଲିଛି ସେଥିରେ ପବିତ୍ର ରାମନବମୀ, ହନୁମାନ ଜୟନ୍ତୀ ସହ ପବିତ୍ର ରମଜାନ ମାସରେ ଯେପରି ଉତ୍ତେଜକ ପରିସ୍ଥିତି ସୃଷ୍ଟି ହେଲା ସେଥିରେ ସାତଟି ପ୍ରଦେଶର ବିଭିନ୍ନ ସ୍ଥାନରେ ଶାନ୍ତିଭଙ୍ଗ ହୋଇ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲା । ସାମ୍ପ୍ରଦାୟିକ ବିଦ୍ୱେଷକୁ ପରିବ୍ୟାପ୍ତ କରି ଦେଶରେ ଅରାଜକତା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀକୁ ଚିହ୍ନଟ କରି ଦଣ୍ଡିତ କରିବାର ଆବଶ୍ୟକତା ରହିଛି । ବିଘଟନକାରୀ ଯେଉଁ ଧର୍ମ କିମ୍ବା ସମ୍ପ୍ରଦାୟର ହୁଅନ୍ତୁନା କାହିଁକି ଘୃଣା ଏବଂ ଦ୍ୱେଷ ସୃଷ୍ଟି କରୁଥିବା ଏହି ତତ୍ତ୍ୱମାନଙ୍କୁ ଠାବକରି ଆଇନର କାଠଗଡ଼ାରେ ଠିଆ କରାଇ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନର ବ୍ୟବସ୍ଥା କରା ନ ଗଲେ ସମାଜରେ ପ୍ରତିଷ୍ଠିତ ଭାଇଚାରା ବ୍ୟାହତ ହେବା ସଙ୍ଗେ ସଙ୍ଗେ ଶାନ୍ତି ସହାବସ୍ଥାନ ପରାହତ ହେବ, ଏଥିରେ ସନ୍ଦେହ ନାହିଁ ।

ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା
ମୋ: ୯୩୩୭୬୦୧୭୦୫

## ଏଇ ଭାରତରେ

ବିନା ଡ୍ରାଇଭର୍‌ରେ ଚାଲିବ ଟ୍ରାକ୍ଟର । ରାଜସ୍ଥାନ ବାରନ ଜିଲାର ବମୋରିକଲା ଗାଁରେ ଯୋଗେଶ ନାଗରଙ୍କ ଦ୍ୱାରା ଆବିଷ୍କୃତି ରିମୋଟ୍‌ରେ ଏହା ସମ୍ଭବ ହୋଇଛି । ଏହି ରିମୋଟ୍‌ରେ ଦୂରରେ ରହି ଟ୍ରାକ୍ଟରକୁ ସହଜରେ ଚଳାଯାଉଛି । ଯୋଗେଶ ସପ୍ତମ ଶ୍ରେଣୀରେ ପଢ଼ିବା ବେଳୁ ତାଙ୍କ ଆବିଷ୍କାର ଯାତ୍ରା ଆରମ୍ଭ କରିଛନ୍ତି । ଏବେ ସେ ବି.ଏସ୍‌ସି. ପ୍ରଥମ ବର୍ଷ ଛାତ୍ର । ଯୋଗେଶଙ୍କ ପିତା ଜଣେ କୃଷକ । ଦିନରାତି ଟ୍ରାକ୍ଟର ଚଳାଇବା ଫଳରେ ତାଙ୍କ ପିତାଙ୍କ ଦେହ ଅସୁସ୍ଥ ହେବା ପରେ ତାଙ୍କୁ ଏଥିରୁ ନିବୃତ୍ତ କରିବା ପାଇଁ ଏଭଳି ରିମୋଟ୍ ତିଆରି କରିବାକୁ ଯୋଗେଶ ନିଷ୍ପତ୍ତି ନେଇଥିଲେ । ଟ୍ରାକ୍ଟରର ସବୁ ଭାଗକୁ ନିରୀକ୍ଷଣ କରି ପିତାଙ୍କଠାରୁ ୫୦,୦୦୦ ଟଙ୍କା ନେଇ ସେ କାମ ଆରମ୍ଭ କରିଥିଲେ । ରିମୋଟ୍‌ରେ ଟ୍ରାକ୍ଟରର ଷ୍ଟିଅରିଂ, କ୍ଲଚ୍, ବ୍ରେକ୍ ଏବଂ ଗିୟର ଭଳି ଷ୍ଟ୍ରକ୍‌ଚର ରହିଛି । ଏଣୁ ଏହାକୁ କୃଷକମାନେ ଚଳାଇବାରେ କୌଣସି ଅସୁବିଧା ହେବ ନାହିଁ ବୋଲି କହନ୍ତି ଯୋଗେଶ । ରିମୋଟ୍‌ର ପରୀକ୍ଷା କରାଯାଇଛି ଓ ସଫଳତା ବି ମିଳିଛି । ଏବେ ୫୦ରୁ ୬୦ କୃଷକ ଏଭଳି ରିମୋଟ୍ ପାଇଁ ଯୋଗେଶଙ୍କୁ ଅନୁରୋଧ କରିଛନ୍ତି । ଯୋଗେଶ କହନ୍ତି, ରିମୋଟ୍ ଉପରେ ଯଦି ଅଧିକ ଗବେଷଣା କରାଯାଏ, ତେବେ ଏହାକୁ ୩୦ ହଜାର ଟଙ୍କାରେ ବି ନିର୍ମାଣ କରାଯାଇପାରିବ । ଏବେ ସୁଦ୍ଧା ସେ ଏହାକୁ ନେଇ ଛୋଟ ବଡ଼ ବିଭିନ୍ନ ପ୍ରକାରର ୩୦ଟି ଆବିଷ୍କାର କରିସାରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୯୭

- ଟେଷ୍ଟ କ୍ରିକେଟ ଖେଳୁଥିବା ଦେଶ ବିରୁଦ୍ଧରେ ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍ ଖେଳିବା ପାଇଁ ବାଂଲାଦେଶକୁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ୍ ପକ୍ଷରୁ ସ୍ୱୀକୃତି ।
- ଓଡ଼ିଶା ବିଦ୍ୟୁତ୍ ନିୟନ୍ତ୍ରକ କମିଶନ ଅଧ୍ୟକ୍ଷ ଭାବେ ଶରତ ମହାଳିକଙ୍କ ଶପଥ ଗ୍ରହଣ ।
- ଦୂରଦର୍ଶନର ଜଣାଶୁଣା ଅଭିନେତା ଆନନ୍ଦ ଶର୍ମାଙ୍କ ୪୧ ବର୍ଷ ବୟସରେ ପରଲୋକ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | 9 | | 2 | 5 |
| | | | 7 | | 2 | | | |
| | | | | 4 | | | | 7 |
| | | | 9 | | | | 5 | |
| | 3 | 1 | | | 7 | | | |
| | | 9 | | 1 | 3 | | 6 | |
| | | 4 | | | | | | 2 |
| | 5 | | | | | 3 | | |
| | | 6 | 1 | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 5 | 4 | 7 | 8 | 1 | 9 | 3 |
| 9 | 7 | 4 | 2 | 1 | 3 | 5 | 8 | 6 |
| 8 | 1 | 3 | 9 | 6 | 5 | 2 | 7 | 4 |
| 1 | 5 | 8 | 6 | 3 | 7 | 4 | 2 | 9 |
| 7 | 6 | 2 | 8 | 9 | 4 | 3 | 1 | 5 |
| 4 | 3 | 9 | 1 | 5 | 2 | 7 | 6 | 8 |
| 3 | 9 | 7 | 5 | 8 | 1 | 6 | 4 | 2 |
| 2 | 8 | 1 | 3 | 4 | 6 | 9 | 5 | 7 |
| 5 | 4 | 6 | 7 | 2 | 9 | 8 | 3 | 1 |

ଗତକାଲିର ଉତ୍ତର

# ମୃତ୍ୟୁଯନ୍ତା



ଡ. ଜୟକୃଷ୍ଣ ପାଣିଗ୍ରାହୀ

ମାନବ ସଭ୍ୟତାର ଅଭ୍ୟୁଦୟ ଏବଂ ବିବର୍ତ୍ତନ ପ୍ରକ୍ରିୟାରେ ବିବିଧ କ୍ଷେତ୍ରରେ ଯେଉଁସବୁ ପ୍ରଗତିଶୀଳ ବିପ୍ଳବର ସୂତ୍ରପାତ ହୋଇଛି, ସେଥିରେ ପ୍ରମୁଖ ରୂପେ ଅନ୍ତର୍ଭୁକ୍ତ ରହିଛି କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ଏବଂ ଜୈବ ପ୍ରଯୁକ୍ତି କ୍ଷେତ୍ରର ଅଭୂତପୂର୍ବ ଅଗ୍ରଗତି । ନିର୍ଦ୍ଦିଷ୍ଟ ରୂପେ ଶିଳ୍ପାୟନ ପ୍ରସଙ୍ଗ ଉପରେ ଆଲୋକପାତ କଲେ ପ୍ରାଚୀନ ଲୌହଯୁଗରେ ଧାତୁର ବ୍ୟବହାରଠାରୁ 'ବାଷ୍ପ' ଶକ୍ତି, ତତ୍ପରେ ବିଦ୍ୟୁତ୍ ଶକ୍ତି, ଆଉ ସମ୍ପ୍ରତି ସୂଚନା ପ୍ରଯୁକ୍ତିର ବହୁଳ ବ୍ୟବହାର ପ୍ରଚଳିତ ସାମାଜିକ-ଅର୍ଥନୈତିକ ବିକାଶ ପ୍ରକ୍ରିୟାକୁ ଶୀର୍ଷସ୍ତରକୁ ଉନ୍ନୀତ କରିଛି । କିନ୍ତୁ ଏସବୁ ପ୍ରକ୍ରିୟାର ପ୍ରଚ୍ଛଦରେ ଆମ ଜ୍ଞାତସାରରେ ଘଟୁଥିବା ଏପରି କିଛି ଘଟଣା ଉପରୁ ଦୃଷ୍ଟି ହଟାଇ ଆମେ ଯେଉଁ ଅସହନୀୟ ମାର୍ଗରେ ପ୍ରଗତି ହାସଲ କରୁଛେ, ତାହା ଏବେ 'ଆପଣା ହସ୍ତେ ଜିହ୍ୱା ଛେଦୀ' ସଦୃଶ ହୋଇଛି । ଆମେରିକାରୁ ପ୍ରକାଶିତ ପ୍ରସିଦ୍ଧ ଭେଷଜ ପତ୍ରିକା 'ଲାନ୍‌ସେଟ୍'ର ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ଉପରେ ପ୍ରସ୍ତୁତ ସଦ୍ୟ ରିପୋର୍ଟ ଆମକୁ ଚେତାଇ ଦେଇଛି ।

ଲାନ୍‌ସେଟ୍ କମିଶନ ପ୍ରଦତ୍ତ ଏହି ରିପୋର୍ଟ ପ୍ରକାଶ କରିଛି ଯେ, ୨୦୧୯ରେ ବିଶ୍ୱସ୍ତରରେ ୯୦ ଲକ୍ଷ ଲୋକଙ୍କର ପ୍ରଦୂଷଣଜନିତ ରୋଗରେ ଅକାଳ ମୃତ୍ୟୁ ଘଟିଛି, ଯାହା ସମଗ୍ର ମୃତ୍ୟୁସଂଖ୍ୟାର ୧୬% ; ଅର୍ଥାତ୍ ପ୍ରତି ୬ଟି ମୃତ୍ୟୁରେ ଜଣଙ୍କର ମୃତ୍ୟୁ ନିମନ୍ତେ ପ୍ରଦୂଷଣ ହିଁ ଦାୟୀ । ଏଥିମଧ୍ୟରୁ ସର୍ବାଧିକ ୬୭ ଲକ୍ଷ ଲୋକ ଉଭୟ ବାହ୍ୟ ବାୟୁମଣ୍ଡଳୀୟ ଏବଂ ଗୃହମଧ୍ୟସ୍ଥ ବାୟୁ ପ୍ରଦୂଷଣ ପ୍ରଭାବରୁ, ୧୪ ଲକ୍ଷ ଜଳ ପ୍ରଦୂଷଣ କାରଣରୁ ଏବଂ ୬ ଲକ୍ଷ ଜୀବନ ସିସା ପ୍ରଦୂଷଣରେ ଅକାଳ ମୃତ୍ୟୁର ଶିକାର ହୋଇଛନ୍ତି । ଦୁଃଖର ବିଷୟ ଯେ, ଭାରତ ସର୍ବାଧିକ ପ୍ରଭାବିତ ରାଷ୍ଟ୍ର ରୂପେ ଏହି ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଛି, ଯେଉଁଠି ୧୬ ଲକ୍ଷ ଲୋକ ବାୟୁପ୍ରଦୂଷଣ, ୫ ଲକ୍ଷ ଲୋକ ଜଳପ୍ରଦୂଷଣ ଏବଂ ସମୁଦାୟ ୨୩ ଲକ୍ଷ ଲୋକ ପ୍ରଦୂଷଣ କବଳରେ ଇହଧାମ ତ୍ୟାଗ କରିଛନ୍ତି । ଏହି ସୂଚୀରେ ୨୧ ଲକ୍ଷ ମୃତ୍ୟୁ ସହ ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି । ଅକାଳ ମୃତ୍ୟୁର ଅନ୍ୟ ସବୁ କାରଣ ଅପେକ୍ଷା ପ୍ରଦୂଷଣଜନିତ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ, ଯାହା ଧୂମପାନ ପ୍ରଭାବିତ ମୃତ୍ୟୁ ସହ ସମାନ । ପ୍ରଦୂଷଣ ଏବେ ମୃତ୍ୟୁଯନ୍ତା ପାଲଟିଛି ।

ଶିଳ୍ପାୟନ ଏବଂ ସହରୀକରଣ ଯୋଗୁ ସୃଷ୍ଟ ଆଧୁନିକ ପ୍ରଦୂଷଣ ସମ୍ପର୍କିତ କାରଣରୁ ସଙ୍ଘଟିତ ଏହି ମୃତ୍ୟୁ ୨୦୧୫ ଠାରୁ ୭% ଏବଂ ୨୦୦୦ ପରଠାରୁ ୬୬%ରୁ ଅଧିକ ବୃଦ୍ଧି ପାଇଛି । ବିଶେଷକରି ସ୍ୱଳ୍ପ ଆୟକାରୀ ଏବଂ ମଧ୍ୟବିତ୍ତ ଦେଶଗୁଡ଼ିକରେ ପ୍ରଦୂଷଣର ମାତ୍ରା ଅତି ଉଚ୍ଚସ୍ତରରେ ଥାଏ ଏବଂ ଏହାର ପ୍ରଭାବ ଅଧିକ ଗମ୍ଭୀର, ଯେଉଁଥିପାଇଁ ସମଗ୍ର ମୃତ୍ୟୁର ୯୨% ହିଁ ଏଠାରେ ରେକର୍ଡ କରାଯାଇଛି । ସେମାନଙ୍କ ଆର୍ଥିକ କ୍ଷତିର ଭାର ମଧ୍ୟ ବିକଶିତ ରାଷ୍ଟ୍ରମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ ହୋଇଥାଏ । ଅଧ୍ୟୟନରୁ ଜଣାପଡ଼ିଛି ଯେ, ଭାରତର ୯୩% ଅଞ୍ଚଳରେ ପ୍ରଦୂଷଣର ମାତ୍ରା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶାବଳୀଠାରୁ ଯଥେଷ୍ଟ ଅଧିକ । ଏବେ ବିଶ୍ୱର ୧୦୦ଟି ପ୍ରମୁଖ ପ୍ରଦୂଷିତ ସହର ସୂଚୀରେ ୬୩ଟି ଭାରତୀୟ ସହର ସ୍ଥାନ ହାସଲ କରି ଦେଶର ପ୍ରଦୂଷଣର ଚିତ୍ର ଉପସ୍ଥାପନ କରୁଛନ୍ତି । ଆମେରିକାର ଏକ ଗବେଷକ ଗୋଷ୍ଠୀ ପୂର୍ବବର୍ଷ ପ୍ରକାଶ କରିଥିଲେ ଯେ, ଉତ୍ତର ଭାରତରେ ୪୮କୋଟିରୁ ଅଧିକ ଲୋକ 'ବିଶ୍ୱର ସର୍ବାଧିକ ସ୍ତରର ବାୟୁ ପ୍ରଦୂଷଣ'ର ସମ୍ମୁଖୀନ ହେଉଛନ୍ତି । ୨୦୧୯ରେ ଭାରତର ବାୟୁମଣ୍ଡଳରେ ହାରାହାରି କଣିକା ପଦାର୍ଥର ପରିମାଣ ଥିଲା ଘନମିଟର ପ୍ରତି ୭୦.୩ ମାଇକ୍ରୋଗ୍ରାମ୍, ଯାହା ଦୁନିଆରେ ସର୍ବାଧିକ । ଗତ ସେପ୍ଟେମ୍ବରରେ ସିକାଗୋ ୟୁନିଭର୍‌ସିଟିର 'ଶକ୍ତି ନୀତି ପ୍ରତିଷ୍ଠାନ' ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଯଦି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିର୍ଦ୍ଦେଶାବଳୀ ଆଧାରରେ ପ୍ରଦୂଷଣରେ ହ୍ରାସ ଘଟନ୍ତା, ତେବେ ରାଜଧାନୀ ଦିଲ୍ଲୀର ବାସିନ୍ଦାମାନେ ଆଉ ଅଧିକ ୧୦ ବର୍ଷ ଜିଇବାର ସୌଭାଗ୍ୟ ଅର୍ଜନ କରନ୍ତେ ।



ଏବେ ପୃଥିବୀର ୧୦ ଜଣଙ୍କ ମଧ୍ୟରୁ ୯ ଜଣ ପ୍ରଦୂଷିତ ବାୟୁ ନିଃଶ୍ୱାସରେ ଗ୍ରହଣ କରି ଶ୍ୱାସକ୍ରିୟାଜନିତ ବିଭିନ୍ନ ରୋଗ, ଆଲର୍ଜି, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ମସ୍ତିଷ୍କାଘାତ ଏବଂ କର୍କଟ ସହିତ ବହୁବିଧ ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି । ପାନୀୟ ଜଳ ମାଧ୍ୟମରେ ବିବିଧ ରାସାୟନିକ ସାର, କୀଟନାଶକ, ନାଇଟ୍ରେଟ୍, ଫସ୍‌ଫେଟ୍, ଔଷଧୀୟ ଦ୍ରବ୍ୟ, ମାଇକ୍ରୋ ପ୍ଲାଷ୍ଟିକ୍, ମଳମୂତ୍ର, ବର୍ଜ୍ୟବସ୍ତୁ ଏପରି କି ରେଡିଓଆକ୍ଟିଭ ପଦାର୍ଥ ତଥା ବୀଜାଣୁ, ଭୂତାଣୁ, ଏକକୋଷୀ ପ୍ରାଣୀ ଏବଂ ଅନ୍ୟ ପରଜୀବୀ ଆମ ଶରୀରରେ ପ୍ରବେଶ କରନ୍ତି । କ୍ଷତିକାରକ ରାସାୟନିକ ପଦାର୍ଥ ଏବଂ କୀଟନାଶକ ପ୍ରଭୃତି ମଧ୍ୟ କୃଷିଜାତ ପଦାର୍ଥ ବା ଖାଦ୍ୟ ମାଧ୍ୟମରେ ଶରୀର ଭିତରକୁ ଯାଆନ୍ତି । ସେହିପରି ଉଜ୍ଜ୍ୱଳ ଆଲୋକ, ଉଚ୍ଚ ଡେସିବଲ ଶବ୍ଦ, ଅତ୍ୟଧିକ ଉତ୍ତାପ, ବର୍ଜ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ତେଜସ୍କ୍ରିୟ ପଦାର୍ଥ ସବୁର ମଧ୍ୟ ଜୀବଜଗତ ଉପରେ କ୍ଷତିକାରକ ପ୍ରଭାବ ରହିଛି ।

ଏପରି ବିଭୀଷିକାମୟ ପରିସ୍ଥିତିରେ ପ୍ରମୁଖ ଆଧୁନିକ ପ୍ରଦୂଷକ ପଦାର୍ଥ ଏବଂ ପଦ୍ଧତି ଉପରେ ଅଙ୍କୁଶ ଲଗାଇ ଅବକ୍ଷୟିତ ପରିବେଶର ଗୁଣାତ୍ମକ ମାନକୁ ଊର୍ଦ୍ଧ୍ୱଗାମୀ କରିବାର ପ୍ରୟାସ ଏକାନ୍ତ ବାଞ୍ଛନୀୟ । ଏହା ବିଶ୍ୱସ୍ତରୀୟ ତଥା ଜାତୀୟ ପରିବେଶ ନୀତି ଓ କାର୍ଯ୍ୟକ୍ରମଠାରୁ ସ୍ଥାନୀୟ ଲୋକଙ୍କ ସଚେତନତା ଜାଗରଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବା ଆବଶ୍ୟକ । ପ୍ରଦୂଷଣରହିତ ସବୁଜ ଟେକ୍ନୋଲୋଜି ବା ପ୍ରଯୁକ୍ତିର ପ୍ରୟୋଗ ଏବଂ ସମସ୍ତ ଜୀବାଶ୍ମ ଇନ୍ଧନକୁ ପରିତ୍ୟାଗ କରି ବିକଳ୍ପ ସ୍ୱଚ୍ଛ, ଅକ୍ଷୟ ଶକ୍ତିକୁ ଦ୍ରୁତବେଗରେ ବିନିଯୋଗ କଲେ ହିଁ ପ୍ରଦୂଷଣ ସମସ୍ୟାର ସମାଧାନ ହୋଇପାରିବ । ପ୍ରଦୂଷଣକୁ ରୋକିବା ନିମନ୍ତେ ଏକ ପ୍ରଭାବଶାଳୀ ରଣନୀତି ମାଧ୍ୟମରେ ଯୋଜନା ପ୍ରଣୟନ ଓ କାର୍ଯ୍ୟକ୍ଷମ କରିବାର ଆବଶ୍ୟକତା ରହିଛି । ଆମ ନିକଟରେ ଯଥେଷ୍ଟ ଆଇନକାନୁନ୍ ଉପଲବ୍ଧ ଅଛି ; କିନ୍ତୁ ଅଭାବ ରହୁଛି ଏସବୁର କଠୋର କାର୍ଯ୍ୟକାରିତା ଏବଂ ଏଥିପାଇଁ ପ୍ରୟୋଜନୀୟ ପ୍ରତିବଦ୍ଧତା । ଲାନ୍‌ସେଟ୍‌ର ଗବେଷଣାଲବ୍ଧ ତଥ୍ୟ ରାଜନୈତିକ ନେତୃତ୍ୱ, ପ୍ରଶାସନିକ ବ୍ୟବସ୍ଥା, ନ୍ୟାୟପାଳିକା, ଅନ୍ୟାନ୍ୟ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ସମସ୍ତଙ୍କ ନିମନ୍ତେ ଏକ ସତର୍କବାଣୀ ସଦୃଶ କାର୍ଯ୍ୟ କରି ଉଭୟ ପରିବେଶ ଏବଂ ଜୀବଜଗତ ସ୍ୱାସ୍ଥ୍ୟ ପ୍ରତି ଆମ ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଘଟାଉ, ଏହା ହିଁ ଆଜିର ଆହ୍ୱାନ ।ପ୍ରଦୂଷଣ ପରି ପ୍ରକୃତିର ଧ୍ୱଂସ ସାଧନ କରୁଥିବା ପ୍ରକ୍ରିୟାସବୁର ବର୍ଜନ କରିବା ଶ୍ରେଷ୍ଠ ପନ୍ଥା ହେବ ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ଯିବାକୁ ପର୍ଯ୍ୟଟକଙ୍କ କୁଣ୍ଠା

ମହାଶୟ,

ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ଏପରିକି ଦେଶ ବିଦେଶରୁ ଭକ୍ତ ଛୁଟି ଆସିଥାନ୍ତି । ମନ୍ଦିର ଭିତରେ ଓ ବାହାରେ ଯେଉଁସବୁ ଅଘଟଣ ଘଟିଚାଲିଛି- ସେଥିରେ ଜଗନ୍ନାଥପ୍ରେମୀ ମର୍ମାହତ । ଶତ୍ରୁତାକୁ ନେଇ ସେବାୟତମାନଙ୍କ ମଧ୍ୟରେ ଗୁଳିଗୋଳା, ହାତାହାତି ଓ ମାରପିଟ ହୋଇ ଥାନା ପର୍ଯ୍ୟନ୍ତ ଯିବାକୁ ହେଉଛି । ମନ୍ଦିର ଭିତରେ ସେବାୟତମାନଙ୍କ ମଧ୍ୟରେ ଶୃଙ୍ଖଳା ନ ଥିବାରୁ ଭକ୍ତମାନଙ୍କର ପାଉଣାକୁ ନେଇ ବଚସା ଠେଲାପେଲା ମଧ୍ୟ ହେଉଛି । ଏବେ ଏମାର ମଠ ନିକଟରେ ଯାହା ଘଟିଲା ତାହା ଉପସ୍ଥିତ ପର୍ଯ୍ୟଟକମାନଙ୍କୁ ତଟସ୍ଥ କରିଦେଲା । ଜଣେ ପ୍ରତ୍ୟକ୍ଷଦର୍ଶୀ ଓ ଅନୁଭବୀ ହିସାବରେ ଏଭଳି ଦୃଶ୍ୟ ସମସ୍ତଙ୍କ ମଧ୍ୟରେ ଏକ ଅପ୍ରୀତିକର ଆଲୋଡ଼ନ ସୃଷ୍ଟି କରିଛି । ଏହା କ୍ରମଶଃ ମିଡିଆ ମାଧ୍ୟମରେ ବ୍ୟାପି ସମସ୍ତଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଦେଇ ଥିବାରୁ ପୁରୀକୁ ତୀର୍ଥ ପର୍ଯ୍ୟଟନରେ ଯିବାକୁ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କ ମଧ୍ୟରେ କୁଣ୍ଠା ଜାତ ହେଉଛି ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନକପୁର ଜଙ୍ଗଲରୁ ଦେଶୀ ମଦ ଜବତ,ଜଣେ ଗିରଫ

ଅମରପାଲି,(ଡି.ଏନ.ଏ): ବୀରମହାରାଜପୁର ବ୍ଲକ ଜନକପୁର ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ାଉ କରି ଦେଶୀମଦ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ବଡକିରାସିରାର କିରଟି ନାଏକ (୩୦)। ଉକ୍ତ ଜଙ୍ଗଲରେ ମଦ ପ୍ରସ୍ତୁତ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ବୀରମହାରାଜପୁର ଅବକାରୀ ଏସ.ଆଇ ସୁଧୀର କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଚଢାଉ କରାଯାଇଥିଲା।୧୦ଲିଟର ଦେଶୀମଦ, ୬୦ ଲିଟର ପୋଚ ଓ ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଏସଆଇ ବନମାଳୀ ରଣା ଓ ଟିମ୍ ଚଢାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ପି.ଅନ୍ୱେଷା ରେଡ୍ଡି କଳାହାଣ୍ଡି ନୂତନ ଜିଲାପାଳ

ଭବାନୀପାଟଣା/ମ.ରାମପୁର, ୧୬।୬(ସ୍ୱ.ପ୍ର./ ଡି.ଏନ.ଏ.): ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ବଡଧରଣର ଅଦଳ ବଦଳ କରିଛନ୍ତି। ଏଥିରେ କଳାହାଣ୍ଡି ଜିଲାପାଳ ଥିବା ଡ.ଗାଭାଲି ପରାଗ



ହର୍ଷଦ ସୁନ୍ଦରଗଡ ଜିଲାପାଳ ଭାବେ ବଦଳି ହୋଇଛନ୍ତି। ତାଙ୍କ ସ୍ଥାନରେ କଳାହାଣ୍ଡି ନୂତନ ଜିଲାପାଳ ଭାବେ ପି.ଅନ୍ୱେଷା ରେଡଡ୍ଡି ନିଯୁକ୍ତି ହୋଇଛନ୍ତି। ଏହା ପୂର୍ବରୁ ସେ ମୟୂରଭଞ୍ଜ ଜିଲାରେ ପିଡି ଡିଆରଡିଏ ଭାବେ କାର୍ଯ୍ୟ ତୁଲାଉଥିଲେ।

### ଚିକିତ୍ସା ପାଇଁ ଅହମ୍ମଦାବାଦ ଗଲେ ୫ ହୃଦ୍‌ରୋଗୀ ଶିଶୁ



ଭବାନୀପାଟଣା,୧୬।୬(ସ୍ୱ.ପ୍ର.): କଳାହାଣ୍ଡି ଜିଲାର ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଜରିଆରେ ଗୁରୁବାର ୫ ଶିଶୁ ହୃଦରୋଗ ଚିକିତ୍ସା ପାଇଁ ଅହମ୍ମଦାବାଦ ଗସ୍ତ କରିଛନ୍ତି। ଏଥିରେ ଜିଲାର ଜୁନାଗଡ, ଜୟପାଟଣା, ଗୋଲାମୁଣ୍ଡା ଓ ବଲାଙ୍ଗୀର ଜିଲା ସଇଁତଲା ବ୍ଲକର ୫ଜଣ ହୃଦ୍‌ରୋଗୀ ଶିଶୁ ରହିଛନ୍ତି। ସେମାନେ ହେଲେ ଜୁନାଗଡ ବ୍ଲକ ପକ୍ଷରୁ ଚନ୍ଦନ ଚରଣ କାଣ୍ଡ (ଦେଢବର୍ଷ), ନିପୁନ ବିଶ୍ୱାଳ (୧୦ମାସ), ଗୋଲାମୁଣ୍ଡାର ଟ୍ୱିଙ୍କଲ ତାଣ୍ଡି (୧), ଜୟପାଟଣାର ବୈଜୟନ୍ତୀ ରାଉତ (୨) ଓ ସଇଁତଲା ବ୍ଲକର ନମ୍ରିତା ସିଂ(୪) ରହିଛନ୍ତି। ଏହି ୫ଜଣ ହୃଦ୍‌ରୋଗୀ ଶିଶୁମାନଙ୍କ ସହ ସେମାନଙ୍କ ୨ଜଣ ଲେଖାଁଏ ଅଭିଭାବକ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମନ୍ୱୟକାରୀ ସହଯୋଗୀ ଫାର୍ମାସିଷ୍ଟ ସଞ୍ଜୟ ନାଏକ ଅହମ୍ମାଦବାଦ ଗସ୍ତ କରିଛନ୍ତି। ଗସ୍ତ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କସ୍ତୁରୀ ମିଶ୍ର ଓ ରାଷ୍ଟ୍ରୀୟବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତି ରହି ଶୁଭେଚ୍ଛା ଜଣାଇବା ସହ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ପ୍ରକାଶ ଯେ, ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଅନେକ ଶିଶୁ ହୃଦ୍‌ରୋଗ ବ୍ୟତୀତ ଗ୍ରହଣ ଖଣ୍ଡିଆ, ପାଦ ବଙ୍କା, ନେତ୍ର ରୋଗ ଆଦି ବିଭିନ୍ନ ରୋଗର ଚିକିତ୍ସା ମାଗଣାରେ ପାଇ ଉପକୃତ ହେଉଛନ୍ତି। ଫଳରେ ଏହି ଶିଶୁମାନଙ୍କ ପାଇଁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବେ ଆଶାର ଆଲୋକ ହେବା ସହ ବରଦାନ ପାଲଟିଛି।

# ଭିଜିଲାନ୍ସ ନୀରବତାକୁ ନେଇ ଉଠିଲା ପ୍ରଶ୍ନ

ବଲାଙ୍ଗୀର ଅଫିସ,୧୬।୬



କୁତୁର୍ଲା ପାକ୍ସର ଚାଷୀମାନେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି।

**କୁତୁର୍ଲା ପ୍ରାଥମିକ କୃଷି ସମବାୟ ସମିତି**

- ୧୦ ବର୍ଷ ହେଲା ସାଧାରଣ ପରିଷଦ ବୈଠକ ବସିନାହିଁ
- ଚାଷୀଙ୍କ ଅଂଶଧନ ସମ୍ପର୍କରେ ସୂଚନା ଦିଆଯାଉନାହିଁ
- ନକଲି ପଟ୍ଟାରେ ଚାଲିଛି ଋଣ କାରବାର
- ମନଇଚ୍ଛା ଚାଲିଛି ନିର୍ଦ୍ଦେଶକ ନିଯୁକ୍ତି ପ୍ରକ୍ରିୟା

ବଲାଙ୍ଗୀର ଜିଲା କୁତୁର୍ଲା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଦୁର୍ନୀତି ଚାଲିଛି। ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ ପରେ ୨୦୧୪ ମସିହାରେ ଚଢ଼ାଉ କରାଯାଇ ମାମଲା (୭୬/୨୦୧୪) ରୁଜୁ କରାଯାଇଥିଲା। ତେବେ ମାମଲା ରୁଜୁ କରିଦେଇ ଭିଜିଲାନ୍ସ ବିଭାଗ ଚୁପ୍ ବସିଛି। ପ୍ରଶ୍ନ ପଚାରିଲେ ଅଭିଯୋଗକାରୀ ଚାଷୀଙ୍କୁ ଧମକ ଦିଆଯାଉଛି। ଭିଜିଲାନ୍ସ ବିଭାଗ ଦୁର୍ନୀତି ନିବାରଣ ପରିବର୍ତ୍ତେ ଦୁର୍ନୀତିକୁ ପ୍ରଶୟ ଦେଉଛି ବୋଲି କୁତୁର୍ଲା ପାକ୍ସର କେତେକ ଚାଷୀ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି।

୭ବର୍ଷ ପୂର୍ବେ କୁତୁର୍ଲା ପାକ୍ସରେ ଆର୍ଥିକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ଚଢାଉ କରିଥିଲା। ଏଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରିଥିଲା। ତେବେ ଉକ୍ତ ଚଢାଉକୁ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଦୁର୍ନୀତି ନିବାରଣ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଖବରଦାତା ସମ୍ମିଳନୀରେ ସମ୍ମିଳନୀରେ କୁତୁର୍ଲା ଗାଁର ଚାଷୀ ଭାଗବତ ନାୟକ, ଅନାଦି ଚରଣ ପାଣିଗ୍ରାହୀ, ସୁକାନ୍ତ ସାଗର ଓ ସୁଶାନ୍ତ ସାହୁ ମଞ୍ଚାସୀନ ହୋଇ ବଲାଙ୍ଗୀର ଡିଆରସିଏସ୍, ଜିଲାପାଳ ଓ ବଲାଙ୍ଗୀର ବିଧାୟକଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ଦେଇଥିବା ସୂଚନା ଦେଇଥିଲେ। ଚାଷୀ ନାୟକ କହିଥିଲେ ଯେ, ଏହି ପାକ୍ସରେ ସାଧାରଣ ପରିଷଦ ବୈଠକ ଗତ ୧୦ ବର୍ଷ ହେଲା ବସିନାହିଁ। ଚାଷୀଙ୍କ କେତେ ଅଂଶଧନ ଗଚ୍ଛିତ ହେଉଛି ତାର ସୂଚନା ଦିଆଯାଉନାହିଁ। ନକଲି ଜମିପଟ୍ଟାରେ ନକଲି ଚାଷୀ ସୃଷ୍ଟି କରାଯାଇ ଋଣ ଉଠାଣ କାରବାର ଚାଲିଛି। ଏନେଇ ଅଭିଯୋଗ କଲେ ମଧ୍ୟ ସମ୍ପାଦକ ଶୁଣୁନାହାନ୍ତି। ଚାଷୀ ପାଣିଗ୍ରାହୀ କହିଥିଲେ ଯେ, କୁତୁର୍ଲା ପାକ୍ସରେ ଭୂତ ଚାଷୀଙ୍କ ନାଁରେ ଋଣ ଉଠିଛି । ମୃତକଙ୍କ ନାଁରେ ଲକ୍ଷାଧିକ ଟଙ୍କା ଋଣ ଉଠାଯାଇ ଅର୍ଥ ଆତ୍ମସାତ୍ କରାଯାଇଛି। ଏସବୁର ପ୍ରମାଣ ଭିଜିଲାନ୍ସ ବିଭାଗ ପାଖରେ ରହିଛି। ମାତ୍ର ଭିଜିଲାନ୍ସ ପ୍ରମାଣ ପାଇଲା ପରେ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ ଫାଇଲକୁ ଚାପି ବସିଯାଇଛି। ଏଥିରୁ ଭିଜିଲାନ୍ସ ବିଭାଗର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଟଙ୍କା କାରବାର କରି ଭିଜିଲାନ୍ସ ବିଭାଗର ଅଧିକାରୀଙ୍କୁ ଚାପ ପକାଯାଇଛି ବୋଲି ଅଭିଯୋଗ କରିଥିଲେ। ଯୁବ ଚାଷୀ ସାଗର ପାକ୍ସରେ ମନଇଚ୍ଛା କାରବାର ଚାଲିଥିବା ଅଭିଯୋଗ କରିଥିଲେ। ନିର୍ଦ୍ଦେଶକ ନିଯୁକ୍ତି ପ୍ରକ୍ରିୟା ସୁଚାରୁରୂପେ ସମ୍ପାଦନ ହେଉନାହିଁ ବୋଲି ସେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ଦୁର୍ନୀତିର ପର୍ଦ୍ଦାଫାଶ କରିବାରେ ବିଫଳ ହେବାରୁ ଶେଷରେ ସେମାନେ ଗଣମାଧ୍ୟମର ଦ୍ୱାରସ୍ଥ ହୋଇଛନ୍ତି ବୋଲି ଚାଷୀମାନେ କହିଥିଲେ।

## ଗନ୍ଧମାର୍ଦ୍ଦନରୁ ଗଛ କାଟି ଚାଲାଣ ବେଳେ ଧରାପଡ଼ିଲା

ପଦ୍ମପୁର, ୧୬।୬(ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଗନ୍ଧମାର୍ଦ୍ଦନ ସଂରକ୍ଷିତ ଜଙ୍ଗଲରୁ ଓଡି ୧୭ ଡବ୍ଲୁ ୨୬୭୪ ଟ୍ରାକ୍ଟରରେ ଗଛ କଟା ଯାଇ ଗୁରୁବାର ପଦ୍ମପୁର ଅଣାଯାଉଥିବା ବନ ବିଭାଗକୁ ଖବର ମିଳିଥିଲା। ଏହି ସମୟରେ ଖଲିଆପାଲି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଛପି ରହିଥିବା ବନ ବିଭାଗ ଟିମ୍ ଉକ୍ତ ଟ୍ରାକ୍ଟରକୁ ଜବତ କରିଥିଲା। ଡ୍ରାଇଭର ଶେଷଦେବ ବରିହାଙ୍କୁ ଅଟକ ରଖାଯାଇଛି। ଫରେଷ୍ଟର ପଦ୍ମିନୀ ଭୋଇଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. C-NIT-MPS-KBJ-R-PF01, ତା.14.06.2022ରିଖ

କାର୍ଯ୍ୟର ନାମ : (i) ସ୍ୱାଧିନତା ସଂଗ୍ରାମୀ / ଯୁଦ୍ଧରେ ଶହୀଦଙ୍କ ବିଧବା ସହିତ ମହିଳା (ii) ରେଳ କର୍ମଚାରୀଙ୍କ ବିଧବା ପତ୍ନୀ (iii) ରେଳବାଇ ଦ୍ୱାରା ଜମି ହରାଇ ସ୍ଥାନାନ୍ତରିତ / ବିସ୍ଥାପିତ ହୋଇଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ 05 (ପାଞ୍ଚ) ବର୍ଷ ପାଇଁ କଣ୍ଟାବାଞ୍ଜି ଷ୍ଟେସନ, ପ୍ଲାଟଫର୍ମ ସଂ. 1 ରେ ବହୁମୁଖୀ (Multi Purpose) ଷ୍ଟଲ୍ ନିମନ୍ତେ ଟେଣ୍ଡର।

ପ୍ରତ୍ୟେକ ବର୍ଷ ପାଇଁ ଆରକ୍ଷଣ ମୂଲ୍ୟ : ₹ 1,04,000/- (ଏକ ଲକ୍ଷ ଚାରି ହଜାର), EMD : ₹ 10,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹ 2,500/- + @ 18% GST = ₹ 2,950/- (ଫେରସ୍ତ ଯୋଗ୍ୟ ନୁହେଁ), ସମୟ ଅବଧି: 5 ବର୍ଷ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.07.2022 ରିଖ 1100 ଘଟିକାରେ।

ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.08.07.2022 ରିଖ 1130 ଘଟିକାରେ।

ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-202/N/22-23

# ଆଜି କିସ୍‌-କଳାହାଣ୍ଡି ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭବାନୀପାଟଣା,୧୬।୬(ସ୍ୱ.ପ୍ର.)



କିସ୍‌-କଳାହାଣ୍ଡି ଆବାସିକ ବିଦ୍ୟାଳୟର ନୂତନ ଶାଖା।

କଳାହାଣ୍ଡି ଜିଲା ଭବାନୀପାଟଣା ଅନ୍ତର୍ଗତ ବାଦିଲିଠାରେ ନିର୍ମିତ କିସ୍ ନୂତନ ଶାଖା କିସ- କଳାହାଣ୍ଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିସାରୀ ପ୍ରମୁଖ ଯୋଗଦେବେ। ୧୦ ଏକର ଜମିରେ ନିର୍ମିତ ଏହି ବିଦ୍ୟାଳୟ ପାଇଁ ଜମି କ୍ରୟଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ, ସବୁଜ ବଳୟ ସୃଷ୍ଟି, ପାଚେରି ନିର୍ମାଣ, ମେକାନାଇଜ୍ଡ ରୋଷଶାଳା, ୨୫ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସମେତ ଭିତ୍ତିଭୂମି ନିର୍ମାଣରେ ମୋଟ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସୂଚନାଯୋଗ୍ୟ, ବିଭିନ୍ନ ଜିଲାରେ ଗରିବ ପିଲାଙ୍କୁ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ କିସ୍ ଆହୁରି ଶାଖା ଖୋଲିବା ଯୋଜନା ରଖିଛି। ଏହା ପୂର୍ବରୁ ବଲାଙ୍ଗୀର ଓ ମୟୂରଭଞ୍ଜରେ କିସ୍ ଶାଖା ଖୋଲାଯାଇଥିବା ବେଳେ ଗତ ୧୩ ତାରିଖରେ କିସ୍ ବାଲେଶ୍ୱର ଶାଖା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କିସ- କଳାହାଣ୍ଡି ଆବାସିକ ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ କଳାହାଣ୍ଡି ଜିଲାର ୧୨ଶହ ଗରିବ ଓ ଅବହେଳିତ ଜନଜାତି ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରାଯିବ। ପାଠପଢ଼ା ବ୍ୟତୀତ ଏଠାରେ ଛାତ୍ରୀଛାତ୍ରଙ୍କୁ ଅନ୍ୟାନ୍ୟ କ୍ଷେତ୍ର ବିଶେଷ କରି ଉନ୍ନତମାନର କ୍ରୀଡ଼ା ତାଲିମ ପ୍ରଦାନ କରାଯିବ। ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ କିସ୍ କିମ୍ବା କିଟ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିପାରିବେ। ଭୁବନେଶ୍ୱର କିସ୍‌ଠାରେ ମଧ୍ୟ ସମ୍ପୂର୍ଣ୍ଣ ଆବାସିକ ଓ ବିନା ଦେୟରେ କଳାହାଣ୍ଡି ଜିଲାର ଗରିବ ଓ ଅବହେଳିତ ଜନଜାତି ପିଲାମାନେ ପାଠ ପଢିପାରିବେ। ସମ୍ପୂର୍ଣ୍ଣ ସବୁଜ, ଇକୋ- ଫ୍ରେଣ୍ଡଲି ଓ ଟେକ୍ନୋଲୋଜି ଉପଯୋଗରେ ଏହି କ୍ୟାମ୍ପସ ପରିଚାଳିତ ହେବ।

# ମୃତକଙ୍କ ନାମରେ ଆସୁଛି ଭତ୍ତା ଟଙ୍କା

ନୂଆପଡ଼ା ଅଫିସ,୧୬।୬

ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାର ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା, ମଧୁବାବୁ ପେନସନ ଭଳି ଅନେକ ଯୋଜନାରେ ୬୦ବର୍ଷରୁ ଊର୍ଦ୍ଧ୍ୱ ଗରିବ, ବିଧବା, ଦିବ୍ୟାଙ୍ଗମାନଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି। କିନ୍ତୁ କେତେବେଳେ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ତ କେତେବେଳେ ଭୂତ ଖାଇଯାଉଛି। ଏପରି ଏକ ମାମଲା ବର୍ତ୍ତମାନ ନୂଆପଡା ଜିଲା ସଦର ବ୍ଲକ ଆମାନାରା ପଞ୍ଚାୟତରୁ ଆସିଛି। ଏହି ପଞ୍ଚାୟତର ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବା ପରେ ଏଭଳି ଘଟଣା ଲୋକଲୋଚନକୁ ଆସିଛି। ପ୍ରାପ୍ତ ସୂଚନାନୁସାରେ ଆମାନାରା ପଞ୍ଚାୟତ ପାଓରତୋଲା ଗ୍ରାମର ବୈଶାଖୁ କେଉଟ ପିତା ପତିରାମ କେଉଟ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ। କିନ୍ତୁ ୨୦୧୯ ସେପ୍ଟେମ୍ବର ୨୮ରେ ତାଙ୍କର ମୃତ୍ୟୁ ହେବା ପରେ ତାଙ୍କ ନାମରେ ଥିବା ଭତ୍ତାକୁ ଅକ୍ଟୋବରରୁ ବନ୍ଦ କରି ଦିଆଯାଇଥିଲା। ସେହି ଦିନଠାରୁ ୨୦୨୦ ପର୍ଯ୍ୟନ୍ତ ଭତ୍ତା ବନ୍ଦ ରହିଥିଲା। କିନ୍ତୁ ୨୦୨୧ ଜାନୁୟାରୀଠାରୁ ପୁନଃ ବୈଶାଖୁ କେଉଟ ପିତା ପତିରାମ କେଉଟ ନାମରେ ନୂତନ ଖାତା ଖୋଲାଯାଇ ଭତ୍ତା ପ୍ରଦାନ କରାଯାଉଛି। ଯାହା ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି। ଏ ନେଇ ମୃତ ବୈଶାଖୁଙ୍କ ଦୁଇ ପୁଅ ରଥୁ ଓ ଖମ୍ବାଲୁଙ୍କ ପରିବାର ସହ ଯୋଗାଯୋଗ କରିବାରୁ ଆମେ ଏ ବିଷୟରେ କିଛି ଜାଣିନାହୁଁ କି ଆମକୁ କେହି କେବେ କିଛି କହିନାହାନ୍ତି ବୋଲି କହିଥିଲେ। ତେବେ ଉକ୍ତ ଗ୍ରାମରେ ବୈଶାଖୁ ନାମରେ ବ୍ୟକ୍ତି ଥିଲେ ମଧ୍ୟ ପିତାଙ୍କ ନାମ ପତିରାମ କେଉଟ ନାହିଁ। ୨୦୨୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭତ୍ତା ଟଙ୍କା କିଏ ନେଉଛି, ତାକୁ ନେଇ ପ୍ରଶ୍ନ ଉଠୁଛି। ୨୦୧୯ରୁ ବର୍ତ୍ତମାନ ଆଜିଯାଏ ୩ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ ମଧ୍ୟ ଅସଲି କିମ୍ବା ନକଲି ହିତାଧିକାରୀ ଚିହ୍ନି ପାରୁନାହାନ୍ତି, ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ରଥମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଧାରି ତାଣ୍ଡି କହୁଛନ୍ତି ନାମ କଟାଯାଇଛି। ଦ୍ୱିତୀୟ ଅଧିକାରୀ ଦୁଃଖିଃଶ୍ୟାମ ପ୍ରଧାନ କହିବା ମୁତାବକ ସେହି ଗାଁରେ ଦୁଇ ଜଣ ବୈଶାଖୁ କେଉଟ ଅଛନ୍ତି। ଜଣକର ବାପା ନାମ ପତିରାମ କେଉଟ ଅନ୍ୟ ଜଣକର ବାପା ନାମ ଅରୁଣ କେଉଟ, ପତିରାମ କେଉଟ ବାପା ନାମ ଥିବା ବୈଶାଖୁଙ୍କ ମୃତ୍ୟୁ ହୋଇଛି। ତାହାଙ୍କ ନାମରେ ଭତ୍ତା ଟଙ୍କା ଆସୁଛି। ଅରୁଣ କେଉଟ ଥିବା ବାପା ନାମ ବୈଶାଖୁ ବଞ୍ଚିଛନ୍ତି। ସେହି ଭତ୍ତା ଟଙ୍କା ନେଉଥିବ ବୋଲି କହିଛନ୍ତି। ତୃତୀୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରେବା ସାହୁ ମୁଁ ନୂତନ ଭାବେ ଯୋଗ ଦେଇଛି, କିଛି ଜାଣି ନାହିଁ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଆମାନାରା ସରପଞ୍ଚ ଗଙ୍ଗେଶ୍ୱରୀ ସିହ୍ନାଙ୍କୁ ପଚାରିବାରୁ ଏହି ବାବଦରେ କିଛି ଜାଣିନାହିଁ। ଏହାର ତଦନ୍ତ କରାଯିବ ବୋଲି କହିଥିଲେ।

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୃଷ୍ଣପ୍ରସାଦ ମିଶ୍ର, ପିତା: ମୁରଲୀ ମିଶ୍ର, ତା୧୩।୦୪।୨୦୦୭ରେ ଖାତା ନଂ. ୧୬୬, ପ୍ଲଟ ନଂ. ୮୯୮, କିସମ: ଆଟ, ରକବା ଏ.୦.୨୬୦ଡି., ପ୍ଲଟ ନଂ. ୮୯୯, କିସମ: ଆଟ, ରକବା ଏ.୦.୭୪୦ଡି. ଏବଂ ପ୍ଲଟ ନଂ. ୯୦୫, କିସମ: ଆଟ, ରକବା ଏ.୧.୦୦୦ଡି., ମୋଟ ରକବା ଏ.୨.୦୦୦ ଡି., ମୌଜା: ଖଇରଟିକିରା, ଥାନା: ସୋନପୁର, ଥାନା ନଂ. ୨୧, ଦଲିଲ ନଂ. ୭୭୦/୨୦୦୭, ତା୧୩।୦୪।୨୦୦୭ ସମ୍ପାଦନ କରି ଶ୍ରୀ ନନ୍ଦଲାଲ ପୁରୋହିତଙ୍କୁ ବିକ୍ରୟ କରିଥିଲେ। ଶ୍ରୀ ନନ୍ଦଲାଲ ପୁରୋହିତ ଉପରୋକ୍ତ ପଞ୍ଜିକୃତ ଦଲିଲ ୭୭୦/୨୦୦୭କୁ କୌଣସି ସ୍ଥାନରେ ହଜାଇ ଦେଇ ଖୋଜିବାରେ ପାଇଲେ ନାହିଁ, ଯାହାକି ଅନୁସନ୍ଧାନ ପରେ ମଧ୍ୟ ପୁନରୁଦ୍ଧାର ହୋଇ ପାରିନାହିଁ। ତେଣୁ ଏହି ତଥ୍ୟ ସୋନପୁର ଥାନାରେ ତା୦୮।୦୫।୨୦୨୨ରେ ରିପୋର୍ଟ କରାଯାଇଅଛି ଏବଂ ତାହାର ସୋନପୁର ଥାନା ଜି.ଡି. ନ. ୬/୨୦୨୨ରେ ପଞ୍ଜିକୃତ ହୋଇଅଛି। ମେସର୍ସ ରାଧାମୋହନ ଫୁଡ୍ ପ୍ରଡକ୍ଟସ ଅଂଶୀଦାରମାନେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏସ୍.ଏମ୍.ଇ. ବ୍ରାଞ୍ଚ, ବରଗଡ଼ ଶାଖା, ବ୍ରାଞ୍ଚ କୋଡ୍ ନଂ. ୦୯୬୭୯ରେ ଉପରୋକ୍ତ ସମ୍ପତ୍ତିକୁ ବନ୍ଧକ ରଖି ଋଣ/କ୍ରେଡିଟ୍ ସୁବିଧା ପାଇଁ ଆବେଦନ କରିଛନ୍ତି। ତେଣୁ ଯଦି କୌଣସି ବ୍ୟକ୍ତି/ଗୋଷ୍ଠୀର କୌଣସି ଆପତ୍ତି ଅଭିଯୋଗ ଥାଏ, ସେହିମାନେ ଏହି ନୋଟିସର ବିଜ୍ଞପ୍ତି ହେବାର ୧୫ଦିନ ମଧ୍ୟରେ ପ୍ରକୃତ ମାଲିକ କିମ୍ବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏସ୍.ଏମ୍.ଇ. ବ୍ରାଞ୍ଚ, ବରଗଡ଼ ଶାଖାରେ ଅଭିଯୋଗ ଆଗତ କରିପାରିବେ।

ନନ୍ଦଲାଲ ପୁରୋହିତ
ରାମଜି ନଗର, ସୋନପୁର

# ପାର୍କିଂ ଫାଇନକୁ ନେଇ ବଣିକ ସଂଘର ଦାବିପତ୍ର



ବଲାଙ୍ଗୀର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ବଣିକ ସଂଘ ସଦସ୍ୟମାନେ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ଅଫିସ,୧୬।୬

- ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା
- ଦୋକାନୀଙ୍କୁ ଫାଇନ୍ ନ ପକାଇବାକୁ କଲେ ଅନୁରୋଧ
- ମୁଖ୍ୟ ମାର୍କେଟରେ ପାର୍କିଂ ବ୍ୟବସ୍ଥା କରିବାକୁ ଦାବି ଜଣାଇଲେ

ବଲାଙ୍ଗୀର ସହର ମେନ୍ ମାର୍କେଟ ଅଞ୍ଚଳରେ ଥିବା ଦୋକାନ ସମ୍ମୁଖରେ ବାଇକ୍ ଓ ଗାଡି ପାର୍କିଂ କଲେ ମ୍ୟୁନିସିପାଲିଟି ପକ୍ଷରୁ ଦୋକାନୀଙ୍କଠାରୁ ଫାଇନ୍ ଆଦାୟ କରାଯାଉଛି। ଏହାର ପ୍ରତିବାଦ କରି ଗୁରୁବାର ଜିଲା ବଣିକ ସଂଘ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ବଣିକ ସଂଘ ସଦସ୍ୟମାନେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ମେନ୍ ମାର୍କେଟର ବାଟା ଦୋକାନରୁ ପାଟଣା ହୋଟେଲ ଛକ ପର୍ଯ୍ୟନ୍ତ ଥିବା ଦୋକାନଗୁଡିକ ସମ୍ମୁଖରେ କେହିବି ଗାଡି କିମ୍ବା ବାଇକ୍ ପାର୍କିଂ କଲେ ଦୋକାନୀଙ୍କଠାରୁ ମ୍ୟୁନିସିପାଲିଟି କର୍ମଚାରୀମାନେ ଫାଇନ୍ କାଟୁଛନ୍ତି। କୌଣସି ଅଜଣା ବ୍ୟକ୍ତି ଯଦି ସେଠାରେ ଗାଡିକିମ୍ବା ବାଇକ୍ ପାର୍କିଂ କରେ ତାକୁ ନେଇ ଦୋକାନୀ କିଭଳି ଭାବେ ଫାଇନ୍ ଦେବ ବୋଲି ପ୍ରଶ୍ନ କରିଥିଲେ। ଯେଉଁମାନେ ଦୋକାନକୁ ଆସୁଛନ୍ତି ସେମାନଙ୍କୁ ଦୋକାନୀ ବାଇକ୍ ପାର୍କିଂ ସେଠାରେ କରନ୍ତୁ ନାହିଁ ବୋଲି କହିପାରିବେ। ଅଜଣା ବ୍ୟକ୍ତିଙ୍କୁ କିଭଳି କହିବେ ବୋଲି ପ୍ରଶ୍ନ କରିଥିଲେ। ଅଜଣା ବ୍ୟକ୍ତିଙ୍କ ବାଇକ ପାର୍କିଂ ନ କରିବା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ କର୍ମଚାରୀ ନିୟୋଜନ କରାଯାଉ ବୋଲି ସଂଘ ସଦସ୍ୟମାଦେ ଦାବି କରିଥିଲେ। ଏହାବ୍ୟତୀତ ବାଟା ଦୋକାନରୁ ପାଟଣା ହୋଟେଲ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ଯୋଗୁଁ ଏଠାରେ କିଣାବିକା ପାଇଁ ଲୋକେ ଯିବାଆସିବା ଅସୁବିଧା ହେଉଛି। ଏହି ସ୍ଥାନର ଦୁଇତିନୋଟି ସ୍ଥାନରେ ଲୁହାରେଲିଂ ଲଗାଯାଇ ଲୋକେ ଯେଭଳି ଉଭୟ ପଟକୁ ସୁବିଧାରେ ଯିବପା ଆସିବା କରିପାରିବେ ସେ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, କିଶୋର ମଲଙ୍ଗ, ପ୍ରେମ କୁମାର ପ୍ରମୁଖ ମ୍ୟୁନିସିପାଲିଟି ଅଫିସକୁ ଯାଇ ନିର୍ବାହୀ ଅଧିକାରୀ ଦୀପଙ୍କୁ ଭେଟିଥିଲେ। ଏଦିଗରେ ବ୍ୟବସ୍ଥା କରି ଦୋକାନୀମାନଙ୍କ ସୁବିଧା କରିବାକୁ ଦାବି ଜଣାଇଥିଲେ। ଏଦିଗରେ ଉଚିତ୍‌ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ଦୀପ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଡକାୟତି ଯୋଜନା ବିଫଳ, ୫ଗିରଫ

ଅତାବିରା/ସରଣ୍ଡା,୧୬।୬(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଅଞ୍ଚଳରେ ବୁଧବାର ବିଳମ୍ବିତ ରାତ୍ରିରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗକୁ ପୋଲିସ ଧରିଛି। ଏହି ଗ୍ୟାଙ୍ଗର ୫ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବରେଇପାଲିର ଦେବ ଓରଫ ଶୁକଦେବ ସୁନା(୨୭), ସମ୍ବଲପୁର ଟାଉନ ଥାନା ଫାଟକର ସଂକେତ ମିଶ୍ର(୨୦), ବୁର୍ଲା ଥାନା କଦମପଡ଼ାର ରାଜୁ ନାଗ(୨୦), ବରଗଡ଼ ଟାଉନ ଥାନା ବିଶିପଡ଼ାର ସୁଶାନ୍ତ ମେହେର(୩୦) ଏବଂ ବାନ୍ଧୁଟିକ୍ରାର ପ୍ରଭାସ ଓରଫ ପିଙ୍କୁ ମେହେର(୨୩)। ସେମାନଙ୍କ ପାଖରୁ ଛୁରି, ଭୁଜାଲି, ଲୁହାରଡ, ଲଙ୍କାଗୁଣ୍ଡ, ୩ଟି ମୋବାଇଲ, ହିରୋ ମାଏଷ୍ଟ୍ରୋ ସ୍କୁଟି(ନଂ-ଓଡ଼ି୧୫ୟୁ ୪୦୦୩), ଟିଭିଏସ ଜୁପିଟର ସ୍କୁଟି(ଓଡ଼ି୧୭ୟୁ ୧୬୫୯) ଏବଂ ନଗଦ ୧୫୨୦ ଟଙ୍କା ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ବିରୋଧରେ ଅତାବିରା ଥାନାରେ ଦଫା ୩୯୯, ୪୦୨ ଆଇପିସିରେ ଏକ ମାମଲା(୨୧୨/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ଗୋଡ଼ଭଗା ଅଞ୍ଚଳରେ ଡକାୟତି ଯୋଜନା କରୁଥିବାବେଳେ ପାଟ୍ରୋଲିଂ ପୋଲିସ ଟିମ୍ ସେମାନଙ୍କୁ ଗିରଫ କରିଥିଲା ବୋଲି ଅତାବିରା ଥାନା ଅଧିକାରୀ ଅନିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।



ଗିରଫ ୫ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**TENDER NOTICE**

Tenders are being invited in sealed envelope for burnt coal quantity of about 1000 mt
Quality: FC (fixed carbon)=13% to 14% (near about)
VM=4% to 5% (near about)

Interested parties may inspect the lot at our plant Gurundupalli, Bonai, Sundargarh in any working day between 10AM to 5PM. Last date of tender application to be received by 12 PM on 25th June 2022 at our office address given below.

**SHIV METTALICKS PVT LTD.**
Phase-IV, Purohit market complex,
Kachery Road, Rourkela-769012

**DHAULI DEVELOPMENT COMMITTEE**

No. 21/DDC Bhubaneswar, Dated the 13.06.2022

**Expression of Interest**

Expression of Interest (EoI) are invited from reputed manpower supply agencies/service providers for providing services of Tollgate - Ticket Assistant & Ticket Helper at Entry Fee Collection Point/Check gate at new parking place at Parabodhi Pond, Dhauli operated by DDC for a period of one year on contract basis.

The detailed information for outsourcing of the above manpower services is mentioned in the tender document which can be available from the Office of Tourist Officer, BBSR-cum-Secy., DDC on payment of Rs.500/- in Cash (Non-refundable) during working hours between 11.30 A.M. to 4.30 P.M. on all official days w.e.f. 18.06.2022.

The tender document must reach to the office of the undersigned on or before 27.06.2022 by 3.00 P.M. through Registered Post/ Speed Post only. The tender documents will be opened on 29.06.2022 at 4.00 P.M. in the Conference Hall of BDO, BBSR. The bidders or their authorized representatives may remian present at the time of opening. The undersigned reserves the right to accept or reject any or all the tender without assigning any reason thereof.

Sd./- Tourist Officer, Bhubaneswar
& Secretary, Dhauli Development
Committee

## ସଂକ୍ଷେପରେ

### ମା' ପୁଅଙ୍କୁ ଦୁର୍ବ୍ୟବହାର: ଥାନାରେ ଅଭିଯୋଗ

**ରାଉରକେଲା ଅଫିସ,୧୬।୬:** ସେକ୍ଟର-୩ ଥାନା ଅନ୍ତର୍ଗତ ଖରିଆବାହାଲ ବସ୍ତିରେ ବାସ କରୁଥିବା ଏକ ପରିବାରର ମା' ଓ ପୁଅଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୭୫।୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ସେକ୍ଟର-୨ସ୍ଥିତ ଖରିଆବାହାଲ ବସ୍ତିରେ ଅଜୟ ପ୍ରସାଦ ପରିବାର ସହ ବାସ କରନ୍ତି। ବୁଧବାର ସାଢ଼େ ୧ଟାରେ ଉକ୍ତ ଅଞ୍ଚଳରେ ବାସ କରୁଥିବା ବିସ୍ମୟ ଚୌଧୁରୀ ହଠାତ ତାଙ୍କ ଘରେ ପଶି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ମାରିବାର ଧମକ ଦେଇଥିଲେ। ଏହାକୁ ବିରୋଧ କରିବାକୁ ଅଜୟଙ୍କ ମା'ଙ୍କ ସହ ମଧ୍ୟ ପାଟିତୁଣ୍ଡ କରିଥିଲେ। ଏନେଇ ଅଜୟ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ।

### ବଳାତ୍କାର ଶିକାର ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**କୁତ୍ରା, ୧୬।୬(ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ବଳାତ୍କାରର ଶିକାର ହୋଇଥିବା ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ବୁଧବାର ରାତି ପ୍ରାୟ ୧୨ଟାବେଳେ ଅସୁସ୍ଥତା ଅନୁଭବ କରିବା ସହିତ ମୁହଁରୁ ଫେଣ ବାହାରୁଥିବା ନେଇ ଯୁବତୀ ତାଙ୍କ ବାପାଙ୍କୁ ଜଣାଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନିଆଯାଇଥିଲା। ତେବେ ଡାକ୍ତର ଚିକିତ୍ସା ଆରମ୍ଭ କରିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ, ଯୁବତୀଙ୍କର ସମ୍ପୃକ୍ତ ଅଞ୍ଚଳର ଜଣେ ଯୁବକ ବିନୋଦ ସିଂ(୩୦)ଙ୍କ ସହିତ ଚିହ୍ନା ପରିଚୟ ହୋଇଥିଲା। ଏହାର ସୁଯୋଗ ନେଇ ବିନୋଦ ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଇତିମଧ୍ୟରେ ଯୁବତୀ ଜଣକ ୫ମାସର ଗର୍ଭବତୀ ହୋଇଥିଲେ। ପରିବାର ଲୋକ ଜାଣିବା ପରେ ଗ୍ରାମରେ ଏକ ବୈଠକ ବସିଥିଲା। ବୈଠକରେ ଯୁବକ ଜଣକ ବିବାହ ପାଇଁ ସହମତି ଜଣାଇଥିଲେ। କିନ୍ତୁ ପରେ ମନା କରିବାରୁ ଯୁବତୀଙ୍କ ବାପା ଗତ ୬ ତାରିଖରେ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୁତ୍ରା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ଗତ ୮ ତାରିଖରେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ତେବେ ଏହିସବୁ ଘଟଣା ପରେ ଯୁବତୀଙ୍କ ମୃତ୍ୟୁ ସନ୍ଦେହଜନକ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ବ୍ୟାଙ୍କରେ ନୂତନ ପାସବୁକ ଖୋଲି ଲୋକେ ହଇରାଣ

**କୁତ୍ରା,୧୬।୬(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଗ୍ରାମରେ ଥିବା ଏକ ବ୍ୟାଙ୍କରେ ନୂତନ ପାସବୁକ୍ ଖୋଲି ଲୋକେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ବିରିଙ୍ଗାଟୋଲି ଶାଖାରେ ଲୋକେ ନୂଆ ପାସବୁକ ଖୋଲିବା ପରେ ମାସମାସ ଧରି ପାସବୁକ ପାଇଁ ଦୌଡ଼ିବାକୁ ପଡୁଛି। ଦୀର୍ଘ ୩ ମାସ ହେଲାଣି ଏଠାକାର ପାସବୁକ ପ୍ରିଣ୍ଟ ହେଉଥିବା ମେଶିନ ଖରାପ ହୋଇ ପଡିଛି। ଏହାକୁ ସଜାଡ଼ିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ କରିଛନ୍ତି ହଇରାଣ ହେଉଥିବା ଗ୍ରାହକ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍କୁଲ, କଲେଜ ଛାତ୍ରଛାତ୍ରୀ, ସାଧାରଣ ଗରିବ ଲୋକେ ଦୂରଦୂରାନ୍ତରୁ ପ୍ରତିଦିନ ବ୍ୟାଙ୍କକୁ ଦୌଡି ଦୌଡି ନୟାନ୍ତ ହେଲେଣି। ଏବାବଦରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିଲେ କୌଣସି ଉତ୍ତର ନ ଦେଇ ଅଣଦେଖା କରୁଥିବା କହୁଛନ୍ତି ଲୋକେ। ଏମିତି ଭାବରେ ବ୍ୟାଙ୍କ ପକ୍ଷରୁ ପ୍ରତ୍ୟେକ ଦିନ କିଛିନାକିଛି କାରଣ ନେଇ ଲୋକଙ୍କୁ ହଇରାଣ କରାଯାଉଛି। ଆଜିର ଦିନରେ ସମସ୍ତ ଲୋକଙ୍କ ପାଇଁ ପାସବୁକ ନିହାତି ଜରୁରୀ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଭୁଲ ଯୋଗୁ ଲୋକେ ଜରୁରୀ କାମରୁ ବଞ୍ଚିତ ହେଉଛନ୍ତି। ଏଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ବ୍ୟାଙ୍କ ଘେରାଉ କରିବା ନେଇ ଧମକ ଦେଇଛନ୍ତି। ଏହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲା କିନ୍ତୁ ସମ୍ଭବ ହୋଇ ପାରି ନ ଥିଲା।

# କଳାକାରଙ୍କ ପାରମ୍ପରିକ ନୃତ୍ୟ ମନମୋହିଲା

**ରାଉରକେଲା ଅଫିସ, ୧୬।୬**

- ଆଦର୍ଶ ପାଠାଗାର ସାଧାରଣ ସମ୍ପାଦକ ସୁକାନ୍ତ ଖୁଣ୍ଟିଆଙ୍କୁ ପରିଚୟ ସମ୍ମାନ
- ଭଞ୍ଜଭବନ ପ୍ରେକ୍ଷାଳୟ ପରିସରରେ ଆୟୋଜିତ ଜାତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ


ଜାତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପନୀରେ ଉପସ୍ଥିତ ଅତିଥିମାନେ।

ସେକ୍ଟର-୫ସ୍ଥିତ ଭଞ୍ଜଭବନ ପ୍ରେକ୍ଷାଳୟ ପରିସରରେ ପରିଚୟ ଅନୁଷ୍ଠାନ ପକ୍ଷରୁ ରଜ ଉପଲକ୍ଷେ ଜାତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଇଆଇପିଏମ୍‌ର ନିର୍ଦ୍ଦେଶକ ସୁଦୀପ ଘୋଷ, ଭରତ ଚନ୍ଦ୍ର ସେଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଡ. ସମର ମୁଦାଲି, ନାଟ୍ୟକାର ଓ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଆଦର୍ଶ ପାଠାଗାର ସାଧାରଣ ସମ୍ପାଦକ ସୁକାନ୍ତ ଖୁଣ୍ଟିଆଙ୍କୁ 'ପରିଚୟ ସମ୍ମାନ-୨୦୨୨'ରେ ସମ୍ମାନିତ କରାଯାଇଥିଲା। ଏହି ଦୁଇଦିନିଆ ନୃତ୍ୟ ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ୟୁନିଭରସିଟି ଅଫ କଲଚର ପ୍ରଫେସର ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଶ୍ରୀରାଧା କଳାକୁଞ୍ଜର ନୃତ୍ୟ ଗୁରୁ ମୀନତି ପ୍ରଧାନ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବଣେଇ, ସୁନ୍ଦରଗଡ଼ ଓ ରାଉରକେଲାର ବିଭିନ୍ନ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ସମୟ ଉତ୍ସବରେ ଇଷ୍ଟର୍ନ ଜୋନ କଲଚୁରାଲ ସେଣ୍ଟରର ସହ ନିର୍ଦ୍ଦେଶକ ଅମର ଦାସ ଓ ରାଜ୍ୟ ଭାଜପା ସମ୍ପାଦକ ଟଙ୍କଧର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପରେ ଶ୍ରୀଜଗନ୍ନାଥ କଳା ପରିଷଦ ରାଉରକେଲା, ଶ୍ରୀମାନି ସାଂସ୍କୃତିକ କଳାପରିଷଦ କଟକ ଓ ଭୁବନେଶ୍ୱରସ୍ଥିତ ଶ୍ରୀରାଧା କଳାକୁଞ୍ଜ ପକ୍ଷରୁ ରଜ ମହୋତ୍ସବ ଉପଲକ୍ଷେ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ଏହି ଉତ୍ସବ ରାଜ୍ୟ ସଂସ୍କୃତି ବିଭାଗ ଓ ଇଷ୍ଟର୍ଣ୍ଣ ଜୋନ କଲଚୁରାଲ ସେଣ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚୟ ଅନୁଷ୍ଠାନ ସଭାପତି ଅଶୋକ କୁମାର ସେଠୀ, ଉପସଭାପତି ପଞ୍ଚାନନ ମହାପାତ୍ର, ପଞ୍ଚାନନ ପାତ୍ର, ସୂର୍ଯ୍ୟରଶ୍ମି ଦାସ, ଗାୟତ୍ରୀ ବିଶୋଇ, ସଞ୍ଜୀପ ସାହୁ, ପୂଜା ସେନାପତି, ପ୍ରଜ୍ଞାନନ୍ଦ ମହାନ୍ତିଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ନେଇ ଜନସଚେତନତା କାର୍ଯ୍ୟକ୍ରମ

**ଲହୁଣୀପଡା,୧୬।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ଲଲେଇ ଗ୍ରାମସ୍ଥିତ ବିଦ୍ୟାଳୟ ପରିସରରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, କୁରଡ଼ା ପଞ୍ଚାୟତ ସରପଞ୍ଚ ସସ୍ମିତା କିଷାନ, ସମିତି ସଭ୍ୟ ନୃପମଣି କିଷାନ, ଲହୁଣୀପଡା ତହସିଲଦାର ମୁରଲୀ ଧର ଉରମାଲ, ଏବିଡ଼ିଓ ଭବାନୀ ଶଙ୍କର ପାଢ଼ୀ, ଏବିଇଓ ନରହରି କିଷାନ ଯୋଗ ଦେଇଥିଲେ। କଟକ ମୁଣ୍ଡଳୀରୁ ଏନ୍‌ଡ଼ିଆରଏଫ୍ ଦଳ ଯୋଗ ଦେଇଥିଲେ। ମୁଖ୍ୟତଃ ବର୍ଷା ଋତୁରେ ନଦୀ ନାଳ ନିକଟବର୍ତ୍ତୀ ଗ୍ରାମଗୁଡିକରେ ବଢ଼ିପାଣି ପ୍ରବେଶ କରିଥାଏ। ଏହାଦ୍ୱାରା ବଢି ନଈରେ ଭାସି ଯାଉଥିବା ବିଷାକ୍ତ ଜୀବ ମଧ୍ୟ ଗ୍ରାମରେ ପଶି ଲୋକଙ୍କୁ ଆଘାତ କରିଥାନ୍ତି। କେତେକ ସ୍ଥାନରେ ଗ୍ରାମବାସୀ ଜଳବନ୍ଦୀ ହୋଇ ବିପଦସଙ୍କୁଳ ଅବସ୍ଥାରେ ଦିନ କାଟିବା ପାଇଁ ବାଧ୍ୟ ହୋଇଥାନ୍ତି। ସେ ସମୟରେ ଆହତ ବ୍ୟକ୍ତିମାନଙ୍କୁ କେମିତି ଡାକ୍ତରଖାନା ନିଆଯାଇ ପାରିବ ଏବଂ ବର୍ଷାଋତୁରେ ବଜ୍ରପାତ ହେଲେ ଆହତମାନଙ୍କୁ ଚିକିତ୍ସା କରାଯାଇ ପାରିବ ଓ ମୂଲ୍ୟବାନ ଜୀବନକୁ ବଞ୍ଚାଇବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ବୋଲି ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସଚେତନତା ସୃଷ୍ଟି କରିଥିଲେ। ମୁଣ୍ଡଳୀରୁ ଆସିଥିବା ଏନ୍‌ଡ଼ିଆର୍‌ଏଫ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ଲୋକ ଉପସ୍ଥିତ ଥିଲେ। ପିଏ ଜଗଦୀଶ ଓରାମ, ପିଇଓ ଘାସିରାମ ମାହାନ୍ତ, ଜିଆରଏସ୍ ବସନ୍ତ କୁମାର ମାହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ଜଣାପଡିଛି।

## ଜୟ ଧାର୍ମେ ବେଲାୟ କଳାକାର ଗ୍ରୁପ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**କୁତ୍ରା,୧୬।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଡାହିଜିରା ମଖାପଡା ଗ୍ରାମର ଜୟ ଧାର୍ମେ ବେଲାୟ କଳାକାର ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ମାଧ୍ୟମରେ ଜିଲାରେ ରହିଥିବା ବିଭିନ୍ନ ସାଂସ୍କୃତିକ ଦଳକୁ ସେମାନଙ୍କ ପାରମ୍ପରିକ କଳାକୁ ବଞ୍ଚାଇ ରଖିବା ପାଇଁ ଆବଶ୍ୟକ ବାଦ୍ୟଯନ୍ତ୍ର, ପୋଷାକ ପ୍ରଦାନ କରାଯାଉଛି। ଏଥିରେ ଡାହିଜିରା ମଖାପଡ଼ାର କିଷାନ ନୃତ୍ୟ ଦଳକୁ ମଧ ଆବଶ୍ୟକ ସରଞ୍ଜାମ ପ୍ରଦାନ କରାଯାଇଛି। ଏଣୁ ଏଠାକାର କଳାକାର ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ ଉଦ୍ଦେଶ୍ୟରେ କରାଯାଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡିର ପୂର୍ବତନ ରାଜ୍ୟ ସମ୍ପାଦକ ବେନେଡିକ ତିର୍କୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାର ସୁନ୍ଦରଗଡ଼ ଜିଲାର ପାରମ୍ପରିକ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ପାଇଁ କରୁଥିବା ଉଦ୍ୟମ ପାଇଁ କୃତଜ୍ଞତା ଜଣାଇଥିଲେ। ଅଲ ଇଣ୍ଡିଆ ଟ୍ରାଇବାଲ କାଉନସିଲର ସାଧାରଣ ସମ୍ପାଦକ ତଥା ଜିଲା ଯୁବ ବିଜେଡିର ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ସରପଞ୍ଚ ଭୁବନ କୁଜୁର, ଯୁବ ବିଜେଡି ବ୍ଲକ ସଭାପତି ବିନୋଦ ଟପ୍ପୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।


ଜୟ ଧାର୍ମେ ବେଲାୟ କଳାକାର ଗ୍ରୁପ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ



**ଦେବଗଡ଼,୧୬।୬(ଡି.ଏନ.ଏ.)**

ଦେବଗଡ଼ ପୌର ପରିଷଦର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ହଡପ ଘଟଣାର ଉପଯୁକ୍ତ ତଦନ୍ତ କରାଯିବା ସହ ଦୋଷୀ ଅଧିକାରୀ କର୍ମଚାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଭଳି ଦାବି ଉପସ୍ଥାପିତ କରିଛନ୍ତି ଦେବଗଡ ପୌର ପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ୫ ଜଣ କାଉନସିଲର। ଦେବଗଡ ପୌର ପରିଷଦ ୪ ନମ୍ବର ୱାର୍ଡର ଭାଜପା କାଉନସିଲର ତଥା ପୌର ଉପାଧ୍ୟକ୍ଷ ଭୋଜଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ ଖବରଦାତା ସମ୍ମିଳନୀରେ ଭାଜପା କାଉନସିଲର ମଧୁସୂଦନ ବାଘ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ମଞ୍ଚାସୀନ ରହି ଅବସରପ୍ରାପ୍ତ କର୍ମଚାରୀ ଜଗବନ୍ଧୁ ମୁଣ୍ଡାଙ୍କ ୧୩ ଲକ୍ଷ ଟଙ୍କା ହଡପ ଘଟଣାରେ ଆକାଉଣ୍ଟାଣ୍ଟଙ୍କ ସମେତ ମୁଖ୍ୟ କିରାଣି, ପୌର ନିର୍ବାହୀ ଅଧିକାରୀ ସମ୍ପୃକ୍ତ ଥିବା ସେମାନେ ଅଭିଯୋଗ କରିଥିଲେ। ଏହି ଅବସରରେ ସେମାନେ ବିଗତ ୪ ବର୍ଷ ମଧ୍ୟରେ ଦେବଗଡ଼ ପୌର ପରିଷଦରେ କୋଟି କୋଟି ଟଙ୍କାର ଦୁର୍ନୀତି ଏବଂ ଟେଣ୍ଡର ଫିକ୍ସିଂ ହୋଇଥିବା ଏବଂ ଏଥିରେ ମଧ୍ୟ ଉପରୋକ୍ତ କର୍ମଚାରୀ ଜଡିତ ଥିବା ଦର୍ଶାଇ ଏହାର ଭିଜିଲାନ୍ସ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଅନ୍ୟଥା ସେମାନେ ସାମୂହିକ ଭାବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ଜଗବନ୍ଧୁ ମୁଣ୍ଡାଙ୍କ ପ୍ରାପ୍ୟ ହଡପ ଘଟଣାରେ ନିର୍ବାହୀ ଅଧିକାରୀ ନିଜେ ସମ୍ପୃକ୍ତ ଥିବା ବେଳେ ନିଜକୁ ଏବଂ ମୁଖ୍ୟ କିରାଣିଙ୍କୁ ବଞ୍ଚାଇବା ପାଇଁ ସେ କେବଳ ଆକାଉଣ୍ଟାଣ୍ଟଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦର୍ଶାଇବା ସହ ଜଣେ ଅସ୍ଥାୟୀ /ଠିକା କର୍ମଚାରୀଙ୍କୁ କେଉଁ ସ୍ୱାର୍ଥରେ ଆକାଉଣ୍ଟାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା ସେ ନେଇ ମଧ୍ୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତା ସମ୍ମିଳନୀରେ ଠକାମିର ଶିକାର ହୋଇଥିବା ଅବସରପ୍ରାପ୍ତ କର୍ମଚାରୀ ମୁଣ୍ଡା ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜର ଦୁଃଖର କାହାଣୀ ବର୍ଣ୍ଣନା କରିଥିଲେ।

## ମୌସୁମୀ ପୂର୍ବରୁ ମନ୍ଦିରା ଡ୍ୟାମ୍‌ରୁ ଜଳ ନିଷ୍କାସନ ଆରମ୍ଭ

**କୁଆଁରମୁଣ୍ଡା,୧୬।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ନିକଟବର୍ତ୍ତୀ ମନ୍ଦିରା ଡ୍ୟାମରୁ ଚଳିତବର୍ଷର ପ୍ରଥମ ଜଳ ନିଷ୍କାସନ ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଶଙ୍ଖ ନଦୀରେ ନିର୍ମିତ ଏହି ଡ୍ୟାମରୁ ଜଳ ନିଷ୍କାସନ ହେଉଥିବାରୁ ଏହାର ତଳମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବ। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ଏହି ଡ୍ୟାମ ପରିଚାଳିତ ହେଉଥିବାବେଳେ ଶଙ୍ଖନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବ ବୋଲି ଜଣାପଡିଛି। ଏ ନେଇ ନଦୀ ତଟବର୍ତ୍ତୀ ତଳିଆ ଅଞ୍ଚଳବାସୀ ଜଳ ନିଷ୍କାସନ ବେଳେ ନଦୀ ଭିତରକୁ ନ ଯିବା ପାଇଁ ମନ୍ଦିରା ଡ୍ୟାମ କର୍ତ୍ତୃପକ୍ଷ ସତର୍କ କରାଇଥିବା ଜଣାପଡିଛି। ଚଳିତ ବର୍ଷର ମୌସୁମୀକୁ ଲକ୍ଷ୍ୟ କରି ଡ୍ୟାମ କର୍ତ୍ତୃପକ୍ଷ ଆଗୁଆ କିଛି ପରିମାଣର ଜଳ ନିଷ୍କାସନ କରୁଥିବା ସୂଚନା ମିଳିଛି। ଫଳରେ ଶଙ୍ଖ ଓ କୋଏଲ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇବ ବୋଲି ଜଣାପଡିଛି।

## ଏନ୍‌ଟିପିସି ପକ୍ଷରୁ ବାଳିକା ସଶକ୍ତୀକରଣ ମିଶନ କର୍ମଶାଳା

**ସୁନ୍ଦରଗଡ,୧୬।୬(ଡି.ଏନ.ଏ.)**

ଏନଟିପିସି ଦର୍ଲିପାଲି ପକ୍ଷରୁ ଚାରି ସପ୍ତାହ ବ୍ୟାପୀ ବାଳିକା ସଶକ୍ତିକରଣ ମିଶନ ଆବାସିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ମୁଖ୍ୟ ଏ.କେ.ତଣ୍ଡନ ଏବଂ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଖପାଖ ବିଦ୍ୟାଳୟଗୁଡିକରୁ ଭାଗ ନେଇଥିବା ୪୦ ବାଳିକା ଛାତ୍ରୀଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। ବାଳିକାମାନେ କିଭଳି ବିଭିନ୍ନ କ୍ଷେତ୍ରରେ ନିଜର ପରଦର୍ଶିତା ପ୍ରତିପାଦନ କରିବେ ସେନେଇ ଉତ୍ସାହିତ କରିଥିଲେ। ବିଧାୟିକା ଆହୁରି କହିଥିଲେ ଯେ, ମହିଳାମାନେ ଦକ୍ଷତା ବିକାଶ ସହିତ ସବୁ କ୍ଷେତ୍ରରେ ଦୃଢ଼ ନେତୃତ୍ୱ ନେବାକୁ ପରାମର୍ଶ ଦେବା ସହ ଏନଟିପିସି ଦର୍ଲିପାଲିର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶେଷରେ ଶିବିରରେ ଭାଗ ନେଇଥିବା ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଖୋଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ, ୧୬।୬**

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍‌ରେ ସିଲଭର ମେଡାଲ ଜିତି ସୁନ୍ଦରଗଡ଼ ଜିଲାର ବାଲିଶଙ୍କରା ବ୍ଲକ କଣ୍ଟାବାହାଲ ଗ୍ରାମରେ ବାସ କରୁଥିବା ଖୋଖୋ ଖେଳାଳି ବିଶାଳ ଓରାମଙ୍କୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବିଶାଳ ହରିୟାଣାରେ ଚାଲୁଥିବା ୫ ଦିନଆ ଖେଲୋ ଇଣ୍ଡିଆ ଖୋଖୋ ଗେମ୍‌ରେ ଓଡିଶା ଦଳରୁ ଭାଗ ନେଇଥିଲେ। ଉକ୍ତ ଖେଳରେ ସେ ସିଲଭର ମେଡାଲ ପ୍ରାପ୍ତ କରିଛନ୍ତି। ଗୁରୁବାର ସେ ଭୁବନେଶ୍ୱରରୁ ରାଉରକେଲା ପହଞ୍ଚିବା ପରେ ତାଙ୍କୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ତାଙ୍କ ସହ ଏକ୍ସପୋର୍ଟ ଶିକ୍ଷକ ଷଷ୍ଠି ନାୟକ, ଖୋଖୋ କୋଚ୍ ଅନୀଲ ସାହୁଙ୍କ ସହ ଅନ୍ୟ ୭ ଜଣ ଖେଳାଳି ଉପସ୍ଥିତ ଥିଲେ। ବିଶାଳ ବାପା ତୁଳସୀ ଓରାମ ଓ ମା ଭଗବତୀ ଓରାମଙ୍କ ପୁଅ ଅଟନ୍ତି। ବିଶାଳ ବର୍ତ୍ତମାନ ପର୍ଯ୍ୟନ୍ତ ୫ ଥର ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୨ ଥର ବିଦ୍ୟାଳୟ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ୩ଟି ପଦକ ଯଥାକ୍ରମେ ୨ଟି ସିଲଭର ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।


ଖୋଖୋ ଖେଳାଳି ବିଶାଳ ଓରାମଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।


ସାଂସ୍କୃତିକ ଦଳ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ।

# ସାଂସ୍କୃତିକ ମହୋତ୍ସବ ସେଲ୍ ସୁରଭି ଆରମ୍ଭ

**ରାଉରକେଲା ଅଫିସ,୧୬।୬**

ସେକ୍ଟର-୧୯ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ସେଲ୍ ସ୍ଥାପନାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସେଲ୍ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଇସ୍ପାତ କାରଖାନାର ସାଂସ୍କୃତିକ ମହୋତ୍ସବ ସେଲ୍ ସୁରଭି ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏଲ୍‌ଆଇସି ସମ୍ବଲପୁର ଡିଭିଜନର ସିନିୟର ମ୍ୟାନେଜର ବି.ଏଲ. ଦାସ, ଏନ୍‌ଆଇଟି ରାଉରକେଲା ନିର୍ଦ୍ଦେଶକ ପ୍ରଦୀପ ସରକାର, ନିର୍ଦ୍ଦେଶକ ଆରସିସିଏଫ୍ ଡ. ଅରୁଣ କୁମାର ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ କୁଣ୍ଡୁ, ଏସ୍.ଆର. ସୂର୍ଯ୍ୟବଂଶୀ, ଇନ୍ଦ୍ରାଣୀ କୁଣ୍ଡୁ, ହର୍ଷଲା ସୂର୍ଯ୍ୟବଂଶୀ, ହରଣମୟୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଭିଲାଇ ଷ୍ଟିଲ ପ୍ଲାଣ୍ଟର ସଙ୍ଗୀତ ଦଳ ମନୋଜ୍ଞ ସଙ୍ଗୀତ ପରିବେଷଣ କରିଥିଲେ, ଯେଉଁଥିରେ ଶାସ୍ତ୍ରୀୟ ସଙ୍ଗୀତ, ଭଜନ, ଗଜଲ ଓ ଲଘୁ ସଙ୍ଗୀତ ଆକର୍ଷିତ ଥିଲା। ଏହା ପରେ ଆଲୟ ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ସାତଚକ୍ର ଉପରେ ଆଧାରିତ ଏକ ଚମତ୍କାର ପ୍ରଦର୍ଶନ ଦର୍ଶକଙ୍କ ହୃଦୟ, ମନକୁ ଛୁଇଁଥିଲା। ପ୍ରତ୍ୟେକ ଚକ୍ରକୁ ନିଜ ରଙ୍ଗ ଓ ମହତ୍ତ୍ୱ ସହିତ ସଙ୍ଗୀତ, ନୃତ୍ୟ, ଚିତ୍ରକର ମିଶ୍ରଣ ଦ୍ୱାରା ସୁନ୍ଦର ଭାବରେ ଚିତ୍ରିତ କରାଯାଇଥିଲା। ଦୁର୍ଗାପୁର ଇସ୍ପାତ କାରଖାନାର ସାଂସ୍କୃତିକ ଦଳ ପକ୍ଷରୁ ରବୀନ୍ଦ୍ର ସଙ୍ଗୀତରୁ ଆରମ୍ଭ କରି ବଙ୍ଗୀୟ ସଂସ୍କୃତିକୁ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ କିମ୍ବଦନ୍ତୀ ହିନ୍ଦୀ ଚଳଚ୍ଚିତ୍ରର ଗାୟକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସିସିଡବ୍ଲ୍ୟୁ ବିଭାଗର ସିନିୟର ମ୍ୟାନେଜର ଦିବ୍ୟା ଦାଶ, ସଙ୍ଗୀତା ମାରିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଚୋରି ବ୍ୟାଟେରି ଜବତ, ୨ ଗିରଫ

ବ୍ରଜରାଜନଗର,୧୬।୬(ଡି.ଏନ.ଏ.): ଓରିଏଣ୍ଟ ଥାନା ଅନ୍ତର୍ଗତ ୯ନମ୍ବର ଟ୍ରକ ପାର୍କିଂରୁ ବ୍ୟାଟେରି ଚୋରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏ ନେଇ ଓରିଏଣ୍ଟ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଇଥିଲା। ଗୁରୁବାର ଭୋର ସମୟରେ ୨ ଅଭିଯୁକ୍ତଙ୍କୁ ପୋଲିସ ପାର୍କିଂରୁ ଗିରଫ କରିବା ସହ ସେମାନଙ୍କଠାରୁ ଦୁଇଗୋଟି ବ୍ୟାଟେରି ଜବତ କରିଛି। ସେମାନେ ହେଲେ ରାମଗଡ ଅଞ୍ଚଳର କବି କୁମାର ସିଂହ (୨୦) ଓ ରାହୁଲ ଭାଇନା (୧୯)। ଏମାନେ ବ୍ୟାଟେରି ଚୋରିକରି ଝାରସୁଗୁଡା ସହରର ଏକ ଦୋକାନରେ ବିକ୍ରି କରୁଥିଲେ। ପୋଲିସ ଉକ୍ତ ଦୋକାନରେ ଚଢାଉ କରି ବ୍ୟାଟେରି ଜବତ କରିଛି। ପୋଲିସ ଥାନା କେସ୍ ନଂ. ୬୫/୨୨ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### କୋଇଡା ଅଞ୍ଚଳରେ ରଜ ମହୋତ୍ସବ



ଟେନ୍‌ସା, ୧୬।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରଜ ପର୍ବ ପାଳିତ ହୋଇଯାଇଛି। କୋଇଡା ଗୋପପୁର ସାହି, ଓଏମଏମ ଛକ, କାଶିରା, ଭଞ୍ଜପାଲି, ମିଥିଡା, ପାଟମୁଣ୍ଡା, ମାଲଦା,କମଣ୍ଡ, ମୁସୁମଡ଼ିହି, କାଲଟା, ଡେଙ୍ଗୁଲା, କାଦୋଡିହା, କେ. ବଲାଙ୍ଗ, ବିମିଳାଗଡ଼, ଜାମୁଦି, ଗୋପନା, ରେଲାଡ୍ଡ଼ୁ, ଚୋରଧରା, ଟେନସା ଆଦି ଗ୍ରାମରେ ବିଭିନ୍ନ କିସମର ଦୋଳି ସବୁ ଲାଗିଥିଲା। ଝିଅ ମାନେ ରଜଦୋଳି ଗୀତ ଗାଇ ମଜା ଉଠାଇଥିଲେ। ବିଭିନ୍ନ ସ୍ଥାନରେ ରଜ ପାନର ଆସର ଜମିଥିଲା। କରୋନା ମହାମାରୀ ଯୋଗୁଁ ଗତ ଦୁଇବର୍ଷ ହେଲା ବନ୍ଦ ପଡିଥିବା ବେଳେ ଚଳିତ ବର୍ଷ ରଜ ପର୍ବକୁ କୋଇଡାବାସୀ ଆନନ୍ଦ ଉଲ୍ଲାସର ସହ ପାଳନ କରିଥିଲେ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବାଉଁଶୁଣୀ,୧୬।୬(ଡି.ଏନ.ଏ.): ବୁଧବାର ୫୭ନଂ ଜାତୀୟ ରାଜପଥର ବୌଦ୍ଧ ଥାନା ତେଲିବନ୍ଧ ନିକଟରେ ହୋଇଥିବା ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସଦାନନ୍ଦ ମାଝୀଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ବୌଦ୍ଧ ଥାନା କମଳପୁର ଗ୍ରାମର ସଦାନନ୍ଦ ମାଝୀ ଓ ଉତ୍ତମ ଭୋଇ ଏକ ବାଇକ୍ ଯୋଗେ ଜହ୍ନାପଙ୍କ ପଟୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ତେଲିବନ୍ଧ ନିକଟ ଗାଈଦଣ୍ଡା ପୋଲ ନିକଟରେ ବାଇକ୍‌ଟି କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଗୁରୁତର ଆହତ ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସଦାନନ୍ଦଙ୍କ ମୃତ୍ୟୁ ହୋଇଥିବା ବେଳେ ଉତ୍ତମ ଚିକିତ୍ସାଧୀନ ଅଛନ୍ତି।

# ଦେବଝରଣର ବିକାଶ ହେବ: ମନ୍ତ୍ରୀ

ସମ୍ବଲପୁର/ପଡିଆବାହାଲ, ୧୬।୬(ବ୍ୟୁରୋ/ଡି.ଏନ.ଏ.)



ପର୍ଯ୍ୟଟନସ୍ଥଳ ବୁଲିବା ଅବସରରେ ମନ୍ତ୍ରୀ ରୋହିତ ପୂଜାରୀ ଓ ଅନ୍ୟମାନେ।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମେଘପାଳ ପଞ୍ଚାୟତକୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଗୁରୁବାର ଗସ୍ତ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପାନପୋଷ ହାତିଦହଲା ଜଳାଶୟ ଓ ପର୍ଯ୍ୟଟନସ୍ଥଳ ଦେବଝରନ ଇକୋ ଟୁରିଜମ ପରିଦର୍ଶନ କରିଥିଲେ। ହାତିଦହଲା ଜଳାଶୟ ପୁନଃ ଉଦ୍ଧାର ନେଇ ଦାବି ହେଉଥିବାବେଳେ ମନ୍ତ୍ରୀଙ୍କ ଗସ୍ତ ଅଞ୍ଚଳବାସୀଙ୍କ ମନରେ ଆଶା ସଞ୍ଚାର କରିଛି। ଯୁଯୁମୁରା ବ୍ଲକ୍ ବିଜେଡି ସଭାପତି ବିନୋଦ ବଡପଣ୍ଡାଙ୍କ ସହିତ ମନ୍ତ୍ରୀ ପାନପୋଷରେ ପହଞ୍ଚିଥିଲେ। ମେଘପାଳ ସରପଞ୍ଚ ମମତା ପ୍ରଧାନ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ। ଜଳାଶୟ ପୁନଃ ଉଦ୍ଧାର ହେଲେ ମେଘପାଳ ସହିତ କୁଲୁଣ୍ଡି ଓ ଟାମ୍ପରଗଡ ପଞ୍ଚାୟତର ବହୁଚାଷୀ ଜଳସେଚନ ସୁବିଧା ପାଇପାରିବେ। ସ୍ଥାନୀୟ ହନୁମାନ ମନ୍ଦିର ପ୍ରତିଷ୍ଠା ସମୟରେ ଜଳାଶୟ ପୁନଃ ଉଦ୍ଧାର ପାଇଁ ମନ୍ତ୍ରୀ ପୂଝାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ଇକୋ ଟୁରିଜମ ଦେବଝରଣ ଜଳପ୍ରପାତ ଓ ଜଳଭଣ୍ଡାକୁ କିଭଳି ବିକଶିତ କରାଯାଇ ପାରିବ ସେ ନେଇ ମନ୍ତ୍ରୀ ଆଲୋଚନା କରିଥିଲେ। ଏହି ସମୟରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଦେବଝରଣର ଅନେକ ବିକାଶ କାମ ହୋଇଛି। ପର୍ଯ୍ୟଟକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ରାଜ୍ୟ ସରକାର ପର୍ଯ୍ୟଟନ ସ୍ଥଳର ବିକାଶ କରୁଛନ୍ତି। ଦେବଝରଣକୁ ଆହୁରି ବିକଶିତ କରାଯିବ ମନ୍ତ୍ରୀ ପୂଜାରୀ କହିଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ପାଣି ଚୋରି

ରେଙ୍ଗାଲି,୧୬।୬(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଓ ଠିକା ସଂସ୍ଥା ଆଦାନୀ କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବେଆଇନ ଗଛ କଟାରୁ ଆରମ୍ଭ କରି କ୍ଷତିପୂରଣ, ଜମି ଅଧିଗ୍ରହଣ, କୋଇଲା ପରିବହନ, ମାଟି ଓ ପାଉଁଶ ଚାଷ ଜମିରେ ପକାଇବା ଭଳି ଅଭିଯୋଗ ହୋଇଥିଲା। ଏବେ ହୀରାକୁଦ ଜଳଭଣ୍ଡାରରୁ ପାଣି ଚୋରି ହେଉଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି । ଏହାକୁ ନେଇ ଗ୍ରାମବାସୀ ହୀରକୁଦ ଜଳଭଣ୍ଡାର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି କମ୍ପାନୀ ହୀରାକୁଦ ଜଳଭଣ୍ଡାର ନିଷେଧାଞ୍ଚଳରୁ ବେଆଇନ ଭାବରେ ପମ୍ପ ଲଗାଇ ଜଳ ଉଠାଉଛି। ଜଳଭଣ୍ଡାର ଉପରେ ଖିଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖିଣ୍ଡା, ତଲାବିରା ଓ ଦନ୍ତାମୁରା ଗ୍ରାମବାସୀ ନିର୍ଭର କରିଥାନ୍ତି। ଏବେ କମ୍ପାନୀ ବେଆଇନ ଭାବେ ପାଣି ଉଠାଉଥିବାରୁ ପାଣି ଶୁଖିବାକୁ ବସିଲାଣି। ଏହା ଦ୍ୱାରା ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ସେମାନେ ଅଭିଯୋଗପତ୍ର ଦେଇଛନ୍ତି।



ଜଳଭଣ୍ଡାରରୁ ପମ୍ପ ଲଗାଇ ପାଣି ଉଠାଯାଉଛି।

# ବିସ୍ଥାପନ ବିରୋଧୀ ଥିଲେ ପ୍ରସନ୍ନ ପଣ୍ଡା

ଝାରସୁଗୁଡ଼ା ଅଫିସ,୧୬।୬

ଝାରସୁଗୁଡା ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ପୂର୍ବତନ ବିଧାୟକ ଜନନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଅଢାପଡା ବାସଭବନ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରସନ୍ନ ଭବନରେ ଶିକ୍ଷାବିତ୍ ଅଭିନ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରନ୍ଦର ପାଢୀଯୋଶୀ, ରମେଶ ତ୍ରିପାଠୀ, ଜିଲା ପରିଷଦ ସଦସ୍ୟା ପୁଷ୍ପଲତା ସେଠ୍, ସରପଞ୍ଚ ରଘୁମଣି ପ୍ରଧାନ, ସମିତିସଭ୍ୟା ଦମୟନ୍ତୀ ସା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ଝାରସୁଗୁଡା ଓ ପ୍ରସନ୍ନ ପଣ୍ଡା ଆଇନ କଲେଜର ମିଳିତ ଉଦ୍ୟମରେ ବିଟିଏମ୍ ନିକଟ ବାଇପାସ୍ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ଭାଜପା ତରଫରୁ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପ୍ରସନ୍ନ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ମୃତି କମିଟି ଓ ଆଇନ କଲେଜ ମିଳିତ ଉଦ୍ୟମରେ ଝାରସୁଗୁଡା ସହରର ଏକ ହୋଟେଲରେ ପ୍ରାଧ୍ୟାପକ ତପନ ବାରିକଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନୀ ତଥା ସ୍ତମ୍ଭକାର ଅଭିରାମ ବିଶ୍ୱାଳ, ପ୍ରକୃତିପ୍ରେମୀ ସଂଗ୍ରାମ ରାଉତ, ସାମାଜିକ କର୍ମୀ ମହମ୍ମଦ ରୌଫ୍, ଆଇନ କଲେଜ ଅଧ୍ୟାପକ ପୁରୁଷୋତ୍ତମ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ଗଣତନ୍ତ୍ରର କୁହୁକ ପ୍ରସଙ୍ଗରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଜନନେତା ପ୍ରସନ୍ନ ପଣ୍ଡାଙ୍କ ପାଇଁ ରାଜନୀତି ଥିଲା ଲୋକତନ୍ତ୍ର। ସେ ନିସ୍ୱାର୍ଥପର ଭାବେ ଲୋକଙ୍କ ପାଇଁ କାମ କରୁଥିଲେ। ସେ ଥିଲେ ବିସ୍ଥାପନ ବିରୋଧୀ। ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନରେ ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ମୁଖ୍ୟବକ୍ତା ଖବରଦାତା ଶିବ ନନ୍ଦ, ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ସମ୍ପାଦକ ଗୋପୀନାଥ ମାଝି, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖବରଦାତା ମେହବୁବ୍ ମହତାବ ଏହାକୁ ପରିଚାଳନା କରିଥିବାବେଳେ ସିପିଆଇ ନେତା ସାରଙ୍ଗଧର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ରତ୍ନାକର ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

## ଏମ୍‌ସିଏଲ୍‌ରେ ସ୍ୱଚ୍ଛତା ସପ୍ତାହ ଉଦ୍‌ଘାଟିତ



ଏମ୍‌ସିଏଲ୍ ମୁଖ୍ୟାଳୟଠାରେ ଶପଥ ପାଠ କରାଯାଉଛି ।

ସମ୍ବଲପୁର,୧୬।୬(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଗୁରୁବାର ଜାଗୃତି ବିହାର ମୁଖ୍ୟାଳୟଠାରେ ସ୍ୱଚ୍ଛତା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାସସ୍ଥାନ ଏବଂ କର୍ମକ୍ଷେତ୍ରରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ବଜାୟ ରଖିବାକୁ ମୁଖ୍ୟଅତିଥି ଅନୁରୋଧ କରିଥିଲେ। ଏହି ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ। ଅର୍ଥ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଭି.କେ. ପଟେଲ, ବୈଷୟିକ ପ୍ରକଳ୍ପ ଏବଂ ଯୋଜନା ନିର୍ଦ୍ଦେଶକ ଯୁଗଳ କିଶୋର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଅନୁଗୋଳ, ସୁନ୍ଦରଗଡ ଓ ଝାରସୁଗୁଡା ଜିଲାରେ ଥିବା ଏମ୍‌ସିଏଲ୍ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

## କଫ ସିରପ ଜବତ, ୪ଗିରଫ

ବରପାଲି ,୧୬।୬ (ଡି.ଏନ.ଏ.)

ବରଗଡ ଜିଲା ବରପାଲି ଥାନା ପୋଲିସ ବିପୁଳ ପରିମାଣର କଫସିରପ୍ ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦୀପକ କୁମାର ଗୋଛାୟତଙ୍କ ତତ୍ତ୍ୱାବଧାନରେ ବରପାଲି ଆଇଆଇସି ରୋଜାଲିନ ପଟେଲ ଓ ଟିମ୍ ବରପାଲି–ରାମପୁର ରାସ୍ତାର ବାରଙ୍ଗପାଲି ପୋଲ ନିକଟରେ ଗାଡି ଯାଞ୍ଚ କରୁଥିଲେ। ଓଡ଼ି୧୭ୟୁ ୯୫୪୩ ନମ୍ବର କାରକୁ ଅଟକାଇ ଯାଞ୍ଚ କରିବାରେ ସେଥିରୁ ବିପୁଳ ପରିମାଣର କଫସିରପ ଓ ନାଇଟ୍ରୋସନ ବଟିକା ଜବତ କରାଯାଇଥିଲା। ଗାଡ଼ିରେ ଥିବା ୪ଜଣଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ହେଲେ ସୋହେଲା ଥାନା ବନାବିରାର ଚୁଡ଼ାରାମ ସେଠ (୪୨), ବରପାଲି ଥାନା ବର୍ଲାବାହାଲର ବିଜୁ ଗହୀର (୩୪), ସୋହେଲାର ପ୍ରମୋଦ ପୋଡ (୨୭) ଏବଂ ଲୁହୁରାଚଟିର ଥେଟିଆ ମେହେର(୫୫)। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ ଓ ୫୨,୩୪୦ ଟଙ୍କା ମଧ୍ୟ ଜବତ କରାଯାଇଥିବା ନେଇ ବରଗଡ଼ ଏସ୍‌ଡିପିଓ ଗୋଛାୟତ ବରପାଲି ଥାନାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଦୁଇଦିନ ପୂର୍ବରୁ ମଧ୍ୟ ବରପାଲିରେ ବିପୁଳ ପରିମାଣର କଫ ସିରପ ଓ ନିଶା ବଟିକା ପୋଲିସ ଜବତ କରିଥିଲା।

## ରେଢ଼ାଖୋଲ ଉପକାରାଗାରରେ କଏଦୀଙ୍କ ଧାରଣା

ରେଢ଼ାଖୋଲ,୧୬।୬ (ଡି.ଏନ.ଏ.)

ରେଢ଼ାଖୋଲ ଉପକାରାଗାରରେ ଥିବା କଏଦୀମାନେ ବିଭିନ୍ନ ଦାବି ନେଇ ଗୁରୁବାର ଧାରଣା ଦେଇଛନ୍ତି। ହେଲେ ଏ ନେଇ ସେମାନେ ପ୍ରଶାସନକୁ ଲିଖିତ ଭାବେ ଅଭିଯୋଗ କରି ନ ଥିଲେ। ଖବରପାଇ ଉପଜିଲାପାଳ ପବିତ୍ର ବେହେରା ଅପରାହ୍ନରେ ଉପକାରାଗାରକୁ ଯାଇ କଏଦୀମାନଙ୍କ ସହିତ ଆଲୋଚନା କରି ଲିଖିତ ଅଭିଯୋଗ କରିବାକୁ କହିଥିଲେ। କଏଦୀମାନେ ଅଭିଯୋଗ କରିବାକୁ ଉପକାରାଗାରରେ କାଗଜ ଦେଉ ନ ଥିବା କହିଥିଲେ। ତେବେ ଗତ ୨ମାସ ହେବ ନୂତନ ଭାବେ ଯୋଗଦେଇଥିବା ସବ୍‌ଜେଲର କଏଦୀମାନଙ୍କୁ ଠିକ୍ ଭାବେ ଖାଇବା ପିଇବାକୁ ଦେଉ ନ ଥିବାବେଳେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ଉପଜିଲାପାଳ ଆଲୋଚନା କରି ଫେରିଥିବା ବେଳେ କଏଦୀମାନେ ଜେଲ ବିଭାଗ ଡିଜି ଓ ଆଇଜି ସେମାନଙ୍କ ଅଭିଯୋଗ ଶୁଣିବାକୁ ଦାବି କରିଥିଲେ। ଉପକାରାଗାରରେ ପ୍ରାୟ ୫୦ ଜଣ କଏଦୀ ରହୁଥିବା ଜଣାପଡିଛି। ଏ ନେଇ ସବ୍‌ଜେଲର ୟୁ.କେ. ଜେନାଙ୍କ ମୋବାଇଲ ନଂ. ୭୯୭୮୬୮୨୫୨୫ରେ ଯୋଗା ଯୋଗ କରିଥିଲେ ହେଁ ସେ ଫୋନ ନ ଉଠାଇବାରୁ ମତାମତ ନିଆଯାଇପାରି ନାହିଁ।



ରେଢ଼ାଖୋଲ ଉପକାରାଗାର।

## ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ତଦନ୍ତ ଦାୟିତ୍ୱ

### ଏସ୍‌ୟୁ ସ୍ୱଚ୍ଛତା ଅଭିଯାନରେ ଆର୍ଥିକ ଅନିୟମିତତା

ସମ୍ବଲପୁର,୧୬।୬(ବ୍ୟୁରୋ)

ସ୍ୱଚ୍ଛତା ଅଭିଯାନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)କୁ ଆର୍ଥିକ ଅନୁଦାନ ଭାବେ ୩୦ଲକ୍ଷ ଟଙ୍କା ଆସିଥିଲା। କିନ୍ତୁ ତାହା କିପରି ଖର୍ଚ୍ଚ ହୋଇଛି ସେ ନେଇ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ବିଳମ୍ବରେ ହେଲେ ସୁଦ୍ଧା ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପତ୍ର ସଂଖ୍ୟା ୪୦୪୫/୬ରେ ଉଚ୍ଚ ଶିକ୍ଷା ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକମାସ ଭିତରେ ରିପୋର୍ଟ ଦେବାକୁ ପତ୍ରରେ ଉଲ୍ଲେଖ ରହିଛି ।

## ଚୋରି ବେଳେ ଯୁବକ ଗିରଫ

ଝାରସୁଗୁଡ଼ା ଅଫିସ,୧୬।୬

ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) କଲୋନୀ କ୍ୱାର୍ଟର୍ସରୁ ବୁଧବାର ରାତିରେ ଚୋରି କରୁଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଣ୍ଡରୀ ଗ୍ରାମର ଅରୁଣ କରାଳୀ(୨୪)। ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ ଓପିଜିସି ଅଧିକାରୀ ମୁକେଶ ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ଥାନାରେ ଏକ ମାମଲା (ନଂ.୧୨୯/୨୨) ରୁଜୁ ହୋଇଛି।

## ମୁଖ୍ୟ ରାସ୍ତାରେ ପଡ଼ିଲା ଗଛ

ଅମରପାଲି, ୧୬।୬ (ଡି.ଏନ.ଏ.)

ବୀରମହାରାଜପୁର–ସୋନପୁର ରାଜ୍ୟ ରାଜପଥର କାନପୁର ଛକ ପାଖ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ ଗଛର ଡାଳ ଭାଙ୍ଗି ଯିବାରୁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ସ୍ଥାନୀୟ ଲୋକେ ଗଛ କାଟି ରାସ୍ତା ସଫା କରିଥିଲେ। ଡାଳ ଭାଙ୍ଗିବା ସମୟରେ ସୌଭାଗ୍ୟକୁ ଏହି ରାସ୍ତା ଦେଇ କୌଣସି ପଥଚାରୀ ଯାଉ ନ ଥିବାରୁ ବର୍ତ୍ତି ଯାଇଛନ୍ତି।

# ଯାଦବ ସମାଜର କର୍ମକର୍ତ୍ତା ନିର୍ବାଚନ

କୁଚିଣ୍ଡା,୧୬।୬(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତସ୍ତରୀୟ ଯାଦବ ସାଂଗଠନିକ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଗଣେଶ ମାକରଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ସମ୍ବଲପୁର ଜିଲା ଯାଦବ ସମାଜ ସଭାପତି ବିରଞ୍ଚି ଦର୍କା ମୁଖ୍ୟଅତିଥି, ସାଧାରଣ ସମ୍ପାଦକ ଦେବାନନ୍ଦ କର୍ସେଲ, ସମ୍ପାଦକ ସରୋଜ ପରୁଆ, କୁଚିଣ୍ଡା ବ୍ଲକ ଜୋନ–୧ ସଭାପତି ପରମାନନ୍ଦ ଷଣ୍ଢ, ସମ୍ପାଦକ ବିପ୍ର ଭଇଁସା, ହାଡିପାଲି ସମ୍ପାଦକ ବୈଦ୍ୟଚରଣ ଷଣ୍ଢ, କୁନ୍ତରା ପଞ୍ଚାୟତ ସଭାପତି ଲମ୍ବୋଦର ଗୌଡ, ସମ୍ପାଦକ ବିଶ୍ୱନାଥ ଗୌଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଙ୍ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବାଙ୍କେ ପଞ୍ଚାୟତର ନବ ନିର୍ବାଚିତ ସମିତିସଭ୍ୟ ସମୀର କଉଡିଙ୍କୁ ଜିଲା ଯାଦବ ସମାଜ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାଙ୍କେ ପଞ୍ଚାୟତ ସ୍ତରୀୟ ଯାଦବ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଦିବ୍ୟଶଙ୍କର କଉଡି ସଭାପତି, ମେଳକ ଷଣ୍ଢ ଓ ତପସିନୀ ଷଣ୍ଢ ଉପସଭାପତି, ଖେତ୍ରଶୀଳ ଗୌଡ ସମ୍ପାଦକ, ସୁବୋଧ ଖର୍ସେଲ ଓ ସୁଲେଶ୍ୱରୀ ଷଣ୍ଢ ସହସମ୍ପାଦକ ଓ ଚନ୍ଦନ ଷଣ୍ଢ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ଗଣେଶ ମାକର ଓ ଅମରେଶ ଷଣ୍ଢଙ୍କୁ ଉପଦେଷ୍ଟା ଏବଂ ବାଙ୍କେ, ଫଲସାଟୁଆଁ, ଗୋପାଳପାଲି, ବାବୁମଲଟି, ଡୁମ୍ବେରମାଲ ଓ କଟୁପାଲି ଗ୍ରାମରୁ ୨ଜଣ ଲେଖାଏ ସଭ୍ୟାସଭ୍ୟ ଭାବେ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ଅମରେଶ ଷଣ୍ଢ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଅକ୍ଷୟ ଷଣ୍ଢ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପ୍ରସନ୍ନ ପଣ୍ଡା ଥିଲେ ସାଧାରଣ ମଣିଷର ପକ୍ଷଧର

## ଜନ୍ମଶତବାର୍ଷିକୀ ସଭାରେ ବକ୍ତାଙ୍କ ମତ

ସମ୍ବଲପୁର,୧୬।୬ (ବ୍ୟୁରୋ)

ପ୍ରସନ୍ନ ପଣ୍ଡା ସାଧାରଣ ମଣିଷର ପକ୍ଷଧର ଥିଲେ। ବିଚାର, ଦଳ ଓ ଅଞ୍ଚଳ ଊର୍ଦ୍ଧ୍ୱରେ ସେ ଜଣେ ମଣିଷକୁ ଗୁରୁତ୍ୱ ଦେଉଥିଲେ। ଜନନେତା ପ୍ରସନ୍ନ କୁମାର ପଣ୍ଡାଙ୍କ ଜନ୍ମଶତବାର୍ଷିକୀ ଅବସରରେ ଗୁରୁବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଅନୁଷ୍ଠିତ ସଭାରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି।

ସ୍ମୃତି କମିଟି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡ. ସୁଦର୍ଶନ ପୂଜାରୀ, ଶ୍ରମିକ ନେତା ବିଜୟ କୁମାର ମହାନ୍ତି, ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, କବି କୁମାର ହସନ, କବି ଡ. ପ୍ରଦୀପ ପଣ୍ଡା, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଚାଷୀନେତା ଶଶିଭୂଷଣ ତ୍ରିପାଠୀ, ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କର୍ମବୀର ପ୍ରସନ୍ନ ପଣ୍ଡା ନିଜ ନୀତିନିଷ୍ଠ ଜୀବନ ପାଇଁ ଚିରସ୍ମରଣୀୟ ରହିବେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତା ଭାବେ ସେ ୬ଥର ବିଧାନସଭାକୁ ନିର୍ବାଚିତ ହୋଇ ବ୍ୟବସ୍ଥାପିକା ଇତିହାସରେ ନିଜର ପରାକାଷ୍ଠା ଉତ୍ତରପିଢି ପାଇଁ ରଖିଯାଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗିରିଧାରୀ ହୋତା, ଶିକ୍ଷକ ନେତା ହରିନାରାୟଣ ପଣ୍ଡା, ଡ. ନିରୁପମା ବଡପଣ୍ଡା, ଡ. ନରେନ୍ଦ୍ର ବେହେରା, ଦେବାର୍ଚ୍ଚନ ଠାକୁର, ମହେଶ ସାଏତା, ପ୍ରଶାନ୍ତ ମାଝି, ଭି ରାମାରାଓ, ଗୋକୁଳ ମେହେର, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ ମିଶ୍ର, ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା, ପୂର୍ବତନ ସଭାପତି ପ୍ରଫୁଲ୍ଲ ହୋତା, ଡ. ଗୌରିଦାସ ପଧାନ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରସନ୍ନ ପଣ୍ଡାଙ୍କ ସ୍ମୃତି ରକ୍ଷା ପାଇଁ ସରକାରୀ ସ୍ତରରେ ଉଦ୍ୟମ ସକାଶେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଥିଲା। ତାଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ପୁସ୍ତକ, ସ୍ମରଣିକା ଓ ଫଟୋ ଆଲ୍‌ବମ ପ୍ରକାଶନ ପାଇଁ ସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସ୍ମୃତି କମିଟି କାର୍ଯ୍ୟକାରୀ ସଭାପତି ଡା. ରମାବଲ୍ଲଭ ମିଶ୍ର ଓ ସମ୍ପାଦକ ଅଶୋକ ବିଶି ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଶ୍ରମିକ ନେତା ରବୀନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଖବରଦାତା ଶିବ ନନ୍ଦ ଧନ୍ୟବାଦ ଦେଇଥିଲେ।




ସଭାରେ ଯୋଗଦେଇଥିବା ଅତିଥିମାନେ।

**ସେନ୍‌ସେକ୍ସ ୧୦୪୬ ପଏଣ୍ଟ ହ୍ରାସ**

ମୁମ୍ବାଇ,୧୬।୬: କ୍ରମାଗତ ୪ର୍ଥ ଦିନ ଲାଗି ଭାରତୀୟ ଶେୟାର ବଜାରରେ ହ୍ରାସ ଘଟିଛି। ଫଳରେ ଗୁରୁବାର ସେନ୍‌ସେକ୍ସ ଏବଂ ନିଫ୍‌ଟି ଗତ ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୧୦୪୬ (୧.୯୯%) ଏବଂ ନିଫ୍‌ଟିରେ ୩୩୨ (୨.୧୧%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୧,୪୯୬ ଏବଂ ନିଫ୍‌ଟି ୧୫,୩୬୧ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଏଥିସହିତ ଗତ ଏକ ସପ୍ତାହ ମଧ୍ୟରେ ସେନସେକ୍ସରେ ପ୍ରାୟ ୪୦୦୦ ପଏଣ୍ଟ ହ୍ରାସ ପାଇଛି। ଦିନର ଟ୍ରେଡିଂ ସେସନରେ ମାତ୍ର ୬୦୭ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୬୮୦ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଜୁନ୍ ଶେଷ ସପ୍ତାହରେ ଜିଏସ୍‌ଟି କାଉନ୍‌ସିଲ ବୈଠକ

**ନୂଆଦିଲ୍ଲୀ,୧୬।୬:** କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ୪୭ତମ ଜିଏସ୍‌ଟି କାଉନ୍‌ସିଲ ସମ୍ପର୍କିତ ବୈଠକ ତାରିଖ ଘୋଷଣା କରାଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁସାରେ, ଜୁନ୍ ୨୮ ଓ ୨୯ରେ ଶ୍ରୀନଗରଠାରେ ଏହି ବୈଠକ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ଏପ୍ରିଲରେ ହେବା ସମ୍ପର୍କରେ ନିର୍ଦ୍ଧାରଣ କରାଯାଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ କାର୍ଯ୍ୟବ୍ୟସ୍ତତା କାରଣରୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେଉଥିବା ବେଳେ ଏଥିରେ କେନ୍ଦ୍ର ଏବଂ ରାଜ୍ୟର ଅର୍ଥମନ୍ତ୍ରୀମାନେ ମଧ୍ୟ ସାମିଲ ହୋଇଥା'ନ୍ତି। ଆଗାମୀ ବୈଠକରେ ଟ୍ୟାକ୍ସ ସ୍ଲାବ୍‌ର ଯୁକ୍ତୀକରଣ ଉପରେ ମନ୍ତ୍ରୀ ସଂଘର ଅନ୍ତରୀଣ ରିପୋର୍ଟକୁ ନେଇ ଆଲୋଚନା ହୋଇପାରେ।

### ମାଷ୍ଟରକାର୍ଡ ଉପରୁ କଟକଣା ହଟିଲା

**ନୂଆଦିଲ୍ଲୀ,୧୬।୬:** ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପକ୍ଷରୁ ଗୁରୁବାର ମାଷ୍ଟରକାର୍ଡ ଉପରେ ଲଗାଇଥିବା କଟକଣା ହଟାଇ ନିଆଯାଇଛି। ଦେୟ ତଥ୍ୟ ସଂରକ୍ଷଣ ସମ୍ବନ୍ଧିତ ନିୟମ ପାଳନ ନ କରିବା ପାଇଁ ୨୦୨୧ ଜୁଲାଇରେ ଏହି କଟକଣା ଲାଗୁ କରାଯାଇଥିଲା। ଯେ ପର୍ଯ୍ୟନ୍ତ ଏହି ଦେୟ ପ୍ରଣାଳୀ ତଥ୍ୟ ମାନଦଣ୍ଡଗୁଡ଼ିକର ସଂରକ୍ଷଣର ପାଳନ କରିବ ନାହିଁ ସେ ଯାଏ ଆମେରିକୀୟ ପେମେଣ୍ଟ ଗେଟ୍‌ୱେକୁ ନୂଆ ଗ୍ରାହକ ସହିତ ସାମିଲ କରାଇବା ପାଇଁ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ରୋକ୍ ଲଗାଇ ଦିଆଯାଇଥିଲା। ମାଷ୍ଟରକାର୍ଡ ଏସିଆ କିମ୍ବା ପ୍ୟାସିଫିକ୍ ପିଟିଇ ଦ୍ୱାରା ପ୍ରଦର୍ଶିତ ସନ୍ତୋଷଜନକ ନିୟମ ଅନୁପାଳନକୁ ନଜରରେ ରଖି ଲିମିଟେଡ୍ ପେମେଣ୍ଟ ସିଷ୍ଟମ ତଥ୍ୟ ସଂରକ୍ଷଣ ଉପରେ ଆର୍‌ବିଆଇ ୨୦୧୮ ଏପ୍ରିଲ୍ ୬ରେ ସର୍କୁଲାର ସହିତ ଘରୋଇ ଗ୍ରାହକଙ୍କ ଅନ୍‌ବୋର୍ଡିଂ ନିର୍ଦ୍ଦେଶ ୨୦୨୧ ଜୁଲାଇ ୧୪ରେ ହୋଇଥିବା ଭିଡିଓ ଅର୍ଡରକୁ ତତ୍କାଳ ପ୍ରଭାବରେ ହଟାଇ ଦିଆଯାଇଥିବା ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଆର୍‌ବିଆଇ ୨୦୨୧ ଜୁଲାଇ ୨୨ରୁ ଏହି କଟକଣା ଲଗାଇଥିଲେ।

# ଭଡ଼ା ବଢ଼ାଇବେ ବିମାନ କମ୍ପାନୀ

ନୂଆଦିଲ୍ଲୀ,୧୬।୬

କ୍ରମାଗତ ଭାବେ ଆଭିଏଶନ ଟର୍ବାଇନ୍ ଫୁଏଲ୍ (ଏଟିଏଫ୍) ମୂଲ୍ୟ ବୃଦ୍ଧି ହେବା ଫଳରେ ବିମାନ ଯାତ୍ରାର ଖର୍ଚ୍ଚ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ଦେଖାଦେଇଛି। ଏପରିକି ଏଟିଏଫ୍ ମୂଲ୍ୟ ବୃଦ୍ଧି ପରେ ବିମାନ କମ୍ପାନୀଗୁଡ଼ିକ ବର୍ତ୍ତମାନ ଭଡ଼ା ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ବିମାନ କମ୍ପାନୀଗୁଡ଼ିକର କହିବା ଅନୁସାରେ, ଏଟିଏଫ୍ ମୂଲ୍ୟ ବୃଦ୍ଧି ସାଙ୍ଗକୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଘଟିଚାଲିଛି। ଏଭଳି ସ୍ଥିତିରେ ବିମାନ ଭଡ଼ା ବଢ଼ାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଏପରିକି ଦେଶର ପ୍ରମୁଖ ଘରୋଇ ଏୟାରଲାଇନ୍ କମ୍ପାନୀ 'ସ୍ପାଇସ୍‌ଜେଟ୍'ର ସିଏମ୍‌ଡି ଅଜୟ ସିଂହ କହିଛନ୍ତ, ବର୍ତ୍ତମାନ ପରିସ୍ଥିତିରେ ବିମାନ ପରିଚାଳନା ବଜାୟ ରଖିବା ପାଇଁ ଅତିକମ୍‌ରେ ୧୦ରୁ ୧୫% ବିମାନ ଭଡ଼ା ବଢ଼ାଇବାର ଆବଶ୍ୟକତା ରହିଛି। ସେହିଭଳି ୨୦୨୧ ଜୁନ୍‌ଠାରୁ ବିମାନ ଇନ୍ଧନ ମୂଲ୍ୟ ୧୨୦%ରୁ ଅଧିକ ବୃଦ୍ଧି ପାଇଛି। ଫଳରେ ଏହି ବୃଦ୍ଧିର ସାମ୍ନା କରିବାକୁ ସମସ୍ତ ଏୟାରଲାଇନ୍ ଅସମର୍ଥ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ତତ୍କାଳ ପ୍ରଭାବରେ ଏଟିଏଫ୍ ଉପରେ ଟିକସ ହ୍ରାସ କରିବାର ଆବଶ୍ୟକତା ରହିଥିବା ମଧ୍ୟ ସେ କହିଛନ୍ତି। ଏଥି ସହିତ ବିମାନ କମ୍ପାନୀଗୁଡ଼ିକ ଗତ କିଛି ମାସ ମଧ୍ୟରେ ଏଟିଏଫ୍ ଦର ବୃଦ୍ଧି ସାମ୍ନା କରିବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରିଥିଲେ ମଧ୍ୟ ଅସଫଳ ରହିଛନ୍ତି। ଏଟିଏଫ୍, ବିମାନ କମ୍ପାନୀଗୁଡ଼ିକର ଅପରେଶନାଲ୍ ଦରଠାରୁ ଅଧିକ ରହିଛି। ଫଳରେ ଭଡ଼ା ବୃଦ୍ଧି କରିବା ସୁନିଶ୍ଚିତ ହୋଇପଡ଼ିଛି ବୋଲି ସିଂହ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଦେଶର ପ୍ରମୁଖ ଏୟାରଲାଇନ୍ 'ଇଣ୍ଡିଗୋ'ର ଆର୍ଥିକ ବର୍ଷ ୨୦୨୧-୨୨ର ଶେଷ ତ୍ରୈମାସ ଜାନୁୟାରୀ-ମାର୍ଚ୍ଚରେ ଇନ୍ଧନ ଦର ବୃଦ୍ଧି ଏବଂ ବିନିମୟ ମୂଲ୍ୟ ବଢ଼ିବା କାରଣରୁ ୧,୬୮୧ କୋଟି ଟଙ୍କାର କ୍ଷତି ଘଟିଛି। ଏହି ଅବଧିରେ ଏୟାରଲାଇନ୍‌ର ଇନ୍ଧନ ଖର୍ଚ୍ଚ ୬୮% ବୃଦ୍ଧି ହୋଇ ୩,୨୨୦.୫୮ କୋଟି ଟଙ୍କାରେ ପହଞ୍ଚିଛି। ଏହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧୬୧୪.୪୫ କୋଟି ଟଙ୍କା ରହିଥିଲା। ସୂଚନାଯୋଗ୍ୟ, ଗୁରୁବାର ବିମାନ ଇନ୍ଧନ ଦର ବୃଦ୍ଧି ପାଇ ଦିଲ୍ଲୀରେ ଏଟିଏଫ୍ ଦର ୧୬.୩% ବୃଦ୍ଧି ଘଟି କିଲୋଲିଟର ପିଛା ୧,୪୧,୨୩୨.୮୭ ଟଙ୍କାରେ ପହଞ୍ଚିଛି। ସେହିପରି ମୁମ୍ବାଇରେ କିଲୋଲିଟର ପିଛା ୧,୪୦,୦୯୨.୭୪ ଟଙ୍କା ଥିବାବେଳେ କୋଲକାତାରେ ୧,୪୬,୩୨୨.୨୩ ଟଙ୍କା ଏବଂ ଚେନ୍ନାଇରେ ୧,୪୬,୨୧୫.୮୫ ଟଙ୍କା ରହିଛି।




# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୧୬।୬


ଗୌତମ ପାତ୍ର

ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଗୌତମ ପାତ୍ର ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏପରିକି ପାତ୍ର ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ରୂପେ ମଧ୍ୟ କାର୍ଯ୍ୟ କରିବେ। ଏହା ପୂର୍ବରୁ ସେ ମୁମ୍ବାଇଠାରେ ଟ୍ରେଜେରି ଓ ଇନ୍‌ଭେଷ୍ଟମେଣ୍ଟ ବିଭାଗର ମହାପ୍ରବନ୍ଧକ ପଦବୀରେ କାର୍ଯ୍ୟ କରୁଥିଲେ। ସେ ୨୦୦୭ରେ ୟୁକୋ ବ୍ୟାଙ୍କରେ ଯୋଗଦେବା ସହ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିପାରିଛନ୍ତି। ସେହିଭଳି ୟୁକୋ ବ୍ୟାଙ୍କରେ ତାଙ୍କର କାର୍ଯ୍ୟକାଳ ସମୟରେ ସେ ଭୁବନେଶ୍ୱର ଅଞ୍ଚଳର ରିଟେଲ, ଏମ୍‌ଏସ୍‌ଏମ୍‌ଇ, କାସା ଓ ଅଗ୍ରାଧିକାର କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ସହ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଉପରେ ମଧ୍ୟ ଧ୍ୟାନ ଦେବେ ବୋଲି ମତବ୍ୟକ୍ତ କରିଛନ୍ତି।

# ଏସ୍.କେ.ମୋଟର୍ସର ନୂଆ ଇଭି ଶୋ'ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୬

ଦେଶର ପ୍ରମୁଖ ଇଲେକ୍ଟ୍ରିକ ଭେଇକିଲ୍ସ (ଇଭି) ନିର୍ମାଣକାରୀ କମ୍ପାନୀ 'ଇଭିଟ୍ରିକ'ର ଫ୍ଲାଗ୍‌ଶିପ ଶୋ'ରୁମ୍ ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର 'ଏସ୍.କେ.ମୋଟର୍ସ' ଭୁବନେଶ୍ୱର ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡ୍‌ଠାରେ ଏହି ନୂଆ ଇଭି ଇ-ବାଇକ୍ ଓ ସ୍କୁଟର ଶୋ'ରୁମ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ଇଭିଟ୍ରିକ୍'ର ସବୁ ବର୍ଗର ଇ-ବାଇକ୍ ଓ ସ୍କୁଟର ଉପଲବ୍ଧ ହେବ। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ ଏବଂ ଇଭିଟ୍ରିକ୍,ପୁଣେର ଆସୋସିଏଟ ଡାଇରେକ୍ଟର ସନ୍ଦୀପ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସିର ୪୪ନଂ. ୱାର୍ଡର କର୍ପୋରେଟର ଅଜିତ କୁମାର ବେହେରା ଓ ୪୫ନମ୍ବର ୱାର୍ଡର କର୍ପୋରେଟର ଅମରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏସ୍.କେ.ମୋଟର୍ସର ସ୍ୱତ୍ୱାଧିକାରୀ ସାଇ ଅଙ୍କିତ ନନ୍ଦ କହିଥିଲେ, ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ପୁଣେସ୍ଥିତ ଭାରତୀୟ କମ୍ପାନୀ ଦ୍ୱାରା ନିର୍ମିତ ଇଭିଟ୍ରିକ୍ ଇଲେକ୍ଟ୍ରିକ୍ ବାଇକ୍ ଓ ସ୍କୁଟର ଅତ୍ୟନ୍ତ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ସେହିପରି ଛାତ୍ରୀଛାତ୍ରୀ, ଯୁବଗୋଷ୍ଠୀ, କର୍ମଜୀବୀ ଏପରିକି ସବୁବର୍ଗର ଲୋକଙ୍କ ପାଇଁ ଏହି ଇଭି ବାଇକ୍ ଓ ସ୍କୁଟର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ପ୍ରଥମ ୫୦ ଜଣ ଗ୍ରାହକଙ୍କ ପାଇଁ ଏହି ସ୍କୁଟର ଓ ବାଇକ୍ କ୍ରୟ ଉପରେ ଆକର୍ଷଣୀୟ ରିହାତି ସୁଯୋଗ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ନିର୍ଦ୍ଦେଶକ ଗୀତାଞ୍ଜଳି ନନ୍ଦ ଓ ସୁଧାଂଶୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




## ଖୁଚୁରା ବ୍ୟବସାୟରେ ୨୪% ବୃଦ୍ଧି

ନୂଆଦିଲ୍ଲୀ,୧୬।୬

ଚଳିତ ବର୍ଷ ମେ'ରେ ଦେଶର ଖୁଚୁରା ବ୍ୟବସାୟରେ ବୃଦ୍ଧି ଘଟିଛି। ଏପରିକି କୋଭିଡ୍ ମହାମାରୀ ପୂର୍ବ ବର୍ଷ ଅର୍ଥାତ୍ ୨୦୧୯ ମେ' ଅପେକ୍ଷା ୨୪% ବୃଦ୍ଧି ଘଟିଥିବା ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଆର୍‌ଏଆଇ) ଦ୍ୱାରା ପ୍ରକାଶିତ 'ଖୁଚୁରା ବ୍ୟବସାୟ ସର୍ବେକ୍ଷଣ' ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ଅନୁସାରେ ପଶ୍ଚିମ ଭାରତର କୋଭିଡ୍ ପୂର୍ବ ସ୍ଥିତିଠାରୁ ଅଧିକ ବିକ୍ରିରେ ୩୦% ବୃଦ୍ଧି ଘଟିଥିବା ବେଳେ ପୂର୍ବ ଭାରତରେ ୨୬% ବୃଦ୍ଧି ଘଟିଛି। ଏହି କ୍ଷେତ୍ରରେ ଦକ୍ଷିଣ ଭାରତରେ ୨୨% ଏବଂ ଉତ୍ତର ଭାରତରେ ୧୬% ବୃଦ୍ଧି ରେକର୍ଡ କରାଯାଇଛି। ଆର୍‌ଏଆଇ ସିଇଓ କୁମାର ରାଜଗୋପାଳନ କହିଛନ୍ତି, ମହାମାରୀ ପୂର୍ବ ସ୍ତର ତୁଳନାରେ ଏପ୍ରିଲରେ ୨୩% ଏବଂ ମେ'ରେ ୨୪% ବୃଦ୍ଧି ସହ ବିକ୍ରିରେ ଲଗାତର ସୁଧାର ପରିଲକ୍ଷିତ ହୋଇଛି। ବିବାହ ଋତୁ ଏବଂ ଅଫିସ୍‌ଗୁଡ଼ିକରେ କାମ ଆରମ୍ଭ ହୋଇଯାଇଥିବାରୁ ପରିଧାନ ଏବଂ ଫୁଟ୍‌ୱେର୍ ବ୍ୟବସାୟ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଆରମ୍ଭ ହୋଇଯାଇଛି।

# ସ୍ଥାନୀୟ ପ୍ରତିଭାଙ୍କୁ ନିଯୁକ୍ତି ଯୋଗାଇବ ପିଡବ୍ଲ୍ୟୁସି




ଭୁବନେଶ୍ୱର,୧୬।୬

ଦେଶର ପ୍ରମୁଖ ନେଟ୍‌ୱର୍କିଂ ଫାର୍ମ 'ପିଡବ୍ଲ୍ୟୁସି ଇଣ୍ଡିଆ'ର ନୂତନ କାର୍ଯ୍ୟାଳୟ ଓଡ଼ିଶାର ଭୁବନେଶ୍ୱରଠାରେ ବୁଧବାର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ପିଡବ୍ଲ୍ୟୁସିର ଅଧ୍ୟକ୍ଷ ସଞ୍ଜୀବ କ୍ରିଷନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିସିଓ ନନ୍ଦିନୀ ଚାର୍ଟାଜୀ ଓ ସଂସ୍ଥାର ପାର୍ଟନର ଅମୂଲ୍ୟ ପଟ୍ଟନାୟକଙ୍କ ସମେତ ରଶ୍ମି ଦାସ ଓ ଅନ୍ୟମାନ ଉପସ୍ଥିତ ଥିଲେ। ଏହା ଜରିଆରେ ସଂସ୍ଥା ରାଜ୍ୟ ଓ ରାଜ୍ୟ ବାହାର (ପଡ଼ୋଶୀ ରାଜ୍ୟ)ର ବିବିଧ ଦକ୍ଷତାର ପ୍ରତିଭାଙ୍କୁ ଆବଶ୍ୟକ ସହଯୋଗ ଓ ନିଯୁକ୍ତି ଯୋଗାଇଦେବା ଭଳି କାର୍ଯ୍ୟ କରିବା ନେଇ ଲକ୍ଷ୍ୟ ରଖିଛି। ଏପରିକି ସଂସ୍ଥାର ନୂଆ ରଣନୀତି 'ଦି ନିଉ ଇକ୍ୟୁଏସନ'ର ଅଂଶସ୍ୱରୂପ ଆସନ୍ତା ୫ ବର୍ଷରେ କମ୍ପାନୀ ୧୦,୦୦୦ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ଲାଗି ଏହି ସମ୍ପ୍ରସାରଣ କରିଛି। ଏ ସମ୍ପର୍କରେ ପିଡବ୍ଲ୍ୟୁସିର ଅଧ୍ୟକ୍ଷ ସଞ୍ଜୀବ କ୍ରିଷନ କହିଛନ୍ତି, ଆମର ପ୍ରତିଭାମାନେ କେବଳ ମେଟ୍ରୋ ମଧ୍ୟରେ ସୀମିତ ନାହାନ୍ତି। ଆମେ ଅନ୍ୟ ସହରଗୁଡ଼ିକରେ ମଧ୍ୟ ଦକ୍ଷ ପେସାଦାରଙ୍କ ଦକ୍ଷତାକୁ ବ୍ୟବହାର କରିବାକୁ ଚାହୁଁଛୁ। ସେହିଭଳି ଓଡ଼ିଶାର ସମୃଦ୍ଧ ଶିକ୍ଷା ବ୍ୟବସ୍ଥା ପ୍ରତିବର୍ଷ ବହୁ ସଂଖ୍ୟାର ଇଞ୍ଜିନିୟର, ଆଇନ ଓ ମ୍ୟାନେଜମେଣ୍ଟ ଭଳି ସ୍ନାତକ ସୃଷ୍ଟି କରୁଛି। ଏହା ସହ ଓଡ଼ିଶା ହେଉଛି ନିବେଶର ଏକ ଉପଯୁକ୍ତ ସ୍ଥଳ। ଏଠାରେ ଭାରତର ଅଗ୍ରଣୀ ସଂସ୍ଥାଗୁଡ଼ିକ ରହିଛନ୍ତି। ସେହିପରି ପିଡବ୍ଲ୍ୟୁସିରେ ଆମର ଉଦ୍ୟମ ଭାରତର ୫ ଟ୍ରିଲିଅନ୍ ଡଲାର ଅଭିଳାଷ ସହ ଯୋଡ଼ିହୋଇ ରହିଛି। ସାରା ଦେଶରେ ନିଯୁକ୍ତି ସୁଯୋଗ ପୂରଣ କରିବା ଲକ୍ଷ୍ୟ ହାସଲ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସଞ୍ଜୀବ ଗୁରୁତ୍ୱାରୋପ କରିଛନ୍ତି।

## ଫୁରସତ୍

# ରାହୁଲଙ୍କୁ ଟାଣିଆଣିଥିଲେ ସାହସୀ ବାଳକ

**ରାହୁଲ ରେସ୍କ୍ୟୁ ଅପରେଶନ**

**ଓଡ଼ିଶା ଏନ୍‌ଡିଆର୍‌ଏଫ୍ ଟିମ୍ ସମ୍ମାନିତ**



**ରାୟପୁର:** ଛତିଶଗଡ଼ ଜାଞ୍ଜଗିର ଚାମ୍ପା ଜିଲା ପିହରିଡ ଗ୍ରାମର ୧୧ ବର୍ଷୀୟ ରାହୁଲ ସାହୁଙ୍କୁ ୮୦ ଫୁଟ ବୋର୍‌ୱେଲରୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ଓଡ଼ିଶା ଏନ୍‌ଡିଆର୍‌ଏଫ୍ ଟିମ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଖବରଟି ଖାଲି ଛତିଶଗଡ଼ରେ ନୁହେଁ ବରଂ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏ ନେଇ ଓଡ଼ିଶାର ନ୍ୟାଶନାଲ ଡିଜାଷ୍ଟର ରେସ୍‌ପନ୍ସ ଫୋର୍ସ (ଏନ୍‌ଡିଆର୍‌ଏଫ) ଟିମ୍‌କୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବଘେଲଙ୍କ ସମେତ ଜିଲାପାଳ ଜିତେନ୍ଦ୍ର କୁମାର ଶୁକ୍ଳା ଏବଂ ରେସ୍କ୍ୟୁ ଅପରେଶନ ଉପରେ ନଜର ରଖିଥିବା ପ୍ରତ୍ୟେକ ବ୍ୟକ୍ତି ସାବାସୀ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ରାୟପୁରସ୍ଥିତ ବାସଭବନରେ ଗୁରୁବାର ରେସ୍କ୍ୟୁ ଟିମ୍‌ର ସମ୍ବର୍ଦ୍ଧନା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ସ୍ଥାନୀୟ ପୋଲିସ, ଅଗ୍ନିଶମ ବିଭାଗ ସାମିଲ ହୋଇଥିଲେ। ଉଦ୍ଧାରକରୀ ଦଳକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କହିଛନ୍ତି। ଓଡ଼ିଶା ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ନ ଥିଲେ ଅପରେଶନ୍ ଆହୁରି କଠିନ ହେବାର ସମ୍ଭାବନା ଥିବା ସେ କହିଛନ୍ତି। ବୋର୍‌ୱେଲ୍ ସଂଲଗ୍ନ ଖୋଳାଯାଇଥିବା ଟନେଲ ଉପରୁ ପଥର ଖସୁଥିବାବେଳେ ରାହୁଲଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଉଜଣେ ବାଳକଙ୍କ ସହାୟତା ଲୋଡ଼ାଯାଇଥିଲା। ବାଳକଙ୍କ ଗୋଡ଼ରେ ଦଉଡ଼ି ବାନ୍ଧି ତାଙ୍କୁ ଓଲଟାଭାବେ ଟନେଲ୍ ବାଟେ ବୋର୍‌ୱେଲ୍ ପ୍ରବେଶ କରାଇଥିଲେ ସେନା ଅଧିକାରୀ। ଏହାପରେ ବାଳକ ଜଣଙ୍କ ରାହୁଲଙ୍କ ହାତକୁ ଧରି ବାହାରକୁ ଟାଣିଆଣିଥିବା ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କହିଛନ୍ତି। ଉକ୍ତ ବାଳକଙ୍କ ସାହସୀକତା ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଗତ ଶୁକ୍ରବାର ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ମୁଣ୍ଡୁଲିରେ ଥିବା ଏନ୍‌ଡିଆର୍‌ଏଫ୍ ସେଣ୍ଟରରୁ ୨୦ ଜଣିଆ ଟିମ୍ ଛତିଶଗଡ଼ରେ ପହଞ୍ଚିଥିଲା। ପ୍ରଥମେ ବୋର୍‌ୱେଲ୍ ମଧ୍ୟରେ ଏକ ସିସିଟିଭି ଭର୍ତ୍ତି କରାଯାଇ ଭିତର ବାତାବରଣକୁ ଅନୁଧ୍ୟାନ କରାଯାଇଥିଲା, ଯେଉଁଥିରୁ ରାହୁଲ ଜୀବିତ ଥିବା ଜାଣିବାକୁ ପାଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟକ୍ରମେ ଏନ୍‌ଡିଆର୍‌ଏଫ୍ ଟିମ୍ ଦଉଡ଼ି ଏବଂ ହୁକ ସହାୟତାରେ ରାହୁଲଙ୍କୁ ବୋର୍‌ୱେଲ୍‌ରୁ ବାହାର କରିବାକୁ ଉଦ୍ୟମ କରିଥିଲେ ହେଁ ଭୟଭୀତ ଅବସ୍ଥାରେ ଥିବା ରାହୁଲ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଗୁଜରାଟରୁ ଆସିଥିବା ସ୍ୱତନ୍ତ୍ର ରୋବୋଟିକ୍ ଟିମ୍ ରେସ୍କ୍ୟୁ ଅପରେଶନ୍‌ରେ ଟିମ୍‌କୁ ସାହାଯ୍ୟ କରିଥିଲା। ଦୀର୍ଘ ୧୦୬ ଘଣ୍ଟାର ଅପରେଶନ୍ ପରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ୫୭ ମିନିଟରେ ରାହୁଲଙ୍କୁ ସୁରକ୍ଷିତ ବୋର୍‌ୱେଲରୁ ଉଦ୍ଧାର କରି ଗ୍ରୀନ କରିଡରେ ଆମ୍ବୁଲାନ୍ସ ଯୋଗେ ବିଳାସପୁର ଆପୋଲୋ ହସ୍ପିଟାଲକୁ ନିଆଯାଇଥିଲା।

# ବହି ଲେଖିବେ ମଲାଇକା


ମଲାଇକା ଅରୋରା

**ମୁମ୍ବାଇ:** ବଲିଉଡ୍ ଆଇଟମ୍ ଗାର୍ଲ ମଲାଇକା ଅରୋରା ଲେଖିକା ହେବାକୁ ମନ ମଳାଇଛନ୍ତି। ଫିଟ୍‌ନେଶ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ମଲାଇକା ଫିଟ୍‌ନେଶକୁ ନେଇ ଏକ ବହି ଲେଖିବାକୁ ଯାଉଛନ୍ତି, ଯାହାର ନାମ ଏ ପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ତେବେ ଏହି ବହିରେ ପାଠକମାନଙ୍କୁ ସେ ଫିଟ୍‌ନେଶ୍ ମନ୍ତ୍ର ଦେବାକୁ ଯାଉଛନ୍ତି। ଏକ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ କେଉଁ ପ୍ରକାର ଖାଦ୍ୟ, କେତେପରିମାଣର ଖାଇବା ଦରକାର ଏଥିସହ ବଡିରୁ କଲେଷ୍ଟରଲ୍ ହଟାଇବା ପାଇଁ ଯୋଗ, ବ୍ୟାୟାମ ସମ୍ବନ୍ଧୀୟ ଅନେକ କଥା ସେ ଏହି ବହିରେ ଲେଖିବାକୁ ଯାଉଛନ୍ତି। ନିଜ ଫ୍ୟାଶନ, ଫିଟ୍‌ନେଶ ପାଇଁ ମଲାଇକା ବେଶ୍ ପରିଚିତ। ତେବେ ବହି ଲେଖା ତାଙ୍କୁ ବିଶେଷ ଭାବେ ସଫଳତା ଦେବ ବୋଲି ଏବେ ଆଲୋଚନା ହେଉଛି। କାରଣ ଫିଲ୍ମ ପାଇଁ ମଲାଇକାଙ୍କୁ ଯେତିକି ଲୋକ ଅନୁକରଣ କରନ୍ତି ତା'ଠାରୁ ଅନେକଗୁଣା ଲୋକେ ଫିଟ୍‌ନେଶ ପାଇଁ ତାଙ୍କୁ ଫଲୋ କରନ୍ତି। ଅନ୍ୟପଟେ ଅର୍ଜୁନ କପୁରଙ୍କ ସହ ନିଜ ପ୍ରେମ ସମ୍ପର୍କକୁ ନେଇ ମଧ୍ୟ ମଲାଇକା ବେଶ୍ ଫେମସ୍।

# ୫୦୦ ବଦଳରେ ଏଟିଏମ୍‌ରୁ ବାହାରିଲା ୨୫୦୦ ଟଙ୍କା




**ମୁମ୍ବାଇ:** ଏଟିଏମ୍ ମେଶିନ୍ ଅନେକ ସମୟରେ କାମ କରିବା ବନ୍ଦ କରିଦେବା, କାର୍ଡ ମେଶିନ୍ ଭିତରେ ଅଟକି ରହିଯିବା କିମ୍ବା ପିନ୍ ଦେଇସାରିବା ପରେ ଟଙ୍କା ନ ବାହାରିବା ଖବର ଅନେକ ସମୟରେ ପଢ଼ିବାକୁ ମିଳୁଛି। କିନ୍ତୁ ମହାରାଷ୍ଟ୍ର ଖାପରଖେଡା ସହରରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଏଟିଏମ୍‌ରୁ ୫୦୦ ଟଙ୍କା ବାହାର କରିବାକୁ ଯାଇଥିବାବେଳେ ମେଶିନ୍‌ରୁ ୫୦୦ ଟଙ୍କିଆ ନୋଟ୍ ୫ଟି ଅର୍ଥାତ୍ ଅଢ଼େଇ ହଜାର ଟଙ୍କା ବାହାରିଥିଲା। ଯାନ୍ତ୍ରିକ ତ୍ରୁଟି କାରଣରୁ ଏ ପ୍ରକାର ହୋଇଥିବା ବ୍ୟକ୍ତିଜଣଙ୍କ ଭାବି ପୁଣିଥରେ ୫୦୦ ଟଙ୍କା କାଢ଼ିବା ପାଇଁ ଏଟିଏମ୍ ସ୍କ୍ରିନ୍‌ର ସମସ୍ତ ଅପ୍‌ଶନ୍ ମାରିଥିଲେ। କିନ୍ତୁ ଦ୍ୱିତୀୟ ଥର ଟଙ୍କା ବାହାର କରିବା ସମୟରେ ମଧ୍ୟ ପୂର୍ବ ପ୍ରକାରେ ୫ଖଣ୍ଡ ୫୦୦ ଟଙ୍କିଆ ନୋଟ୍ ବାହାରିଥିଲା। ତେବେ ଏ ଘଟଣା ସମ୍ପର୍କରେ ବ୍ୟକ୍ତି ଜଣଙ୍କ ବାହାରେ କହିବାରୁ କିଛି କ୍ଷଣ ମଧ୍ୟରେ ଏଟିଏମ୍‌ରେ ଭିଡ଼ ଦେଖିବାକୁ ମିଳିଥିଲା। ଘଟଣାର ସୂଚନା ପାଇ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ଭିଡ଼କୁ ଆୟତ୍ତ କରିବା ସହ ଉକ୍ତ ଏଟିଏମ୍‌ଟିକୁ ସିଲ୍ କରିଦେଇଥିଲେ। ୧୦୦ ଟଙ୍କିଆ ନୋଟ୍ ପାଇଁ ମେଶିନ୍ ଭିତରେ ଥିବା ଟ୍ରେ'ରେ ଭୁଲବଶତଃ ୫୦୦ ଟଙ୍କିଆ ନୋଟ୍ ରଖାଯାଇଥିବା କୁହାଯାଉଛି। ତେବେ ଏ ନେଇ ପୋଲିସ ଷ୍ଟେଶନରେ ଏଫଆଇଆର୍ ଦିଆଯାଇ ନାହିଁ।

## ଘରେ ଅସରପା ଛାଡ଼ିବାକୁ ଦେଢ଼ ଲକ୍ଷ

**ୱାଶିଂଟନ:** ଆମେରିକା ନର୍ଥ କରୋଲିନାର ଏକ କୀଟନାଶକ କମ୍ପାନୀ ଘରେ ଅସରପା ଛାଡ଼ିବା ପାଇଁ ମୋଟା ଅଙ୍କର ଟଙ୍କା ଦେଉଛି। ବର୍ତ୍ତମାନ ସୁଦ୍ଧା ୫ରୁ ୬ ଜଣ ଘରମାଲିକ ନିଜ ଘରେ ଅସରପା ଛାଡ଼ିବା ପାଇଁ କମ୍ପାନୀ ଚୁକ୍ତିରେ ରାଜି ଥିବା କୁହାଯାଇଛି। ଏହି ଅଫର୍ ପଛର କାରଣ ହେଉଛି, କୀଟମାନଙ୍କୁ କିପରିଭାବେ ନାଶ କରାଯିବ ସେ ନେଇ ଏହି କମ୍ପାନୀ ଅଧ୍ୟୟନ କରିବ। ଗୋଟିଏ କି ଯୋଡ଼ିଏ ନୁହେଁ, କମ୍ପାନୀ ତରଫରୁ ୧୦୦ଟି ଅସରପା ଛଡ଼ାଯିବ। ଶୀତଳ ରକ୍ତ କାରଣରୁ ଗରମ ସ୍ଥାନରେ ଅସରପା ରହିବାକୁ ପସନ୍ଦ କରନ୍ତି। ଥଣ୍ଡା ପାଣିପାଗରେ ରହିବା ସେମାନଙ୍କ ପାଇଁ କଷ୍ଟକର। ତେବେ କମ୍ପାନୀ ପକ୍ଷରୁ କିଛି ଲୋକ ଯାଇ ଅସରପାଙ୍କ ଗତିବିଧି ଉପରେ ନଜର ରଖିବା ସହ ପୁରୁଣା ପଦ୍ଧତିରେ କିପରି ପୋକଙ୍କୁ ମରାଯିବ, ସେ ନେଇ ପରୀକ୍ଷା କରିବା କଥା କମ୍ପାନୀ ପକ୍ଷରୁ କୁହାଯାଇଛି।

# ଗୋଟିଏ ଦିନରେ ୨୪ ଅଣ୍ଡା

ଥିରୁଭାନନ୍ତପୁରମ: କୁକୁଡ଼ା ଅଣ୍ଡା ଦେବା ଏକ ସ୍ୱାଭାବିକ କଥ, କିନ୍ତୁ ଏକକାଳୀନ ୨୪ଟି ଅଣ୍ଡା ଦେଉଥିବା କୁକୁଡ଼ା କଥା ହୁଏତ କେବେ କେହି ଶୁଣି ନ ଥିବେ କି କୌଣସି ଖବରକାଗଜରେ ପଢ଼ି ନ ଥିବେ। କେରଳରେ ଗୋଟିଏ ହାଇବ୍ରିଡ୍ କୁକୁଡ଼ା ଚିନୁ ଏକାସାଙ୍ଗରେ ୨୪ଟି ଅଣ୍ଡା ଦେଇ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ଥାନୀୟ ଅଞ୍ଚଳରେ ତା'ର ଖାତିର ବଢ଼ିଯାଇଛି। କାରଣ ଚାରିଆଡ଼େ ଏବେ ତା' ଚର୍ଚ୍ଚା। କୁକୁଡ଼ାଟି ଭିଗ୍‌୩୮୦ ହାଇବ୍ରିଡ୍ ପ୍ରଜାତିର। ଚିନୁ ଛୋଟାଉଥିବାର ଦେଖି ମାଲିକ ବିଜୁ ତା' ଗୋଡ଼ରେ ତେଲ ଲଗାଇଥିଲେ। ତେଲ ଲଗାଇବାର କିଛି ସମୟ ପରେ ସେ ଅଣ୍ଡା ଦେବା ଆରମ୍ଭ କରିଥିଲା। ବ୍ୟାଙ୍କରୁ ଋଣ ନେଇ ବିଜୁ ଓ ତାଙ୍କ ସ୍ତ୍ରୀ ମିନି ୨୩ଟି କୁକୁଡ଼ା ପାଳିବା ପାଇଁ ବଜାରରୁ କିଣି ଆଣିଥିଲେ। କିଛିଦିନ ପୂର୍ବେ କର୍ଣ୍ଣାଟକର ଲୈଲା ଗ୍ରାମରେ ଏକ କୁକୁଡ଼ା କାଜୁ ଆକୃତିର ଅଣ୍ଡା ଦେଇ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ପ୍ରଥମେ କୁକୁଡ଼ାଟି ଯେତେବେଳେ କାଜୁ ଆକାରର ଅଣ୍ଡା ଦେଇଥିଲେ ମାଲିକ ଏହାଦେଖି ଆଶ୍ଚର୍ଯ୍ୟ ହୋଇଥିବାବେଳେ ସେ କିଛିଦିନ ଅପେକ୍ଷା କରିଥିଲେ। କିନ୍ତୁ ଲଗାତର ତିନିଦିନ ଅପେକ୍ଷା ପରେ ମଧ୍ୟ କୁକୁଡ଼ାଟି ସମାନ ଆକୃତି ଅଣ୍ଡା ଦେଇଥିଲା।



## ସଂକ୍ଷେପରେ

### ମୋବାଇଲ ଲୁଟ୍ ଘଟଣା: ପିକ୍ଅପ୍ ଭ୍ୟାନ୍ ସହ ୩ ଗିରଫ



**ଅତାବିରା/ସରଣ୍ଡା,୧୬।୬(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ଥାନା ଟୋପ୍ ଗ୍ରାମରେ ଗତ ମଙ୍ଗଳବାର ଘଟିଥିବା ମୋବାଇଲ ଲୁଟ୍ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅତାବିରା ଥାନା ଲାଦେରପାଲିର ବସୁଦେବ ପ୍ରଧାନ(୨୦), ନିପୁଞ୍ଜୟ ଦାଶ(୨୨) ଏବଂ ଅତାବିରାର ଚିଣ୍ଟୁ ବାଗ(୨୨)। ସେମାନଙ୍କ ପାଖରୁ ଲୁଟ୍ ମୋବାଇଲ ଉଦ୍ଧାର ହୋଇଥିବାବେଳେ ବ୍ୟବହୃତ ପିକ୍ଅପ୍ ଭ୍ୟାନ(ନଂ-ଓଡ଼ି୧୭ଡବ୍ଲୁ ୪୧୫୩) ଏବଂ ଏକ ଲୁହାରଡ୍ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏକ ମାମଲା(୨୦୬/୨୨) ରୁଜୁ କରିଛି। ଟୋପ ଗ୍ରାମର ଅଭିଷେକ ଗଡ଼ତିଆ(୨୦) ମଙ୍ଗଳବାର ରାତି ପ୍ରାୟ ସାଢ଼େ ୯ଟାରେ ନିକଟସ୍ଥ କେନାଲରୁ ଗାଧୋଇ ଘରକୁ ଫେରୁଥିଲେ। ସେହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ପିକ୍ଅପ୍ ଭ୍ୟାନରେ ତାଙ୍କ ପାଖରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଅଭିଷେକଙ୍କୁ ମାରପିଟ୍ କରିବା ସହିତ ତାଙ୍କଠାରୁ ମୋବାଇଲ ଫୋନ ଲୁଟି ନେଇ ଫେରାର୍ ହୋଇ ଯାଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେବା ପରେ ଅତାବିରା ଥାନା ଅଧିକାରୀ ଅନିଲ କୁମାର ପ୍ରଧନଙ୍କ ନେତୃତ୍ୱରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

### ସହରାଞ୍ଚ ଡୁମାଳ ପରିଷଦର କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ,୧୬।୬:** ସ୍ଥାନୀୟ ଶାନ୍ତିପଡା ଦୁର୍ଗାମଣ୍ଡପ ସଭାଗୃହରେ ବଲାଙ୍ଗୀର ସହରାଞ୍ଚଳ ଡୁମାଳ ପରିଷଦ କାର୍ଯ୍ୟକାରିଣୀ ବୈଠକ ସଞ୍ଜୟ ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସାଧାରଣ ସମ୍ପାଦକ ମାଲିଆ ଗଡୁଆ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ପରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ ଦ୍ୱାରା ଏହା ଅନୁମୋଦିତ ହୋଇଥିଲା । ବଲାଙ୍ଗୀର ସହରରେ ବାସ କରୁଥିବା ସମସ୍ତ ଡୁମାଳ ପରିବାର ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ୧୭୦ଟି ପରିବାର ପଞ୍ଜୀକୃତ ହୋଇସାରିଥିବା ସୂଚନା ଦିଆଯାଇଥିଲା। ଅବଶିଷ୍ଟ ପରିବାର ଯେଉଁମାନେ କି ଏପର୍ଯ୍ୟନ୍ତ ପଞ୍ଜୀକରଣ କରିନାହାନ୍ତି, ସେମାନଙ୍କ ପଞ୍ଜୀକରଣ ସକାଶେ ଉପସ୍ଥିତ ସମସ୍ତ ସଭ୍ଯଙ୍କୁ ଅନୁରୋଧ କରାଯାଇଥିଲା। ସଭାରେ ଉପସଭାପତି ଜୀବନ କରଣ, ବୃନ୍ଦାବନ ମହାକୁର, ଯୁଗ୍ମ ସମ୍ପାଦକ ଭରତ ମହାକୁର, ପୀତାମ୍ବର ଖମାରୀ, କୋଷାଧକ୍ଷ ଗୋପାଳ ଚନ୍ଦ୍ର ମହାକୁର, କାର୍ଯ୍ୟକାରୀ ସଭ୍ୟ ଦୀନବନ୍ଧୁ ଡାଙ୍ଗ, ପଲଭ ଚାଉଲିଆ, ବୁଡୁ କରନ ଏବଂ ମାହେଶ୍ୱରୀ ସେନାର ସକ୍ରିୟ ସଭ୍ୟ ସୁରେଶ ଚନ୍ଦ୍ର କର୍ଣ୍ଣ ଉପସ୍ଥିତ ଥିଲେ । ବୃନ୍ଦାବନ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ମୌସୁମୀ ବର୍ଷା ପୂର୍ବରୁ ଚାଷୀଙ୍କ ଧାନ ଉଠାଅ

ନୂଆପଡ଼ା ଅଫିସ,୧୬।୬

ନୂଆପଡା ଜିଲାରେ ଦେଖାଦେଇଥିବା ରବି ଧାନ ମଣ୍ଡିର ବିଶୃଙ୍ଖଳା ଓ ଅବ୍ୟବସ୍ଥା ନେଇ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ସାକ୍ଷାତ କରି ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଭକ୍ତବନ୍ଧୁ ଧରୁଆ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ସଂଗ୍ରାମ ପରିଷଦ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଗୁରୁବାର ଚାଷୀଙ୍କ ପକ୍ଷରୁ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦରୁ ପ୍ରଦତ୍ତ ଦାବିପତ୍ର ତଥା ପ୍ରତିଶ୍ରୁତି ମୁତାବକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ମଣ୍ଡିକୁ ମିଲ ପଏଣ୍ଟକୁ ଆଣିଥିବା ଷଡଯନ୍ତ୍ରକାରୀଙ୍କ ପର୍ଦ୍ଦାଫାଶ କରି ଦୃଢକାର୍ଯ୍ୟାନୁଷ୍ଠାନ, ତଦନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଅଭିଯୁକ୍ତ ରାଇସ



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମିଲମାନଙ୍କୁ ବର୍ତ୍ତମାନ ପାଇଁ ସାମୟିକ ଭାବେ ଧାନ କିଣା ପ୍ରକ୍ରିୟାରୁ ବାଦ ଦେବା ଓ ତଦନ୍ତରେ ଦୋଷୀ ସାବ୍ୟସ୍ତ ହେଲେ କଳା ତାଲିକାଭୁକ୍ତ କରିବା, ବର୍ତ୍ତମାନ ଜିଲାର ବିଭିନ୍ନ ମଣ୍ଡିରେ ଲକ୍ଷରୁ ଉର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ତାହାରି ପାଇଁ ଆହୁରି ୫୦ ହଜାର କୁଇଣ୍ଟାଲ ଟାର୍ଗେଟ ସରକାରଙ୍କୁ ମାଗି ତୁରନ୍ତ ମୌସୁମୀ ବର୍ଷା ପୂର୍ବରୁ ମଣ୍ଡିଗୁଡିକ ଖାଲି କରିବା ଇତ୍ୟାଦି ୫ଦଫା ଦାବି ତୁରନ୍ତ ପୂରଣ ପାଇଁ ଦାବି କରାଯାଇଛି। ବର୍ତ୍ତମାନ ଜିଲାର ବିଭିନ୍ନ ମଣ୍ଡିରେ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ଚାଷୀଙ୍କୁ ମୌସୁମୀ ବର୍ଷାରେ ଧାନ ଭିଜି ଗଜା ହେବା ଓ ଟୋକନ ଲାପ୍ସ ହେବା

### ଅତିରିକ୍ତ ଜିଲାପାଳଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର

ଭୟ ଘାରିଛି। ଏହାର ଫାଇଦା ନେଇ କିଛି ଅସାଧୁ ପ୍ୟାକ୍ସ କର୍ମଚାରୀ, ମିଲସ ମାଲିକ ଓ ଯୋଗାଣ ଅଧିକାରୀମାନେ ଏକ ଚକ୍ରାନ୍ତ ତଥା ଷଡଯନ୍ତ୍ର କରି ମଣ୍ଡି ପଏଣ୍ଟରୁ ମିଲସ ପଏଣ୍ଟକୁ ଚାଷୀଙ୍କ ନିଜ ଖର୍ଚ୍ଚ ଭଡା ଟ୍ରାକ୍ଟରରେ ଧାନ ପରିବହନ କରି ଶୋଷଣ ଓ ହଇରାଣ କରୁଛନ୍ତି। ଗତ ୧୩ ତାରିଖରେ ଭୋକ ଶୋଷରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କିଲୋମିଟର ବ୍ୟାପି ଲମ୍ବା ଲାଇନ ଲାଗିଲା ପରେ ଉତ୍ତ୍ୟକ୍ତ ଚାଷୀ ନିର୍ମଳ ରାଇସ ମିଲ ପାଖରେ ୩୫୩ ନମ୍ବର ଜାତୀୟ ରାଜପଥ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଅତିରିକ୍ତ ଯୋଗାଣ ଅଧିକାରୀ ଥଣ୍ଡୁରାମ ନାଏକ ଚାଷୀଙ୍କ ବିଭିନ୍ନ ଦାବି ନେଇ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା।

# ସ୍କେଚ୍ ଜାରି କଲା ପୋଲିସ

ବଲାଙ୍ଗୀର ଅଫିସ, ୧୬।୬

### ସଇଁତଲାରୁ ଅଜଣା ଯୁବତୀଙ୍କ ନରକଙ୍କାଳ ଉଦ୍ଧାର ଘଟଣା




ଜାରି କରାଯାଇଥିବା ସ୍କେଚ୍।

■ସୂଚନା ଦେଲେ ୧୦ ହଜାର ଟଙ୍କାର ପୁରସ୍କାର ଘୋଷଣା

୨୦୨୧ ଫେବୃୟାରୀରେ ସଇଁତଲା ନବୀନ ଛକ ନିକ ଚାଷ ଜମିରେ ଥିବା ପୋଡା ପାଳଗଦା ରୁ ନରକଙ୍କାଳ ଉଦ୍ଧାର ହୋଇଥିଲା। ଏହା ଜଣେ ଯୁବତୀଙ୍କ ନରକଙ୍କାଳ ବୋଲି ଚିହ୍ନଟ କରାଯାଇଥିଲା। ଉକ୍ତ ଯୁବତୀଙ୍କୁ ହତ୍ୟା କରି ପାଳଗଦା ଭିତରେ ପୋଡି ଦେଇଥିବା ପୋଲିସ ସନ୍ଦେହ କରିଥିଲା। ଏହି ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହୋଇନାହିଁ। ଯୁବତୀ ଜଣକ କିଏ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଏହି ଘଟଣାକୁ ନେଇ ବଲାଙ୍ଗୀର ପୋଲିସ ପକ୍ଷରୁ ଏକ ସ୍କେଚ୍ ଜାରି କରାଯାଇଛି। ମିଳିଥିବା ନରକଙ୍କାଳ ଆଧାରରେ ଏହି ସ୍କେଚ ଜାରି କରାଯାଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ମୃତା ଯୁବତୀଙ୍କ ବୟସ ୧୮ରୁ ୨୫ ବର୍ଷ ହେବ ବୋଲି ସୂଚନା ଦିଆଯାଇଛି। କୌଣସି ବ୍ୟକ୍ତି ଏହି ସ୍କେଚ୍ ଦେଖି ମୃତା ଯୁବତୀଙ୍କ ସମ୍ପର୍କରେ କୌଣସି ସୂଚନା ଦେଲେ ତାଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଏସପି ଅଫିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାକାରୀଙ୍କ ନାମ ଓ ଠିକଣାକୁ ଗୋପନ ରଖାଯିବ ବୋଲି କୁହାଯାଇଛି। ବଲାଙ୍ଗୀର ଏସପି ଅଫିସର ଫୋନ୍ ନମ୍ବର ୦୬୬୫୨-୨୩୨୩୦୦ରେ ସୂଚନା ସମ୍ବନ୍ଧୀୟ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଶୌଚାଳୟ ନିର୍ମାଣରେ ଅନିୟମିତତା

ମ.ରାମପୁର,୧୬।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବସଷ୍ଟାଣ୍ଡରେ ଥିବା ଦୁଇ ବର୍ଷ ହେଲା ଅଚଳ ହୋଇପଡିଥିବା ଶୌଚାଳୟ ଗତ କିଛି ଦିନ ତଳେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ଉକ୍ତ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ତଳୁ ପିଲର ନ ଥାଇ ଛାତ ପକାଯିବାକୁ ନେଇ ଗତ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସମିତି ସଭ୍ୟ ଅଭିଯୋଗ କରି ନୂତନ ଶୌଳାଳୟ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏ ନେଇ ଜିଲାପାଳ ନୂତନ ଶୌଳାଳୟ ନିର୍ମାଣ ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ପୁରୁଣା ଶୌଚାଳୟ ମରାମତି କାର୍ଯ୍ୟ ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସତ୍ତ୍ୱେ ମଧ ମଙ୍ଗଳବାର ଉକ୍ତ ପୁରୁଣା ଶୌଚାଳୟ କୋଠା, ଛାତ କଂକ୍ରିଟ କରୁଥିବା ଦେଖାଯାଇଛି। ଛାତ କଂକ୍ରିଟ କରାଯାଉଥିବାବେଳେ ସିମେଣ୍ଟ, ଗୋଡି, ବାଲିମିଶା ମିକଚର ମେଶିନ ବ୍ୟବହାର ନ କରି ହାତରେ ଗୋଳାଇ ଛାତ ପକାଯାଉଥିବା ଦେଖିବାକୁ ମିଳିଥିଲା। ପୁରୁଣା କାନ୍ଥରୁ ପ୍ଲାଷ୍ଟର ଛଡା



ମିକଚର ମେଶିନ ବ୍ୟବହାର ନ କରି ଛାତ ପକାଯାଇଛି।

ଯାଇଥିବାବେଳେ ଉକ୍ତ କାନ୍ଥରେ ଛଟିତ ଇଟାଗୁଡିକ ଜରାଜୀର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ନୟନ ନାୟକଙ୍କୁ ପଚାରିବାରୁ ଛୋଟ ଛାତ ଯୋଗୁ ମିକଚର ମେଶିନର ଆବଶ୍ୟକ ନାହିଁ, ତେଣୁ ହାତରେ ଘାଣ୍ଟି ଛାତ ପକାଯାଉଛି। ମରାମତି କାର୍ଯ୍ୟ ଆରମ୍ଭ ହୋଇଛି, ତାହା ବନ୍ଦ ହେବନାହିଁ ବୋଲି କହିଥିଲେ। ଏ ନେଇ ସମିତି ସଭ୍ୟା ଯଜ୍ଞ ପଣ୍ଡା କହନ୍ତି ବିଡିଓ ଉତ୍ତମ କୁମାର ବାଗ ଅଭିଯୋଗ ଫାଇର ରଖିଥିବା ବେଳେ ମୁଁ ଦେଖିବି ବୋଲି କହିଥିଲେ। କିନ୍ତୁ ଜେଇଙ୍କ ମନ୍ତବ୍ୟ ହାସ୍ୟାସ୍ପଦ ବୋଲି ଅଭିବ୍ୟକ୍ତ କରିଥିଲେ। ଏ ନେଇ ବିଡିଓଙ୍କୁ ଯୋଗାଯୋଗ କରୁଥିବା ବେଳେ ମଧ ସେ ଫୋନ ନ ଉଠାଇ ନିରାପଦ ଦୂରତ୍ୱ ରଖିଥିବା ସୂଚନା ପ୍ରଦାନ କରିଛନ୍ତି। କରାଯାଇଥିବା ଅଭିଯୋଗ ମୂଲ୍ୟହୀନ ହୋଇପଡିଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଉକ୍ତ କୋଠାର ମରାମତି ଓ ଅନିୟମିତତା ଅନୁରୂପ କାର୍ଯ୍ୟରୁ ପ୍ରତୀୟମାନ ହେଉଛି ବୋଲି ସମିତି ସଭ୍ୟ ମତପ୍ରକାଶ କରିଛନ୍ତି।

# କୃଷକ ସଂଗଠନର ବୈଠକ

ପଦ୍ମପୁର, ୧୬।୬ (ଡି.ଏନ.ଏ.)

ବରଗଡ଼ ଜିଲା ରାଜ ବୋଡାସମ୍ବର କୃଷକ ସଂଗଠନ ଗାଇସିଲେଟ ଶାଖାର ଏକ ବୈଠକ ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅରବିନ୍ଦ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ୨୦୨୧ ଖରିଫ ଋତୁର ମରୁଡିରେ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି । ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତି ପୂରଣ ଓ ମରୁଡି ସହାୟତା ରାଶି ପ୍ରଦାନ ଦାବି ନେଇ କୃଷକ ସଙ୍ଗଠନ ବାରମ୍ବାର ଆନ୍ଦୋଳନ, ତାଲାବନ୍ଦ କରିଥିଲେ ମଧ ବୀମା କମ୍ପାନୀ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ରାଜବୋଡାସମ୍ବର କୃଷକ ସଙ୍ଗଠନର ଜେଲଭରୋ ଆନ୍ଦୋଳନକୁ ସମର୍ଥନ ଜଣାଇ ଗାଇସିଲେଟ ବ୍ଲକର ସମସ୍ତ ସରକାରୀ ଅଫିସକୁ ଆସନ୍ତା ୨୦ତାରିଖରେ ଅଚଳ କରିଦିଆଯିବ। ସମସ୍ତ ଅଫିସରେ ତାଲା ଦେବେ ଚାଷୀମାନେ। ଯେତେଦିନ ପର୍ଯ୍ୟନ୍ତ ଚାଷୀମାନଙ୍କ ପାସ୍‌ବୁକକୁ ଟଙ୍କା ନ ଆସିଛି ସେତେଦିନ ପଯ୍ୟନ୍ତ ଅଫିସ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ଗାଇସିଲେଟ ବ୍ଲକର ସମସ୍ତ ଚାଷୀ, ସରକାରୀ ବେସରକାରୀ ସଙ୍ଗଠନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଯୁବକମାନଙ୍କୁ ବହୁ ସଂଖ୍ୟାରେ ଯୋଗଦାନ କରି ସାମୂହିକ କାମରେ ସହଯୋଗ କରିବାକୁ ଆହ୍ୱାନ ଦିଆ ଯାଇଛି । ସ୍ୱାସ୍ଥ୍ୟ ଓ ଶିକ୍ଷାନୁଷ୍ଠାନ ବାଦ ସମସ୍ତ କାର୍ଯ୍ୟାଳୟକୁ ଦାବି ପୂରଣ ନହେବା ଯାଏ ବନ୍ଦ କରିଦେବାକୁ ନିଷ୍ପତ୍ତି ହୋଇଛି । ବୈଠକରେ ଉପସଭାପତି ସରୋଜ ସାହୁ, ସମ୍ପାଦକ ଗଜପତି ସାହୁ, ଆବାହକ ବିରେନ୍ଦ୍ର ପଧାନ, କୋଷାଧକ୍ଷ ଆନନ୍ଦ ପଧାନ, ଅଶୋକ କଲେତ, ଉପେନ୍ଦ୍ର କାଲୋ, ମୁକେଶ କୁମାର ସାହୁ, ସମାରୁ ସାହୁ, ପ୍ରସନ୍ନ କୁମ୍ଭାର, ମନୋଜ ଦାଶ, ମହେଶ ଦାଶ, ବୀରେନ୍ଦ୍ର ସାହୁ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ ।

# ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଉପରେ ଗୁରୁତ୍ୱ

ଡୁଙ୍ଗୁରିପାଲି,୧୬।୬(ଡି.ଏନ.ଏ.)

### ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ଗୁରବାର ପଞ୍ଚାୟତ ସମିତିର ପ୍ରଥମ ବୈଠକ ବ୍ଲକ ଅଧକ୍ଷା ଅହଲ୍ୟା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ନବନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକର ବିଭିନ୍ନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଡିଓ ତ୍ରିପୁର ମହାନନ୍ଦ ସଭା କାର୍ଯ୍ୟ ପରିଚାଳନା କରି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଷ୍ଟାଣ୍ଡିଂ କମିଟି ଗଠନ ପାଇଁ କହିଥିଲେ। ବୈଠକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା, ଗମନାଗମନ, ଆବାସ ଯୋଜନା,ରାଶନ କାର୍ଡ ଉପରେ ଆଲୋଚନା ହୋଇଥିଲା। ସରପଞ୍ଚମାନେ ନିଜ ପଞ୍ଚାୟତରେ ଯେପରି ଉନ୍ନୟନମୂଳକ କାର୍ଯ୍ୟ ହେବ ଓ ବିଭିନ୍ନ ସମସ୍ୟା ନେଇ ଭିନ୍ନ ଭିନ୍ନ ମତ ରଖିଥିଲେ। ମନ୍ତ୍ରୀ ପୂଜାରୀ ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ଲକର ପ୍ରତି ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସୁଫଳ ଯେପରି ଲୋକେ ପାଇପାରିବେ ସେଥିପାଇଁ ଦକ୍ଷତାର ସହ କାର୍ଯ୍ୟ କରିବାକୁ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ରାମପୁର ଜୋନ ଜିଲା ପରିଷଦ ସଭ୍ୟ ଗଣେଶ ଭୋଇ, ଡୁଙ୍ଗୁରିପାଲି ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ମାଝି, ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ଏମ୍‌ପିଙ୍କ ପ୍ରତିନିଧି ବିକାଶ ଶତପଥୀ, ସରପଞ୍ଚ ସଂଘ ସଭାପତି ମନୋଜ ପୁରୋହିତ, ପ୍ରଶାନ୍ତ କୁମାର ସାହୁ, ବିଭୂଦତ୍ତ ରାଜହଂସଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ ।

# ଲୋକଙ୍କ ସମସ୍ୟା ବୁଝି ସମାଧାନ କରିବାକୁ ପରାମର୍ଶ

ବୌଦ୍ଧ,୧୬।୬(ସ୍ୱ.ପ୍ର.)

### ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ପଞ୍ଚାୟତିରାଜ ଓ ପାନୀୟଜଳ,ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କୁ ବୌଦ୍ଧ ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର ଦିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଥମେ ମୁର୍ଷୁଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ପରେ ସେଠାରୁ ବିଶାଳ ଶୋଭାଯାତ୍ରାରେ ବୌଦ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପାଛୋଟି ନିଆଯାଇଥିଲା। କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଅମାତଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ପଞ୍ଚାୟତ ସମିତିର ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ, ୱାର୍ଡସଭ୍ୟ, ସିଡିପିଓ,ଅଙ୍ଗନବାଡି କର୍ମୀ ଓ ଗ୍ରାମବାସୀ ଯୋଗଦେଇ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମନ୍ତ୍ରୀ ଅମାତ ନିଜ ବ୍ଲକରେ ସମ୍ବର୍ଦ୍ଧିତ ହୋଇଥିବାରୁ ଖୁସିବ୍ୟକ୍ତ କରିଥିଲେ ଏବଂ ବ୍ଲକକୁ ସବୁ କ୍ଷେତ୍ରରେ ପ୍ରାଥମିକତା ଦେବେ ବୋଲି ପ୍ରକାଶ କରିଥିଲେ। ପଞ୍ଚାୟତିରାଜ ପ୍ରତିନିଧିମାନେ ଗ୍ରାମକୁ ଗ୍ରାମ ବୁଲି ଲୋକଙ୍କ ସୁବିଧା ଅସୁବିଧା ବୁଝି ତାହାର ସମାଧାନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନି କୁମାର ମେହେର, ବ୍ଲକ ଉପାଧକ୍ଷ ପାନେଶ୍ୱରୀ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଭାରପ୍ରାପ୍ତ ବିଡିଓ ବିଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏବିଡିଓ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ସହକାରୀ ଯନ୍ତ୍ରୀ ଲକ୍ଷ୍ମୀଧର ସିଂହ, ଉପ ବିଭାଗ ଅଧିକାରୀ ବୁଲୁ ପାଢୀ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାନନ୍ଦ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏମ୍‌ପି ନିରଞ୍ଜନ ବିଶିଙ୍କୁ ସମ୍ବର୍ଦ୍ଧନା

ସୋନପୁର,୧୬।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ରାଜ୍ୟ ସଭା ଏମ୍‌ପି ନିରଞ୍ଜନ ବିଶିଙ୍କୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। କଚେରି ଛକଠାରେ ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତ ସହିତ ଶତାଧିକ ମହିଳା ଓ ପୁରୁଷ ଏମ୍‌ପି ବିଶିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସ୍ଥାନୀୟ ଏନଜିଓସିସି ସଭାଗୃହଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗେନ୍ଦ୍ର ଭୋଇ ଅଧକ୍ଷତା କରିଥିଲେ। ଏମ୍‌ପି ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କର ହକ୍ ଓ ଦାବିକୁ ଉପଯୁକ୍ତ ଫୋରମରେ ପାର୍ଲାମେଣ୍ଟରେ ଉପସ୍ଥାପିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଦିବାସୀଙ୍କର ସ୍ୱାର୍ଥ, ସାମ୍ବିଧାନିକ ଅଧିକାର କିଭଳି ବଜାୟ ରହିବ ସେ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପ୍ରୟାସ ଜାରି ରଖିବେ ବୋଲି କହିଥିଲେ। ଅଚ୍ୟୁତ ପଧାନ ସଭା ପରିଚାଳନା କରିଥିବା ବେଳେ ମୁକୁନ୍ଦ ଧରୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଆଦିବାସୀ ସଂଘର ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ବିରଞ୍ଚି କୁଅଁର, ସୁବାସ ଭୋଇ, ଶ୍ୟାମସୁନ୍ଦର ଭୋଇ, ନନ୍ଦନ ବାରିକ ଓ ଶିବ ପ୍ରସାଦ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନକଲି ଆଦିବାସୀମାନଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ଓ ଅନ୍ୟ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଏମ୍‌ପିଙ୍କୁ ପ୍ରଦାନ କରାଯାଇଥିଲା। ବିଶ୍ୱାମିତ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ପଦ୍ମନାଭ ଧରୁଆ, ଜଗନ୍ନାଥ ଧରୁଆ, ସୁବାସ ଧରୁଆ, ଗଣ୍ଡାରାମ ହାତୀ ଓ ରାଧେଶ୍ୟାମ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ନ୍ୟାୟ ପାଇଁ ପରିବାରବର୍ଗ ଏସ୍‌ପିଙ୍କୁ ଫେରାଦ

ଭବାନୀପାଟଣା,୧୬।୬(ସ୍ୱ.ପ୍ର.)

### ଜେସିବି ଧକ୍କାରେ ଯୁବକଙ୍କ ଗୋଡ଼ କଟିବା ଘଟଣା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପଲାସ ଗ୍ରାମର ସୁରେନ୍ଦ୍ର ବାଗ ଗତ ୪ ତାରିଖ ସନ୍ଧ୍ୟାରେ ଲାଞ୍ଜିଗଡରୁ ଘରକୁ ବାଇକ୍‌ରେ ଫେରୁଥିବା ବେଳେ ଭବାନୀପାଟଣା କଷାକେନ୍ଦୁ ନିକଟରେ ଜେସିବି ଧକ୍କାରେ ଗୋଡ଼ କଟି ଯାଇଥିଲା। ଏହି ଘଟଣା ନେଇ ସେତେବେଳେ ଦୁର୍ଘଟଣା ଘଟାଇଥିବା ଜେସିବି ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଟାଉନ ଥାନାରେ ପରିବାରବର୍ଗ ପକ୍ଷରୁ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପୋଲିସ ଦୁର୍ଘଟଣା ଘଟାଇଥିବା ଜେସିବିକୁ ଧରିପାରିନାହିଁ। ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଗୁରୁବାର ସୁରେନ୍ଦ୍ରଙ୍କ ପରିବାରଙ୍କ ସହିତ ଅଲ ଓଡିଶା ସିଡୁଲ କାଷ୍ଟ ଫେଡେରେଶନର ସଭାପତି ଧନଞ୍ଜୟ ଦୀପ, ସାଧାରଣ ସମ୍ପାଦକ ଯତିନ୍ଦ୍ର କର, ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ସକ୍ରିୟ ସଦସ୍ୟ ସୁଶୀଲ ବାଗ ପ୍ରମୁଖ କଳାହାଣ୍ଡି ଏସ୍‌ପି ଅଭିଳାସ ଜିଙ୍ଗଠାରେ ନ୍ୟାୟ ପାଇଁ ଫେରାଦ ହୋଇଛନ୍ତି। ତୁରନ୍ତ ଦୁର୍ଘଟଣା ଘଟାଇଥିବା ଜେସିବିକୁ ଜବତ କରିବା ସହ ଗୋଡ ହରାଇଥିବା ସୁରେନ୍ଦ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଛନ୍ତି। ସୂଚନା ଯେ, ସୁରେନ୍ଦ୍ର ଗତ ୪ ତାରିଖ ସନ୍ଧ୍ୟାରେ ଲାଞ୍ଜିଗଡରୁ ଘରକୁ ବାଇକ୍‌ରେ ଫେରୁଥିଲେ। ଭବାନୀପାଟଣା କଷାକେନ୍ଦୁ ନିକଟରେ ତାଙ୍କୁ ଏକ ଜେସିବି ଧକ୍କାଦେଇଥିଲା। ଫଳରେ ତାଙ୍କର ଡାହାଣ ଗୋଡ କଟିଯାଇ ରାସ୍ତାରେ ଛିଣ୍ଡି ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସା ପରେ ଜୀବନ ତାଙ୍କର ବଞ୍ଚିଯାଇଥିଲା। ହେଲେ ଏବେ ଗୋଟିଏ ଗୋଡରେ ସେ ଦିବ୍ୟାଙ୍ଗ ଭଳି ଅତିକଷ୍ଟରେ ଜୀବନ ଯାପନ କରୁଛନ୍ତି।



ନ୍ୟାୟ ପାଇଁ ଏସ୍‌ପିଙ୍କୁ ଫେରାଦ ହେବାକୁ ଆସିଛନ୍ତି।

# ହଟିଲା ଜବରଦଖଲ, ଜୀବିକା ହରାଇଲେ ଦୋକାନୀ

ବରଗଡ଼ ଅଫିସ,୧୬।୬

ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦରେ ବରଗଡ଼ ପୌର ପରିଷଦ ତତ୍ପର ହୋଇ ପଡ଼ିଛି। ଗୁରୁବାର ପୌର ପରିଷଦ ଅଧିନ ୱାର୍ଡ ନଂ-୧୭ ଅମ୍ବାପାଲି ଛକରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ପରେ ସେଠାରେ ରହିଥିବା ୫୦ରୁ ଅଧିକ ଦୋକାନୀ ସେମାନଙ୍କ ଜୀବିକା ହରାଇଛନ୍ତି। ଚା, ହୋଟେଲ, ପାନ, ଫଳ ଆଦି ଦୋକାନ ହଟି ଯାଇଥିବା ଯୋଗୁ ଦୋକାନୀମାନେ ନିଜ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଚିନ୍ତିତ ହୋଇ ପଡ଼ିଛନ୍ତି। ଥଇଥାନ କରା ନ ଯାଇ ଉଚ୍ଛେଦ କରାଯାଇ ଥିବା ଯୋଗୁ ଦୋକାନୀ ମହଲରେ ଅସନ୍ତୋଷ ତେଜିଛି। ଅନ୍ୟପକ୍ଷେ ବରଗଡ଼-ବଲାଙ୍ଗୀର ରାସ୍ତା ପ୍ରଶସ୍ତିକରଣ ନିର୍ମାଣ କାର୍ଯ୍ୟ ଚାଲିଥିବା ଯୋଗୁ ଏହି ଉଚ୍ଛେଦ କରାଯାଇଛି। ଉଚ୍ଛେଦ ଯୋଗୁ ଜୀବିକା ହରାଇଥିବା ଦୋକାନୀମାନେ ସେମାନଙ୍କୁ ଥଇଥାନ କରିବାକୁ ଦାବି କରିଛନ୍ତି।



ଅମ୍ବାପାଲିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ପୋଲିସ ଫୋର୍ସ ସହିତ ପୌର ଅଧିକାରୀ, କର୍ମଚାରୀମାନେ ପୂର୍ବାହ୍ନ ପ୍ରାୟ ୧୦ଟାରୁ ଅମ୍ବାପାଲି ଛକରେ ପହଞ୍ଚିଥିଲେ। ସେଠାରୁ ପ୍ରଥମେ ଜଣେ ଶିଳ୍ପପତିଙ୍କ ଘର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ବୋଲଡୋଜର ଲଗାଇ ରାସ୍ତାକୁ ମାଡ଼ିଥିବା ଜବରଦଖଲ ଅଂଶକୁ ହଟାଇ ଦେଇଥିଲେ। ସେହିପରି ଏହି ଉଚ୍ଛେଦ ଅଭିଯାନରେ ଅମ୍ବାପାଲି ଛକରେ ରହିଥିବା ହୋଟେଲ, ଚା, ଫଳ ଆଦି ୫୦ଟି ଦୋକାନକୁ ଉଚ୍ଛେଦ କରାଯାଇ ଥିବା ଯୋଗୁ ଅମ୍ବାପାଲି ଛକ ଶୂନଶାନ୍ ହୋଇ ପଡ଼ିଛି। ସେହିପରି ଏହି ଜବରଦଖଲ ଉଚ୍ଛେଦ ଅଭିଯାନରେ ଦୀର୍ଘବର୍ଷ ପୂର୍ବରୁ ରହିଥିବା ଗୋପପୁର ପ୍ରବେଶ ଦ୍ୱାର(ଗେଟ୍)କୁ ଭାଙ୍ଗି ଦିଆଯାଇଛି। ଏହା ସହିତ ରାସ୍ତାକୁ ଜବରଦଖଲ କରିଥିବା କୋଠାବାଡ଼ିର କିଛି ଅଂଶକୁ ମଧ୍ୟ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ନେଇ ଗତ କିଛିଦିନ ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦଳରେ ଦୂତୀ, ଶ୍ରାବଣୀ


ଦୂତୀ ଚାନ୍ଦ


ଶ୍ରାବଣୀ ନନ୍ଦ

**ନୂଆଦିଲ୍ଲୀ, ୧୬।୬(ପିଟି)**

ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ ଆଥ୍ଲେଟିକ୍ସ ଫେଡେରେଶନ (ଏଏଫ୍ଆଇ) ପକ୍ଷରୁ ଗୁରୁବାର ୩୭ ଜଣିଆ ଭାରତୀୟ ଆଥ୍ଲେଟ୍ ଦଳ ଘୋଷଣା କରାଯାଇଛି। ଅଲିମ୍ପିକ୍ ଚାମ୍ପିୟନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଏହି ଦଳର ନେତୃତ୍ୱ ନେବେ। ଏହି ଦଳରେ ଓଡ଼ିଶାର ଦୂତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ ସ୍ଥାନ ପାଇଛନ୍ତି। ତେବେ ଦୁହେଁ ୧୦୦ ମି. କିମ୍ବା ୨୦୦ ମିଟର ରେସରେ ଭାଗ ନେବେ ନାହିଁ। ସେମାନଙ୍କୁ ଭାରତୀୟ ମହିଳା ୪ x ୧୦୦ ମିଟର ରିଲେ ଦଳରେ ସାମିଲ କରାଯାଇଛି। ଦୁଇ ଓଡ଼ିଆ ଖେଳାଳିଙ୍କ ସହିତ ହିମା ଦାସ, ଏମ୍ ଭି ଜିଲନା ଓ ଏନ୍ ଏସ୍ ସିମି ମଧ୍ୟ ଏହି ଇଭେଣ୍ଟ ପାଇଁ ଦଳରେ ରହିଛନ୍ତି। ଏଏଫ୍ଆଇ ଚୟନ କମିଟି ବାଛିଥିବା ୩୭ ଜଣିଆ ଭାରତୀୟ ଦଳରେ ଅନେକ ଷ୍ଟାର ଆଥ୍ଲେଟ ରହିଛନ୍ତି। ଦୂତୀ ଏବଂ ହିମାଙ୍କ ଛଡ଼ା ୩୦୦୦ ମିଟର ଷ୍ଟିପଲଚେଜରେ ୮ ଥର ଜାତୀୟ ରେକର୍ଡ ଭାଙ୍ଗିଥିବା ଅବିନାଶ ସାବଲେ, ୧୦୦ ମିଟର ବାଧା ଦୌଡ଼ରେ ଦୁଇ ଥର ଜାତୀୟ ରେକର୍ଡ ଭାଙ୍ଗିଥିବା ଜ୍ୟୋତି ୟାରାଜି ମଧ୍ୟ ରହିଛନ୍ତି। ତେବେ ୨୦୦ ମିଟର ଜାତୀୟ ରେକର୍ଡଧାରୀ ଅମ୍ଳାନ ବର୍ଗୋହେନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଯୋଗ୍ୟତା ହାସଲ କରାପାରି ନାହାନ୍ତି। ଦଳରେ ସ୍ଥାନ ପାଇଥିବା କିଛି ଆଥ୍ଲେଟଙ୍କୁ ବର୍ମିଂହାମ ଗସ୍ତ ପୂର୍ବରୁ ସେମାନଙ୍କ ଫର୍ମ ଏବଂ ଫିଟ୍‌ନେସର ପ୍ରମାଣ ଦେବାକୁ ପଡ଼ିବ। ଭେଟେରାନ ଡିସକସ୍ ଥ୍ରୋୟର ସୀମା ପୁନିଆ ୫ମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦଳରେ ସ୍ଥାନ ମିଳିଛି। ପୂର୍ବ ସଂସ୍କରଣରେ ତାଙ୍କ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ତାଙ୍କୁ ସୁଯୋଗ ଦିଆଯାଇଛି। ତେବେ ତାଙ୍କ ଯୋଗ୍ୟତା ଉପରେ ଏବେ ବି ପ୍ରଶ୍ନବାଚୀ ରହିଛି। ଆମେରିକାରେ ହେବାକୁ ଥିବା ଏକ ପ୍ରତିଯୋଗିତାରେ ତାଙ୍କୁ ଏଏଫ୍ଆଇ ଦ୍ୱାରା ଦିଆଯାଇଥିବା ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ପୁନିଆ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ରାଜ୍ୟଗୋଷ୍ଠୀ ସଂସ୍କରଣରେ ପଦକ ହାସଲ କରିଛନ୍ତି।

**ପୁରୁଷ ଆଥଲେଟ୍:** ଅବିନାଶ ସାବଲେ (୩୦୦୦ ମି. ଷ୍ଟିପଲଚେଜ), ନିତେନ୍ଦର ରାୱତ (ମାରାଥନ), ଏମ୍ ଶ୍ରୀଶଙ୍କର ଏବଂ ମହମ୍ମଦ ଅନିସ ୟାହିୟା (ଲଙ୍ଗ ଜମ୍ପ), ଅବଦୁଲା ଆବୁବାକର, ପ୍ରବୀଣ ଚିତ୍ରାଭେଲ ଓ ଏଲଡୋଜ ପଲ (ଟ୍ରିପଲ ଜମ୍ପ), ତାଜିନ୍ଦର ସିଂ ତୁର (ଶଟ ପୁଟ୍), ନୀରଜ ଚୋପ୍ରା, ଡିପି ମନୁ ଓ ରୋହିତ ଯାଦବ (ଜାଭେଲିନ ଥ୍ରୋ), ସନ୍ଦୀପ କୁମାର ଓ ଅମିତ ଖାତ୍ରି (ରେସ ୱାକିଂ), ଅମୋଜ ଜ୍ୟାକବ, ନୋଆ ନିର୍ମଳ ଟୋମ, ଆରୋକିଆ ରାଜିବ, ମହମ୍ମଦ ଅଜମଲ, ନାଗନାଥନ ପାଣ୍ଡି ଓ ରାଜେଶ ରମେଶ (୪ x ୪୦୦ ରିଲେ)।

**ମହିଳା ଆଥ୍ଲେଟ:** ଏସ୍ ଧନଲକ୍ଷ୍ମୀ (୧୦୦ ମି. ଏବଂ ୪ x ୪୦୦ ରିଲେ), ଜ୍ୟୋତି ୟାରାଜି (୧୦୦ ମି. ହର୍ଡଲ୍ସ), ଐଶ୍ୱର୍ଯ୍ୟା ବି (ଲଙ୍ଗ ଜମ୍ପ ଓ ଟ୍ରିପଲ ଜମ୍ପ), ଆନସି ସୋଜାନ (ଲଙ୍ଗ ଜମ୍ପ), ମନପ୍ରୀତ କୌର (ଶଟ ପୁଟ୍), ନବଜୀତ କୌର ଢ଼ିଲୋନ ଓ ସୀମା ପୁନିଆ (ଡିସକସ ଥ୍ରୋ), ଅନୁ ରାଣୀ, ଶିଳ୍ପା ରାଣୀ (ଜାଭେଲିନ ଥ୍ରୋ), ମଞ୍ଜୁ ବାଲା ସିଂ ଓ ସରିତା ରୋମିତ ସିଂ (ହାମର ଥ୍ରୋ), ଭବନା ଜାଟ, ପ୍ରିୟଙ୍କା ଗୋସ୍ୱାମୀ (ରେସ ୱାକିଂ), ହିମା ଦାସ, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଏମ୍ ଭି ଜିଲନା ଓ ଏନ ଏସ୍ ସିମି (୪ x ୧୦୦ ରିଲେ)।

# ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ସହ ଚୁକ୍ତି ମିଆଦ ବୃଦ୍ଧି

**ମେଲବୋର୍ନ, ୧୬।୬ (ଏପି)**



ଅଷ୍ଟ୍ରେଲିଆ ଗ୍ରାଁ ପ୍ରି ସହ ଚୁକ୍ତି ମିଆଦକୁ ୧୦ ବର୍ଷ ବୃଦ୍ଧି କରିଛି ଫର୍ମୁଲା ୱାନ। ଫଳତଃ ମେଲବୋର୍ନରେ ୨୦୩୫ ପର୍ଯ୍ୟନ୍ତ ରେସ୍ ଚାଲୁ ରହିବ। ନୂଆ ରାଜିନାମା ଅନୁସାରେ ଆସନ୍ତା ବର୍ଷ ସର୍କିଟରେ ପ୍ରଥମ ଥର ଫର୍ମୁଲା-୨ ଓ ଫର୍ମୁଲା-୩ ସିରିଜ ଅନୁଷ୍ଠିତ ହେବ। ସର୍କିଟର ପ୍ୟାଡକ ଓ ପିଟ୍ ଲେନ୍‌କୁ ଅପ୍‌ଗ୍ରେଡ୍ କରିବା ଲାଗି ଆୟୋଜକଗଣ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଭିକ୍ଟୋରିଆ ସରକାରଙ୍କ ପର୍ଯ୍ୟଟନ, କ୍ରୀଡ଼ା ଓ ମେଜର ଇଭେଣ୍ଟ ମନ୍ତ୍ରୀ ମାର୍ଟିନ ପାକୁଲା କହିଛନ୍ତି, ଅଷ୍ଟ୍ରେଲିଆନ ଗ୍ରାଁ ପିରେ ଦର୍ଶକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷର ରେସ୍ ଦେଖିବା ଲାଗି ୪୧୯,୦୦୦ ଲୋକଙ୍କ ସମାଗମ ହୋଇଥିଲା। ଆମେ ଜାଣୁ ଏହି ଇଭେଣ୍ଟ ଆମ ଅର୍ଥନୀତି ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ତେଣୁ ରେସ୍‌କୁ ଦୀର୍ଘ ବର୍ଷ ଧରି ଜାରି ରଖିବା ଲାଗି ନିଷ୍ପତ୍ତି ନେଲୁ। ୧୯୯୬ରୁ ଆଲବର୍ଟ ପାର୍କଠାରେ ୨୫ଟି ଫର୍ମୁଲା ୱାନ ରେସ୍ ହୋଇ ସାରିଲାଣି। କୋଭିଡ ଯୋଗୁ ୨୦୨୦ ଓ ୨୦୨୧ରେ ଇଭେଣ୍ଟର ଆୟୋଜନ ହୋଇ ନ ଥିଲା। ଏପ୍ରିଲରେ ରେସ୍ ପାଇଁ ୩ ଦିନ ଧରି ବହୁ ଦର୍ଶକଙ୍କ ସମାଗମ ଘଟିଥିଲା, ଯାହାକି ଅଷ୍ଟ୍ରେଲିଆ ଇତିହାସରେ ସର୍ବବୃହତ୍।

## ଇଣ୍ଡୋନେସିଆ ଓପନ: କ୍ୱାର୍ଟରରେ ପ୍ରଣୟ

**ଜାକର୍ତ୍ତା, ୧୬।୬(ପିଟି):** ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ସୁପର ୧୦୦୦ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଏଚ୍ ଏସ୍ ପ୍ରଣୟ। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୨୯ ବର୍ଷୀୟ ପ୍ରଣୟ ୨୧-୧୧, ୨୧-୧୮ ଗେମ୍‌ରେ ହଂକଂର ଏନ୍‌ଜି କା ଲଙ୍ଗ ଅଙ୍ଗୁସଙ୍କୁ ହରାଇ ଦେଇଛନ୍ତି। ବିଶ୍ୱର ଦ୍ୱାଦଶ ର୍ୟାଙ୍କ ଖେଳାଳିଙ୍କ ବିପକ୍ଷରେ ଏହା ପ୍ରଣୟଙ୍କ ଚତୁର୍ଥ ବିଜୟ। ତାଙ୍କ ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ ଏ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇନାହିଁ। ଡେନମାର୍କର ରାସମସ ଗେମକେ ଓ ଫ୍ରାନ୍ସର ବ୍ରାଇସ ଲେଭରଡେଜଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତା ପ୍ରଣୟଙ୍କୁ ଭେଟିବେ। ଅନ୍ୟପକ୍ଷରେ ସମୀର ବର୍ମା, ଅଶ୍ୱିନୀ ପୋନାପ୍ପା-ଏନ୍ ସିକ୍କି ରେଡ୍ଡୀଙ୍କ ମହିଳା ଡବଲ୍ସ ଯୋଡି, ଏମ୍ ଆର ଅର୍ଜୁନ-ଧ୍ରୁବ କପିଲାଙ୍କ ପୁରୁଷ ଡବଲ୍ସ ଯୋଡ଼ି ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି।

# ୯ବର୍ଷ ପରେ ଏସିସି ମହିଳା ଟି୨୦

**କୁଆଲାଲମ୍ପୁର, ୧୬।୬ (ପି.ଟି.)**

ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ମହିଳା ଟି୨୦ କ୍ୱାଲିଫାଇଂ ଟୁର୍ନାମେଣ୍ଟ ହେବ। ଏହାର ଦୁଇ ଫାଇନାଲିଷ୍ଟ ଦଳ ଚଳିତ ବର୍ଷ ଅକ୍ଟୋବରରେ ବାଂଲାଦେଶରେ ଖେଳାଯିବାକୁଥିବା ମହିଳା ଟି୨୦ ଏସିଆ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ୧୦ଟି ଦେଶ ଯଥା ୟୁଏଇ, ମାଲେସିଆ, ଓମାନ, କାତାର, ନେପାଳ, ହଂକଂ, କୁଏତ୍, ବାହାରିନ୍, ସିଙ୍ଗାପୁର ଓ ଭୁଟାନ ଭାଗ ନେବେ। ଏଠାରେ ଶୁକ୍ରବାର ଟୁର୍ନାମେଣ୍ଟ ଆରମ୍ଭ ହୋଇ ଜୁନ୍ ୨୫ରେ ଶେଷ ହେବ। ଦଳଗୁଡ଼ିକ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇ ସିଙ୍ଗଲ ରାଉଣ୍ଡ ରବିନ ମ୍ୟାଚ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ ଖେଳିବେ। ପରେ ଫାଇନାଲ ଅନୁଷ୍ଠିତ ହେବ। ଏସିସି ସଭାପତି ଜୟ ଶାହା କହିଛନ୍ତି ଏସିସି ମହିଳା ଟି୨୦ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଦୁଇ କ୍ୱାଲିଫାଇଂ ଟିମ୍ ମହିଳା ଟି୨୦ ଏସିଆ କପ୍ ଖେଳିବେ। ମହିଳା ଟି୨୦ ଏସିଆ କପ୍‌ରେ ଆଞ୍ଚଳିକ ହେଭିୱେଟ୍ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ଥାଇଲାଣ୍ଡ ଅଂଶଗ୍ରହଣ କରିବେ। ଏସିସି ମହିଳା ଟି୨୦ ଚାମ୍ପିୟନଶିପ୍ ଗତଥର ୨୦୧୩ରେ ଅନୁଷ୍ଠିତ ହୋଇଥିଲା।

# ୱେଟ୍‌ଲିଫ୍ଟିଂ ସଭାପତି ଆଜୀବନ ବାସନ୍ଦ


ଟମାସ ଆଜାନ

**ଜେନେଭା, ୧୬।୬ (ଏ.ପି):** ଡୋପିଂ ମାମଲା ଘଣ୍ଟ ଘୋଡାଇ ରଖିଥିବା ଅଭିଯୋଗରେ ୱେଟ୍‌ଲିଫ୍ଟିଂ ସହିତ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜଡ଼ିତ ଥିବା ଜଣେ ପୂର୍ବତନ ଅଲିମ୍ପିକ ଅଫିସିଆଲଙ୍କୁ ଗୁରୁବାର ଆଜୀବନ ବାସନ୍ଦ କରାଯାଇଛି। ସେ ହେଉଛନ୍ତି ହଙ୍ଗେରୀର ଟମାସ ଆଜାନ। ସେ ବର୍ଷ ବର୍ଷ ଧରି ଡୋପିଙ୍ଗ ମାମଲାର ଟ୍ୟାମ୍ପରିଂ ଓ ଜାଲିଆତ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା କୋର୍ଟ୍ ଫର୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) କହିଛନ୍ତି। ୨୦୨୦ ଜାନୁୟାରୀରେ ଜର୍ମାନୀର ଏକ ବ୍ରଡକାଷ୍ଟ ନେଟୱର୍କ ଏଆରଡ୍ ପକ୍ଷରୁ ଅଭିଯୋଗ ହେବାରୁ ଆଣ୍ଟି ଡୋପିଂ ତଦନ୍ତକାରୀ ରିଚାର୍ଡ ମ୍ୟାକଲରେନ୍ ତାହାର ଯାଞ୍ଚ କରି ଦେଖିଥିଲେ। ଅଭିଯୋଗକୁ ନେଇ ଆଜାନଙ୍କୁ ବାଧ୍ୟତାମୂଳକ ବହିଷ୍କାର କରାଯିବା ପରେ ଇଣ୍ଟରନ୍ୟାଶନାଲ ୱେଟ୍ ଲିଫ୍ଟିଂ ଫେଡେରେଶନ (ଆଇ ଡବ୍ଲ୍ୟୁଏଫ୍) ମ୍ୟାକଲରେନଙ୍କୁ ନିଯୁକ୍ତି ଦେଇଥିଲା। ଆଜାନ ୨୦ ବର୍ଷ ଧରି ସଭାପତି ଏବଂ ଏହା ପୂର୍ବରୁ ୨୪ ବର୍ଷ ସାଧାରଣ ସମ୍ପାଦକ ଥିଲେ।

## ରାଜ୍ୟ ଖବର

# ରାସ୍ତାକଡ଼ରେ ପଡ଼ିରହିଛି ନାମଫଳକ


ରାସ୍ତାକଡ଼ରେ ପଡ଼ିରହିଥିବା ନାମଫଳକ।

**ମାଲକାନଗିରି, ୧୬।୬ (ଡି.ଏନ.ଏ.):** ଆଡମ୍ବର ସହକାରେ ୪୭ଟି ୫-ଟି ରୂପାନ୍ତରିତ ବିଦ୍ୟାଳୟକୁ ଗତ ଜୁନ ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏନେଇ ଏମ୍‌ଭି-୭ସ୍ଥିତ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ଜିଲାପାଳ ବିଶାଳ ସିଂ, ଶିକ୍ଷା ବିଭାଗର ପଦାଧିକାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଭର୍ଚୁଆଲ ଭାବେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ୫-ଟି ସଚିବ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତେବେ ଇତିମଧ୍ୟରେ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ୧୬ ଦିନ ବିତିଯାଇଛି। ତେବେ ୧୦ଟି ବିଦ୍ୟାଳୟର ଉଦ୍‌ଘାଟନୀ ନାମଫଳକ ଏଯାଏ ରାସ୍ତାକଡରେ ପଡିରହିଛି। ସେହି ବିଦ୍ୟାଳୟଗୁଡିକ ମଧ୍ୟରେ ମାଥିଲି ବ୍ଲକର ଉଦୁଲିବେଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାତ୍ରପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଙ୍ଗମର ହାତିରାମଗୁର ଉଚ୍ଚ ବିଦ୍ୟାଳୟ, ନାୟକଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଳପତିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କ୍ୟାଙ୍ଗ ସାବେରୀ ବିଦ୍ୟାପୀଠ, କର୍ତ୍ତନପାଲି ଉଚ୍ଚ ବିଦ୍ୟାଳୟ, ମହୁପଦର ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ଅଁଳାପଦର ବାପୁଜୀ ଉଚ୍ଚ ବିଦ୍ୟାଳୟ ଏବଂ ଚିତ୍ରକୋଣ୍ଡା ବ୍ଲକର ବଡପଦର ଉଚ୍ଚ ବିଦ୍ୟାଳୟ ରହିଛି। ମାର୍ବଲ ପଥରରେ ଏହି ଉଦ୍‌ଘାନୀ ନାମଫଳକ ତିଆରି କରିଥିବା କଳାକାର ବିପିନ ଦର୍ଜି କହିଛନ୍ତି, ଉକ୍ତ ନାମଫଳକ ପ୍ରସ୍ତୁତ କରିବାକୁ ମାଥିଲି ବ୍ଲକ ଜେଇ ତପନ ଶ୍ୟାମଲ ତାଙ୍କୁ ଏକମାସ ପୂର୍ବରୁ ବରାଦ ଦେଇଥିଲେ। ଗତ ୧ ତାରିଖ ପୂର୍ବରୁ ଏହି ନାମଫଳକଗୁଡିକ କାର୍ଯ୍ୟ ଶେଷ କରି ରଖିଥିଲି। ୧୩ ତାରିଖରେ ଜେଇ ଶ୍ୟାମଲ ପ୍ରତି ନାମଫଳକ ପିଛା ୪୪୦୦ ଟଙ୍କା ଦେଇ ନେଇଥିଲେ। ବଳକା ଅର୍ଥ ରଜଛୁଟି ପରେ ଦେବାକୁ କହିଥିବା ଦର୍ଜି କହିଛନ୍ତି। ତେବେ ଦୋକାନରେ ଜାଗା ଅଭାବ ଥିବାରୁ ଏହି ନାମଫଳକଗୁଡିକ ସେ ରାସ୍ତା ପାର୍ଶ୍ୱରେ ଥିବା ଜିଲା ପରିଷଦ ଅଧ୍ୟକ୍ଷଙ୍କ ବାସଭବନର ପାଚେରି କଡରେ ରଖିଥିବା କହିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଓ ଜେଇ ଶ୍ୟାମଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ।

**୫-ଟି ରୂପାନ୍ତରିତ ବିଦ୍ୟାଳୟ ଉଦ୍‌ଘାଟନକୁ ୧୬ ଦିନ ବିତିଲା**

# ମଙ୍ଗଳ ବିଭାଗର ୬୭ ହଷ୍ଟେଲକୁ ଆଇଏସ୍‌ଓ ସାର୍ଟିଫିକେଟ

**ରାୟଗଡ଼ା ଅଫିସ, ୧୬।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲାରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୩୭ ଆବାସିକ ବିଦ୍ୟାଳୟର ୬୭ ହଷ୍ଟେଲକୁ ଆଇଏସ୍‌ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ୧୦ ଜିଲାର ବିଭାଗୀୟ ହଷ୍ଟେଲଗୁଡ଼ିକୁ ଆଇଏସ୍‌ଓ ସାର୍ଟିଫିକେଟ ପ୍ରଦାନ ନିମନ୍ତେ ବିଭିନ୍ନ ମାନଦଣ୍ଡ ଯାଞ୍ଚ କରାଯିବା ପରେ ସାର୍ଟିଫିକେଟ ପ୍ରଦାନ କରାଯାଇଛି।

ରାୟଗଡ଼ା ଜିଲାରେ ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀଙ୍କ ମାର୍ଗଦର୍ଶନରେ ଜିଲାର ୬୭ ହଷ୍ଟେଲକୁ ପ୍ରାଥମିକ ଭାବେ ଚିହ୍ନଟ କରାଯାଇଥିଲା। ସମସ୍ତ ହଷ୍ଟେଲର ଭିତ୍ତିଭୂମି ବିକାଶ, ପରିଚାଳନାଗତ ଦକ୍ଷତା ବୃଦ୍ଧି ସହ ହଷ୍ଟେଲର ଆନୁଷଙ୍ଗିକ ନଥିପତ୍ର ପରିଚାଳନା ଦିଗରେ ପ୍ରଧାନ ଶିକ୍ଷକ ତଥା ମେସ୍ ପରିଚାଳକଙ୍କୁ ତାଲିମ ଦିଆଯାଇଥିଲା। ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ, ରାୟଗଡ଼ା ଏବଂ ଗୁଣପୁର ଆଇଟିଡିଏ ପିଏଙ୍କ ନେତୃତ୍ୱରେ କଲ୍ୟାଣ ବିଭାଗ ଜିଲା ଶିକ୍ଷାଧିକାରୀଙ୍କ ସହଯୋଗ ଏବଂ ସମସ୍ତ ଡବ୍ଲ୍ୟୁଇଓଙ୍କ ଉଦ୍ୟମରେ ଚୟନ ହୋଇଥିବା ୩୭ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯ୍ୟାୟରେ ସମସ୍ତ ୬୭ ହଷ୍ଟେଲ ଆଇଏସ୍‌ଓ ସାର୍ଟିଫିକେଟ ପାଇବାକୁ ମାନଦଣ୍ଡ ପୂରଣ କରିଛନ୍ତି। କ୍ୱାଲିଟି ଅଷ୍ଟ୍ରିଆ ସେଣ୍ଟ୍ରାଲ ଏସିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ହଷ୍ଟେଲ ପରିଚାଳନାର ବିଭିନ୍ନ ଦିଗକୁ ଯାଞ୍ଚ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଉତ୍ତମ ରହିବା ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ରହିଥିବାରୁ ଆଇଏସ୍‌ଓ ୯୦୦୧: ୨୦୧୫ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି ସାର୍ଟିଫିକେଟ ଆଗାମୀ ୩ବର୍ଷ ପାଇଁ ବୈଧ ରହିବ। ପ୍ରତ୍ୟେକ ବର୍ଷ ସଂସ୍ଥା ପକ୍ଷରୁ ମଧ୍ୟବର୍ତ୍ତିକାଳୀନ ଅଡିଟ୍ କରାଯିବ ବୋଲି ଜଣାପଡ଼ିଛି।

୧୦ ଜିଲା ମଧ୍ୟରୁ କେବଳ ରାୟଗଡ଼ା ଜିଲାର ୬୭ ହଷ୍ଟେଲ ଆଇଏସ୍‌ଓ ସାର୍ଟିଫିକେଟ ପାଇଥିବାରୁ ରାୟଗଡ଼ା ଜିଲା ମଙ୍ଗଳ ବିଭାଗକୁ ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ଭାବେ ସାର୍ଟିଫିକେଟ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି।

ଏହି ସଫଳତା ପାଇଁ ଜିଲା ମଙ୍ଗଳ ଅଧିକାରୀ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ସମୁଚିତ ପଦକ୍ଷେପ, ସମସ୍ତ ବିଭାଗୀୟ ଅଧିକାରୀ, କାର୍ଯ୍ୟାଳୟ କର୍ମଚାରୀ, ଡବ୍ଲ୍ୟୁଇଓଙ୍କ ଉଦ୍ୟମ ଏବଂ ସ୍କୁଲଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅକ୍ଳାନ୍ତ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି। ଅବଶିଷ୍ଟ ବିଦ୍ୟାଳୟର ହଷ୍ଟେଲଗୁଡ଼ିକ ପାଇଁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ସାର୍ଟିଫିକେଟ ହାସଲ ଦିଗରେ ଉଦ୍ୟମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ବନ୍ଦ କୋଠରିରୁ ମିଳିଲା ପ୍ରେମୀ ଯୁଗଳଙ୍କ ମୃତଦେହ

**ଉମରକୋଟ, ୧୬।୬(ସ୍ୱ.ପ୍ର.)**

- ତଳେ ପଡ଼ିଥିଲା ଯୁବତୀଙ୍କ ମୃତଦେହ, ଫ୍ୟାନ୍‌ରେ ଝୁଲୁଥିଲେ ଯୁବକ
- ଯୁବତୀଙ୍କ ମୃତ୍ୟୁ କିପରି ହୋଇଛି ତାହା ଅସ୍ପଷ୍ଟ

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଭାମିନ ପଞ୍ଚାୟତ ବାଟିବେଡ଼ା ଗ୍ରାମରେ ୨ ପ୍ରେମୀ ଯୁଗଳଙ୍କ ମୃତଦେହ ଏକ ବନ୍ଦ କୋଠରିରୁ ମିଳିଛି। ଝୁଲନ୍ତା ଅବସ୍ଥାରେ ଯୁବକଙ୍କର ଓ ଯୁବତୀଙ୍କ ମୃତଦେହ ଘର ଚଟାଣରେ ପଡ଼ିଥିଲା। ଯୁବତୀଙ୍କ ମୃତ୍ୟୁର କାରଣ ଏବେ ଅସ୍ପଷ୍ଟ। ଉମରକୋଟ ପୋଲିସ ମୃତଦେହ ଜବତକରି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁଯାୟୀ, ବାଟିବେଡ଼ା ଗ୍ରାମ ମାଳିସାହିର ସନପତ ମାଳି(୨୨)ଙ୍କର ପାଖ ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉଭୟଙ୍କର ବିବାହ ମଧ୍ୟ ଠିକ୍ ହୋଇଥିଲା। ବିବାହ ପୂର୍ବରୁ ଯୁବତୀ ଯୁବକ ଏକାଠି ରହିପାରିବା ନେଇ ମାଳି ଜାତିର ପରମ୍ପରା ଅଛି। ଉକ୍ତ ପରମ୍ପରା ଅନୁଯାୟୀ ଯୁବତୀ ଜଣଙ୍କ ୪ମାସ ହେବ ସନପତଙ୍କ ଘରେ ରହି ଆସୁଥିଲେ। ବୁଧବାର ଯୁବତୀଙ୍କ ଭାଇ ତାଙ୍କୁ ନେବାକୁ ସନପତଙ୍କ ଘରକୁ ଆସିଥିଲେ। ଏହାକୁ ନେଇ ପ୍ରେମୀ ଯୁଗଳଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସନପତ ପ୍ରେମିକାଙ୍କୁ ତାଙ୍କ ଘରକୁ ଛାଡ଼ି ନ ଥିଲେ। ଖାଇପିଇ ଉଭୟ ଶୋଇଥିଲେ। ସକାଳୁ ଡେରି ପର୍ଯ୍ୟନ୍ତ ରୁମ୍ କବାଟ ଖୋଲି ନ ଥିଲା। ପରିବାର ଲୋକେ କବାଟ ଭାଙ୍ଗିବା ପରେ ଯୁବତୀଙ୍କ ମୃତଦେହ ଘର ଚଟାଣରେ ଓ ଯୁବକଙ୍କର ଫ୍ୟାନ୍‌ରେ ଝୁଲୁଥିବା ଦେଖିଥିଲେ। ଖବରପାଇ ଉମରକୋଟ ଅତିରିକ୍ତ ଥାନାଧିକାରୀ ଲିମାରାଜ ପ୍ରଧାନ, ଏଏସ୍ଆଇ ଶରତ ଚନ୍ଦ୍ର କୁତ୍ରକା ଘଟଣାସ୍ଥଳରେ ପହଞ୍ଚିଥିଲେ। ଉମରକୋଟ ତହସିଲଦାର ଏନ୍.ଜଗତଜୀବନ ଚୌଧୁରୀଙ୍କ ଉପସ୍ଥିତିରେ ମୃତଦେହ ଉମରକୋଟ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଉମରକୋଟ ପୋଲିସ କେସ୍ ନଂ. ୩୯/୨୨, ୪୦/୨୨ରେ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଯୁବତୀଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ମନେ ପଡ଼ନ୍ତି

୧୫ତମ ଶ୍ରାଦ୍ଧବାର୍ଷିକୀ



୰ବିମଳ ପ୍ରସାଦ ପଟ୍ଟନାୟକ
ଗ୍ରାମ: ଯାଆଁଳା, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୩୮
ତିରୋଧାନ: ୦୩।୦୭।୨୦୦୭
ସମୟ ସ୍ରୋତରେ ୧୪ବର୍ଷ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ତଥା ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧାର୍ମିକ ଚିନ୍ତାଧାରାକୁ ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଆସୁଛୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ୍ଭ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୬୧୯୪୦

ଏକାଦଶ ପୁଣ୍ୟତିଥି



ସ୍ୱର୍ଗତ ନାରାୟଣ ଚନ୍ଦ୍ର ଦାସ
ଗୋପୀନାଥ ସାହି, ଖୋର୍ଦ୍ଧା
ଆବିର୍ଭାବ: ୨୧।୧୧।୧୯୨୪
ତିରୋଧାନ: ୧୭।୦୬।୨୦୧୧
ଆପଣଙ୍କର ଆଦର୍ଶ, ପରୋପକାରିତା, ସଚ୍ଚୋଟତା, ଖୋର୍ଦ୍ଧାବାସୀଙ୍କ ପ୍ରତି ଅନାବିଳ ସ୍ନେହ ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୭୩୨୬୪

ଦଶାହ ଉପଲକ୍ଷେ



ସ୍ୱର୍ଗତ ଭୁବନାନନ୍ଦ ଜେନା
ଦଣ୍ଡିଗାଡ଼ିଆ, ବାଣପୁର
ଆବିର୍ଭାବ: ୧୩।୧୧।୧୯୪୨
ତିରୋଧାନ: ୦୮।୦୬।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଧର୍ମପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ହେଉ ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା ।
ତୁମର ହତଭାଗା: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୫୩

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ଶ୍ରୀକାନ୍ତ ପ୍ରସାଦ ମହାପାତ୍ର
ଜନ୍ମ: ୦୧।୦୭।୧୯୬୫
ତିରୋଧାନ: ୦୮।୦୬।୨୦୨୨
ବାପା, ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ଅଭୁଲା ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ମା ହିଙ୍ଗୁଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ: ସଂଯୁକ୍ତା, କନ୍ୟା: ସୃଷ୍ଟି, ପୁତ୍ର: ଆଶୁତୋଷ, ପରିବାର ଓ ବନ୍ଧୁ ପରିଜନ ।
ଧ-୭୫୦



ନିର୍ମଳ କୁମାର ମିଶ୍ର

# କିଙ୍ଗ୍ ଅଫ୍ କ୍ଲେ

**କ୍ଲେ କୋର୍ଟରେ ରାଜାଭାବେ ପରିଚିତ ସ୍ପେନ୍‌ର ରାଫାଲ ନାଡାଲ କ୍ୟାରିୟରର ୧୪ତମ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ରୋଲାଣ୍ଡ ଗାରୋସର ଲାଲ୍ ମାଟିରେ ନିଜକୁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରମାଣିତ କରିଛନ୍ତି ଏଥିସହ ସେ ନିଜ କ୍ୟାରିୟର ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟାକୁ ୨୨ରେ ପହଞ୍ଚାଇଛନ୍ତି...**



୨୦୨୨ର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ନାମେଣ୍ଟ ପ୍ୟାରିସର ରୋଲାଣ୍ଡ ଗାରୋସଠାରେ ସମାପ୍ତ ହୋଇଛି। ୨୨ ମେ'ଠାରୁ ଜୁନ୍ ୫ ପର୍ଯ୍ୟନ୍ତ ଖେଳାଯାଇଥିବା ଏହି ମେଗା ଟେନିସ୍ ଟୁର୍ନାମେଣ୍ଟ ଭରପୂର ଦର୍ଶକ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏଟିପି ଏବଂ ଡବ୍ଲ୍ୟୁଟିଏ ଟୁର୍‌ର ବହୁ ନାମୀଦାମୀ ଖେଳାଳିଙ୍କ ସମାଗମ ହୋଇଥିଲା। ୧୮୯୧ରେ ପ୍ରତିଷ୍ଠା ହୋଇଥିବା ଏବଂ ୧୩୧ ବର୍ଷରେ ପଦାର୍ପଣ କରିଥିବା ଏହି ସମ୍ମାନଜନକ ଟୁର୍ନାମେଣ୍ଟ ୧୯୨୫ରୁ ଗ୍ରାଣ୍ଡସ୍ଲାମର ମାନ୍ୟତା ପାଇଥିଲେ ମଧ୍ୟ ଏହା ଥିଲା ଓପନ ଯୁଗର ୯୦ତମ ସଂସ୍କରଣ। ୪ଟି ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ମଧ୍ୟରୁ ଏହା ହେଉଛି ଏକମାତ୍ର କ୍ଲେ କୋର୍ଟ ଆଉଟଡୋର ପ୍ରତିଯୋଗିତା। ଶେଷ ଦୁଇଟି ସଂସ୍କରଣ କୋଭିଡ୍ ଯୋଗୁ ବିନା ଦର୍ଶକରେ ଖେଳାଯାଇଥିଲା। ୨୦୨୧ର ପୁରୁଷ ବିଭାଗରେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଏବଂ ମହିଳା ବିଭାଗରେ ଚେକ୍ ରିପବ୍ଲିକର ବାର୍ବୋରା ରେଜସିକୋଭା ଚାମ୍ପିୟନ ହୋଇଥିଲେ। ୯୦ତମ ସଂସ୍କରଣରେ ପୂର୍ବବର୍ଷଗୁଡ଼ିକ ଭଳି ୧୨୮ ଖେଳାଳି ୭ଟି ରାଉଣ୍ଡ ମାଧ୍ୟମରେ ପ୍ରିଲିମିନାରୀ ମ୍ୟାଚ ଖେଳିବା ପରେ ଫାଇନାଲ ରାଉଣ୍ଡପାଇଁ ପୁରୁଷ ବିଭାଗରେ ୧୬ ଏବଂ ମହିଳା ବିଭାଗରୁ ୧୬ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ପୁରୁଷ ବିଭାଗରେ ନାଡାଲଙ୍କ ସମେତ କାସ୍ପର ରୁଡ୍, ଆଲେକ୍‌ଜାଣ୍ଡାର ଜେରେଭ, ନୋଭାକ ଜୋକୋଭିଚ୍, ଷ୍ଟିଫାନ୍‌ସ ସତ୍‌ସିପାସ୍, ମାରିନ୍ ସିଲିକ, ଡାନିଲ ମେଡଭେଡେଭ, ଜନ୍ ଇସ୍‌ନର, ଡେଭିଡ୍ ଗୋଫିନ୍ ଏବଂ ଖ୍ରୀଷ୍ଟିୟାନ ଗାରିନ୍ ଏବଂ ମହିଳା ବିଭାଗରେ ଇଗା ସ୍ୱିଟେକ୍, କୋକୋ ଗଫ୍, ମାର୍ଟିନା ଟେଭିସାନ୍, ସ୍ଲୋଆନେ ଷ୍ଟିଫେନ୍‌ସ, ଆଲେକ୍ସ୍ୟ କର୍ବର, ଭିକ୍ଟୋରିଆ ଆଜାରେଙ୍କା, ସିମୋନା ହାଲେପ, କାରୋଲିନା ପ୍ଲିସ୍କୋଭା, କାରୋଲିନା ଗାର୍ସିଆଙ୍କ ପରି ର୍‍ୟାଙ୍କପ୍ରାପ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୟୁକ୍ରେନ୍ ଯୁଦ୍ଧ ଚାଲିଥିଲେ ମଧ୍ୟ ଇଣ୍ଟରନ୍ୟାଶନାଲ ଟେନିସ୍ ଫେଡେରେଶନ୍ ରୁଷିଆ ଏବଂ ବେଲାରୁଷ ଖେଳାଳିମାନଙ୍କୁ ପ୍ରତିଯୋଗିତାରେ ଭାଗନେବା ପାଇଁ ଅନୁମତି ଦେଇଥିଲା। ପ୍ରଥମ ଗ୍ରାଣ୍ଡସ୍ଲାମ୍ ଯାହାକି ଫାଇନାଲ ସେଟ୍ ପାଇଁ ନୂତନ ନିୟମ ସୁପର ଟାଇ ବ୍ରେକର ପଦ୍ଧତି ପ୍ରୟୋଗ କରାଯାଇଥିଲା। ଏହି ନିୟମ ମଧ୍ୟ ଆଗାମୀ ୱିମ୍ବେଲଡନ ଏବଂ ୟୁଏସ୍ ଗ୍ରାଣ୍ଡସ୍ଲାମ୍‌ରେ ପ୍ରୟୋଗ କରାଯିବ। ବହୁ ନାମୀଦାମୀ ଖେଳାଳି ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦା ହୋଇଥିଲେ। ସାଧାରଣତଃ କ୍ଲେ କୋର୍ଟ ପାଇଁ ଏକ ବିଶେଷ ଦକ୍ଷତା ଆବଶ୍ୟକ ହୋଇଥାଏ। ତାହା ହେଉଛି ଖେଳାଳିମାନଙ୍କ ଷ୍ଟାମିନା ଏବଂ ଉଚ୍ଚତା। ସ୍ଲୋ ପେସ୍ ଏବଂ ହାଇ ବାଉନ୍‌ସ ପାଇଁ ଅଧିକ ଶାରୀରିକ ଦକ୍ଷତା ଦରକାର।

ଯାହା ହେଉ ସବୁ ଆଲୋଚନାର ଅନ୍ତ ଘଟାଇ ଚଳିତ ବର୍ଷ ସ୍ପାନିସ୍ ଟେନିସ୍ ତାରକା ରାଫାଲ ନାଡାଲ୍ ଏବଂ ପୋଲାଣ୍ଡର ଇଗା ସ୍ୱିଟେକ ଚାମ୍ପିୟନ ହୋଇଛନ୍ତି। ସ୍ୱିଟେକ ଅନେକ ରେକର୍ଡ ସହ ଫାଇନାଲରେ ଆମେରିକାର କୋକୋ ଗଫ୍‌ଙ୍କୁ ସିଧାସଳଖ ସେଟ୍‌ରେ ହରାଇ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ହାସଲ କରିଛନ୍ତି। ସେ ଗୋଟିଏ ସିଜନରେ ୩୫ଟି ମ୍ୟାଚରେ ଅପରାଜେୟ ରହି ଆମେରିକାର ଭେନସ୍ ୱିଲିୟମ୍‌ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି ଏବଂ କ୍ରମାନ୍ୱୟରେ ୬ଷ୍ଠ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଛନ୍ତି। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଆଧିପତ୍ୟ ବିସ୍ତାର କରିଥିବା ସ୍ୱିଟେକ ମାତ୍ର ୬୮ ମିନିଟ୍‌ରେ ଫାଇନାଲ ଜିତିଥିଲେ। ଅନ୍ୟ ପକ୍ଷରେ ନାଡାଲ ୩୬ବର୍ଷ ବୟସରେ ନର୍‌ୱେର କାସ୍ପର ରୁଡ୍‌ଙ୍କୁ ହରାଇ ଲାଲମାଟିର ବାଦଶାହା ରୂପେ ନିଜର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠାକୁ ବଜାୟ ରଖିଛନ୍ତି। କ୍ୟାରିୟରର୧୪ ତମ ଫ୍ରେଞ୍ଚ ଓପନ ସହ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ସଂଖ୍ୟାକୁ ୨୨କୁ ବୃଦ୍ଧି କରି ରେକର୍ଡ କରିଛନ୍ତି। ଫ୍ରେଞ୍ଚ ଓପନ ଆରମ୍ଭ ପୂର୍ବରୁ ବେଶ୍ ଭାଙ୍ଗିପଡିଥିଲେ ନାଡାଲ। କାରଣ ଏକାଧିକ ଆଘାତ ସମସ୍ୟା ଯୋଗୁ ହତୋତ୍ସାହିତ ହୋଇପଡିଥିଲେ। ଆଶା କରୁଥିଲେ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କ ସହ ମୁକାବିଲା ହେବ। ମାତ୍ର ଏଥର କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍‌ଙ୍କ ସହ ମୁକାବିଲା ହୋଇଥିଲା ଏବଂ ସର୍ବୀୟ ପ୍ରିଦ୍ୱନ୍ଦ୍ୱୀଙ୍କୁ ହରାଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ କିଙ୍ଗ୍ ଅଫ୍ କ୍ଲେ। ୨୦୦୫, ୨୦୦୬, ୨୦୦୭, ୨୦୦୮ କ୍ରମାଗତ ଭାବେ ଚାମ୍ପିୟନ ହେବା ସହ ୨୦୧୦ରୁ ୨୦୧୪ କ୍ରମାଗତ ୫ବର୍ଷ ଧରି ନିଜର ଆଧିପତ୍ୟ ବିସ୍ତାର କରିଥିଲେ। ସେହିପରି ୨୦୧୭ରୁ ୨୦୨୦ ଏବଂ ୨୦୨୨ରେ ଚାମ୍ପିୟନ ହେବା ତାଙ୍କ ପାଇଁ ସହଜ କାର୍ଯ୍ୟ ନ ଥିଲା। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆ ଓପନରେ ସେ ନାମକୁ ମାତ୍ର ଭାଗ ନେଇଥିଲେ ଏବଂ ଆଶଙ୍କା କରିଥିଲେ ଏହା ତାଙ୍କ କ୍ୟାରିୟରର ଶେଷ ଗ୍ରାଣ୍ଡସ୍ଲାମ୍ ହେବ। ମାତ୍ର ତାରକା ଟେନିସ୍ ଖେଳାଳି ରୋଜର ଫେଡେରର ଏବଂ ଜୋକୋଭିଚ୍‌ଙ୍କ ରେକର୍ଡକୁ ଅତିକ୍ରମ କରି ତାଙ୍କ ନିକଟରେ ଯେ ଆହୁରି ଟେନିସ୍ ବାକି ଅଛି ତାହା ସେ ଦୁନିଆକୁ ଦେଖାଇ ଦେଇଛନ୍ତି। ଦୃଢ ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରତିବନ୍ଧକ ହାରମାନେ ଏହା ସେ ଏହି ବୟସରେ ଦେଖାଇ ଦେଇଛନ୍ତି। ଅନେକ ର୍‍ୟାଙ୍କପ୍ରାପ୍ତ ଖେଳାଳିଙ୍କର କ୍ଲେ କୋର୍ଟରେ ଚାମ୍ପିୟନ ହେବାର ସ୍ୱପ୍ନ ଧୂଳିସାତ ହୋଇଥିବା ବେଳେ ନାଡାଲ ସମସ୍ତ କୋର୍ଟ (ହାର୍ଡ, ଗ୍ରାସ୍ ଏବଂ କ୍ଲେ)ରେ ସଫଳ ହୋଇଛନ୍ତି। ୩୬ ବର୍ଷୀୟ ନାଡାଲ ସବୁଠାରୁ ବୟସ୍କ ଖେଳାଳିଭାବେ ଫ୍ରେଞ୍ଚ୍ ଓପନ ଚାମ୍ପିୟନ ହୋଇଥିଲେ। ପୂର୍ବରୁ ଆନ୍ଦ୍ରେସ ଜିମେନୋ ବୟସ୍କ ଖେଳାଳିଭାବେ ଫ୍ରେଞ୍ଚ୍ ଓପନ ଜିତିବାର ରେକର୍ଡ ରଖିଥିଲେ। ସେ ୩୪ ବର୍ଷ ୧୦ ମାସର ହୋଇଥିବାବେଳେ ରୋଲାଣ୍ଡ ଗାରୋସରେ ଟାଇଟଲ ଜିତିଥିଲେ। କ୍ଲେ କୋର୍ଟରେ ଅସଫଳ ହୋଇଥିବା କିମ୍ବଦନ୍ତୀ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଜନ୍ ମ୍ୟାକେନରୋ , ଜନ୍ ନ୍ୟୁ କମ୍ବ, ଜିମି କର୍ନର୍ସ, ମାର୍ଟିନା ହିଙ୍ଗିସ, ଭେନସ୍ ୱିଲିୟମ୍ସ, ଷ୍ଟିଫେନ୍ ଏଡବର୍ଗ, ଲୁଇସ୍ ବର୍ଗ ଏବଂ ବୋରିସ ବେକରଙ୍କ ପରି ଅନେକ ଖେଳାଳି। ବର୍ତ୍ତମାନ ଏଟିପି ର୍‍ୟାକିଙ୍ଗରେ ଜୋକୋଭିଚ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ନାଡାଲ ୪ର୍ଥ ସ୍ଥାନରେ ଅଛନ୍ତି। ମହିଳା ର୍‍ୟାକିଙ୍ଗରେ ଇଗା ସ୍ୱିଟେକ୍ (ପୋଲାଣ୍ଡ) ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଗକୁ ଅଛି ବିଶ୍ୱର ସର୍ବପୁରାତନ ଏବଂ ସମ୍ମାନଜନକ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍। ବର୍ଷର ଏହି ତୃତୀୟ ଗ୍ରାଣ୍ଡସ୍ଲାମ୍ ଗ୍ରାସ୍ କୋର୍ଟ ଟର୍ନାମେଣ୍ଟ ପାଇଁ ନିଜକୁ ନିଶ୍ଚୟ ଫିଟ୍ ରଖିବାକୁ ଚାହିବେ ରାଫାଲ। ଏହି ଗ୍ରାଣ୍ଡସ୍ଲାମ ଜୁନ୍ ୨୭ରୁ ଜୁଲାଇ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ନାଡାଲଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ

**ଅଷ୍ଟ୍ରେଲିଆନ ଓପନ:** ୨୦୦୯, ୨୦୨୨।
**ଫ୍ରେଞ୍ଚ୍ ଓପନ:** ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯ ଓ ୨୦୨୦, ୨୦୨୨।
**ୱିମ୍ବେଲଡନ:** ୨୦୦୮, ୨୦୧୦।
ୟୁଏସ୍ ଓପନ: ୨୦୧୦, ୨୦୧୩, ୨୦୧୭, ୨୦୧୯।

ଟ୍ରଫି ସହ କାସ୍ପର ରୁଡ୍ ଓ ରାଫାଲ ନାଡାଲ

## ଅତୀତ ସ୍ମୃତିରୁ...



ଅଶୋକ ମହାନ୍ତି

# ଓଡ଼ିଶା ଓ ରାଜ୍ୟ ପୋଲିସ କ୍ରୀଡ଼ାର ତିନି ମହାରଥୀ

**ପଚାଶ ଦଶକରେ ଓଡ଼ିଶାର ଯେଉଁ କେତେଜଣ କ୍ରୀଡ଼ାବିତ୍ ଶ୍ରେଷ୍ଠତ୍ୱର ମର୍ଯ୍ୟାଦା ପାଇଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ଏମ୍.ଏସ୍. ଆଲାମ, ନିର୍ମଳ କୁମାର ଚକ୍ରବର୍ତ୍ତୀ ଓ ଜ୍ୟୋତିର୍ମୟ ମିତ୍ର। ଆଲାମ ଫୁଟବଲ ଓ ହକି, ନିର୍ମଳ ଫୁଟବଲ, କ୍ରିକେଟ ଓ ହକି ଏବଂ ଜ୍ୟୋତିର୍ମୟ ଆଥଲେଟିକ୍ସରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ..**

### ଏମ୍.ଏସ୍. ଆଲାମ

ପଚାଶ ଦଶକରେ ଏକାଧିକ ଲୋକପ୍ରିୟ କ୍ରୀଡ଼ାରେ ପାରଦର୍ଶିତା ଲାଭ କରି (ଫୁଟବଲ, ହକି) ରାଜ୍ୟ ପାଇଁ ଗୌରବ ଆଣିଥିବା ସୀମିତ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଏମ.ଏସ. ଆଲାମ ଥିଲେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ବିରଳ କ୍ରୀଡ଼ା ପ୍ରତିଭାର ଅଧିକାରୀ ଏହି ଯଶସ୍ୱୀ କ୍ରୀଡ଼ାବିତ୍ ୨୧ ଏପ୍ରିଲ ୧୯୨୮ରେ ଜନ୍ମଗ୍ରହଣ କରିଥିଲେ ଏବଂ ଓଡ଼ିଶାରୁ ଫୁଟବଲ ଏବଂ ହକିରେ ପ୍ରତିନିଧିତ୍ୱ କରିଥିଲେ। ତେବେ ଫୁଟବଲ ଖେଳରେ ତାଙ୍କର ବିଶେଷ ଦକ୍ଷତା ପାଇଁ ପଚାଶ ଦଶକରେ ସେ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ପରିଚିତ ଥିଲେ। ୧୯୪୭ରୁ ୧୯୫୮ ମଧ୍ୟରେ ସେ ଏକାଧିକ ଥର ଓଡ଼ିଶାକୁ ଫୁଟବଲ ଏବଂ ହକି (୧୯୫୦, ୫୧)ରେ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ଫୁଟବଲ ଦଳର ସନ୍ତୋଷ ଟ୍ରଫି ପଦାର୍ପଣ ବର୍ଷ (୧୯୪୭)ରେ ସେ ରାଜ୍ୟ ଦଳର ସଦସ୍ୟ ଥିଲେ ଏବଂ ୧୯୫୮ ପର୍ଯ୍ୟନ୍ତ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ୧୯୪୮ରେ ସେ କଲିକତାର ପ୍ରସିଦ୍ଧ ଫୁଟବଲ କ୍ଲବ ମହମଡାନ ସ୍ପୋର୍ଟିଂ ଦଳ ପାଇଁ କଲିକତା ଲିଗ୍‌ରେ ଖେଳିବାର ସୁଯୋଗ ପାଇଥିଲେ। ୧୯୪୯ରେ ଉଭୟ ହକି ଏବଂ ଫୁଟବଲରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିଥିଲେ। ରାଜ୍ୟସ୍ତରରେ ଜଣେ ଉଚ୍ଚକୋଟୀର କ୍ରିକେଟ ଖେଳାଳି ଭାବେ ମଧ୍ୟ ଆନ୍ତଃ ଜିଲା କ୍ରିକେଟ କଳାହାଣ୍ଡି କପ୍‌ରେ ଭାଗ ନେଇଥିବାର ନଜିର ରହିଛି।
ଜଣେ ଶାନ୍ତ ଏବଂ କର୍ତ୍ତବ୍ୟନିଷ୍ଠ ପୋଲିସ ଅଧିକାରୀ ଭାବେ ପରିଚିତ ଆଲାମ ସାହେବ (ମିଲିଟାରି ପୋଲିସ ବିଭାଗରେ ଏହି ନାମରେ ପରିଚିତ)ଙ୍କ ସହିତ କାର୍ଯ୍ୟ କରିଥିବା ବନ୍ଧୁ ଅରବିନ୍ଦ ମିତ୍ର (ଅବସରପ୍ରାପ୍ତ କମାଣ୍ଡାଣ୍ଟ/ ପୂର୍ବତନ ଖେଳାଳି) କୁହନ୍ତି, ''ଆଲାମ ସାହେବଙ୍କ ବାପା ବ୍ରିଟିଶ ଅମଳରେ କଟକ ସହରର ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ। ପଚାଶ ଦଶକରେ ଓଡ଼ିଶା ମିଲିଟାରି ପୋଲିସରେ ତିନିଜଣ ଖ୍ୟାତନାମା କ୍ରୀଡ଼ାବିତ୍ ଏମ୍.ଏସ୍. ଆଲାମ, ନିର୍ମଳ ଚକ୍ରବର୍ତ୍ତୀ ଏବଂ ଜ୍ୟୋତିର୍ମୟ ମିତ୍ର ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ମାନ୍ୟତା ପାଇଥିଲେ।'' ବହୁବର୍ଷ ଧରି ଓଡ଼ିଶା ପୋଲିସକୁ ଏକାଧିକ କ୍ରୀଡ଼ା ଶୃଙ୍ଖଳାରେ ସର୍ବଭାରତୀୟ ପୋଲିସ କ୍ରୀଡ଼ାରେ ପ୍ରତିନିଧିତ୍ୱ କରି ସୁନାମ ଅର୍ଜନ କରିଥିବା ଆଲାମ ଓଡ଼ିଶା ମିଲିଟାରି ପୋଲିସରେ ସର୍ଜେଣ୍ଟ ଭାବେ ଯୋଗଦାନ କରି କମାଣ୍ଡାଣ୍ଟ ପଦକୁ ପଦୋନ୍ନତି ପାଇଥିଲେ ଏବଂ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଣେ ଦକ୍ଷ ପ୍ରଶାସକ ଓ ପ୍ରବୀଣ କ୍ରୀଡ଼ାବିତ୍ ଭାବେ ପରିଚିତ ଥିଲେ।



ଜ୍ୟୋତିର୍ମୟ ମିତ୍ର



ଏମ.ଏସ. ଆଲାମ



ନିର୍ମଳ କୁମାର ଚକ୍ରବର୍ତ୍ତୀ

### ନିର୍ମଳ କୁମାର ଚକ୍ରବର୍ତ୍ତୀ

ତିନୋଟି ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଫୁଟବଲ, କ୍ରିକେଟ ଏବଂ ହକିରେ ରାଜ୍ୟ ସ୍ତରରେ ପାରଦର୍ଶିତା ଲାଭ କରି ଜାତୀୟ ସ୍ତରରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ବିରଳ କୀର୍ତ୍ତିମାନର ଅଧିକାରୀ ହୋଇଥିଲେ ଓଡ଼ିଶା ମିଲିଟାରି ପୋଲିସର ଅବସରପ୍ରାପ୍ତ କମାଣ୍ଡାଣ୍ଟ ନିର୍ମଳ କୁମାର ଚକ୍ରବର୍ତ୍ତୀ। ଏତଦ୍ ବ୍ୟତୀତ ଦୁଇଟି ପ୍ରଦେଶ ଯଥା ବିହାର ଏବଂ ଓଡ଼ିଶାକୁ ପ୍ରଥମ ଶ୍ରେଣୀ ରଣଜି ଟ୍ରଫି କ୍ରିକେଟରେ ପ୍ରତିନିଧିତ୍ୱ କରି 'ଡବଲ' ଅର୍ଜନ କରିବାରେ ମଧ୍ୟ ସେ ଜଣେ ବିରଳ କ୍ରୀଡ଼ାବିତ୍। ଜାମସେଦପୁର ସହରରେ ଜନ୍ମଗ୍ରହଣ କରି ସେଠାରେ ଆଦ୍ୟ ଜୀବନ କଟାଇଥିବା ଚକ୍ରବର୍ତ୍ତୀ ୧୯୪୬ ଏବଂ ୧୯୪୭ରେ ବିହାର ରାଜ୍ୟ ବିଦ୍ୟାଳୟ କ୍ରିକେଟ ଟିମ୍‌କୁ ପ୍ରତିନିଧିତ୍ୱ କରି କଲିକତା ଏବଂ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏତଦ୍‌ବ୍ୟତୀତ ୧୯୪୯ରୁ ୧୯୫୧ ପର୍ଯ୍ୟନ୍ତ ସେ ବିହାର ପକ୍ଷରୁ ରଣଜି ଟ୍ରଫି ଖେଳିଥିଲେ। ୧୯୫୨ରେ ଚକ୍ରବର୍ତ୍ତୀ ଓଡ଼ିଶା ମିଲିଟାରି ପୋଲିସ (ବର୍ତ୍ତମାନ ଓଡ଼ିଶା ସଶସ୍ତ୍ର ଆରକ୍ଷୀ ବାହିନୀ)ରେ ସର୍ଜେଣ୍ଟଭାବେ ଯୋଗଦାନ କରିଥିଲେ। ୧୯୫୨ରୁ ୫୮ ମଧ୍ୟରେ ଓଡ଼ିଶା ପୋଲିସ ହକି ଏବଂ ଫୁଟବଲ ଦଳର ପ୍ରମୁଖ ସଦସ୍ୟ ଭାବେ ସର୍ବ ଭାରତୀୟ ପୋଲିସ କ୍ରୀଡ଼ାରେ ଭାଗ ନେଇଥିଲେ। ବିଶିଷ୍ଟ ପୂର୍ବତନ ଶିକ୍ଷାବିତ୍, କ୍ରୀଡ଼ା ପ୍ରଶାସକ ଏବଂ ଭାଷ୍ୟକାର ଡ. ପ୍ରଭାତ ମିଶ୍ରଙ୍କ ମତରେ ''୫୦ ଦଶକରେ ଓଡ଼ିଶାକୁ ଫୁଟବଲ (ସନ୍ତୋଷ ଟ୍ରଫି), କ୍ରିକେଟ (ରଣଜି ଟ୍ରଫି) ଏବଂ ହକି (ଅଧିନାୟକ, ଜାତୀୟ ପ୍ରତିଯୋଗିତା)ରେ ଏକାଧିକ ଥର ପ୍ରତିନିଧିତ୍ୱ କରି ଚକ୍ରବର୍ତ୍ତୀ ରାଜ୍ୟର ଜଣେ ଶ୍ରେଷ୍ଠ ଅଲ୍‌ରାଉଣ୍ଡ ଆଥ୍‌ଲେଟର ମାନ୍ୟତା ପାଇଥିଲେ।'' ପ୍ରତିଯୋଗିତାମୂଳକ କ୍ରୀଡ଼ାରୁ ଅବ୍ୟାହତି ନେଲାପରେ ୧୯୬୦ରୁ ୧୯୭୧ ପର୍ଯ୍ୟନ୍ତ ଚକ୍ରବର୍ତ୍ତୀ ଓଡ଼ିଶା ପୋଲିସ ଫୁଟବଲ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୧୯୮୮ରେ ଓଡ଼ିଶା ସଶସ୍ତ୍ର ଆରକ୍ଷୀ ବାହିନୀ (ଓଏସ୍ଏପି) କମାଣ୍ଡାଣ୍ଟ ପଦରୁ ଅବସର ଗ୍ରହଣ କରିଥିଲେ।

### ଜ୍ୟୋତିର୍ମୟ ମିତ୍ର

ପଚାଶ ଦଶକରେ ଓଡ଼ିଶା ଏବଂ ରାଜ୍ୟ ପୋଲିସର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ (ଆଥ୍‌ଲେଟ୍)ର ମାନ୍ୟତା ପାଇଥିବା ଜ୍ୟୋତିର୍ମୟ ମିତ୍ର କଟକ ସହରରେ ୨୮ ମେ, ୧୯୨୮ରେ ଜନ୍ମଗ୍ରହଣ କରିଥିଲେ। ପିତାମାତାଙ୍କ ନାଁ ଥିଲା ରେବତୀ ବଲ୍ଲଭ ମିତ୍ର ଏବଂ ବିଷ୍ଣୁପ୍ରିୟା ମିତ୍ର। କଟକସ୍ଥିତ ଷ୍ଟୁଆର୍ଟ ସ୍କୁଲରେ ବିଦ୍ୟାଳୟ ଶିକ୍ଷା ସମାପ୍ତ କରିଥିଲେ। ସେ ସମୟର ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ନନ୍ଦକୃଷ୍ଣ ଦାସ ଏବଂ ଶୈଲେନ୍ ରାୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କ୍ରୀଡ଼ା କ୍ଷେତ୍ରରେ ସକ୍ରିୟ ଭାବେ ପ୍ରବେଶ କରିଥିଲେ। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମିତ୍ର କିଛି ସମୟ ପାଇଁ ଦିଲ୍ଲୀଠାରେ ବିଶ୍ୱ ବିଖ୍ୟାତ ମାରାଥନ ଏବଂ ଲମ୍ବଦୌଡ ଚାମ୍ପିୟନ ଏମିଲ ଜାଟୋପେକ୍ (ଚେକୋସ୍ଲୋଭାକିଆ)ଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।
୧୯୫୬ରେ ଓଡ଼ିଶା ମିଲିଟାରି ପୋଲିସରେ ସର୍ଜେଣ୍ଟ ଭାବେ ଯୋଗଦାନ କଲାପରେ ତାଙ୍କର କ୍ରୀଡ଼ା ଦକ୍ଷତା ବୃଦ୍ଧି ପାଇଥିଲା। ପଚାଶ ଦଶକରେ ୧୧୦ ମି ଏବଂ ୪୦୦ ମିଟର ବାଧାଦୌଡ଼ ଇଭେଣ୍ଟରେ ସେ ରାଜ୍ୟର ଶ୍ରେଷ୍ଠ ଆଥ୍‌ଲେଟ ଭାବେ ପ୍ରତିଷ୍ଠା ଲାଭ କରିଥିଲେ। ଏହି ଦଶନ୍ଧିରେ ସେ ଜାତୀୟ କ୍ରୀଡ଼ା ଏବଂ ସର୍ବ ଭାରତୀୟ ପୋଲିସ କ୍ରୀଡ଼ାରେ ଭାଗ ନେଇ ଏକାଧିକ ପଦକ ଜିତିବାରେ ସକ୍ଷମ ହୋଇଥିବା ବେଳେ ରାଜ୍ୟ ରେକର୍ଡକୁ ମଧ୍ୟ ଅତିକ୍ରମ କରିଥିଲେ। ୧୯୫୪ ଏବଂ ୧୯୫୫ ରାଜ କୁମାରୀ ଅମ୍ରିତ କୌର ତାଲିମ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମରେ ସାମିଲ ହୋଇ କ୍ରୀଡ଼ା କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଜ୍ଞତା ହାସଲ କରିଥିଲେ। ୧୯୮୭ରେ ଓଡ଼ିଶା ସଶସ୍ତ୍ର ପୋଲିସ ବାହିନୀ ୪ର୍ଥ ବାଟାଲିୟନ ରାଉରକେଲାରେ କମାଣ୍ଡାଣ୍ଟ ପଦବୀରୁ ଅବସର ଗ୍ରହଣ କରିଥିଲେ। ୩୦ ଅଗଷ୍ଟ ୨୦୧୫ରେ ତାଙ୍କର ପରଲୋକ ହୋଇଥିଲା।

## ଯୋଡ଼ି

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ
ଫ୍ରାନ୍ସର ଦୁଇ ଯୋଡ଼ି
ଗାର୍ସିଆ–ମ୍ଲାଡେନୋଭିକ୍ ଚାମ୍ପିୟନ
ଦେଶପାଇଁ କୀର୍ତ୍ତି ଗଢ଼ି
ଏ ଲେଡି ସିଂହମ୍ ରେଡି
ଭାଇ ସଙ୍ଗେ ଭାଇ ଯୋଡ଼ି ଥିଲେ ଯା
ଯୁଦ୍ଧରେ ଯିବୁନି ପଡ଼ି।

ଲଭର ଜୟାର ହାତଧରି ଟିମ୍
ଦୀପକ ଚହର ଦୁଇ
ସାତ ଜନ୍ମପାଇଁ ଅର୍ଦ୍ଧାଙ୍ଗିନୀ ଭାବେ
ପାରି କରି ନେବ ନଈ
ଟେମ୍ପା ମାରୁଅଛି ହାଇ
ଛେନାପୋଡ଼ ବଡ଼ି ଚୂରା ମଣ୍ଡାପିଠା
ଆରିସା କାକରା ଖାଇ।



ଟି ଟ୍ୱେଣ୍ଟି କ୍ରିକେଟ ମ୍ୟାଚ ସରିଗଲା
ସାକ୍ଷୀ ଆମ ବାରବାଟୀ
ଇଣ୍ଡିଆ ହାତରୁ ମ୍ୟାଚ ନେଇଗଲା
ହେନରିଚ୍ ପିଟିପିଟି
ସାଉଥ୍ ଆଫ୍ରିକା ପାର୍ଟି
ଜାଣିଲେ ଭାରତ ଭୂଖଣ୍ଡରେ ଧନ୍ୟ
ଜଗନ୍ନାଥ ଧାମ ମାଟି।

–ସୁବାସ ଚନ୍ଦ୍ର ପ୍ରଧାନ

# ବ୍ୟାଟିଂରେ ସୁଧାର ଆଶାରେ ରିଷଭ

**ରାଜକୋଟ, ୧୬।୬ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ୪ର୍ଥ ଟି୨୦ କ୍ରିକେଟ ମ୍ୟାଚ ଶୁକ୍ରବାର ଏଠାରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀ ଓ କଟକରେ ମ୍ୟାଚ ଜିତି ଦକ୍ଷିଣ ଆଫ୍ରିକା ସିରିଜ ବିଜୟର ନିକଟତର ହୋଇଛି। ଅନ୍ୟପକ୍ଷରେ ବିଶାଖାପାଟଣାରେ ବିଜୟ ହାସଲ କରି ଭାରତ ସିରିଜକୁ ଉଜ୍ଜୀବିତ ରଖିଛି। ପୂର୍ବ ମ୍ୟାଚ ଭଳି ଆଗାମୀ ମ୍ୟାଚ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଜୟୀ ହୋଇ ନ ପାରିଲେ ଶେଷ ଟି୨୦ ପୂର୍ବରୁ ଦକ୍ଷିଣ ଆଫ୍ରିକା ହାତକୁ ସିରିଜ ଚାଲିଯିବ। ଟିମ୍ ଇଣ୍ଡିଆ ଅଧିନାୟକ ରିଷଭ ପନ୍ତ ଏପର୍ଯ୍ୟନ୍ତ ନିଜ ଦକ୍ଷତା ଅନୁସାରେ ଗୋଟିଏ ହେଲେ ଇନିଂସ ଖେଳିପାରି ନାହାନ୍ତି। ତେଣୁ ନିଜ ବ୍ୟାଟିଂରେ ସୁଧାର ଆଣିବା ଆଶାରେ ଅଛନ୍ତି ଏହି ଯୁବ ଅଧିନାୟକ।

ଦକ୍ଷିଣ ଆଫ୍ରିକା ବୋଲରମାନେ ଚତୁରତାର ସହ ବୋଲିଂ କରି ପନ୍ତଙ୍କ ହିଟିଂ ଜୋନ୍‌ରେ ବଲ୍ ପକାଉ ନାହାନ୍ତି। ଅଧିକାଂଶ ସମୟରେ ବଲ୍ ୱାଇଡ୍ ଲାଇନ୍‌ରେ ପଡୁଥିବାରୁ ମାରିବାକୁ ଯାଇ ପନ୍ତ ଏକାଧିକ ଥର ଡିପ୍ ଅଞ୍ଚଳରେ ଧରା ପଡ଼ିଛନ୍ତି। ଗତ ମ୍ୟାଚରେ ଋତୁରାଜ ଗାଏକ୍ୱାଡ୍ ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଇଶାନ କିଶନ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିଥିଲେ। ଫଳରେ ଅଷ୍ଟ୍ରେଲିଆରେ ଆସନ୍ତାବର୍ଷ ହେବାକୁଥିବା ଟି୨୦ ବିଶ୍ୱକପ ସମେତ ଦୀର୍ଘକାଳୀନ ଭିତ୍ତିରେ ଭାରତର ରିଜର୍ଭ ଓପନର ପାଇଁ ଏ ଦୁହେଁ ଦାବିଦାର ହୋଇଛନ୍ତି। ନିୟମିତ ଓପନରମାନେ ଦଳକୁ ଫେରିବା ପୂର୍ବରୁ ଏ ଦୁହେଁ ପରବର୍ତ୍ତୀ ୨ଟି ମ୍ୟାଚ ଏବଂ ଆୟର୍ଲାଣ୍ଡ ଗସ୍ତରେ କେତେକ ମ୍ୟାଚ ଖେଳିବା ସୁଯୋଗ ପାଇବେ। ୩ ନମ୍ବର ସ୍ଥାନରେ ଶ୍ରେୟାସ ଆୟାର ଉପଯୁକ୍ତ ଯୋଗଦାନ ଦେଇପାରି ନାହାନ୍ତି। ଶର୍ଟବଲ୍ ଖେଳିବାରେ ତାଙ୍କର ଦୁର୍ବଳତା ଜାରି ରହିଛି। ଭାଇଜାଗ୍‌ରେ ଘରୋଇ ଦଳର ମିଡିଲ ଅର୍ଡର ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ହାରରେ ରନ ସଂଗ୍ରହ କରିବାରୁ ଭାରତ ୧୮୦ ରନର ନିକଟତର ହୋଇ ପାରିଥିଲା। ତେଣୁ ପୂରା ଇନିଂସରେ ଯେପରି ମୋମେଣ୍ଟମ ରହେ ସେଥିପ୍ରତି ଭାରତୀୟ ଖେଳାଳିଙ୍କୁ ଧ୍ୟାନ ଦେବାକୁ ପଡ଼ିବ।

ଗତ ମ୍ୟାଚରେ ଦୁଇ ତାରକା ସ୍ପିନର ଯୁଜବେନ୍ଦ୍ର ଚହଲ ଓ ଅକ୍ଷର ପଟେଲଙ୍କ ଭଲ ପ୍ରଦର୍ଶନ ଦଳ ପାଇଁ ଆଶ୍ୱାସନାର ବିଷୟ ହୋଇଛି। ପୂର୍ବ ମ୍ୟାଚଗୁଡ଼ିକରେ ଏମାନେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଦ୍ରୁତ ବୋଲିଂ ବିଭାଗରେ ଭୁବନେଶ୍ୱର କୁମାର ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ଆଭେଶ ଖାଁ ଏପର୍ଯ୍ୟନ୍ତ ନିଜ ଦକ୍ଷତା ଅନୁସାରେ ଖେଳିପାରି ନାହାନ୍ତି। ମହଙ୍ଗା ରହିବା ସହ ଉଇକେଟ ପାଉନାହାନ୍ତି। ହର୍ଶଲ ପଟେଲ ଭାଇଜାଗ୍‌ରେ ରିଦମ ଫେରି ପାଇବାରୁ ବୋଲିଂରେ ବିବିଧତା ଆଣି ୪ ଉଇକେଟ ସଫଳତା ପାଇଥିଲେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଆଗାମୀ ମ୍ୟାଚ ଜିତି ସିରିଜ ବିଜୟ ଲକ୍ଷ୍ୟରେ ରହିଛି। ତାରକା ବ୍ୟାଟର କ୍ୱିଣ୍ଟନ ଡି'କକ୍ ଆହତ ସମସ୍ୟାରୁ ମୁକୁଳିଲେ ଅଧିନାୟକ ଟେମ୍ବା ବଭୁମାଙ୍କ ସହ ଇନିଂସ ଓପନ କରିବେ। ପ୍ରଥମ ୨ଟି ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିବା ପରେ ତୃତୀୟ ମ୍ୟାଚରେ ଏହି ଦଳ ଝୁଣ୍ଟିଥିଲା। ବଲ୍‌ରେ ମିଶ୍ରିତ ପ୍ରଦର୍ଶନ ଦେଇଥିବାବେଳେ ବ୍ୟାଟିଂରେ ବିଫଳ ହୋଇଥିଲା। ଦୁଇ ସ୍ପିନର ଟାବ୍ରାଇଜ୍ ଶାମ୍‌ସି ଓ କେଶବ ମହାରାଜ ଓଭରପିଛା ୧୦ରୁ ଅଧିକ ରନ ବ୍ୟୟ କରିଥିଲେ। କାଗିଶୋ ରାବାଡ଼ା ସବୁଠାରୁ ପ୍ରଭାବୀ ରହିଛନ୍ତି। ତେଣୁ ଘରୋଇ ଦଳର ବ୍ୟାଟରମାନେ ତାଙ୍କୁ ସମ୍ମାନ ଦେବା ସହ ରିସ୍କ ନେବାକୁ ଚାହୁଁନାହାନ୍ତି। ତାଙ୍କୁ ଛାଡ଼ିଦେଇ ଅନ୍ୟ ବୋଲରଙ୍କୁ ଟାର୍ଗେଟ କରୁଛନ୍ତି।

**ଭାରତ-ଦକ୍ଷିଣ ଆଫ୍ରିକା**
**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



କୋଚ୍ ରାହୁଲ ଦ୍ରାବିଡ଼ଙ୍କ ସହ ରିଷଭ ପନ୍ତ (ବାମ)।

# ଝିଲି ଦଳବେହେରାଙ୍କୁ ବ୍ରୋଞ୍ଜ




## ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍

**ନାଗ୍ରୋତା ବାଗୱାନ (ହିମାଚଳ ପ୍ରଦେଶ), ୧୬।୬ (ପି.ଟି.)**

ଏଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାର ଝିଲି ଦଳବେହେରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୫ କେଜିରେ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ଝିଲି ସ୍ନାଚ୍‌ରେ ୭୫, କ୍ଲିନ୍ ଆଣ୍ଡ ଜର୍କରେ ୯୧ ଏହିପରି ମୋଟ ୧୬୬ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ଅଲିମ୍ପିକ୍ ମେଡାଲିଷ୍ଟ ମିରାବାଈ ଚାନୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ହେଁ ସ୍ନାଚ୍‌ରେ ନିଜ ଜାତୀୟ ରେକର୍ଡ ଭାଙ୍ଗିପାରି ନାହାନ୍ତି। ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟିନୀ ଚାନୁ ମହିଳାଙ୍କ ପାଇଁ ଅନୁଷ୍ଠିତ ଏହି ର୍‍ୟାଙ୍କିଙ୍ଗ୍ ଇଭେଣ୍ଟରେ ମୋଟ ୧୯୧ (୮୬+୧୦୫) କେଜି ଭାରତ ଉଠାଇ ପୋଡିୟମର ଶୀର୍ଷସ୍ଥାନ ମଣ୍ଡନ କରିଥିଲେ। ଜ୍ଞାନେଶ୍ୱରୀ ଯାଦବ ୧୭୦ (୭୮+୯୨ କେଜି)କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିଲେ। ୨୯ ବର୍ଷୀୟା ଚାନୁ ସ୍ନାଚ୍‌ର ପ୍ରଥମ ଉଦ୍ୟମରେ ସଫଳତାର ସହ ୮୬ କେଜି ଉତ୍ତୋଳନ କରିଥିଲେ ହେଁ ଦ୍ୱିତୀୟ ଓ ତୃତୀୟ ଉଦ୍ୟମରେ ୮୯ କେଜି ଉଠାଇବାରେ ଅସଫଳ ରହିଥିଲେ। ଚାନୁ ୨୦୨୦ରେ ଅନୁଷ୍ଠିତ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ୮୮ କେଜି ଉତ୍ତୋଳନ କରି ସ୍ନାଚ୍‌ରେ ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି।

ଏହି ଟୁର୍ନାମେଣ୍ଟ ଭାରତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଲ୍ଏଫ୍)ର ର୍‍ୟାଙ୍କିଙ୍ଗ୍ ସିଷ୍ଟମ୍‌କୁ ମଜଭୁତ କରିବା ସହ ଦେଶରେ ପ୍ରତିଯୋଗୀଙ୍କ ପାଇଁ ଆଉ ଏକ ପ୍ରତିଯୋଗିତା ଯୋଡ଼ିବାରେ ସଫଳ ହୋଇଛି। ୪୯ କେଜି ୟୁଥ୍ ଇଭେଣ୍ଟରେ ମହାରାଷ୍ଟ୍ରର ଆରତୀ ତତ୍‌ଗୁନ୍ତି (୧୪୮ କେଜି) ଚାମ୍ପିୟନ, ଆସାମର ପଞ୍ଚମୀ ସୋନୋୱାଲ (୧୪୩) ଦ୍ୱିତୀୟ ଓ ହରିୟାଣାର ହିମାଶ୍ରୀ (୧୩୨) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ୪୯ କେଜିରେ ଜ୍ଞାନେଶ୍ୱରୀ (୧୭୦), ସଞ୍ଜୁ ଦେବୀ (୧୫୪) ଓ ଭି. ରିତିକା (୧୫୩) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# ଚିକିତ୍ସା ପାଇଁ ରାହୁଲ ଜର୍ମାନୀ ଯିବା ସମ୍ଭାବନା

**ନୂଆଦିଲ୍ଲୀ, ୧୬।୬:** ଲୋକେଶ ରାହୁଲଙ୍କୁ ଚିକିତ୍ସା ପାଇଁ ବିଦେଶ ପଠାଇବାକୁ ନିଷ୍ପତ୍ତି ନେଇଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ଏହି ଓପନର ଏବଂ ଉପ-ଅଧିନାୟକ ଚଳିତ ମାସ ଶେଷରେ କିମ୍ବା ଜୁଲାଇ ପ୍ରାରମ୍ଭରେ ଜର୍ମାନୀ ଯାଇ ଚିକିତ୍ସିତ ହେବା ସମ୍ଭାବନା ରହିଛି। ଫଳରେ ତଳିପେଟରେ ଆଘାତ ପାଇଥିବା ୩୦ ବର୍ଷୀୟ ରାହୁଲ ଇଂଲଣ୍ଡ ଟୁର୍ ମିସ୍ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଇଂଲଣ୍ଡରେ ଭାରତ ୭(୧ ଟେଷ୍ଟ, ୩ ଟି୨୦, ୩ ଦିନିକିଆ)ଟି ମ୍ୟାଚ ଖେଳିବ। ଇଂଲଣ୍ଡ ଟୁର୍ ପାଇଁ ସେ ରୋହିତ ଶର୍ମାଙ୍କ ଡେପୁଟି ମନୋନୀତ ହୋଇଥିଲେ। ମାତ୍ର ଏବେ ଚୟନକର୍ତ୍ତା ଅନ୍ୟ ଜଣକୁ ଚୟନକରିବା ପରିସ୍ଥିତି ସୃଷ୍ଟି ହୋଇଛି। ଜୁଲାଇ ୧ରୁ୫ ପର୍ଯ୍ୟନ୍ତ ଏଜ୍‌ବାଷ୍ଟନଠାରେ ଏକମାତ୍ର ଟେଷ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ମୁମ୍ବାଇରୁ ଭାରତୀୟ ଦଳର ଏକ ବ୍ୟାଚ୍ ଇଂଲଣ୍ଡ ଗସ୍ତ କରିଛି। ଏଥିରେ ରାହୁଲ ନ ଥିବା ଜଣାଯାଇଛି।

# ଏଲିଟ୍ ପ୍ୟାନେଲରେ ରହିଲେ ମେନନ

**ରାଜକୋଟ, ୧୬।୬(ପି.ଟି.)**

ଭାରତର ନୀତିନ ମେନନ ଆଇସିସି ଏଲିଟ୍ ପ୍ୟାନେଲରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ମାସ ପରବର୍ତ୍ତୀ ଭାଗରେ ଶ୍ରୀଲଙ୍କାରେ ପ୍ରଥମ ଥର ତାଙ୍କୁ ନିରପେକ୍ଷ ଅମ୍ପାୟର ଭୂମିକାରେ ଦେଖିବାକୁ ମିଳିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମେନନଙ୍କ କାର୍ଯ୍ୟକାଳ ଆହୁରି ଦୁଇ ବର୍ଷ ବୃଦ୍ଧି କରିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଇନ୍ଦୋରର ଏହି ୩୮ ବର୍ଷୀୟ ଅମ୍ପାୟର ଏକମାତ୍ର ଭାରତୀୟ ଭାବେ ୧୧ଜଣିଆ ଏଲିଟ୍ ଅମ୍ପାୟର ପ୍ୟାନେଲରେ ସ୍ଥାନ ପାଇଛନ୍ତି। ୨୦୨୦ରେ କୋଭିଡ ମହାମାରୀ ଆରମ୍ଭ ସମୟରେ ମେନନ ଏଲିଟ୍ ପ୍ୟାନେଲକୁ ପଦୋନ୍ନତି ପାଇଥିଲେ। ଏସ. ଭେଙ୍କଟରାଘବନ ଓ ଏସ୍. ରବିଙ୍କ ପରେ ସେ ତୃତୀୟ ଭାରତୀୟ ଭାବେ ଏଲିଟ ପ୍ୟାନେଲରେ ସ୍ଥାନ ପାଇଥିଲେ। ହେଲେ କୋଭିଡ୍ ସମୟରେ ଯାତାୟାତ କଟକଣା ଯୋଗୁ ଆଇସିସି ସ୍ଥାନୀୟ ଅମ୍ପାୟରଙ୍କୁ ମଞ୍ଚ ପରିଚାଳନା କରିବା ଲାଗି ଅନୁମତି ଦେଇଥିଲା। ସେ ସମୟରେ ମେନନ କେବଳ ଭାରତରେ ମ୍ୟାଚ ପରିଚାଳନା କରିଥିଲେ। କୋଭିଡ୍‌ର ପ୍ରଭାବ ହ୍ରାସ ପାଇବା ପରେ ଆଇସିସି ଅଷ୍ଟ୍ରେଲିଆର ପଲ୍ ରିଫେଲଙ୍କ ସହ ଅମ୍ପାୟର ସେବା ସ୍ୱାଭାବିକ କରିଛି। ରିଫେଲ ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ଇଂଲଣ୍ଡର ହୋମ୍ ସିରିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଚଳିତ ଟି୨୦ ସିରିଜରେ ତାଙ୍କ ଦାୟିତ୍ୱ ତୁଲାଇ ସାରିବା ପରେ ମେନନ ଶ୍ରୀଲଙ୍କା ଯିବେ। ସେଠାରେ ଜୁନ୍ ୨୯ରୁ ଗାଲେଠାରେ ଘରୋଇ ଦଳର ଅଷ୍ଟ୍ରେଲିଆ ବିପକ୍ଷ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ନିରପେକ୍ଷ ଅମ୍ପାୟର ଭାବେ କାର୍ଯ୍ୟ କରିବେ। ଏଲିଟି ପ୍ୟାନେଲରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ମେନନଙ୍କ ବ୍ୟତୀତ ଏଥିରେ ଅଲିମ ଦାର୍ (ପାକିସ୍ତାନ), କ୍ରିସ୍ ଗାଫାନି (ନ୍ୟୁଜିଲାଣ୍ଡ), କୁମାର ଧର୍ମସେନ(ଶ୍ରୀଲଙ୍କା), ମାରାଇସ୍ ଏରାସ୍‌ମସ (ଦକ୍ଷିଣ ଆଫ୍ରିକା), ମାଇକେଲ ଗଫ୍, ରିଚାର୍ଡ ଇଲିଙ୍ଗୱର୍ଥ ଓ ରିଚାର୍ଡ କେଟଲବରୋ (ସମସ୍ତ ୩ ଇଂଲଣ୍ଡର), ଅଷ୍ଟ୍ରେଲିଆର ପଲ୍ ରିଫେଲ ଓ ରଡ୍ ଟକର ଏବଂ ୱେଷ୍ଟଇଣ୍ଡିଜର ଜୋଏଲ୍ ୱିଲସନ ଅଛନ୍ତି।



ନୀତିନ ମେନନ

# ମୁମ୍ବାଇ, ମଧ୍ୟପ୍ରଦେଶ ଅଗ୍ରଣୀ

**ବେଙ୍ଗାଲୁରୁ, ୧୬।୬**

ଚଳିତ ରଣଜୀ ଟ୍ରଫି ଫାଇନାଲ ଚିତ୍ର ପ୍ରାୟତଃ ସ୍ପଷ୍ଟ ହୋଇଯାଇଛି। ବର୍ତ୍ତମାନ ଚାଲିଥିବା ସେମିଫାଇନାଲ ପର୍ଯ୍ୟାୟରେ ମୁମ୍ବାଇ ଏବଂ ମଧ୍ୟପ୍ରଦେଶ ପ୍ରଥମ ଇନିଂସ ଅଗ୍ରଣୀ ମିଳିଛି। ଉଭୟ ଦଳ ଫାଇନାଲରେ ପ୍ରବେଶ କରିବା ପ୍ରାୟ ନିଶ୍ଚିତ। କେବଳ କିଛି ଚମତ୍କାର ହିଁ ଏଥିରେ ପରିବର୍ତ୍ତନ କରିପାରେ। ବେଙ୍ଗାଲୁରୁଠାରେ ଚାଲିଥିବା ମ୍ୟାଚ୍‌ରେ ପ୍ରଥମ ଇନିଂସରେ ମୁମ୍ବାଇ ୩୯୩ ରନ୍ କରିଥିବା ବେଳେ ଉତ୍ତର ପ୍ରଦେଶ ୧୮୦ ରନ୍‌ରେ ସୀମିତ ରହିଥିଲା। ୧୧୩ ରନ୍‌ର ଅଗ୍ରଣୀ ହାସଲ କରିଥିବା ମୁମ୍ବାଇ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ତୃତୀୟ ଦିନ ଶେଷ ସୁଦ୍ଧା ୧ ଉଇକେଟ ହରାଇ ୧୩୩ ରନ୍ କରିଛି। ଅଧିନାୟକ ପୃଥ୍ୱୀ ଶ' ୭୧ ବଲରେ ୬୪ ରନ୍ କରି ଆଉଟ୍ ହୋଇଥିବା ବେଳେ ଯଶସ୍ୱୀ ଜୟସ୍ୱାଲ (୩୫) ଏବଂ ଅର୍ମାନ ଜାଫର (୩୨) ଅପରାଜିତ ଅଛନ୍ତି। ଅଲୁରଠାରେ ଖେଳାଯାଉଥିବା ବେଙ୍ଗଲ ବିପକ୍ଷ ସେମିଫାଇନାଲରେ ମଧ୍ୟପ୍ରଦେଶକୁ ପ୍ରଥମ ଇନିଂସରେ ୬୮ ରନ୍‌ର ଅଗ୍ରଣୀ ମିଳିଛି। ପ୍ରଥମ ଇନିଂସରେ ମଧ୍ୟପ୍ରଦେଶ ୩୪୧ ରନ୍ କରିଥିଲା। ବେଙ୍ଗଲ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୧୯୭/୫)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନ ଅପରାଜିତ ଥିବା ଦୁଇ ବ୍ୟାଟର ମନୋଜ ତିୱାରୀ (୧୦୨) ଏବଂ ଶାହବାଜ ଅହମ୍ମଦ (୧୧୬) ଶତକ ପୂରଣ କରିଥିଲେ। ପଶ୍ଚିମବଙ୍ଗ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତିୱାରୀଙ୍କ ପାଇଁ ଏହା ଥିଲା କ୍ରମାଗତ ଦ୍ୱିତୀୟ ଶତକ। ଦୁହିଁଙ୍କ ଉଦ୍ୟମ ସତ୍ତ୍ୱେ ବେଙ୍ଗଲ ୨୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହାପରେ ମଧ୍ୟପ୍ରଦେଶ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ୩ୟ ଦିନ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୧୬୩ ରନ୍ କରିଛି। ପ୍ରଥମ ଇନିଂସରେ ୧୬୫ ରନ୍‌ର ମାରାଥନ ପାଳି ଖେଳିଥିବା ହିମାଂଶୁ ମନ୍ତ୍ରୀ ୨୧ ରନ୍‌ରେ ଆଉଟ୍ ହୋଇଛନ୍ତି। ରଜତ ପଟିଦାର (୬୩) ଏବଂ ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବ (୩୪) ବ୍ୟାଟିଂ କରୁଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ପଣ୍ଡରାଣୀରେ ରଜପର୍ବ ପାଳିତ**

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପଣ୍ଡରାଣୀ ଅଭିରାମ ଆଶ୍ରମରେ ଗୌରୀଶଙ୍କର ସାହୁଙ୍କ ଆବାହକତ୍ୱରେ ରଜପର୍ବ ପାଳିତ ହୋଇଯାଇଛି। ଝିଅମାନେ ନୂଆ ପୋଷାକ ପରିଧାନ କରିଥିଲେ। ପାରମ୍ପରିକ ପିଠାପଣା, ପାନ ଓ ନାନାଦି ବ୍ୟଞ୍ଜନ ତିଆରି କରିଥିଲେ। କୁନିକୁନିପିଲାଙ୍କ ସହ ଝିଅ ଓ ମହିଳାମାନେ ରଜଗୀତ ଗାଇ ରଜଦୋଳିରେ ଦୋଳିବା ସହ ବିଭିନ୍ନ ଖେଳକୁଦ ପ୍ରତିଯୋଗୀତାରେ ମସଗୁଲ ଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ମାଡମାରି ଟଙ୍କା ଲୁଟ୍ ଘଟଣା: ମାମଲା ରୁଜୁ କରୁନି ପୋଲିସ

**ଲୋଇସିଂହା,୧୬।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡଠାରେ ଶଙ୍କରବୁଜି ଗ୍ରାମର କାମନା ମଲ୍ଲିକ୍ଙ୍କୁ(୬୭)ଙ୍କୁ ୨ ଜଣ ଦୁର୍ବୃତ୍ତ ମାଡ ମାରି ୩୦ ହଜାର ଟଙ୍କା ଲୁଟି ନେଇଥିବା ନେଇ ଗତ ୧୩ତାରିଖ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ଏ ଦିଗରେ ଲୋଇସିଂହା ପୋଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକରି ଲୁଟେରାଙ୍କ ପ୍ରତି କୋହଳ ମନପୋଷଣ କରୁଥିବା କାମନାଙ୍କ ବଡଭାଇ ନାରାୟଣ ମଲ୍ଲିକ ଅଭିଯୋଗ କରିଛନ୍ତି। ଗତ ୧୩ ତାରିଖରେ ନାରାୟଣ ଫାସଡ ପଟକୁ ଏକ ପିକ୍ଅପ ଭ୍ୟାନ ଧରି ଆସୁଥିଲେ। ଏହି ସମୟରେ ଶଙ୍କରବୁଜି ଗ୍ରାମର ଆଦିକନ୍ଦ ମଲ୍ଲିକ ଏବଂ ଫାସଡ ଗ୍ରାମର ଉତ୍ତମ ନାଗ ନାରାୟଣଙ୍କ ଗାଡି ଆଗରେ ବାଇକ ରଖି ରାସ୍ତା ଅବରୋଧ କରିଥିଲେ। ଅତର୍କିତ ଭାବେ ପିକଅପ ଭ୍ୟାନକୁ ଭଙ୍ଗାରୁଜା କରଥିଲେ। କାମନା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ଏଥିରେ ତାଙ୍କ ଡାହାଣ ହାତ ଓ ଗୋଡ ଭାଙ୍ଗିଯାଇଛି। ଗୁରତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ଦିନ କାମନାଙ୍କ ଭାଇ ନାରାୟଣ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ହେଲେ ଗୁରବାର ସୁଦ୍ଧା ମାମଲା ରୁଜୁ ହୋଇ ନ ଥିବା ନାରାୟଣ କହିଛନ୍ତି।

### ଜାରି ରହିଛି ଜବରଦଖଲ ଉଚ୍ଛେଦ

**ଲୋଇସିଂହା,୧୬।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହାଠାରେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ କଡରୁ ଗୁରବାର ଦ୍ୱିତୀୟ ଦିନରେ ଜବରଦଖଲ ଉଚ୍ଛେଦ ଜାରି ରହିଛି। ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ପଦ୍ମପୁର ଛକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ୨ଟି ଜେସିବି ଲଗାଇ ଏନ୍ଏଚ୍ ସୀମା ନିର୍ଦ୍ଧାରଣ କରି ଜବରଦଖଲ କରିଥିବା ଦୋକାନ ଘର ଭଙ୍ଗାଯାଇଥିଲା। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି। ଲୋଇସିଂହା ସହରରେ ରାସ୍ତାକଡକୁ ଲାଗି ଦୋକାନ ବଜାର ରହିଥିବାରୁ ପ୍ରଶସ୍ତିକରଣ କାମରେ ବାଧା ସୃଷ୍ଟି ହୋଇଥିଲା। ଏପରିକି ଫାସଡରୁ ବୁର୍ଡାକୁ ଆସୁଥିବା ସ୍ୱତନ୍ତ୍ର ପାଇପ ଲାଇନ କାମ ଅଟକି ରହିଥିଲା। ଏହି ପରିପ୍ରେକ୍ଷୀରେ ଏନ୍ଏଚ୍ ଓ ରାଜସ୍ୱ ବିଭାଗ ମିଳିତଭାବେ ଜବରଦଖଲ ଉଚ୍ଛେଦ ଚଳାଇଛନ୍ତି।

### ବଦଳିଲେ ଏମ୍ଜିଏନ୍ଆରଇଜିଏସ୍ ଏପିଓ

**ଦେଓଗାଁ,୧୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଏପିଓ (ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର)ପ୍ରଶାନ୍ତ କୁମାର ସାହୁଙ୍କ ଅନ୍ୟତ୍ର ବଦଳି ହୋଇଛି। ଜିଲା ପରିଷଦ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୩୭୬/ତା୧୫।୬।୨୦୨୨ରିଖ ଅନୁସାରେ ଏପିଓ ସାହୁଙ୍କୁ ଖପ୍ରାଖୋଲ ବ୍ଲକକୁ ବଦଳି ହୋଇଛି। ଖପ୍ରାଖୋଲ ବ୍ଲକର ଏପିଓ ସୁଧାଂଶୁ ଶେଖର ମେହେରଙ୍କୁ ଦେଓଗାଁ ବ୍ଲକ ଏପିଓ ଭାବେ ଅବସ୍ଥାପିତ କରାଯାଇଛି।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍ଯାପିତ

**ବୋଡେନ,୧୬।୬(ଡି.ଏନ.ଏ.):** ନୂଆପଡ଼ା ଜିଲା ବୋଡେନ୍ ବ୍ଲକ ଆମଗୁଡା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଉଦ୍ଯାପିତ ହୋଇଯାଇଛି। ଏଥିରେ ରାଜ କିଶୋର ହେର୍ଣ୍ଣା ଓ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଯଜ୍ଞ ଅନୁଷ୍ଠାନରେ ୮ଟି ସଂକିର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ଦିବ୍ୟ ମାଧବ ବେହେରା ଓ ତାଙ୍କ ସାଥୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ରାଜ କିଶୋର ହେର୍ଣ୍ଣାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆମଗୁଡା ଓ ଝୋଲାପଡା ଗ୍ରାମବାସୀ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

### ମନୋହର ମାଝି ସୋହେଲା ପ୍ୟାକ୍ସ ସଭାପତି ନର୍ବାଚିତ

**ସୋହେଲା,୧୬।୬ (ଡି ଏନ ଏ ):** ବିଶିଷ୍ଟ ଚାଷୀନେତା ତଥା କୃଷକ ବିକାଶ ମଞ୍ଚ ସୋହେଲାର କାର୍ଯ୍ୟକାରୀ ସଭାପତି ମନୋହର ମାଝି ପ୍ରାଥମିକ କୃଷକ ସମବାୟ ସମିତିର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ, ନାମାଙ୍କନ ଯାଞ୍ଚ ଏବଂ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଥିଲା। ନିର୍ଦ୍ଧାରିତ ସମୟରେ ମନୋହର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବାରୁ ଆଉ ନିର୍ବାଚନର ଆବଶ୍ୟକତା ନାହିଁ। ଚୈତନ୍ୟ ବେମାଲ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିଲେ।

# ସରୁନି ନିର୍ମାଣ, ବଢୁଛି ଅସନ୍ତୋଷ

**ଲୋଇସିଂହା,୧୬।୬(ଡି.ଏନ.ଏ)**



କନ୍ଦାଜୁରୀ ୨ନଂ କେନ୍ଦ୍ର ଅଧାପନ୍ତରିଆ ହୋଇପଡିଛି।

## କନ୍ଦାଜୁରୀ ୧, ୨ନଂ ଅଙ୍ଗନୱାଡି କେନ୍ଦ୍ର ଗୃହ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ଗ୍ରାମର ୧ ଏବଂ ୨ ନଂ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ସରୁନି। ଠିକାଦାରଙ୍କ ଅବହେଳାରୁ କାମ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବାରୁ ଗ୍ରାମବାସୀ ଓ କେନ୍ଦ୍ର ଶିଶୁଙ୍କ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୮ ୱାର୍ଡ ବିଶିଷ୍ଟ କନ୍ଦାଜୁରୀ ଗାଁର ଜନସଂଖ୍ୟା ପ୍ରାୟ ୬ ହଜାର। ଜନସଂଖ୍ୟା ଦୃଷ୍ଟିରୁ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ଗାଁରେ ୪ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ୪ କେନ୍ଦ୍ର ମଧ୍ୟରୁ ୧୯୯୩ରେ ପ୍ରତିଷ୍ଠିତ ୧ ଏବଂ ୨ କେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇପଡିବାରୁ ବିଭାଗ ପକ୍ଷରୁ ଏହାକୁ ବ୍ୟବହାର ଅନୁପଯୋଗୀ ଦର୍ଶାଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ଏମ୍ଜିଏନ୍ଆର୍ଇଜିଏସ୍ ପାଣ୍ଠିରୁ ଉଭୟ କେନ୍ଦ୍ର ପାଇଁ ଅନୁଦାନ ମିଳିବା ପରେ କାମ ଆରମ୍ଭ ହୋଇଥିଲା। ୨ ନଂ କେନ୍ଦ୍ର ଅଟକଳ ମୂଲ୍ୟ ୫ଲକ୍ଷ ଟଙ୍କା ଧାର୍ଯ୍ୟ ରହିଛି। ଉକ୍ତ କେନ୍ଦ୍ର ଛାତ ଲେବୁଲ ପର୍ଯ୍ୟନ୍ତ ଯାଇ ପଡି ରହିଛି। ଦୀର୍ଘମାସ ହେଲା କାମ ଅଗ୍ରଗତି ହେଉନାହିଁ। ଫଳରେ କେନ୍ଦ୍ରର କର୍ମୀ କନକମଞ୍ଜରୀ ବ୍ରହ୍ମାଙ୍କ ଘରେ ୧୬ଜଣ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି।

ସେହିପରି ୨ ନଂ କେନ୍ଦ୍ର କାମ ସମ୍ପୂର୍ଣ୍ଣ ହୋଇଛି। ହେଲେ ନିର୍ମାଣାଧୀନ କେନ୍ଦ୍ରରେ ରୋଷେଇ ଶାଳାନାହିଁ। ଉକ୍ତ କେନ୍ଦ୍ର ବିଭାଗକୁ ହସ୍ତାନ୍ତର ମଧ୍ୟ ହୋଇନହିଁ। ନ୍ଶିଶୁମାନେ କର୍ମୀଙ୍କ ଘରେ ପଢୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି। ଏ ସମ୍ପର୍କରେ ସିଡିପିଓ ପ୍ରଜ୍ଞା ବାରିକ କହିଛନ୍ତି ଉଭୟ କେନ୍ଦ୍ର ରିଜେକ୍ଟ ପରେ ନୂତନ କେନ୍ଦ୍ର ନିର୍ମାଣ ଚାଲିଛି। ୨ୟ କେନ୍ଦ୍ର ଅଧାପନ୍ତରିଆ ହୋଇପଡିଛି। ଶୁଣାଯାଇଛି ୭ ଲକ୍ଷ ବ୍ୟୟରେ ପ୍ରଥମ କେନ୍ଦ୍ର କରାଯାଇଥିଲେ ବି ସେଥିରେ ରୋଷେଇ ଘର ନିର୍ମାଣ କରାଯାଇନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ହସ୍ତାନ୍ତର ହୋଇ ନ ଥିବା ସେ କହିଥିଲେ। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଏକ୍ସ କ୍ୟାଡର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା



ବୈଠକରେ ଉପସ୍ଥିତ ଏକ୍ସ କ୍ୟାଡର ଶିକ୍ଷକ ସଂଘ କର୍ମକର୍ତ୍ତା।

**ଖପ୍ରାଖୋଲ, ୧୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଏକ୍ସ କ୍ୟାଡର ଶିକ୍ଷକ ସଂଘର ବୈଠକ ମୋତିଲାଲ ତାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଦୋନ୍ନତି, ସେବା ପୁସ୍ତକ ଅପଡେଟ, ନିୟମିତ ଦରମା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ନୂତନ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା। ବ୍ଲକ ସଭାପତିଭାବେ ମୋତିଲାଲ ତାଣ୍ଡି, ଉପସଭାପତି ସପ୍ତା ସାହୁ, ରମେଶ ଭୋଇ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ମାଧବ ପଧାନ, କୋଷାଧକ୍ଷଭାବେ ରଞ୍ଜନ କୁମାର ମେହେର ମନୋନୀତ ହୋଇଥିଲେ। କମିଟି ଉପଦେଷ୍ଟାଭାବେ ଭଗବାନ ସେଟ, ଜଗନ୍ନାଥ ପାଣ୍ଡେ, ମଳୟ ମେହେର, ବଳରାମ ସାହୁ, ପ୍ରଭାତ ସାହୁ, ପ୍ରମୋଦ ଦାସ, ସତ୍ୟବାନ ସାହୁ, ବ୍ୟାସଦେବ ବିଶାଳ ଓ ଧରମ ସିଂହ ଧାରୁଆ ମନୋନୀତ ହୋଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇନ୍ଦ୍ରମଣି ସାହୁ, ଶେଷଦେବ ଦାସ, ଉର୍ମିଳା ଯୋଶୀ, ସନ୍ଧ୍ୟାବତୀ ନାଗ, ଗୀତାଞ୍ଜଳି ସାହୁ, ଗୋଲାପି ତାଣ୍ଡିଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଧରମ ସିଂହ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଯାଞ୍ଚରେ ବିକ୍ରି ହେଉଛି ଖାଦ୍ୟ ସାମଗ୍ରୀ

**ଲାଠୋର, ୧୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା କୌଣସି ପ୍ରକାର ଧରପଗଡ଼ ହେଉନାହିଁ। ଫଳରେ ଲାଭଖୋର ବେପାରୀମାନେ ଏହାର ସୁଯୋଗ ନେଇ ଅନାୟାସରେ ନିଜ ବେପାର ଚଳାଇଛନ୍ତି। ଲାଠୋର ତଥା ଆଖପାଖ ଅଞ୍ଚଳରେ ଅନେକ ଛୋଟବଡ଼ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟଫୁଡ ଓ ଶୁଖିଲା ଖାଦ୍ୟ ପ୍ରସ୍ତୁତ ଉଦ୍ୟୋଗମାନ ରହିଛି। ସେମାନେ ଖାଦ୍ୟ ପ୍ରସ୍ତୁତ କଲା ବେଳେ ନିମ୍ନମାନର ତେଲ, ମସଲା, ପୋଡାତେଲ ଏବଂ କେମିକାଲ ଯୁକ୍ତଖାଦ୍ୟ ପ୍ରସ୍ତୁତ କରି ଚଢାଦରରେ ବିକ୍ରୟ କରୁଛନ୍ତି। ଏହାକୁ ସାଧାରଣ ଲୋକେ କିଣି ଖାଇବାକୁ ବାଧ୍ୟ ହେଉଛନ୍ତି ଏବଂ କ୍ଷତିରେ ପଡିବା ସହ ନାନାପ୍ରକାର ରୋଗର ଶିକାର ହେଉଛନ୍ତି। ସରକାରୀ ନିୟମ ଅନୁସାରେ ଖାଦ୍ୟ ନିରାପତ୍ତା ବିଭାଗ କର୍ମଚାରୀମାନେ ଅଞ୍ଚଳ ପରିଦର୍ଶନ କରି ବେପାରୀମାନେ କେଉଁମାନର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି, ତାହା ଖାଇବା ଉପଯୁକ୍ତ କି ନୁହେଁ ଯାଞ୍ଚ କରିବା କଥା। ହେଲେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ଏସବୁ ନକରି ଅଞ୍ଚଳ ଅନୁଯାୟୀ ଗୋଟିଏ ଲେଖାଏ କ୍ୟାମ୍ପ କରି ୫୦-୧୦୦ ବେପାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି। ଏହା ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ନିକଟ ଅତୀତରେ ଲାଠୋରରେ ଏକ କ୍ୟାମ୍ପ ଆୟୋଜନ କରି ୬୪ଜଣ ବେପାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ତଦନ୍ତ ସାପେକ୍ଷ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ଏନେଇ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଶ୍ୱଜିତ ସିନଙ୍କୁ ପଚାରିବାରୁ ଆମେ ସ୍କ୍ୱାଡ ସହ ଲାଠୋର ଅଞ୍ଚଳ ପରିଦର୍ଶନ କରି ଏଦିଗରେ ରୋକ ଲଗାଇବୁ ବୋଲି କହିଥିଲେ। ତେବେ ଯଥା ଶୀଘ୍ର ଖାଦ୍ୟ ନିରାପତ୍ତା ବିଭାଗ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ମାଛ ଧରିବାକୁ ଯାଇ ବଜ୍ରପାତରେ ଯୁବକ ମୃତ

**ନୂଆପଡ଼ା ଅଫିସ,୧୬।୬**

ନୂଆପଡା ସଦର ବ୍ଲକ ମୋଟାନୂଆପଡା ପଞ୍ଚାୟତର କୁକୁରିମୁଣ୍ଡି ଗାଁରେ ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୁକୁରିମୁଣ୍ଡି ଗାଁର ବସିତ କୁମାର ମାଝି (୨୬)। ସେ ଜାଲ ଧରି ମାଛ ମାରିବା ପାଇଁ ଘରୁ ବାହାରିବା ପରେ ହଠାତ ଘଡଘଡି ସହ ବର୍ଷା ପବନ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ବସିତ ଘରୁ ନ ଫେରିବାରୁ ବିଧବା ମା', ସ୍ତ୍ରୀ ମୀନା ଓ ସାନ ଭାଇ ଖୋଜିବା ପାଇଁ ଯାଇଥିଲେ ହେଁ କୌଣସି ଖବର ପାଇ ନ ଥିଲେ। ବୁଧବାର ସକାଳୁ ନିକଟସ୍ଥ ଧ୍ୱଜାଭଟା ମଧ୍ୟମ ଜଳସେଚନ ପ୍ରକଳ୍ପ ଭିତରେ ବସିତଙ୍କ ମୃତଦେହ ପଡିଥିବା ଗାଁ ଲୋକେ ଦେଖିଥିଲେ। ୱାର୍ଡମେମ୍ବର ମନିରାମ ମାଝି ଓ ସରପଞ୍ଚ ମୋତିଲାଲ ଉଜିରଙ୍କଠାରୁ ଖବର ପାଇ ଧରବନ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ଘରର ଜଣେ ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ବର୍ତ୍ତମାନ ପରିବାର ବେସାହାରା ହୋଇ ପଡିଛନ୍ତି। ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# କବିତା ସଙ୍କଳନ 'ସ୍ନିଗ୍ଧ ଶିଶିର' ଲୋକାର୍ପିତ





ଅତିଥିଙ୍କ ଦ୍ୱାରା କବିତା ସଙ୍କଳନ 'ସ୍ନିଗ୍ଧ ଶିଶିର' ଲୋକାର୍ପିତ କରାଯାଇଛି।

**ଖଡ଼ିଆଳ,୧୬।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ କଲ୍ୟାଣ ମଣ୍ଡପ ଦୁଇଠାରେ ଆୟୋଜିତ ସମାରୋହରେ ଯୁବ କବି ଚତୁର୍ଭୁଜ ସିଂଦେଓଙ୍କ ପ୍ରଥମ କବିତା ସଙ୍କଳନ 'ସ୍ନିଗ୍ଧ ଶିଶିର' ଲୋକାର୍ପିତ ହୋଇଯାଇଛି। ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବାରିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ସମ୍ମାନିତ ଅତିଥି ବିଶିଷ୍ଟ କବି ପଟ୍ଟାୟତ ନୀଳଲୋହିତ ସିଂଦେଓ, ବୋଡେନସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଇଂଲିଶ ପ୍ରାଧ୍ୟାପକ ସାମୁଏଲ ଦାନୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ତଥା ସାହିତ୍ୟକ ଡକ୍ଟର ସୁଶାନ୍ତ କୁମାର ବିଶି ଏବଂ ସମୀକ୍ଷକ ଭାବେ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ତଥା କବି ଗୌରାଙ୍ଗ କୁମାର ସାହୁ ଯୋଗଦେଇଥିଲେ। କବି ଅଶୋକ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି କୈଳାସ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ, ନବୀନ କିଶୋର ପାଢ଼ୀ, ସତୀଶ କୁମାର ପଟ୍ଟନାୟକ, ସନାତନ ମହାନ୍ତି, ଡକ୍ଟର ତରୁଣ କୁମାର ପ୍ରଧାନ, ରମାକାନ୍ତ ସିଂହ ସାହାଣୀ ସମେତ ଶତାଧିକ ସାହିତ୍ୟକ ତଥା ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।

# ପଞ୍ଚାୟତ ଅଫିସ ଘେରିଲେ ମହିଳା



ଗାଁ ସାଥୀ ଚୟନରେ ଅନିୟମିତତା ଅଭିଯୋଗରେ ମହିଳାମାନେ ପଞ୍ଚାୟତ ଅଫିସ ଘେରାଉ କରିଛନ୍ତି।

**ଦେଓଗାଁ,୧୬।୬(ଡି.ଏନ.ଏ.)**

## ଗାଁସାଥୀ ଚୟନରେ ଅନିୟମିତତା

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଦର ପଞ୍ଚାୟତ ଦେଓଗାଁରେ ଗାଁସାଥୀ ଚୟନରେ ଅନିୟମିତତା ହୋଇଛି। ଏହିଭଳି ଅଭିଯୋଗ କରି ଗୁରୁବାର ଶତାଧିକ ମହିଳା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ପୂର୍ବାହ୍ନ ୧୦ଟାରେ ଶତାଧିକ ମହିଳା ପଞ୍ଚାୟତ ଅଫିସ ସମ୍ମୁଖରେ ଉପସ୍ଥିତ ରହି ଗାଁସାଥୀ ଚୟନରେ ଅନିୟମିତତା ଉପରେ ବିକ୍ଷୋଦ୍‌ଗାର କରି ଧାରଣାରେ ବସିଥିଲେ। ୨ଘଣ୍ଟା ପରେ ନାଏବ ସରପଞ୍ଚ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ଉତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିଥିଲେ। ୪ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ଦେଓଗାଁ ପଞ୍ଚାୟତରେ ଦେଓଗାଁ ଓ କଛାରପାଲି ଦୁଇଟି ରାଜସ୍ୱ ଗାଁ ରହିଛି। ଦେଓଗାଁ ପାଇଁ ଆବଶ୍ୟକ ଗାଁସାଥୀ ପଦବୀରେ କଛାରପାଲିରେ ରହୁଥିବା ଜନୈକା ମହିଳା ଅନ୍ୟ ଏକ ପଦବୀରେ ନିଯୁକ୍ତି ହୋଇଥିବା ସତ୍ତ୍ୱେ ଜାଲ କାଗଜପତ୍ର ଦାଖଲ କରି ପଦବୀ ହାତେଇଛନ୍ତି। ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏ ଦିଗରେ ତୁରନ୍ତ ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପଞ୍ଚାୟତକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସରପଞ୍ଚ ନିନା ଛତ୍ରିଆଙ୍କୁ ପଚାରିବାରୁ ନିୟମାନୁସାରେ ନିଯୁକ୍ତି ଦିଆଯାଇଛି ବୋଲି କହିଛନ୍ତି। ଗ୍ରାମ ପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଯୁବକ କୋର୍ଟ ଚାଲାଣ

**ଖଡ଼ିଆଳ,୧୬।୬(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ପୋଲିସ ଜାମିନ ବିହୀନ ଜାରିଥିବା ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ କୁଞ୍ଜ ଅଦା। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୁଞ୍ଜ ଅଦା ଗ୍ରାମ ଅଞ୍ଚଳପୁର ଥାନା ଖଡ଼ିଆଳର ଯୁବକ ଡୁକୁଲା ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବିଭିନ୍ନ ସମୟରେ ଯୁବତୀଙ୍କୁ ମାରପିଟ, ଗାଳିଗୁଲଜ, ଫୋନରେ ଧମକ ଦେବା ସହିତ ଦ୍ୱିତୀୟ ବିବାହ କରିଥିଲେ। ଏ ନେଇ ୨୦୨୦-୨୧ରେ ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଲୁଚି ବୁଲୁଥିଲେ। ପୋଲିସ କୁଞ୍ଜଙ୍କୁ ଧରିବା ପାଇଁ ଜାଲ ବିଛାଇ ଥିବାବେଳେ ବୁଧବାର ତାଙ୍କୁ ଗ୍ରାମରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

# କଲେଇଗାଁ ପ୍ୟାକ୍ସ ସଭାପତି ଭାବେ ସଞ୍ଜୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଜୁନାଗଡ଼,୧୬।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇଗାଁ ପ୍ୟାକ୍ସର ସଭାପତି ଭାବେ ଗୁରୁବାର ସଞ୍ଜୟ ତ୍ରିପାଠୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ସେ ଜଣେ ମାତ୍ର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ବ୍ୟକ୍ତି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବାରୁ ସଞ୍ଜୟଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନେଇ ନିର୍ବାଚନ ଅଧିକାରୀ ରବି କୁମାର ନାଏକ ଘୋଷଣା କରିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବସନ୍ତ ବେହେରାଙ୍କ ସମେତ ପୂର୍ବରୁ ଅପ୍ରତିଦ୍ୱନ୍ଦି ଭାବେ ନିର୍ବାଚିତ ହୋଇଥିବା ପରିଚାଳନା ପରିଷଦର ବରିଷ୍ଠ ସଭ୍ୟ ଖଗେଶ୍ୱର ଧଙ୍ଗଡାମାଝି, ସନାତନ କଟା, କୁଞ୍ଜ ଦଣ୍ଡସେନା, ନେତ୍ରା ଭଣ୍ଡାରଘରିଆ, ଅମୂଲ୍ୟ ମେହେର, ବୈକୁଣ୍ଠ ଗହୀର, ଦିବ୍ୟଶଙ୍କର ଗହୀର, କୁଶଧ୍ୱଜ ବାଗ, ଯଶୋଦା ବାଗ, ରାମନାଥ ନାଏକ, ମମତା ନାଏକ, ଚକ୍ରଧ୍ୱଜ ମାଝି, ଭବାନୀ ମାଝି ଉପସ୍ଥିତ ଥିଲେ।

# ୧୪ ହଜାର ଫୁଟ ଉଚ୍ଚରେ ଉଡ଼ାଇଲେ ଜାତୀୟ ପତାକା

**ଜୁନାଗଡ଼,୧୬।୬(ଡି.ଏନ.ଏ.)**

ଅଦ୍ୟମ ଇଚ୍ଛା ଶକ୍ତି ଓ ଦୃଢ ମନବଳ ମନୁଷ୍ୟ ଜୀବନକୁ ବଦଳାଇ ଦେଇଥାଏ। ଯେତେ ବାଧା ବିଘ୍ନ ଆସୁ ନା କାହିଁକି କାହାରିକୁ ଖାତିର ନ କରି ନିଜ ଲକ୍ଷସ୍ଥଳରେ ପହଞ୍ଚିଥାଏ। ଏଭଳି କିଛି ଦୁଃସାହିକ କ୍ରୀଡ଼ାରେ ଭାଗ ନେଇ କରି ଦେଖାଇଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ସହରର ୨ ଯୁବ ପର୍ବତାରୋହୀ। ସେମାନେ ହେଲେ ସୌମ୍ୟରଞ୍ଜନ ରାଉତ ଓ ଜ୍ୟୋତିଷ ବାଗ। ହିମାଳୟର ହିମାଚଳ ପ୍ରଦେଶ ଅଞ୍ଚଳରେ ଥିବା ହମତା ପାସ ୧୪୦୬୫ ଫୁଟର ଉଚ୍ଚରେ ଜାତୀୟ ପତାକା ଉଡାଇ ରାଜ୍ୟ ତଥା ଜିଲା ପାଇଁ ଗର୍ବ ଆଣିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



# କାମରେ ଆସୁନି ଉଠାଜଳସେଚନ ପ୍ରକଳ୍ପ

**ସଇଁତଲା,୧୬।୬(ଡି.ଏନ.ଏ.)**

- ବିଦ୍ୟୁତ୍ ସଂଯୋଗ ନ ଥାଇ ଆସୁଛି ବିଲ୍
- ମରାମତି ପାଇଁ କହିଲେ ବି କେହି ଶୁଣୁ ନାହାନ୍ତି
- ପାଣି ଅଭାବରୁ ଚାଷ କାର୍ଯ୍ୟ ବ୍ୟାଘାତ
- ଆନ୍ଦୋଳନ ଚେତାବନୀ ଦେଲେ ଚାଷୀ



ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ତରଫରୁ ଚାଷ ଜମିକୁ ପାଣି ଯୋଗାଇ ଦେବା ପାଇଁ ପାଣି ପଞ୍ଚାୟତ ଗଠନ କରି ଚାଷୀଙ୍କ ଜମିରେ ଉଠା ଜଳସେଚନ ପ୍ରକଳ୍ପ କରାଯାଇଥିଲା। ପ୍ରକଳ୍ପ କିଛି ମାସ ଠିକ୍ଠାକ୍ ଚାଲିବା ପରେ ତାହା ବିଭିନ୍ନ କାରଣରୁ ବନ୍ଦ ହୋଇଯାଇଛି। ଉକ୍ତ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକୁ ପୁନଃ ଚାଲୁ କରିବା ପାଇଁ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି।

ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତର କମରଲଗାରେ ୬୦ଏକର ଚାଷ ଜମି ପାଇଁ ଚାଷୀମାନଙ୍କୁ ନେଇ ପାଣି ପଞ୍ଚାୟତ ଗଠନ କରାଯାଇ ଦୁଇଗୋଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ପ୍ରକଳ୍ପ ଦ୍ୱାରା ନିକଟରେ ଥିବା ୬୦ଏକର ଖେତରେ ଚାଷକାର୍ଯ୍ୟ ସୁରୁଖୁରୁରେ ହୋଇପାରୁଥିଲା। ଚାଷୀମାନେ ଧାନ ଫସଲ ଅମଳ କରିବାପରେ ଅନ୍ୟାନ୍ୟ ଖରାଟିଆ ଚାଷ କରିପାରୁଥିଲେ। ହେଲେ ଗତ ୫ ବର୍ଷରୁ ଅଧିକ ସମୟ ହେଲାଣି ଉକ୍ତ ଉଠାଜଳସେଚନ ପ୍ରକଳ୍ପରୁ ଗୋଟିଏ ଟ୍ରାନ୍ସଫରମର ପୋଡ଼ିଯାଇଥିବାବେଳେ ଅନ୍ୟ ପ୍ରକଳ୍ପକୁ ଆସିଥିବା ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି। ପ୍ରକଳ୍ପରୁ ଚାଷ ଜମିକୁ ଯାଇଥିବା ପାଇପ ଚୋରି ହୋଇଗଲାଣି। ଅନ୍ୟପକ୍ଷରେ ପ୍ରକଳ୍ପ ପାଇଁ ଲଗାଯାଇଥିବା ବିଦ୍ୟୁତ୍ ବ୍ୟବହାର ୫ବର୍ଷରୁ ଅଧିକ ସମୟ ହେଲା ବନ୍ଦ ରହିଥିଲେ ମଧ୍ୟ ପ୍ରତ୍ୟେକ ମାସରେ ବିଲ ଆସୁଥିବା ଚାଷୀମାନେ କହିଛନ୍ତି। ଏ ବିଷୟରେ ବିଭାଗୀୟ ଅଧିକାରୀ ଏପରିକି ଜିଲାପାଳଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପାଣି ପଞ୍ଚାୟତ ସଭାପତି ପ୍ରଦୀପ କୁମାର ମାଝି କହିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଏହ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରା ନ ଗଲେ ସୁବାଷ ଚନ୍ଦ୍ର ମାଝି, ପ୍ରଫୁଲ୍ଲ କୁମାର ମାଝି, ଲେଖା କୁମ୍ଭାର, ସୁଧିର ମହାନନ୍ଦ, ଦୟାନିଧି ମାଝୀ, ତାରିଆ ମାଝୀ, ଜୟ ମହାନନ୍ଦ, ଗୋପୀ ବାଗ, ବଳଭଦ୍ର ମାଝି, ସତ୍ୟନାରାୟଣ ମାଝି, ମୁନା ବାଗ ଓ ଷଷ୍ଟମୀ ବାଗ ପ୍ରମୁଖ ଚାଷୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରଶାସନିକ ଅଧିକାରୀଙ୍କ ବଦାନ୍ୟତା

ପାଇକମାଲ,(ଡି.ଏନ.ଏ.): ବରଗଡ଼ ଜିଲା ଟାଲ ଗ୍ରାମର ବାସିନ୍ଦା ତଥା ବର୍ତ୍ତମାନ ନୂଆପଡ଼ା ଜିଲାରେ ଡେପୁଟି କଲେକ୍ଟରଭାବେ କାର୍ଯ୍ୟରତ ମହେନ୍ଦ୍ର ବଡ଼େଇ ବୁଧବାର ପାଇକମାଲ ଅଞ୍ଚଳର ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଲହଙ୍ଗୀରର ଦିବ୍ୟାଙ୍ଗ ଝସକେତନ ପୋଡ଼ଙ୍କୁ ସେ ଏକ ଟ୍ରାଇସାଇକେଲ ଦେଇଛନ୍ତି। ଗିରେନ ବାରିକ, କ୍ଷୀରୋଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ସିଂ ଉକ୍ତ ଟ୍ରାଇ ସାଇକେଲ ଝସକେତନଙ୍କୁ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ବଡ଼େଇଙ୍କ ଏଭଳି ବଦାନ୍ୟତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବାଉଁଶୁଣୀ,୧୬।୬(ଡି.ଏନ.ଏ.): ବୁଧବାର ୫୭ନଂ ଜାତୀୟ ରାଜପଥର ବୌଦ୍ଧ ଥାନା ତେଲିବନ୍ଧ ନିକଟରେ ହୋଇଥିବା ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସଦାନନ୍ଦ ମାଝୀଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ବୌଦ୍ଧ ଥାନା କମଲପୁର ଗ୍ରାମର ସଦାନନ୍ଦ ମାଝୀ ଓ ଉତ୍ତମ ଭୋଇ ଏକ ବାଇକ୍ ଯୋଗେ ଜହ୍ନାପଙ୍କ ପଟୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ତେଲିବନ୍ଧ ନିକଟ ଗାଈଦଣ୍ଡା ପୋଲ ନିକଟରେ ବାଇକ୍‌ଟି କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଗୁରୁତର ଆହତ ଉଭୟଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସଦାନନ୍ଦଙ୍କ ମୃତ୍ୟୁ ହୋଇଥିବା ବେଳେ ଉତ୍ତମ ଚିକିତ୍ସାଧୀନ ଅଛନ୍ତି।

### ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ପ୍ରଶିକ୍ଷଣ ଶିବିର

ବୌଦ୍ଧ,୧୬।୬ (ସ୍ୱ.ପ୍ର.): ବୌଦ୍ଧ ଜିଲା ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ଓଡିଶା ପଶ୍ଚିମ ପ୍ରାନ୍ତ ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୭ ଦିନ ବ୍ୟାପି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସହ ସଂପାଦକ ମୋହନ ଚରଣ ଦାସ ଅଧକ୍ଷତା କରିଥିଲେ। ଏହି ଶିବିରରେ ପଶ୍ଚିମ ପ୍ରାନ୍ତର ୧୧ଗୋଟି ଜିଲାର ଜିଲା ସଂଯୋଜକ, ସହ ସଂଯୋଜକ ଏବଂ ଖଣ୍ଡ ସଂଯୋଜକ ଯୁବକମାନଙ୍କୁ ନେଇ ବୌଦ୍ଧିକ ଓ ଶାରୀରିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର କହିଥିଲେ ଯେ, ବର୍ତ୍ତମାନ ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ପାଇଁ ଦେଶର ଯୁବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଲାଗି ବଜରଙ୍ଗ ଦଳ ପକ୍ଷରୁ ଉଦ୍ୟମ କରାଯାଉଛି। ଏହି ବୈଠକରେ ବିଶ୍ୱହିନ୍ଦୁ ପରିଷଦର ବୌଦ୍ଧ ଜିଲା ସଭାପତି ଶମ୍ଭୁପ୍ରସାଦ ମିଶ୍ର, ସଂପାଦକ ପ୍ରେମାନନ୍ଦ ମିଶ୍ର ଉପସ୍ଥିତ ରହି ପ୍ରଶିକ୍ଷଣ ସଂପର୍କରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା।

### ୪ ପ୍ରାର୍ଥୀଙ୍କୁ ଜଣେ ଭୋଟର

**ଦହିଗାଁ ସେବା ସମବାୟ ସମିତି**

■ରୋଚକ ସ୍ଥିତିରେ ନିର୍ବାଚନ

ପଦ୍ମପୁର,୧୬।୬(ଡି.ଏନ.ଏ.): ବରଗଡ ଜିଲା ପଦ୍ମପୁର ବ୍ଲକରେ ଏବେ ସମବାୟ ନିର୍ବାଚନ ପାଇଁ ପ୍ରଚାର ଜୋର ଧରିଛି। ବ୍ଲକର ଦହିଗାଁ ପ୍ରାଥମିକ ସେବା ସମବାୟ ସମିତିରେ ଚଳିତ ଥର ଏକ ରୋଚକ ସ୍ଥିତି ସୃଷ୍ଟି ହୋଇଛି। ଆଗାମୀ ୨୬ ତାରିଖରେ ହେବାକୁ ଥିବା ଏହି ସମିତି ନିର୍ବାଚନରେ ୧୫ଟି ଜୋନ୍ ପାଇଁ ୩୧ ଜଣ ପ୍ରାର୍ଥୀ ଥିବାବେଳେ ଭୋଟର ୯୧୧ ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ତିନୋଟି ସନ୍ତାନ ଥିବାରୁ ୨ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୋନ୍ ୧୪ର ନିର୍ଦ୍ଦେଶକ ପଦ ନିର୍ବାଚନକୁ ନେଇ। ଏଠାରେ ନବୀନ ବେହେରା, ଅଗସ୍ତି ଛତର, ମହେଶ୍ୱର ପୁରୀ ଓ ଧରଣୀଧର ସାହୁ ପ୍ରାର୍ଥୀ ହୋଇଛନ୍ତି। ସେମାନଙ୍କୁ ସୁଦାମ ସେଠ ନାମକ ଜଣେ ମାତ୍ର ଭୋଟର ଭୋଟ ଦେବେ। ସେହିପରି ୧୩ ନମ୍ବର ଜୋନରେ ୨ଜଣ ପ୍ରାର୍ଥୀ ଥିବାବେଳେ ୪ଜଣ ଭୋଟର ଅଛନ୍ତି। ଏହି ଭୋଟକୁ ହାତେଇବା ପାଇଁ ପ୍ରାର୍ଥୀମାନେ ଜୋରଦାର ଉଦ୍ୟମ କରୁଥିବା ବେଳେ ସମ୍ପୃକ୍ତ ଭୋଟର ଧରାଛୁଆଁ ଦେଉନାହାନ୍ତି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବୌଦ୍ଧ,୧୬।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରାମଚନ୍ଦ୍ରପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ମିଶ୍ର (୭୬)ଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ସେ ରାମଗଡ ଉଚ୍ଚ ବିଦ୍ୟାଳୟରେ ୧୯୭୨ ମସିହାଠାରୁ ୨୦୦୪ ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାରବର୍ଗ ଭୁବନେଶ୍ୱରସ୍ଥିତ ଘରୋଇ ହସପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ହୃଦଘାତ୍‌ରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ତାଙ୍କର ମରଶରୀର ପୈତୃକ ଗ୍ରାମକୁ ଆସିବା ପରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର, ଶିକ୍ଷକ ଓ ଗ୍ରାମବାସୀ ଶେଷଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଗୋପାଳ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ର ଜଣେ କର୍ମଠ, ଦାୟିତ୍ୱବାନ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ।

# ୧୯ରେ ୧୫ ପ୍ୟାକ୍ସରେ ହେବ ନିର୍ବାଚନ

**୧୮ଟି ପ୍ୟାକ୍ସର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ**

■ସୁବର୍ଣ୍ଣପୁର ଜିଲାରେ ପ୍ରଥମ ପର୍ଯ୍ୟାୟ ସମବାୟ ନିର୍ବାଚନ

ସୋନପୁର,୧୬।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ସମବାୟ ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଜୁନ୍ ୧୯ ଓ ୨୬ରେ ମତଦାନ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ୍ ୧୯ ତାରିଖରେ ସୋନପୁର, ତରଭା ଓ ଉଲୁଣ୍ଡା ବ୍ଲକର ୩୩ଟି ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି), ଗୋଟିଏ ଗୃହ ନିର୍ମାଣ ସମବାୟ ସମିତି, ଗୋଟିଏ କର୍ମଚାରୀ ସମବାୟ ସମିତି, ୧୬ଟି ବୁଣାକାର ସମବାୟ ସମିତି ଓ ୧୭ଟି ଦୁଗ୍ଧ ସମବାୟ ସମିତିରେ ନିର୍ବାଚନ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରତି ସମବାୟ ସମିତିରୁ ୧୫ ଜଣ ନିର୍ଦ୍ଦେଶକ ନିର୍ବାଚିତ ହେବେ। ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୧୮ଟି ପ୍ୟାକ୍ସର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପୂର୍ବରୁ ସମିତିର ସଭାପତି ଥିଲେ। ସୋନପୁର ବ୍ଲକର ମୋଟ ୧୦ଟି ପ୍ୟାକ୍ସରୁ କଳାପଥର, ରେଙ୍ଗାଲି, ମୟୁରଉଡାନ, ବିଶିମୁଣ୍ଡା, ଲକର୍ମା, ମହୁଲେ ଓ ନାରାୟଣପୁର ପ୍ୟାକ୍ସର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଏହି ସମସ୍ତ ପ୍ୟାକ୍ସର ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସୋନପୁର ବ୍ଲକର ଖାରୀ, ବୈଦ୍ୟନାଥ ଓ ଲଛିପୁର ପ୍ୟାକ୍ସରେ ଆସନ୍ତା ୧୯ ତାରିଖରେ ଅଳ୍ପ ସଂଖ୍ୟକ ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ହେବ। ତରଭା ବ୍ଲକର ମୋଟ ୧୨ଟି ପ୍ୟାକ୍ସରୁ ତରଭା, ପୁଆ, ଚାରଭଟା, ବଡଭଇଁରୋ, କମସରା, ସିଂହାରୀ ପ୍ୟାକ୍ସର ନିର୍ଦ୍ଦେଶକ ଓ ସଭାପତି ନର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ବ୍ଲକର ମେଣ୍ଡା, ଦେଉଳପଦର, ମରାଡୁଗୋଛା, ଶିବତୁଲା, ଦୁବୁଲା ଓ ସରଗଜ ପ୍ୟାକ୍ସରେ ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ହେବ ବୋଲି ଜଣାପଡିଛି। ସେହିପରି ଉଲୁଣ୍ଡା ବ୍ଲକର ମୋଟ ୧୧ଟି ପ୍ୟାକ୍ସରୁ ନିମ୍ନା, ବିଶିପଡା, ମହଦା, ଏସ.ପତ୍ରାପାଲି ଓ କଳାପଥର ପ୍ୟାକ୍ସର ନିର୍ଦ୍ଦେଶକ ଓ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ବ୍ଲକର ଉଲୁଣ୍ଡା, ଚଢେଇପଙ୍କ, ପଞ୍ଚମହଲା, କୋଟସମଲାଇ, ରକ୍ସା ଓ ଯାଲୋଏ ପ୍ୟାକ୍ସରେ ଆସନ୍ତା ୧୯ ତାରିଖରେ କେତୋଟି ଜୋନ୍‌ରେ ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ବିଜ୍ଞପ୍ତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ପାଇଁ ମେ ୨୮ ତାରିଖ ଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ୩ ବ୍ଲକର ୧୮ଟି ପ୍ୟାକ୍ସରେ ସମସ୍ତ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଜିଲାର ମୋଟ ୧୭୭ଟି ସମବାୟ ସମିତିରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପଞ୍ଚାୟତ ଓ ପୌର ନିର୍ବାଚନ ପରେ ସମବାୟ ନିର୍ବାଚନ ପାଇଁ ଜିଲାର ରାଜନୀତି ସରଗରମ ରହିଛି। ପ୍ରାର୍ଥୀମାନେ ଜୋନ୍ ଅନୁସାରେ ତାଲିକା ଧରି ଭୋଟରଙ୍କ ପାଖକୁ ଯାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ସୋସାଇଟି ନିର୍ବାଚନ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ହେବାକୁ ଥିବା କେନ୍ଦ୍ରୀୟ ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡିକରେ ଦଳୀୟ ମନୋନୀତ ପ୍ରାର୍ଥୀମାନେ ଯେଭଳି ନିର୍ବାଚିତ ହେବେ ସେ ନେଇ ପ୍ରମୁଖ ରାଜନୈତିକ ଦଳଗୁଡିକ ଗୋଟିଚାଳନା ଆରମ୍ଭ କରିଛନ୍ତି। ଜିଲାର ୬୬ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ), ୬୩ଟି ପ୍ରାଥମିକ ବୁଣାକାର ସହଯୋଗ ସମବାୟ ସମିତି(ଡବ୍ଲୁସିଏସ), ୨ଟି ହାଉସ ବିଲଡିଂ ସୋସାଇଟି, ୨ଟି ରେଶମ ସମବାୟ ସମିତି, ୨ଟି କର୍ମଚାରୀ ସମବାୟ ସମିତି, ୩୪ଟି ଦୁଗ୍ଧ ସମବାୟ ସମିତି, ୪ଟି ମଲ୍ଟି ପରପଜ ସମବାୟ ସମିତି ଓ ୬ଟି ଶିଳ୍ପ ସମବାୟ ସମିତିରେ ନିର୍ବାଚନ ହେବ ବୋଲି ଜଣାପଡିଛି।

# ଧାନ ଗଦା କରି ଚାଷୀଙ୍କ ରାସ୍ତା ଅବରୋଧ

ଝାରବନ୍ଧ,୧୬।୬(ଡି.ଏନ.ଏ)


ଝାରବନ୍ଧ ବ୍ଲକ ଡଭାରେ ଚାଷୀମାନେ ଆନ୍ଦୋଳନରେ ବସିଛନ୍ତି।

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡଭାରେ ଗୁରୁବାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଫସଲବୀମା କ୍ଷତିପୂରଣ, ମରୁଡ଼ି ସହାୟତା ପ୍ରଦାନ, ସମବାୟ ନିର୍ବାଚନରେ ଚାଷୀଙ୍କୁ ଭୋଟ୍ ଅଧିକାର, ଧାନ ଉଠାଣ ଆଦି ଦାବି ନେଇ ଚାଷୀମାନେ ଝାରବନ୍ଧ, ଡଭା, ଲଉଡ଼ିଦର୍ହା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ତାଲା ପକାଇବା ସହିତ ଡଭା ବଜାର ସମ୍ମୁଖ ରାସ୍ତାରେ ଧାନ ଗଦା କରି ରାସ୍ତା ଅବରୋଧ କରିଥିଲେ। ପରେ ସ୍ଥାନୀୟ ତହସିଲଦାର ସୀମା ସବିତା କୁଲୁ, ଏଆରସିଏସ ପତଞ୍ଜଳୀ ମିଶ୍ର, ଏସିଏସଓ ସନ୍ତୋଷ କୁମାର ପ୍ରଧାନ, ବ୍ଲକ ଯୋଗାଣ ନିରୀକ୍ଷକ ରଶ୍ମିରଞ୍ଜନ ଘଡ଼ାଇ, ଏସଡ଼ିପିଓ ବିଭୁତି ଭୂଷଣ ଭୋଇ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାରେ ଚାଷୀଙ୍କ ଦାବି ସମୂହ ବିଚାରକୁ ନିଆଯିବା ସହିତ ଆସନ୍ତା ୨୫ତାରିଖ ସୁଦ୍ଧା ବୀମା କ୍ଷତିପୂରଣ ପ୍ରଦାନ କରାଯିବ ଏବଂ ଚାଷୀଙ୍କୁ ସମବାୟ ଭୋଟ୍ ଅଧିକାର ନେଇ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଅପରାହ୍ନ ପ୍ରାୟ ୩ଟାରେ ଆନ୍ଦୋଳନରୁ ଓହରିଥିଲେ। ଝାରବନ୍ଧ ଚାଷୀ ସଂଗଠନର ଭୂବନାନନ୍ଦ ନାୟକ, ଅଶୋକ ସାହୁ, ଲଳିତ ନାୟକ, ଭଜନ ସାଗର, ଡୋଲାମଣି ଚୌଧୁରୀ, ଅବଧୁତ ଜଗତ, ସନ୍ତୋଷ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# କଳାକାର ଦମ୍ପତିଙ୍କୁ ମିଳିନି ବିଦ୍ୟୁତ୍, ପାନୀୟ ଜଳ ସଂଯୋଗ

**ଗୀତ ଗାଇ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରୁଛନ୍ତି**

ଅମରପାଲି,୧୬।୬(ଡି.ଏନ.ଏ.)



ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜମ୍ବାଲିପାଲି ଗ୍ରାମର କଳାକାର ଦମ୍ପତି ହରେକୃଷ୍ଣ ବାଘ(୬୨) ଓ ପୂର୍ଣ୍ଣମାସୀ(୫୫)। ବୟସ ବାଧକ ସାଜିନି। ଉଭୟ ଗାଁରୁ ସହର ବୁଲି ବୁଲି ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। ସଡକ ସୁରକ୍ଷା, କରୋନା ମହାମାରୀ, ଅଂଶୁଘାତ, ବାଲ୍ୟବିବାହର କୁପରିଣାମ ବିଷୟରେ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର କରୁଛନ୍ତି। ଏହି ଦମ୍ପତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଗୀତ ଆକାରରେ ଗାଇ ଢୋଲ ବଜାଇ ନାଚି ନାଚି ଲୋକଙ୍କୁ ସଚେତନ କରିଥାନ୍ତି। ପୂର୍ବରୁ ଏମାନେ ବହୁ ସ୍ଥାନରେ ଦଣ୍ଡନୃତ୍ୟ ମଧ୍ୟ ପରିବେଷଣ କରିଛନ୍ତି। ୨୦୧୮-୧୯ରୁ ଉଭୟଙ୍କୁ ରାଜ୍ୟ ସରକାର କଳାକାର ଭତ୍ତା ପ୍ରଦାନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମଧ୍ୟ ମିଳିଛି। ମାତ୍ର ଏଯାଏ ତାଙ୍କ ଘରକୁ ବିଦ୍ୟୁତ୍ କି ପାନୀୟ ଜଳ ସଂଯୋଗ କରାଯାଇ ନାହିଁ। ବାରମ୍ବାର ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ସେମାନେ କ୍ଷୋଭର ସହ କହିଛନ୍ତି। ପ୍ରତ୍ୟେକ ବିପିଏଲ ପରିବାରକୁ ମାଗଣା ବିଦ୍ୟୁତ୍ ଓ ପାନୀୟ ଜଳ ସଂଯୋଗ କରାଯାଉଥିବା ବେଳେ ଉକ୍ତ କଳାକାର ଦମ୍ପତି ଏଥିରୁ ବଞ୍ଚିତ ଅଛନ୍ତି। ଏହି କଳାକାର ବହୁ କଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ବେଳେ ପାନୀୟ ଜଳ ଓ ବିଦ୍ୟୁତ୍ ସେମାନଙ୍କ ପାଇଁ ସାତ ସପନ ହୋଇଛି। ଏନେଇ ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ବିଭୁଦତ୍ତ ପଣ୍ଡାଙ୍କୁ ପଚାରିବାରେ ଏହାର ତଦନ୍ତ କରାଯାଇ ଯଥାଶୀଘ୍ର ବିହିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

# ଇପ୍ସିତା ପ୍ରିୟଦର୍ଶିନୀ ସୋନପୁର ଉପଜିଲାପାଳ

ସୋନପୁର,୧୬।୬(ନି. ପ୍ର.)

ସୋନପୁର ଉପ ଜିଲାପାଳ ଭାବେ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଗୁରୁବାର ଯୋଗଦାନ କରିଛନ୍ତି। ପୂର୍ବତନ ଉପ ଜିଲାପାଳ ନିହାର ରଞ୍ଜନ କହଁରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ବିଜ୍ଞପ୍ତି ସଂଖ୍ୟା ୧୬୩୯୪/ଏସସିଏସ ଅନୁସାରେ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏହାପୂର୍ବରୁ ମିଶ୍ର ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବରେ କାର୍ଯ୍ୟରତ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ସଂସ୍ଥାପନା ବିଭାଗ ସହ ଅତିରିକ୍ତ ଦାୟିତ୍ୱରେ ଜିଲା ସଂସ୍କୃତି ଅଧିକାରୀ ଓ ଜିଲା କ୍ରୀଡା ଓ ଯୁବସେବା ଅଧିକାରିଣୀ ଭାବେ ଦାୟିତ୍ୱରେ ଥିଲେ। ମିଶ୍ର ଉପଜିଲାପାଳ ଭାବେ ଉପଖଣ୍ଡର ସମସ୍ତ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ପ୍ରଦାନ କରିବା, ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗକୁ ପ୍ରାଧାନ୍ୟ ଦେବା ସହ ରାଜସ୍ୱ ବୃଦ୍ଧି ନିମନ୍ତେ ଉଦ୍ୟମ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।


ପ୍ରାକ୍ତନ ଉପଜିଲାପାଳ ନୂତନ ଉପଜିଲାପାଳଙ୍କୁ ସ୍ୱାଗତ କରୁଛନ୍ତି।

# ମଣ୍ଡିରେ ଗଚ୍ଛିତ ଥିବା ଧାନ ପରିମାଣ ଆକଳନ କଲେ ଅତିରିକ୍ତ ଯୋଗାଣ ଅଧିକାରୀ


ଗଚ୍ଛିତ ଧାନ ପରିମାଣ ଆକଳନ ଲାଗି ଅତିରିକ୍ତ ଯୋଗାଣ ଅଧିକାରୀ ଏବଂ ଅନ୍ୟମାନେ ବାଙ୍କିଘିର୍ଡି ପ୍ୟାକ୍ସ ଗୋଦାମ ଯାଇଛନ୍ତି।

ବିନିକା,୧୬।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଓ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ପ୍ୟାକ୍ସ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ଧାନମଣ୍ଡିରେ ଗଚ୍ଛିତ ଥିବା ଧାନ ପରିମାଣ ଆକଳନ ପାଇଁ ବୁଧବାର ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ଗସ୍ତ କରିଥିଲେ। ତାଙ୍କ ସହିତ ବିନିକା ଯୋଗାଣ ଅଧିକାରୀ, ସୋନପୁର ଯୋଗାଣ ଅଧିକାରୀ ଏବଂ ବୀରମହାରାଜପୁର ଯୋଗାଣ ଅଧିକାରୀ ମିଶି ଧାନମଣ୍ଡରେ ରହିଥିବା ଧାନର ପରିମାଣ ଆକଳନ କରିଥିଲେ। ପ୍ରଥମେ ବିନିକା ପ୍ୟାକ୍ସ ଓ ବିନିକା ତୁଳସୀ ସ୍ୱୟଂ ସହାୟକ ମହିଳା ଗ୍ରୁପ ପରିଚାଳିତ ଧାନ ମଣ୍ଡିରେ ଧାନ ପରିମାଣ ଆକଳନ କରିଥିଲେ। ପରେ ବାଙ୍କିଘିର୍ଡି ପ୍ୟାକ୍ସ ପରିଚାଳିତ ଗୋଦାମ ଯାଇଥିଲେ। ଏହାଛଡା ଅଏଁଲାମୁଣ୍ଡା ପଦ୍ମଶ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳିତ ଧାନମଣ୍ଡି, ଡୁଙ୍ଗୁରିପାଲି ବ୍ଲକ କଣ୍ଟପାଲି ଗ୍ରାମ ସନ୍ତୋଷୀ ମହିଳା ଗ୍ରୁପ ପରିଚାଳିତ ଧାନମଣ୍ଡି, ମହଦା ପ୍ୟାକ୍ସ ଓ ମହଦା ପ୍ୟାକ୍ସ ପରିଚାଳିତ କୁହିବାହାଲ ସବସେଣ୍ଟର ଧାନମଣ୍ଡିକୁ ଯାଇ ଧାନର ପରିମାଣ ଆକଳନ କରିଥିଲେ। ଯଥାଶୀଘ୍ର ଯେଭଳି ଗଚ୍ଛିତ ଧାନ ଉଠିବ ତାର ବ୍ୟବସ୍ଥା କରିବାକୁ ପ୍ୟାକ୍ସ ଓ ମହିଳା ଗ୍ରୁପର କର୍ମକର୍ତ୍ତାମାନେ ଅତିରିକ୍ତ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇଙ୍କୁ କହିବା ସହ ଧାନ ସଂଗ୍ରହ ଟାର୍ଗେଟ ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ଅତିରିକ୍ତ ଯୋଗାଣ ଅଧିକାରୀ ଏଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ପଦ୍ମପୁର ଇନ୍‌ଡୋର ଷ୍ଟାଡିୟମ କାମ ଆରମ୍ଭ

ପଦ୍ମପୁର,୧୬।୬(ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଇନ୍‌ଡୋର ଷ୍ଟାଡିୟମ କାମ ଆରମ୍ଭ ହୋଇଛି। ଅଞ୍ଚଳ ମହାବିଦ୍ୟାଳୟ ପାଖରେ ପୂର୍ତ୍ତ ବିଭାଗ ଅଧୀନରେ ଷ୍ଟାଡିୟମ ନିର୍ମାଣ କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସିଭିଲ ୱାର୍କସ ପାଇଁ ୩କୋଟି ୧୫ଲକ୍ଷ ୬୪ହଜାର, ଜଳଯୋଗାଣ ୩୪ଲକ୍ଷ ୯୪ହଜାର, ବିଦ୍ୟୁତୀକରଣ ୪୯ ଲକ୍ଷ ୬୭ ହଜାର, ଅଗ୍ନି ନିରାପତ୍ତା ପାଇଁ ୬ ଲକ୍ଷ ୬୧ ହଜାର, ସିସିଟିଭି, ଭେଣ୍ଟିଲେଶନ, ସୋଲାର୍ ସିଷ୍ଟମ, କ୍ରୀଡା ଉପକରଣ, ଆସବାବପତ୍ର ପାଇଁ ୧ କୋଟି ୯୬ ଲକ୍ଷ ୨୦ ହଜାର ଟଙ୍କା ଅଟକଳ କରାଯାଇଛି। ଏହି ସୂଚନା ଦେଇଛନ୍ତି ସହକାରୀ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ମେହେର। ସ୍ଥାନୀୟ ବିଧାୟକ ବିଜୟ ରଞ୍ଜନ ସିଂହ ବରିହା ଓ ତତ୍କାଳୀନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଚେଷ୍ଟାରେ ପଦ୍ମପୁରରେ ଇନ୍‌ଡୋର ଷ୍ଟାଡିୟମ ପାଇଁ ଉଦ୍ୟମ ହୋଇଥିଲା। ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ୨୦୨୧ ଡିସେମ୍ବର ୧୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମର ଶିଳାନ୍ୟାସ କରିଥିଲେ। ହେଲେ ବୈଷୟିକ ଦଳ ସେଠାରେ ଷ୍ଟାଡିୟମ ସମ୍ଭବ ନୁହେଁ ବୋଲି ମତ ଦେବାରୁ ଅଞ୍ଚଳ ମହାବିଦ୍ୟାଳୟ ପାଖରେ ଏହା ନିର୍ମାଣ ପାଇଁ ଅନୁମତି ମିଳିଥିଲା।

# ବିପୁଳ ପରିମାଣର କଫସିରପ ଜବତ, ୪ଗିରଫ


ଅଭିଯୁକ୍ତମାନଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରାଯାଇଛି।

ବରପାଲି ,୧୬।୬ (ଡି.ଏନ.ଏ.)

ବରଗଡ ଜିଲା ବରପାଲି ଥାନା ପୋଲିସ ବିପୁଳ ପରିମାଣର କଫସିରପ୍ ଜବତ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦୀପକ କୁମାର ଗୋଛାୟତଙ୍କ ତତ୍ତ୍ୱାବଧାନରେ ବରପାଲି ଆଇଆଇସି ରୋଜାଲିନ ପଟେଲ ଓ ଟିମ୍ ବରପାଲି-ରାମପୁର ରାସ୍ତାର ବାରଙ୍ଗପାଲି ପୋଲ ନିକଟରେ ଗାଡି ଯାଞ୍ଚ କରୁଥିଲେ। ଓଡ଼ି୧୭ୟୁ ୯୫୪୩ ନମ୍ବର କାରକୁ ଅଟକାଇ ଯାଞ୍ଚ କରିବାରେ ସେଥିରୁ ବିପୁଳ ପରିମାଣର କଫସିରପ ଓ ନାଇଟ୍ରୋସନ ବଟିକା ଜବତ କରାଯାଇଥିଲା। ଗାଡ଼ିରେ ଥିବା ୪ଜଣଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ହେଲେ ସୋହେଲା ଥାନା ବନାବିରାର ଚୁଡ଼ାରାମ ସେଠ (୪୨), ବରପାଲି ଥାନା ବର୍ଲାବାହାଲର ବିଜୁ ଗହୀର (୩୪), ସୋହେଲାର ପ୍ରମୋଦ ପୋଡ (୨୭) ଏବଂ ଲୁହୁରାଚଟିର ଥେଟିଆ ମେହେର(୫୫)। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ ଓ ୫୨,୩୪୦ ଟଙ୍କା ମଧ୍ୟ ଜବତ କରାଯାଇଥିବା ନେଇ ବରଗଡ଼ ଏସ୍‌ଡିପିଓ ଗୋଛାୟତ ବରପାଲି ଥାନାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଦୁଇଦିନ ପୂର୍ବରୁ ମଧ୍ୟ ବରପାଲିରେ ବିପୁଳ ପରିମାଣର କଫ ସିରପ ଓ ନିଶା ବଟିକା ପୋଲିସ ଜବତ କରିଥିଲା।

### ମୁଖ୍ୟରାସ୍ତାରେ ପଡିଲା ଗଛ

ଅମରପାଲି, ୧୬।୬ (ଡି.ଏନ.ଏ.)

ବୀରମହାରାଜପୁର-ସୋନପୁର ରାଜ୍ୟ ରାଜପଥର କାନପୁର ଛକ ପାଖ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଏକ ଗଛର ଡାଳ ଭାଙ୍ଗି ଯିବାରୁ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ସ୍ଥାନୀୟ ଲୋକେ ଗଛ କାଟି ରାସ୍ତା ସଫା କରିଥିଲେ। ଡାଳ ଭାଙ୍ଗିବା ସମୟରେ ସୌଭାଗ୍ୟକୁ ଏହି ରାସ୍ତା ଦେଇ କୌଣସି ପଥଚାରୀ ଯାଉ ନ ଥିବାରୁ ବର୍ତ୍ତି ଯାଇଛନ୍ତି।

# ଗଣମାଧ୍ୟମ ଠିକ୍ ଭାବେ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଗୁରୁତ୍ୱ

**ମନ୍ତ୍ରୀ ଓ ଏନ୍‌ଏସି ଅଧକ୍ଷଙ୍କୁ ସମ୍ବର୍ଦ୍ଧନା**

ବୌଦ୍ଧ,୧୬।୬(ସ୍ୱ.ପ୍ର.)


ସମ୍ବର୍ଦ୍ଧନା ଉତ୍ସବରେ ମନ୍ତ୍ରୀ ଓ ଖବରଦାତା।

ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବୌଦ୍ଧ ବିଧାୟକ ତଥା ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଓ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ଗୁରୁବାର ଦିନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ସଭାପତି ରତ୍ନାକର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମନ୍ତ୍ରୀ ଅମାତ ଓ ଏନଏସି ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ମନ୍ତ୍ରୀ ଅମାତ ରାଜ୍ୟ ତଥା ନିଜ ଜିଲାର ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ଦିଗରେ ଯଥା ସମ୍ଭବ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେବା ସହିତ ଗଣମାଧ୍ୟମ ଠିକ୍ ଭାବରେ ନିଜର ଦାୟିତ୍ୱ ସଂପାଦନ କଲେ ଅଞ୍ଚଳର ପ୍ରଚାର ପ୍ରସାର ସହିତ ବିକାଶ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ବୌଦ୍ଧରେ ଜିଲା ସାମ୍ବାଦିକ ସଂଘ ସକ୍ରିୟ ଓ ପୁରାତନ ଅନୁଷ୍ଠାନ ହୋଇଥିବା ବେଳେ ଯାହାକିଛି ସମସ୍ୟା ରହିଛି ତାର ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସେହିପରି ଏନଏସି ଅଧକ୍ଷ ମିଶ୍ର ଜିଲାରେ ସାମ୍ବାଦିକମାନଙ୍କ ସହିତ ସବୁବେଳେ ଯୋଡି ହୋଇ ରହିଥିବା ବେଳେ ଅନୁଷ୍ଠାନର ଆବଶ୍ୟକତା ପୂରଣ ଦିଗରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ସଂଘର ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ସ୍ୱାଗତ ଭାଷଣ ଦେଇ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସଭାପତି ବେହେରା ବୌଦ୍ଧର ବିଧାୟକ ରାଜ୍ୟ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ ପାହ୍ୟା ପାଇବା ନେଇ ଜିଲାବାସୀ ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସଂଘର ବରିଷ୍ଠ ସଦସ୍ୟ ଦେବାଶିଷ ପୁରୋହିତ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସଭାପତି ତାରେଣି ମହାପାତ୍ର, ବରିଷ୍ଠ ଖବରଦାତା ରବିନ୍ଦ୍ର କୁମାର ରାଉତ, ସମ୍ପଦ କୁମାର ଅଗ୍ରୱାଲା, ମନୋରଞ୍ଜନ ଦାଶ, ପ୍ରମୋଦ କୁମାର ବାଘ, ଅଜିତ କୁମାର ବାରିକ, ବିଧାନ ବଳ, ହିମାଂଶୁ ଶେଖର ସାହୁ, ସିମୁନ କୁମାର ନାଏକ, ପ୍ରିୟବ୍ରତ ସାହୁ,ଶାଶ୍ୱତ ଦେବବ୍ରତ ଦାଶ, କୃଷ୍ଣଗୋପାଳ ମେହେର,ଅଲେକିକା ପୃଷ୍ଟି, ଧବଳେଶ୍ୱର ମହାପାତ୍ର, ରବିନ୍ଦ୍ର ପଟ୍ଟନାୟକ, ସଜନ କୁମାର ଅଗ୍ରୱାଲା,ତୁଷାରକାନ୍ତ ସାହୁ, ଶ୍ରୀକାନ୍ତ ସାହୁ, ଧିରେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁନ୍ ୧୭/୨୦୨୨ Sambalpur, Friday, June 17/ 2022

# ବ୍ୟାଟିଂରେ ସୁଧାର ଆଶାରେ ରିଷଭ

ରାଜକୋଟ, ୧୬।୬ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ୪ର୍ଥ ଟି୨୦ କ୍ରିକେଟ ମ୍ୟାଚ ଶୁକ୍ରବାର ଏଠାରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀ ଓ କଟକରେ ମ୍ୟାଚ ଜିତି ଦକ୍ଷିଣ ଆଫ୍ରିକା ସିରିଜ ବିଜୟର ନିକଟତର ହୋଇଛି। ଅନ୍ୟପକ୍ଷରେ ବିଶାଖାପାଟଣାରେ ବିଜୟ ହାସଲ କରି ଭାରତ ସିରିଜକୁ ଉଜ୍ଜୀବିତ ରଖିଛି। ପୂର୍ବ ମ୍ୟାଚ ଭଳି ଆଗାମୀ ମ୍ୟାଚ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଜୟୀ ହୋଇ ନ ପାରିଲେ ଶେଷ ଟି୨୦ ପୂର୍ବରୁ ଦକ୍ଷିଣ ଆଫ୍ରିକା ହାତକୁ ସିରିଜ ଚାଲିଯିବ। ଟିମ୍ ଇଣ୍ଡିଆ ଅଧିନାୟକ ରିଷଭ ପନ୍ତ ଏପର୍ଯ୍ୟନ୍ତ ନିଜ ଦକ୍ଷତା ଅନୁସାରେ ଗୋଟିଏ ହେଲେ ଇନିଂସ ଖେଳିପାରି ନାହାନ୍ତି। ତେଣୁ ନିଜ ବ୍ୟାଟିଂରେ ସୁଧାର ଆଣିବା ଆଶାରେ ଅଛନ୍ତି ଏହି ଯୁବ ଅଧିନାୟକ।

ଦକ୍ଷିଣ ଆଫ୍ରିକା ବୋଲରମାନେ ଚତୁରତାର ସହ ବୋଲିଂ କରି ପନ୍ତଙ୍କ ହିଟିଂ ଜୋନ୍‌ରେ ବଲ୍ ପକାଉ ନାହାନ୍ତି। ଅଧିକାଂଶ ସମୟରେ ବଲ୍ ୱାଇଡ୍ ଲାଇନ୍‌ରେ ପଡୁଥିବାରୁ ମାରିବାକୁ ଯାଇ ପନ୍ତ ଏକାଧିକ ଥର ଡିପ୍ ଅଞ୍ଚଳରେ ଧରା ପଡ଼ିଛନ୍ତି। ଗତ ମ୍ୟାଚରେ ଋତୁରାଜ ଗାଏକ୍ୱାଡ୍ ଦ୍ରୁତ ହାରରେ ରନ୍ ସଂଗ୍ରହ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଇଶାନ କିଶନ ମଧ୍ୟ ଆଶାନୁରୂପ ପ୍ରଦର୍ଶନ

**ଭାରତ-ଦକ୍ଷିଣ ଆଫ୍ରିକା**
**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

କରିଥିଲେ। ଫଳରେ ଅଷ୍ଟ୍ରେଲିଆରେ ଆସନ୍ତାବର୍ଷ ହେବାକୁଥିବା ଟି୨୦ ବିଶ୍ୱକପ ସମେତ ଦୀର୍ଘକାଳୀନ ଭିତ୍ତିରେ ଭାରତର ରିଜର୍ଭ ଓପନର ପାଇଁ ଏ ଦୁହେଁ ଦାବିଦାର ହୋଇଛନ୍ତି। ନିୟମିତ ଓପନରମାନେ ଦଳକୁ ଫେରିବା ପୂର୍ବରୁ ଏ ଦୁହେଁ ପରବର୍ତ୍ତୀ ୨ଟି ମ୍ୟାଚ ଏବଂ ଆୟର୍ଲାଣ୍ଡ ଗସ୍ତରେ କେତେକ ମ୍ୟାଚ ଖେଳିବା ସୁଯୋଗ ପାଇବେ। ୩ ନମ୍ବର ସ୍ଥାନରେ ଶ୍ରେୟାସ ଆୟାର ଉପଯୁକ୍ତ ଯୋଗଦାନ ଦେଇପାରି ନାହାନ୍ତି। ଶର୍ଟବଲ୍ ଖେଳିବାରେ ତାଙ୍କର ଦୁର୍ବଳତା ଜାରି ରହିଛି। ଭାଇଜାଗ୍‌ରେ ଘରୋଇ ଦଳର ମିଡିଲ ଅର୍ଡର ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ହାରରେ ରନ ସଂଗ୍ରହ କରିବାରୁ ଭାରତ ୧୮୦ ରନର ନିକଟତର ହୋଇ ପାରିଥିଲା। ତେଣୁ ପୂରା ଇନିଂସରେ ଯେପରି ମୋମେଣ୍ଟମ ରହେ ସେଥିପ୍ରତି ଭାରତୀୟ ଖେଳାଳିଙ୍କୁ ଧ୍ୟାନ ଦେବାକୁ ପଡ଼ିବ।

ଗତ ମ୍ୟାଚରେ ଦୁଇ ତାରକା ସ୍ପିନର ଯୁଜବେନ୍ଦ୍ର ଚହଲ ଓ ଅକ୍ଷର ପଟେଲଙ୍କ ଭଲ ପ୍ରଦର୍ଶନ ଦଳ ପାଇଁ ଆଶ୍ୱାସନାର ବିଷୟ ହୋଇଛି। ପୂର୍ବ ମ୍ୟାଚଗୁଡ଼ିକରେ ଏମାନେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଦ୍ରୁତ ବୋଲିଂ ବିଭାଗରେ ଭୁବନେଶ୍ୱର କୁମାର ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ଆଭେଶ ଖାଁ ଏପର୍ଯ୍ୟନ୍ତ ନିଜ ଦକ୍ଷତା ଅନୁସାରେ ଖେଳିପାରି ନାହାନ୍ତି। ମହଙ୍ଗା ରହିବା ସହ ଉଇକେଟ ପାଉନାହାନ୍ତି। ହର୍ଶଲ ପଟେଲ ଭାଇଜାଗ୍‌ରେ ରିଦମ ଫେରି ପାଇବାରୁ ବୋଲିଂରେ ବିବିଧତା ଆଣି ୪ ଉଇକେଟ ସଫଳତା ପାଇଥିଲେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଆଗାମୀ ମ୍ୟାଚ ଜିତି ସିରିଜ ବିଜୟ ଲକ୍ଷ୍ୟରେ ରହିଛି। ତାରକା ବ୍ୟାଟର କ୍ୱିଣ୍ଟନ ଡି'କକ୍ ଆହତ ସମସ୍ୟାରୁ ମୁକୁଳିଲେ ଅଧିନାୟକ ଟେମ୍ବା ବଭୁମାଙ୍କ ସହ ଇନିଂସ ଓପନ କରିବେ। ପ୍ରଥମ ୨ଟି ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିବା ପରେ ତୃତୀୟ ମ୍ୟାଚରେ ଏହି ଦଳ ଝୁଣ୍ଟିଥିଲା। ବଲ୍‌ରେ ମିଶ୍ରିତ ପ୍ରଦର୍ଶନ ଦେଇଥିବାବେଳେ ବ୍ୟାଟିଂରେ ବିଫଳ ହୋଇଥିଲା। ଦୁଇ ସ୍ପିନର ଟାବ୍ରାଇଜ୍ ଶାମ୍‌ସି ଓ କେଶବ ମହାରାଜ ଓଭରପିଛା ୧୦ରୁ ଅଧିକ ରନ ବ୍ୟୟ କରିଥିଲେ। କାଗିଶୋ ରାବାଡ଼ା ସବୁଠାରୁ ପ୍ରଭାବୀ ରହିଛନ୍ତି। ତେଣୁ ଘରୋଇ ଦଳର ବ୍ୟାଟରମାନେ ତାଙ୍କୁ ସମ୍ମାନ ଦେବା ସହ ରିସ୍କ ନେବାକୁ ଚାହୁଁନାହାନ୍ତି। ତାଙ୍କୁ ଛାଡ଼ିଦେଇ ଅନ୍ୟ ବୋଲରଙ୍କୁ ଟାର୍ଗେଟ କରୁଛନ୍ତି।



କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସହ ରିଷଭ ପନ୍ତ (ବାମ)।

# ଝିଲି ଦଳବେହେରାଙ୍କୁ ବ୍ରୋଞ୍ଜ



**ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍**

ନାଗ୍ରୋତା ବାଗ୍‌ୱାନ (ହିମାଚଳ ପ୍ରଦେଶ), ୧୬।୬ (ପି.ଟି.)

ଏଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାର ଝିଲି ଦଳବେହେରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୫ କେଜିରେ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ଝିଲି ସ୍ନାଚ୍‌ରେ ୭୫, କ୍ଲିନ୍ ଆଣ୍ଡ ଜର୍କରେ ୯୧ ଏହିପରି ମୋଟ ୧୬୬ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ଅଲିମ୍ପିକ୍ ମେଡାଲିଷ୍ଟ ମିରାବାଈ ଚାନୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ହେଁ ସ୍ନାଚ୍‌ରେ ନିଜ ଜାତୀୟ ରେକର୍ଡ ଭାଙ୍ଗିପାରି ନାହାନ୍ତି। ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜୟିନୀ ଚାନୁ ମହିଳାଙ୍କ ପାଇଁ ଅନୁଷ୍ଠିତ ଏହି ର୍‍ୟାଙ୍କିଙ୍ଗ୍ ଇଭେଣ୍ଟରେ ମୋଟ ୧୯୧ (୮୬+୧୦୫) କେଜି ଭାରତ ଉଠାଇ ପୋଡିୟମର ଶୀର୍ଷସ୍ଥାନ ମଣ୍ଡନ କରିଥିଲେ। ଜ୍ଞାନେଶ୍ୱରୀ ଯାଦବ ୧୭୦ (୭୮+୯୨ କେଜି)କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିଲେ। ୨୯ ବର୍ଷୀୟା ଚାନୁ ସ୍ନାଚ୍‌ର ପ୍ରଥମ ଉଦ୍ୟମରେ ସଫଳତାର ସହ ୮୬ କେଜି ଉତ୍ତୋଳନ କରିଥିଲେ ହେଁ ଦ୍ୱିତୀୟ ଓ ତୃତୀୟ ଉଦ୍ୟମରେ ୮୯ କେଜି ଉଠାଇବାରେ ଅସଫଳ ରହିଥିଲେ। ଚାନୁ ୨୦୨୦ରେ ଅନୁଷ୍ଠିତ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ୮୮ କେଜି ଉତ୍ତୋଳନ କରି ସ୍ନାଚ୍‌ରେ ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି।

ଏହି ଟୁର୍ନାମେଣ୍ଟ ଭାରତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଲ୍ଏଫ୍)ର ର୍‍ୟାଙ୍କିଙ୍ଗ୍ ସିଷ୍ଟମ୍‌କୁ ମଜଭୁତ କରିବା ସହ ଦେଶରେ ପ୍ରତିଯୋଗୀଙ୍କ ପାଇଁ ଆଉ ଏକ ପ୍ରତିଯୋଗିତା ଯୋଡ଼ିବାରେ ସଫଳ ହୋଇଛି। ୪୯ କେଜି ୟୁଥ୍ ଇଭେଣ୍ଟରେ ମହାରାଷ୍ଟ୍ରର ଆରତୀ ତତ୍‌ଗୁନ୍ତି (୧୪୮ କେଜି) ଚାମ୍ପିୟନ, ଆସାମର ପଞ୍ଚମୀ ସୋନୋୱାଲ (୧୪୩) ଦ୍ୱିତୀୟ ଓ ହରିୟାଣାର ହିମାଶ୍ରୀ (୧୩୨) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ୪୯ କେଜିରେ ଜ୍ଞାନେଶ୍ୱରୀ (୧୭୦), ସଞ୍ଜୁ ଦେବୀ (୧୫୪) ଓ ଭି. ରିତିକା (୧୫୩) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# ଚିକିତ୍ସା ପାଇଁ ରାହୁଲ ଜର୍ମାନୀ ଯିବା ସମ୍ଭାବନା

**ନୂଆଦିଲ୍ଲୀ, ୧୬।୬:** ଲୋକେଶ ରାହୁଲଙ୍କୁ ଚିକିତ୍ସା ପାଇଁ ବିଦେଶ ପଠାଇବାକୁ ନିଷ୍ପତ୍ତି ନେଇଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ଏହି ଓପନର ଏବଂ ଉପ-ଅଧିନାୟକ ଚଳିତ ମାସ ଶେଷରେ କିମ୍ବା ଜୁଲାଇ ପ୍ରାରମ୍ଭରେ ଜର୍ମାନୀ ଯାଇ ଚିକିତ୍ସିତ ହେବା ସମ୍ଭାବନା ରହିଛି। ଫଳରେ ତଳିପେଟରେ ଆଘାତ ପାଇଥିବା ୩୦ ବର୍ଷୀୟ ରାହୁଲ ଇଂଲଣ୍ଡ ଟୁର୍ ମିସ୍ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଇଂଲଣ୍ଡରେ ଭାରତ ୭(୧ ଟେଷ୍ଟ, ୩ ଟି୨୦, ୩ ଦିନିକିଆ)ଟି ମ୍ୟାଚ ଖେଳିବ। ଇଂଲଣ୍ଡ ଟୁର୍ ପାଇଁ ସେ ରୋହିତ ଶର୍ମାଙ୍କ ଡେପୁଟି ମନୋନୀତ ହୋଇଥିଲେ। ମାତ୍ର ଏବେ ଚୟନକର୍ତ୍ତା ଅନ୍ୟ ଜଣକୁ ଚୟନକରିବା ପରିସ୍ଥିତି ସୃଷ୍ଟି ହୋଇଛି। ଜୁଲାଇ ୧ରୁ୫ ପର୍ଯ୍ୟନ୍ତ ଏଜ୍‌ବାଷ୍ଟନଠାରେ ଏକମାତ୍ର ଟେଷ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ମୁମ୍ବାଇରୁ ଭାରତୀୟ ଦଳର ଏକ ବ୍ୟାଚ୍ ଇଂଲଣ୍ଡ ଗସ୍ତ କରିଛି। ଏଥିରେ ରାହୁଲ ନ ଥିବା ଜଣାଯାଇଛି।

# ଏଲିଟ୍ ପ୍ୟାନେଲରେ ରହିଲେ ମେନନ

ରାଜକୋଟ, ୧୬।୬(ପି.ଟି.)

ଭାରତର ନୀତିନ ମେନନ ଆଇସିସି ଏଲିଟ୍ ପ୍ୟାନେଲରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ମାସ ପରବର୍ତ୍ତୀ ଭାଗରେ ଶ୍ରୀଲଙ୍କାରେ ପ୍ରଥମ ଥର ତାଙ୍କୁ ନିରପେକ୍ଷ ଅମ୍ପାୟର ଭୂମିକାରେ ଦେଖିବାକୁ ମିଳିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମେନନଙ୍କ କାର୍ଯ୍ୟକାଳ ଆହୁରି ଦୁଇ ବର୍ଷ ବୃଦ୍ଧି କରିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଇନ୍ଦୋରର ଏହି ୩୮ ବର୍ଷୀୟ ଅମ୍ପାୟର ଏକମାତ୍ର ଭାରତୀୟ ଭାବେ ୧୧ଜଣିଆ ଏଲିଟ୍ ଅମ୍ପାୟର ପ୍ୟାନେଲରେ ସ୍ଥାନ ପାଇଛନ୍ତି। ୨୦୨୦ରେ କୋଭିଡ ମହାମାରୀ ଆରମ୍ଭ ସମୟରେ ମେନନ ଏଲିଟ୍ ପ୍ୟାନେଲକୁ ପଦୋନ୍ନତି ପାଇଥିଲେ। ଏସ. ଭେଙ୍କଟରାଘବନ ଓ ଏସ୍. ରବିଙ୍କ ପରେ ସେ ତୃତୀୟ ଭାରତୀୟ ଭାବେ ଏଲିଟ ପ୍ୟାନେଲରେ ସ୍ଥାନ ପାଇଥିଲେ। ହେଲେ କୋଭିଡ୍ ସମୟରେ ଯାତାୟାତ କଟକଣା ଯୋଗୁ ଆଇସିସି ସ୍ଥାନୀୟ ଅମ୍ପାୟରଙ୍କୁ ମଞ୍ଚ ପରିଚାଳନା କରିବା ଲାଗି ଅନୁମତି ଦେଇଥିଲା। ସେ ସମୟରେ ମେନନ କେବଳ ଭାରତରେ ମ୍ୟାଚ ପରିଚାଳନା କରିଥିଲେ। କୋଭିଡ୍‌ର ପ୍ରଭାବ ହ୍ରାସ ପାଇବା ପରେ ଆଇସିସି ଅଷ୍ଟ୍ରେଲିଆର ପଲ୍ ରିଫେଲଙ୍କ ସହ ଅମ୍ପାୟର ସେବା ସ୍ୱାଭାବିକ କରିଛି। ରିଫେଲ ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ଇଂଲଣ୍ଡର ହୋମ୍ ସିରିଜ ଦାୟିତ୍ୱ ନିର୍ବାହ କରୁଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଚଳିତ ଟି୨୦ ସିରିଜରେ ତାଙ୍କ ଦାୟିତ୍ୱ ତୁଲାଇ ସାରିବା ପରେ ମେନନ ଶ୍ରୀଲଙ୍କା ଯିବେ। ସେଠାରେ ଜୁନ୍ ୨୯ରୁ ଗାଲେଠାରେ ଘରୋଇ ଦଳର ଅଷ୍ଟ୍ରେଲିଆ ବିପକ୍ଷ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ନିରପେକ୍ଷ ଅମ୍ପାୟର ଭାବେ କାର୍ଯ୍ୟ କରିବେ। ଏଲିଟି ପ୍ୟାନେଲରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ମେନନଙ୍କ ବ୍ୟତୀତ ଏଥିରେ ଅଲିମ ଦାର୍ (ପାକିସ୍ତାନ), କ୍ରିସ୍ ଗାଫାନି (ନ୍ୟୁଜିଲାଣ୍ଡ), କୁମାରା ଧର୍ମସେନ(ଶ୍ରୀଲଙ୍କା), ମାରାଇସ୍ ଏରାସ୍‌ମସ (ଦକ୍ଷିଣ ଆଫ୍ରିକା), ମାଇକେଲ ଗଫ୍, ରିଚାର୍ଡ ଇଲିଙ୍ଗୱର୍ଥ ଓ ରିଚାର୍ଡ କେଟଲବରୋ (ସମସ୍ତ ୩ ଇଂଲଣ୍ଡର), ଅଷ୍ଟ୍ରେଲିଆର ପଲ୍ ରିଫେଲ ଓ ରଡ୍ ଟକର ଏବଂ ୱେଷ୍ଟଇଣ୍ଡିଜର ଜୋଏଲ୍ ୱିଲସନ ଅଛନ୍ତି।



ନୀତିନ ମେନନ

# ମୁମ୍ବାଇ, ମଧ୍ୟପ୍ରଦେଶ ଅଗ୍ରଣୀ

ବେଙ୍ଗାଲୁରୁ, ୧୬।୬

ଚଳିତ ରଣଜୀ ଟ୍ରଫି ଫାଇନାଲ ଚିତ୍ର ପ୍ରାୟତଃ ସ୍ପଷ୍ଟ ହୋଇଯାଇଛି। ବର୍ତ୍ତମାନ ଚାଲିଥିବା ସେମିଫାଇନାଲ ପର୍ଯ୍ୟାୟରେ ମୁମ୍ବାଇ ଏବଂ ମଧ୍ୟପ୍ରଦେଶ ପ୍ରଥମ ଇନିଂସ ଅଗ୍ରଣୀ ମିଳିଛି। ଉଭୟ ଦଳ ଫାଇନାଲରେ ପ୍ରବେଶ କରିବା ପ୍ରାୟ ନିଶ୍ଚିତ। କେବଳ କିଛି ଚମତ୍କାର ହିଁ ଏଥିରେ ପରିବର୍ତ୍ତନ କରିପାରେ। ବେଙ୍ଗାଲୁରୁଠାରେ ଚାଲିଥିବା ମ୍ୟାଚ୍‌ରେ ପ୍ରଥମ ଇନିଂସରେ ମୁମ୍ବାଇ ୩୯୩ ରନ୍ କରିଥିବା ବେଳେ ଉତ୍ତର ପ୍ରଦେଶ ୧୮୦ ରନ୍‌ରେ ସୀମିତ ରହିଥିଲା। ୧୧୩ ରନ୍‌ର ଅଗ୍ରଣୀ ହାସଲ କରିଥିବା ମୁମ୍ବାଇ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ତୃତୀୟ ଦିନ ଶେଷ ସୁଦ୍ଧା ୧ ଉଇକେଟ ହରାଇ ୧୩୩ ରନ୍ କରିଛି। ଅଧିନାୟକ ପୃଥ୍ୱୀ ଶ' ୭୧ ବଲରେ ୬୪ ରନ୍ କରି ଆଉଟ୍ ହୋଇଥିବା ବେଳେ ଯଶସ୍ୱୀ ଜୟସ୍ୱାଲ (୩୫) ଏବଂ ଅର୍ମାନ ଜାଫର (୩୨) ଅପରାଜିତ ଅଛନ୍ତି। ଅଲୁରଠାରେ ଖେଳାଯାଉଥିବା ବେଙ୍ଗଲ ବିପକ୍ଷ ସେମିଫାଇନାଲରେ ମଧ୍ୟପ୍ରଦେଶକୁ ପ୍ରଥମ ଇନିଂସରେ ୬୮ ରନ୍‌ର ଅଗ୍ରଣୀ ମିଳିଛି। ପ୍ରଥମ ଇନିଂସରେ ମଧ୍ୟପ୍ରଦେଶ ୩୪୧ ରନ୍ କରିଥିଲା। ବେଙ୍ଗଲ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୧୯୭/୫)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନ ଅପରାଜିତ ଥିବା ଦୁଇ ବ୍ୟାଟର ମନୋଜ ତିୱାରୀ (୧୦୨) ଏବଂ ଶାହବାଜ ଅହମ୍ମଦ (୧୧୬) ଶତକ ପୂରଣ କରିଥିଲେ। ପଶ୍ଚିମବଙ୍ଗ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତିୱାରୀଙ୍କ ପାଇଁ ଏହା ଥିଲା କ୍ରମାଗତ ଦ୍ୱିତୀୟ ଶତକ। ଦୁହିଁଙ୍କ ଉଦ୍ୟମ ସତ୍ତ୍ୱେ ବେଙ୍ଗଲ ୨୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହାପରେ ମଧ୍ୟପ୍ରଦେଶ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ୩ୟ ଦିନ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୧୬୩ ରନ୍ କରିଛି। ପ୍ରଥମ ଇନିଂସରେ ୧୬୫ ରନ୍‌ର ମାରାଥନ ପାଳି ଖେଳିଥିବା ହିମାଂଶୁ ମନ୍ତ୍ରୀ ୨୧ ରନ୍‌ରେ ଆଉଟ୍ ହୋଇଛନ୍ତି। ରଜତ ପଟିଦାର (୬୩) ଏବଂ ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବ (୩୪) ବ୍ୟାଟିଂ କରୁଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ